# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩୧/୨୦୨୨ (୧୬ ପୃଷ୍ଠା) | Bhubaneswar, Monday, October 31/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 334 | ମୂଲ୍ୟ₹୭/-



DSPL-256

Government of Odisha

Ude Desh ka Aam Naagrik

# ଜୟପୁର ସହରକୁ ବିମାନସେବା

## ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ

**୩୧ ଅକ୍ଟୋବର, ୨୦୨୨**
**ସକାଳ ୧୦ଟା ୩୦ ମିନିଟ୍**
**ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର**



IndiaOne Air

ଓଡ଼ିଶା ସରକାର, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ, ଭାରତ ସରକାର ଏବଂ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣଙ୍କ ମିଳିତ ଉଦ୍ୟମରେ ଜୟପୁର ବିମାନ ବନ୍ଦରକୁ 'ଉଡ଼ାନ' ଯୋଜନାରେ ନିର୍ଦ୍ଧାରିତ ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଲାଇସେନ୍ସ ଦିଆଯାଇଛି । ଭୁବନେଶ୍ୱର ଏବଂ ଜୟପୁର ମଧ୍ୟରେ IndiaOne Air ବିମାନ ସେବା ଆରମ୍ଭ କରିବ । ଏହା ରାଜଧାନୀ ଭୁବନେଶ୍ୱର ଏବଂ ଜୟପୁର ସହର ମଧ୍ୟରେ ଯାତ୍ରା ସମୟ ୧.୫ ଘଣ୍ଟାକୁ ହ୍ରାସ କରିବ ।






## ବାଣିଜ୍ୟ ଓ ପରିବହନ ବିଭାଗ

OIPR-38001/13/0007/2223

**ବାଘ ଆକ୍ରମଣରେ ଚାଷୀ ମୃତ**

ଉତ୍ତରପ୍ରଦେଶର ଦୁଧୱା ବ୍ୟାଘ୍ର ସରଂକ୍ଷଣ (ଡିଟିଆର୍) ର ସାଉଥ ଖେରି ଫରେଷ୍ଟ ଡିଭିଜିନରେ ବାଘ ଆକ୍ରମଣରେ ଜଣେ ୪୦ ବର୍ଷୀୟ ଚାଷୀଙ୍କ ମୃତ୍ୟୁ ଘଟିଛି। ଲଖିମପୁର ଖେରି ଜିଲାରେ ଏହାକୁ ମିଶାଇ ଚଳିତ ମାସରେ ମୋଟ ୬ ଜଣ ବାଘ ଆକ୍ରମଣରେ ପ୍ରାଣ ହରାଇଲେଣି। ଚାଷୀ ବୀରପାଲ ମହମଦି ରେଞ୍ଜରେ ଥିବା ଏକ ଆଖୁ କିଆରିକୁ ଯାଇଥିବାବେଳେ ଯାଇଥିବାବେଳେ ବାଘ ହାବୁଡ଼ରେ ପଡ଼ିଯାଇଥିଲେ। ଦିନକ ପୂର୍ବରୁ ମହାମୋଦି ରେଞ୍ଜରେ ଜଣେ ୩୮ ବର୍ଷୀୟା ମହିଳା ବାଘ ଆକ୍ରମଣର ଶିକାର ହୋଇଥିଲା। ଏଥିସହ ଏହି ମାସରେ ଜଙ୍ଗଲରେ ଆଉ ୪ ଜଣ କଲରାପତରିଆ ବାଘ ଆକ୍ରମଣରେ ପ୍ରାଣ ହରାଇଛନ୍ତି।

## ସଂକ୍ଷେପରେ

### କାର୍ ବୋମା ବିସ୍ଫୋରଣ: ୧୦୦ ମୃତ

**ମୋଗାଦିଶୁ, ୩୦।୧୦:** ସୋମାଲିଆ ରାଜଧାନୀ ମୋଗାଦିଶୁରେ ଶନିବାର ଦୁଇଟି କାର୍ ବୋମା ବିସ୍ଫୋରଣ ହୋଇଛି। ଏଥିରେ ଅନ୍ୟୁନ ୧୦୦ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୫ ବର୍ଷ ତଳେ ସମାନ ସ୍ଥାନରେ ଏକ ଟ୍ରକ୍‌ରେ ବୋମା ବିସ୍ଫୋରଣ ଜରିଆରେ ଆକ୍ରମଣ ହୋଇଥିଲା। ଏଥିରେ ୫ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସଦ୍ୟ ଘଟଣାରେ ଆହୁରି ୩ ଶହ ଆହତ ହୋଇଥିବା ରାଷ୍ଟ୍ରପତି ହାସନ ଶେଖ୍ ମହମ୍ମଦ କହିଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ସହାୟତା ଦେବା ନିମନ୍ତେ ସେ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଛନ୍ତି। ଅଲ୍-କାଏଦା ସହ ସମ୍ପୃକ୍ତ ଆତଙ୍କବାଦୀ ଗୋଷ୍ଠୀ ଅଲ୍-ଶବାବ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଶିକ୍ଷା ମନ୍ତ୍ରଣାଳୟକୁ ଟାର୍ଗେଟ କରାଯାଇଥିଲା ବୋଲି ଏହି ସଙ୍ଗଠନ କହିଛି।

**ୟୁକ୍ରେନ୍ ଗୋଇନ୍ଦା ଅଧିକାରୀଙ୍କ ଦାବି**

### ପୁଟିନ୍‌ଙ୍କୁ ହଟାଇବାକୁ ମନ୍ତ୍ରଣା ଚାଲିଛି



**ମସ୍କୋ/କିଭ୍, ୩୦।୧୦:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ପଦରୁ ହଟାଇବା ପାଇଁ ସେଠାକାର ଅଧିକାରୀଙ୍କ ମଧ୍ୟରେ ମନ୍ତ୍ରଣା ଚାଲିଛି। ୟୁକ୍ରେନ୍ ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ପୁଟିନ୍ ରାଷ୍ଟ୍ରପତି ନ ଥିବେ ବୋଲି ୟୁକ୍ରେନ୍ ପ୍ରତିରକ୍ଷା ଗୋଇନ୍ଦାର ମୁଖ୍ୟ କିରିଲୋ ବୁଦାନୋଭ୍ ଦାବି କରିଛନ୍ତି। ରୁଷିଆ ଅଧିକାରୀମାନେ ଏ ନେଇ ବେଶ୍ ସକ୍ରିୟ ଅଛନ୍ତି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଖେରସନ୍‌କୁ ରୁଷିଆ କବଳରୁ ମୁକ୍ତ କରିବାକୁ ୟୁକ୍ରେନ୍ ପ୍ରତିଆକ୍ରମଣ ଜାରି ରଖିଥିବାବେଳେ କିଭ୍ ପକ୍ଷରୁ ଏଭଳି ଦାବି କରାଯାଇଛି। ଏଥିସହ ନଭେମ୍ବର ଶେଷ ସୁଦ୍ଧା ୟୁକ୍ରେନ୍ ଏହାର ପ୍ରମୁଖ ବନ୍ଦରସହର ଖେରସନ୍‌କୁ ମୁକ୍ତ କରିସାରିଥିବ ଏବଂ କ୍ରିମିଆ ଉପଦ୍ୱୀପକୁ ମଧ ଫେରାଇନେବା ପାଇଁ ଉଦ୍ୟମ ଆରମ୍ଭ କରିଥିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି।

### କୋଠା ଭୁଶୁଡ଼ି ୫ ମୃତ

**ମୁମ୍ବାଇ,୩୦।୧୦:** ମହାରାଷ୍ଟ୍ର ଅମରାବତୀରେ କୋଠା ଭୁଶୁଡ଼ି ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ଅଗ୍ନିଶମ ଓ ପୋଲିସ ଟିମର ମିଳିତ ଉଦ୍ୟମରେ ଭଗ୍ନାବଶେଷ ତଳୁ ମୃତଦେହ ଜବତ କରାଯାଇଥିବା ଜିଲାପାଳ ପଭନୀତ କୌର କହିଛନ୍ତି। ବିଲ୍ଡିଂଟି ବିପଦସଙ୍କୁଳ ଅବସ୍ଥାରେ ଥିବା ଯୋଗୁ ଦୁର୍ଘଟଣା ଆଶଙ୍କା କରି ଘର ଭାଙ୍ଗିବା ଲାଗି ଅମରାବତୀ ମ୍ୟୁନିସିପାଲିଟି ପକ୍ଷରୁ ଚଳିତବର୍ଷ ଜୁଲାଇରେ ନୋଟିସ୍ ଜାରି କରାଯାଇଥିଲା। ଘର ମାଲିକ କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବା କୁହାଯାଉଛି। ଦୁର୍ଘଟଣା ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଶୋକବ୍ୟକ୍ତ କରିବା ସହ ପ୍ରତ୍ୟେକ ମୃତକ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଅନ୍ୟପଟେ ଆହତମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା କଥା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବୀସ କହିଛନ୍ତି।

# ଟ୍ରସ୍‌ଙ୍କ ଫୋନ୍ ହ୍ୟାକ୍ କରିଥିଲେ ପୁଟିନ୍‌ଙ୍କ ଏଜେଣ୍ଟ

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଏଜେଣ୍ଟ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ଫୋନ୍ ହ୍ୟାକ୍ କରିଥିବା ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଟ୍ରସ୍ ବ୍ରିଟେନ ବହିର୍ବ୍ୟାପାର ମନ୍ତ୍ରୀ ଥିବାବେଳେ କ୍ରେମଲିନ୍ ଦ୍ୱାରା ତାଙ୍କ ଫୋନ୍ ହ୍ୟାକ୍ କରାଯାଇଥିଲା। ରୁଷିଆ ଏପରି କରି ବ୍ରିଟେନ ନିଜ ଅନ୍ତର୍ଜାତୀୟ ସହଯୋଗୀଙ୍କ ସହ କରୁଥିବା ବୁଝାମଣା ଏବଂ ପୂର୍ବତନ ଅର୍ଥମନ୍ତ୍ରୀ କ୍ୱାସି କ୍ୱାର୍ଟେଙ୍ଗ୍‌ଙ୍କ ସହ ହୋଇଥିବା ମେସେଜ୍ ଓ ଅନ୍ୟ ତଥ୍ୟ ଚୋରି କରିଥିବା ରିପୋର୍ଟରେ କୁହାଯାଇଛି। ସେହି ମେସେଜରେ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ଉପରେ ହୋଇଥିବା କିଛି ଆଲୋଚନା ଏବଂ କିଭ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଣ ବାବଦ କଥାବାର୍ତ୍ତା ରହିଥିଲା ବୋଲି ଜଣାପଡ଼ିଛି। ତେବେ ଏହା ଉପରେ ବ୍ରିଟେନ ସରକାରଙ୍କ ମୁଖପାତ୍ର କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ସେ କହିଛନ୍ତି, ସାଇବର ବିପଦରୁ ରକ୍ଷା ପାଇବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ମନ୍ତ୍ରୀମାନଙ୍କ ନିୟମିତ ସିକ୍ୟୁରିଟି ବ୍ରିଫିଙ୍ଗ୍ ସହ ସେମାନଙ୍କ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ନିମନ୍ତେ ପରାମର୍ଶ ମଧ ଦିଆଯାଉଛି।



# ବିବାଦରେ କାଡ୍‌ବରି ଚକୋଲେଟ୍

ଲୋକପ୍ରିୟ କାଡବରି ଚକୋଲେଟ୍ ବିରୋଧରେ ସୋସିଆଲ ମିଡିଆରେ ବଏକଟ୍ ଟ୍ରେଣ୍ଡ ଆରମ୍ଭ ହୋଇଛି। ଏହି ଚକୋଲେଟ୍‌ରେ ଗୋମାଂସରୁ ବାହାରୁଥିବା ଜିଲେଟିନ୍ ବ୍ୟବହାର କରାଯାଉଥିବା ଅଭିଯୋଗ ଆସିଛି। ଏହାଦ୍ୱାରା ହିନ୍ଦୁମାନଙ୍କ ଧର୍ମୀୟ ଭାବନା ଆଘାତ ହେଉଥିବା ସୋସିଆଲ ମିଡିଆରେ ୟୁଜର୍ସମାନେ ମତ ରଖିଛନ୍ତି। କାଡବରି ନିଜ ପ୍ରଡକ୍ଟରେ ଜିଲେଟିନ୍‌ର ବ୍ୟବହାର କରୁଥିବାବେଳେ ଏହା ଗୋରୁ ମାଂସରୁ ସଂଗୃହୀତ କରାଯାଉଥିବା କମ୍ପାନୀ ନିଜ ଅଫିସିଆଲ୍ ୱେବ୍ ସାଇଟ୍ ପେଜ୍‌ରେ ଉଲ୍ଲେଖ କରିଛି, ଯାହାର ସ୍କ୍ରିନ୍‌ସଟ୍ ମଧ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଗତବର୍ଷ କାଡବରି ବିରୋଧରେ ସମାନ ଅଭିଯୋଗ ଉଠିଥିବାବେଳେ କମ୍ପାନୀ ଜେଲଟିନକୁ କେବଳ ଅଷ୍ଟ୍ରେଲିଆ ପ୍ରଡକ୍ଟ ପାଇଁ ବ୍ୟବହାର କରୁଥିବା ନିଜ ସ୍ୱଷ୍ଟୀକରଣରେ ଉଲ୍ଲେଖ କରିଥିଲା। ସେହିପରି ଭାରତ ପାଇଁ ଶତପ୍ରତିଶତ ନିରାମିଷ ପ୍ରଣାଳୀରେ ଚକୋଲେଟ ତିଆରି କରିବା ସହ ଏହାର ପ୍ୟାକେଟ୍‌ରେ ସବୁଜ ବିନ୍ଦୁ ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା।

**ବଏକଟ୍ ଟ୍ରେଣ୍ଡ୍ ଆରମ୍ଭ**



**ଶିଶୁ ବିରୋଧୀ ଅପରାଧ**

# ପ୍ରତି ୩ରୁ ଗୋଟିଏ ଯୌନ ହିଂସା

**ନୂଆଦିଲ୍ଲୀ, ୩୦।୧୦**

ଭାରତରେ ଶିଶୁ ବିରୋଧୀ ଅପରାଧ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ୨୦୨୧ରେ କେବଳ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ୫୩,୮୭୪ ମାମଲା ରୁଜୁ ହୋଇଥିବା ଜାତୀୟ ଅପରାଧ ରେକର୍ଡ୍ସ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ କହୁଛି। ଚିନ୍ତାର ବିଷୟ ହେଉଛି ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧ ମଧ୍ୟରେ ପ୍ରତି ୩ରୁ ଗୋଟିଏ ହେଉଛି ଯୌନ ସମ୍ପର୍କିତ। ଅର୍ଥାତ ଅପରାଧର ଶିକାର ହେଉଥିବା ପିଲାଙ୍କ ମଧ୍ୟରୁ ପ୍ରତି ୩ ଜଣରେ ଜଣେ ଯୌନ ନିର୍ଯାତନା ଭୋଗୁଛନ୍ତି ବୋଲି ଏନ୍‌ସିଆର୍‌ବି ଡାଟାରୁ ଜଣାପଡ଼ିଛି।

ଏନ୍‌ସିଆର୍‌ବି ଅନୁସାରେ, ୨୦୨୧ରେ ମୋଟ ୧,୪୯,୪୦୪ ଶିଶୁ ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ୨୦୨୦ରେ ଏହି ସଂଖ୍ୟା ୧,୨୮,୫୩୧ ରହିଥିଲା। ଅର୍ଥାତ ବର୍ଷକରେ ଏହି ମାମଲା ୧୬.୨% ବଢ଼ିଛି। ଏହାକୁ ଦେଖିଲେ ପିଲାଙ୍କ ବିରୋଧରେ ପ୍ରତି ତୃତୀୟ ଅପରାଧ ସମ୍ପର୍କିତ ମାମଲା ପୋକ୍ସୋ ଆଇନ ବଳରେ ରୁଜୁ ହୋଇଛି। ଗତବର୍ଷ ପୋକ୍ସୋ ଆଇନର ଧାରା ୪ ଏବଂ ୬ ଅଧୀନରେ ୩୩,୩୪୮ ମାମଲା ରହିଛି। ସେଥିମଧ୍ୟରେ ୩୩,୦୩୬ ଅପରାଧ ଝିଅଙ୍କ ବିରୋଧରେ ହୋଇଥିବାବେଳେ ୩୧୨ ପୁଅ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ସେହିପରି ୬୭,୨୪୫ ଅପହରଣ ମାମଲା ଦେଶରେ ପୋଲିସ ସକ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୨୧ରେ ରୁଜୁ ହୋଇଥିବା ଶିଶୁ ବିରୋଧୀ ମାମଲାରେ ଦିଲ୍ଲୀ ସର୍ବାଗ୍ରେ ରହିଛି। କେନ୍ଦ୍ରଶାସିତ ଅଞ୍ଚଳରେ ଏପରି କେସ୍ ସର୍ବନିମ୍ନ ରହିଛି। ନାଗାଲାଣ୍ଡରେ ସବୁଠାରୁ କମ୍ ଶିଶୁ ବିରୋଧୀ ଅପରାଧ ମାମଲା ରୁଜୁ ହୋଇଥିବା ଏନ୍‌ସିଆର୍‌ବି ଡାଟା କହୁଛି। ୨୦୨୦ରେ ଏପରି ଅପରାଧ ହାର ୨୮.୯% ଥିବାବେଳେ ୨୦୨୧ରେ ତାହା ୩୩.୬କୁ ବୃଦ୍ଧି ପାଇଛି।

ରିପୋର୍ଟରୁ ଆହୁରି ଜଣାପଡ଼ିଛି, ଗତ ବର୍ଷ ୧୪୦ ଶିଶୁଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ସେହିପରି ଆଉ ୧,୪୦୨ ଶିଶୁ ହତ୍ୟାର ଶିକାର ହୋଇଛନ୍ତି। ଏପରି ମାମଲା ଉତ୍ତରପ୍ରଦେଶରେ ସବୁଠାରୁ ଅଧିକ ରହିଛି। ଶିଶୁ ଅପହରଣ ମାମଲାରେ ମହାରାଷ୍ଟ୍ର (୯,୪୧୫) ଶୀର୍ଷରେ ରହିଛି। ଏହା ତଳକୁ ମଧ୍ୟପ୍ରଦେଶ (୮,୨୨୪), ଦିଲ୍ଲୀ (୫,୩୪୫), ଓଡ଼ିଶା (୫,୧୩୫) ଏବଂ ପଶ୍ଚିମବଙ୍ଗ (୪,୦୨୬) ରହିଛି। ୨୯,୩୬୪ ଶିଶୁଙ୍କୁ ନିଖୋଜ ଘୋଷଣା କରାଯାଇଛି। ସେହିପରି ଗତବର୍ଷ ୧,୦୪୬ ଶିଶୁଙ୍କୁ ଚାଲାଣ କରାଯାଇଛି। ଶିଶୁ ଶ୍ରମ ଆଇନରେ ୨୦୨୧ରେ ୯୮୨ ମାମଲା ରହିଛି। ଏହି ମାମଲାରେ ତେଲଙ୍ଗାନାରେ ସର୍ବାଧିକ ରୁଜୁ ହୋଇଛି। ଗତବର୍ଷ ବାଲ୍ୟବିବାହ ୧,୦୬୨ ମାମଲା ରହିଥିବାବେଳେ ଏହି ତାଲିକାର ଶୀର୍ଷରେ କର୍ନାଟକ, ତାମିଲନାଡୁ ଏବଂ ଆସାମ ରହିଛି। ଅନ୍ୟପକ୍ଷରେ ଗତ ୫ବର୍ଷରେ ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଜାତୀୟ ଆୟୋଗ (ଏନ୍‌ସିପିସିଆର୍) ନିକଟରେ ପ୍ରାୟ ୫୧,୦୦୦ ଶିଶୁ ନିର୍ଯାତନା ଅଭିଯୋଗ ଆସିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।



# ସିବିଆଇକୁ ତେଲଙ୍ଗାନା ମନା

**ହାଇଦ୍ରାବାଦ, ୩୦।୧୦**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କୌଣସି ସ୍ଥାନରେ ତଦନ୍ତ କରିବା ପୂର୍ବରୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଅନୁମତି ନେଇଥାଏ। ଏହାକୁ ଜେନେରାଲ କନ୍‌ସେଣ୍ଟ ବା ସାଧାରଣ ସହମତି କୁହାଯାଏ। ପୂର୍ବରୁ ୮ ଅଣଭାଜପା ଶାସିତ ରାଜ୍ୟ ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାର କରିଥିବାବେଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ସରକାର ସମାନ ପନ୍ଥା ଆପଣାଇଛନ୍ତି। ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ଅଭିଯୋଗ ହେଲା କେନ୍ଦ୍ର ସରକାର ବିପକ୍ଷର ମୁହଁ ବନ୍ଦ ପାଇଁ ସିବିଆଇର ଶକ୍ତିକୁ ବ୍ୟବହାର କରୁଛନ୍ତି। ଏହି କ୍ରମରେ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ଅଗଷ୍ଟ ୩୦ରେ ଜାରି ଏକ ନିର୍ଦ୍ଦେଶନାମା ଅନୁସାରେ, ସିବିଆଇକୁ ପୂର୍ବରୁ ଦିଆଯାଇଥିବା ଜେନେରାଲ କନ୍‌ସେଣ୍ଟକୁ ପ୍ରତ୍ୟାହାର କରି ନିଆଯାଇଛି। ଦୁଇ ମାସ ତଳେ ଏହି ନିଷ୍ପତ୍ତି ନିଆଯାଇଥିଲେ ବି ସାର୍ବଜନୀନ ହୋଇ ନ ଥିଲା। ତେଲଙ୍ଗାନା ହାଇକୋର୍ଟରେ ଶନିବାର ଟିଆର୍‌ଏସ୍ ବିଧାୟକ ଶିକାର ମାମଲାର ସିବିଆଇ ତଦନ୍ତ ଦାବି ପାଇଁ ଭାଜପା ପକ୍ଷରୁ ପିଟିଶନ କରାଯାଇଥିଲା। ଏହାର ଶୁଣାଣିବେଳେ ସାଧାରଣ ସହମତି ପ୍ରତ୍ୟାହାର କରାଯାଇଥିବା ବିଷୟ ଆଡିସିନାଲ ଆଡ୍‌ଭୋକେଟ ଜେନେରାଲ ଅଦାଲତଙ୍କୁ ଅବଗତ କରାଇଥିଲେ। ବର୍ଷେ ଭିତରେ ତେଲଙ୍ଗାନାରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ବିଭିନ୍ନ ପ୍ରସଙ୍ଗକୁ ନେଇ ଟିଆର୍‌ଏସ୍ ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। କେସିଆର୍ ବାରମ୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରୁଛନ୍ତି। ଏହାର ଜବାବରେ ଭାଜପା ତାଙ୍କ ଝିଅ କେ. କବିତାଙ୍କ ନାଁ ଦିଲ୍ଲୀ ଅବକାରୀ ଦୁର୍ନୀତିକୁ ଟାଣି ସିବିଆଇ ଏବଂ ଇଡି ଜାଲରେ ଫସାଇବାକୁ ଉଦ୍ୟମ ଚଳାଇଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ, ରାଜସ୍ଥାନ, ଛତିଶଗଡ଼, ପଞ୍ଜାବ ଓ ମେଘାଳୟ ସମେତ ସିବିଆଇକୁ ୮ ରାଜ୍ୟର କବାଟକିଳା ଅଭିଯାନରେ ସାମିଲ ହୋଇଛି ତେଲଙ୍ଗାନା।

**ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାର କଲେ କେସିଆର୍ ସରକାର**





ଚେନ୍ନାଇର ଅଫିସର୍ସ ଟ୍ରେନିଂ ଏକାଡେମୀରେ ନିଜ ପୁଅ ସହ କ୍ୟାଡେଟ୍ ହରବୀନ କହ୍ଲୋନ। ହରବୀନଙ୍କ ସ୍ୱାମୀ ୧୨୯ ଏସ୍‌ଏଟିଏ ରେଜିମେଣ୍ଟର ମେଜର କେ.ପି.ଏସ୍ କହ୍ଲୋନ କର୍ତ୍ତବ୍ୟରତ ଥିବାବେଳେ ୨୦୧୯ରେ ପ୍ରାଣ ହରାଇଥିଲେ।

## ଆମ୍ବୁଲାନ୍ସ ଲାଇଟ୍‌ରେ ରାସ୍ତା କଡ଼ରେ ପ୍ରସବ କଲେ ମହିଳା

**ଭୋପାଳ,୩୦।୧୦**

ମଧ ପ୍ରଦେଶ ପାନ୍ନା ଜିଲାରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଆମ୍ବୁଲାନ୍ସରୁ ଡିଜେଲ୍ ସରିଯିବା କାରଣରୁ ଜଣେ ମହିଳା ରାସ୍ତା କଡ଼ରେ ପ୍ରସବ କରିଛନ୍ତି। ଶୁକ୍ରବାର ରାତିର ଏହି ଘଟଣା। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। କେତେଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଅନ୍ତଃସତ୍ତ୍ୱା ମହିଳାଙ୍କୁ ପ୍ରସବ କରାଉଥିବାବେଳେ ତାଙ୍କ ନିକଟରେ ଆମ୍ବୁଲାନ୍ସଟି ଲାଇଟ୍ ଜଳାଇ ଛିଡ଼ା ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି। ଗର୍ଭବତୀମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପରିଚାଳିତ ୧୦୮ ଆମ୍ବୁଲାନ୍ସ ଜରିଆରେ ରେଶ୍ମା ପ୍ରସବ ପାଇଁ ନିକଟସ୍ଥ ଡାକ୍ତରଖାନାକୁ ଯାଉଥିଲେ। କିନ୍ତୁ ଅଧା ବାଟରେ ଆମ୍ବୁଲାନ୍ସରୁ ତେଲ ସରିଯିବା ପରେ ତାଙ୍କ ସହ ଆସିଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ରାସ୍ତା କଡ଼ରେ ହିଁ ରେଶ୍ମାଙ୍କ ପ୍ରସବ କରାଇଥିଲେ।

# ଗଣତନ୍ତ୍ରକୁ ରକ୍ଷା କରନ୍ତୁ ସିଜେଆଇ

**କୋଲକାତା,୩୦।୧୦**

ଦେଶରେ ସବୁ ଗଣତାନ୍ତ୍ରିକ ଶକ୍ତିକୁ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗ କବ୍‌ଜା କରିରଖିଛି। ତେଣୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ ସେମାନଙ୍କ କବଳରୁ ଗଣତନ୍ତ୍ରକୁ ରକ୍ଷା କରନ୍ତୁ ବୋଲି ରବିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁରୋଧ କରିଛନ୍ତି। କୋଲକାତାସ୍ଥିତ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁରିଡିକାଲ୍ ସାଇନ୍ସେସ୍ (ଏନ୍‌ୟୁଜେଏସ୍)ର ସମାବର୍ତ୍ତନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୂଳାଧିପତି ସିଜେଆଇ ୟୁ.ୟୁ. ଲଳିତ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ, ଦେଶର ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଆକ୍ରମଣ କରାଯାଉଛି। ଏହି ଧାରା ଜାରି ରହିଲେ ଦେଶରେ ରାଷ୍ଟ୍ରପତି ଶାସନ ଜରୁରୀ ହୋଇପଡ଼ିବ। ଲୋକଙ୍କୁ ହଇରାଣରୁ ସୁରକ୍ଷା ଦେବା ପାଇଁ ନ୍ୟାୟପାଳିକା ଆଗେଇ ଆସୁ। ଗଣତନ୍ତ୍ର କେଉଁଠି ଅଛି ବୋଲି ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସିଜେଆଇ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାର ସୁରକ୍ଷାକୁ ସୁନିଶ୍ଚିତ କରନ୍ତୁ ବୋଲି ମମତା ଅନୁରୋଧ କରିଛନ୍ତି। ମମତା ଆହୁରି କହିଛନ୍ତି, ରାୟ ପ୍ରକାଶ ପାଇବା ପୂର୍ବରୁ ଅନେକ କିଛି ଚାଲିଛି। ଦୁଃଖର ସହ ଏହା କହିବାକୁ ପଡୁଛି। ମୁଁ ଯଦି ଭୁଲ୍ କହୁଛି ତେବେ ଦୟାକରି କ୍ଷମା କରନ୍ତୁ ବୋଲି ସେ କହିଛନ୍ତି।

**କେନ୍ଦ୍ରକୁ ମମତାଙ୍କ ଟାର୍ଗେଟ**



**ସିଏଏକୁ ଚ୍ୟାଲେଞ୍ଜ**

# ୨୩୨ ପିଟିଶନର ଶୁଣାଣି ଆଜି

**ନୂଆଦିଲ୍ଲୀ, ୩୦।୧୦**

କେନ୍ଦ୍ର ସରକାର ୨୦୧୯ରେ ଆଣିଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଖଲ ୨୩୨ ଆବେଦନର ଶୁଣାଣି ସୋମବାର ହେବ। ସିଜେଆଇ ୟୁ.ୟୁ. ଲଳିତ ଏବଂ ଜଷ୍ଟିସ୍ ରବୀନ୍ଦ୍ର ଭଟ୍ଟଙ୍କ ଖଣ୍ଡପୀଠ ଏହି ବିବାଦୀୟ ଆଇନର ଭାଗ୍ୟ ନିର୍ଦ୍ଧାରଣ କରିବେ। ପୂର୍ବରୁ କୋଭିଡ୍-୧୯ ମହାମାରୀ ଯୋଗୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଶୁଣାଣି ହୋଇପାରି ନ ଥିଲା। ଗତ ସେପ୍ଟେମ୍ବର ୧୨ରେ ସିଜେଆଇଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ୩ ଜଣିଆ ଖଣ୍ଡପୀଠରେ ଆଗକୁ ବିଚାର କରାଯିବ ବୋଲି କହିଥିଲେ। ପ୍ରକାଶ ଯେ, ଇଣ୍ଡିଆନ୍ ୟୁନିୟନ୍ ମୁସ୍‌ଲିମ ଲିଗ୍, ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ, ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସିଙ୍କ ସମେତ ଅନେକ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ସିଏଏର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସିଏଏ କେବଳ ଆଇନ ଉପରେ ଗୁରୁତ୍ୱ ଦେଇ ବେଆଇନ ଅନୁପ୍ରବେଶକୁ ବାରଣ କରିଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଛି।



# ଗୁଜରାଟରେ ନିର୍ମାଣ ହେବ ବାୟୁସେନାର ପରିବହନ ବିମାନ

**ଏୟାରକ୍ରାଫ୍ଟ ଉତ୍ପାଦନ ୟୁନିଟ୍‌ର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ**



**ଭଦୋଦରା, ୩୦।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଗୁଜରାଟର ଭଦୋଦରାରେ ଏୟାରବସ୍, ଟାଟା କନର୍ସୋଟିୟମ ଅଫ୍ ଟାଟା ଆଡଭାନ୍ସଡ ସିଷ୍ଟମ ଲିଃ (ଟିଏଏସ୍‌ଏଲ୍) ଏବଂ ଟିଏଏସ୍‌ଏଲ୍ ନେତୃତ୍ୱରେ ଟାଟା କନ୍‌ସଲ୍‌ଟାଣ୍ଟ ସର୍ଭିସ୍ (ଟିସିଏସ୍)ର ମିଳିତ ଉତ୍ପାଦନ ୟୁନିଟ୍‌ର ଶିଳାନ୍ୟାସ କରିଛନ୍ତି। ଏଥିରେ ଦେଶର ପ୍ରଥମ ସାମରିକ ପରିବହନ ଏୟାରକ୍ରାଫ୍ଟ ସି-୨୯୫ ଉତ୍ପାଦନ ୟୁନିଟ୍ ମଧ ରହିଛି। ପ୍ରଥମ କରି ୟୁରୋପ ବାହାରେ ଏବଂ କୌଣସି ଘରୋଇ କମ୍ପାନୀ ଦ୍ୱାରା ସି-୨୯୫ ଏୟାରକ୍ରାଫ୍ଟ ନିର୍ମାଣ ହେବାକୁ ଯାଉଛି। ଏହି ପ୍ରୋଜେକ୍ଟ ପାଇଁ ୨୧,୯୩୫ କୋଟି ଟଙ୍କା ବଜେଟ ରହିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଉତ୍ପାଦନ କେବଳ ଦେଶର ବାୟୁସେନାର ଶକ୍ତିବୃଦ୍ଧି କରିବ ନାହିଁ, ଏହି ବିମାନ ନିର୍ମାଣର ଏକ ନୂଆ ଇକୋସିଷ୍ଟମ ସୃଷ୍ଟି କରିବ। ଖୁବଶୀଘ୍ର ଭାରତ ଯାତ୍ରୀବାହୀ ବିମାନ ମଧ ନିର୍ମାଣ କରିବ ଯେଉଁଥିରେ 'ମେକ୍ ଇନ୍ ଇଣ୍ଡିଆ' ଟ୍ୟାଗ୍ ରହିବ। ଏବେ ଭାରତ ବିମାନ ଚଳାଚଳ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି କରୁଛି। ଆସନ୍ତା ୧୦ରୁ ୧୫ ବର୍ଷରେ ଭାରତ ୨ ହଜାରରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଏବଂ କାର୍ଗୋ ଏୟାରକ୍ରାଫ୍ଟ ଆବଶ୍ୟକ କରିବ। ଆମେ କେତେ ଦ୍ରୁତଗତିରେ ବିକାଶ କରୁଛୁ ତାହା ଏଥିରୁ ପ୍ରତିଫଳିତ ହେଉଛି ବୋଲି ମୋଦି କହିଥିଲେ। ଉକ୍ତ ପ୍ରୋଜେକ୍ଟରେ ୭ ରାଜ୍ୟର ଶହେରୁ ଅଧିକ ଅଣୁ, କ୍ଷୁଦ୍ର ଏବ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଯୋଡ଼ିହେବେ। ୨୦୨୬ ସେପ୍ଟେମ୍ବରରେ ଭାରତରେ ପ୍ରଥମ ବିମାନ ନିର୍ମାଣ ଶେଷ ହୋଇସାରିଥିବ ବୋଲି କୁହାଯାଇଛି। ୨୦୩୧ ଅଗଷ୍ଟ ସୁଦ୍ଧା ଆଉ ୩୯ଟି ନିର୍ମାଣ ସରିବ। ପ୍ରତିବର୍ଷ ଏହି ୟୁନିଟ୍‌ରୁ ୮ ଏୟାରକ୍ରାଫ୍ଟ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି।

## ସି-୨୯୫ର ବିଶେଷତ୍ୱ

ସ୍ପେନ୍‌ର କନ୍‌ଷ୍ଟ୍ରକିଓନେସ୍ ଏରୋନଟିକ୍ସ ଏସ୍‌ଏ କମ୍ପାନୀ ପ୍ରଥମେ ସି-୨୯୫ ବିମାନ ନିର୍ମାଣ କରିଥିଲା। ଏହି କମ୍ପାନୀ ଏବେ ଏୟାରବସ୍‌ର ଅଂଶ ଏବଂ ସ୍ପେନ୍‌ରେ ଥିବା ଏୟାରବସ୍ ପ୍ଲାଣ୍ଟରେ ସି-୨୯୫ ବିମାନ ନିର୍ମାଣ ହେଉଛି। ୨୦୨୧ ସେପ୍ଟେମ୍ବରରେ ଭାରତ ଏୟାରବସ୍ ଡିଫେନ୍ସ ଏବଂ ସ୍ପେସ୍ ସହ ୨୧,୯୩୫ କୋଟି ଟଙ୍କାରେ ୫୬ ଏୟାରକ୍ରାଫ୍ଟ ନିର୍ମାଣ ପାଇଁ ଚୁକ୍ତି କରିଥିଲା। ସି-୨୯୫ ବିମାନକୁ ଆଉ ୩୪ଟି ଦେଶ ମଧ ବ୍ୟବହାର କରିଥାନ୍ତି। ଏହି ଏୟାରକ୍ରାଫ୍ଟ ଘଣ୍ଟାପ୍ରତି ୪୮୦ କିଲୋମିଟର ବେଗରେ ଉଡ଼ିପାରିବ। ଏଥିରେ ଏକସଙ୍ଗରେ ୭୧ ଯାତ୍ରୀ କିମ୍ବା ୪୪ ପାରାଟ୍ରୁପର୍ସ କିମ୍ବା ୨୪ ଷ୍ଟ୍ରେଚର୍ସ ଯାଇପାରିବେ। ଏହା ୫ରୁ ୧୦ ଟନ୍ ଓଜନ ପରିବହନ କରିପାରିବ। ଏହା ଶର୍ଟ ଟେକ୍‌ଅଫ୍ ଏବଂ ଲ୍ୟାଣ୍ଡିଂ ମଧ କରିପାରିବ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩୧/୨୦୨୨ | Bhubaneswar, Monday, October 31/2022 | ପୃଷ୍ଠା-୧



## 'ଅପୂର୍ବା'ର ଶୁଟିଂ ଆରମ୍ଭ

ହିନ୍ଦୀ ଫିଲ୍ମ ନାୟିକା ତାରା ସୁତାରିଆଙ୍କ ଦ୍ୱାରା ଅଭିନୀତ ଥ୍ରିଲର୍ ଫିଲ୍ମ 'ଅପୂର୍ବା'ର ଶୁଟିଂ ଆରମ୍ଭ ହୋଇଯାଇଛି।

୧୦

୧୨

## ରେନେଙ୍କ ଗୋଲରେ ସ୍ପେନ୍ ବିଜୟୀ

ମାର୍କ ରେନେଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ସ୍ପେନ୍ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତକୁ ୩-୨ ଗୋଲରେ ପରାସ୍ତ କରିଛି।



**ଆଜିର ସମ୍ପାଦକୀୟ**

ପୋଲ ଖସିଲା

**ଆଜିର ମନ୍ତବ୍ୟ**

ଜମ୍ମୁ ଓ କଶ୍ମୀର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ। ଉପତ୍ୟକାବାସୀ ପୁରୁଣା ଆହ୍ୱାନଗୁଡ଼ିକୁ ପଛରେ ଛାଡ଼ି ନୂଆ ସମ୍ଭାବନାର ସମ୍ପୂର୍ଣ୍ଣ ସୁବିଧା ନେବା ସମୟ ଉପନୀତ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ









# ଖସିପଡ଼ିଲା ଝୁଲାପୋଲ: ୮୦ ମୃତ

## ସରକାରଙ୍କ ଅବହେଳାରୁ ଏତେ ଲୋକଙ୍କ ମୃତ୍ୟୁ ଘଟିଲା: ବିରୋଧୀ



**ଅହମଦାବାଦ,୩୦।୧୦**

ଗୁଜରାଟର ମୋର୍‌ବିସ୍ଥିତ ମାଚ୍ଛୁ ନଦୀରେ ରବିବାର ସନ୍ଧ୍ୟାରେ ଏକ ୧୦୦ ବର୍ଷ ପୁରୁଣା ସସ୍ପେନ୍‌ସନ ବ୍ରିଜ୍ (ଝୁଲା ପୋଲ) ଭୁଶୁଡ଼ିପଡ଼ିଛି। ଏଥିଯୋଗୁ ଅନ୍ୟୂନ ୮୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଲୋକ ଆହତ ହୋଇ ପାଣିରେ ଫସିରହିଛନ୍ତି। ଆହତଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ସେମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଗୁଜରାଟ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହ ମୋଦି କଥା ହୋଇଥିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଟୁଇଟ୍ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନକର ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ମୋର୍‌ବି ସହର ଦେଇ ପ୍ରବାହିତ ମାଚ୍ଛୁ ନଦୀରେ ଥିବା ଜୁଲ୍‌ଟୋ ବ୍ରିଜ୍‌କୁ ବ୍ରିଟିଶ ସରକାର ଅମଳରେ ନିର୍ମାଣ କରାଯାଇଥିଲା। ଶତାବ୍ଦୀ ପୁରୁଣା ପୋଲଟି ଦୁର୍ବଳ ହୋଇଯିବାରୁ ନିକଟରେ ଏହାର ମରାମତି କରାଯାଇଥିଲା। ମୋର୍‌ବି ମ୍ୟୁନିସିପାଲିଟି ପକ୍ଷରୁ ୧୫ ବର୍ଷ ପାଇଁ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟ ଓରେଭା ଗ୍ରୁପ୍‌କୁ ଠିକାରେ ଦିଆଯାଇଥିଲା। ପୁନଃ ନିର୍ମାଣ ପରେ ଗତ ୨୬ରେ ଗୁଜରାଟୀ ନବବର୍ଷ ଉପଲକ୍ଷେ ପୁନର୍ବାର ଏହାକୁ ଖୋଲାଯାଇଥିଲା। ରବିବାର ପ୍ରାୟ ୫୦୦ ଲୋକ ବ୍ରିଜ୍ ଦେଖିବାକୁ ରୁଣ୍ଡ ହୋଇଥିବାବେଳେ ସନ୍ଧ୍ୟା ୬ଟା ୪୫ ମିନିଟରେ ତାହା ହଠାତ୍ ☞ପୃଷ୍ଠା–୨

## ବମିଖାଲରୁ ବଲାଙ୍ଗୀର ଯାଏ

### ଓଡ଼ିଶାରେ ପ୍ରମୁଖ ବ୍ରିଜ୍ ଦୁର୍ଘଟଣା

**ଭୁବନେଶ୍ୱର,୩୦।୧୦ (ବ୍ୟୁରୋ)**

ଭୁବନେଶ୍ୱରର ବମିଖାଲଠାରୁ ବଲାଙ୍ଗୀର ଯାଏ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଅନେକ ବ୍ରିଜ୍ ଭୁଶୁଡ଼ିବା ଘଟଣା ଦେଖିବାକୁ ମିଳିଛି। ସେଥିରେ କେତେକ ପୁରୁଣା ବ୍ରିଜ୍ ହୋଇଥିବାବେଳେ ଆଉ କେତେକ ନିର୍ମାଣାଧୀନ ଅବସ୍ଥାରେ ଭାଙ୍ଗିପଡ଼ିଛି। ବେଶି ପୂର୍ବର କଥା ନୁହଁ, ଗତ ୫ ବର୍ଷ ମଧ୍ୟରେ ଘଟିଥିବା କିଛି ପ୍ରମୁଖ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଛି। ଏଥିରେ କିଛି ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକେ ଗୁରୁତର ଆହତ ହୋଇଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟର ଶତାଧିକ ବ୍ରିଜ୍, ଓଭରବ୍ରିଜ୍ ଶୋଚନୀୟ ଅବସ୍ଥାରେ ରହିଛି, ଯାହା ରାଜଧାନୀ ଭୁବନେଶ୍ୱରରୁ ଜାଣିହେବ। ଏହି ମହାନଗରକୁ ପ୍ରବେଶ କରୁଥିବା ରାସ୍ତାଗୁଡ଼ିକର ବ୍ରିଜ୍ ଭାଙ୍ଗିରୁଜି ଗଲାଣି। ବ୍ରିଜ୍ ବାଡ଼ାରେ ରଙ୍ଗ ଦେଇ ଦୃଷ୍ଟି ହଟାଇବାକୁ ଚେଷ୍ଟା କରାଯାଉଛି। କିନ୍ତୁ ବ୍ରିଜ୍ ଉପରେ ଅନେକ ଗର୍ତ୍ତ ଏବଂ ଫାଟ ଦେଖିବାକୁ ମିଳୁଛି। କୁଆଖାଇ ନଦୀ ଉପରେ ଟଙ୍କପାଣି ବ୍ରିଜ୍ ଏବଂ ଶିଶୁଭବନ–ମାଉସୀ ମା' ମନ୍ଦିର ଓଭରବ୍ରିଜ୍‌କୁ ଏହାର ଉଦାହରଣ ଭାବେ ନିଆଯାଇପାରେ।

*–୨୯ ଏପ୍ରିଲ ୨୦୨୦:* ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ତମିଆଁ–ମୁଦଲସର ସୁକ୍‌ତେଲ ନଦୀ ବ୍ରିଜ୍ ମରାମତି ବେଳେ ଭୁଶୁଡ଼ି ପଡ଼ିଥିଲା। ବ୍ରିଜ୍ ସ୍ଲାବ୍ ତଳେ ଚାପି ହୋଇ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୪ରେ ଉକ୍ତ ବ୍ରିଜ୍ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୧୫ ଜୁଲାଇରେ ନିର୍ମାଣ ଶେଷ ହୋଇଥିବାବେଳେ ୭ କୋଟି ଟଙ୍କା ବ୍ୟୟ ହୋଇଥିଲା। ନିର୍ମାଣ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଥିବାରୁ ଠିକାସଂସ୍ଥା ରାମକୁମାର ଅଗ୍ରୱାଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍‌କୁ ପୁରସ୍କୃତ କରାଯାଇଥିଲା। କିନ୍ତୁ ୨୦୨୦ ପ୍ରାରମ୍ଭରେ ବ୍ରିଜ୍‌ର ପିଲର ଦବି ଯିବାରୁ ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ଉଠିଥିଲା। ହେଲେ କାର୍ଯ୍ୟାନୁଷ୍ଠାନ ବଦଳରେ ମରାମତି କାମ କରାଯାଉଥିବାବେଳେ ବ୍ରିଜ୍ ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ☞ପୃଷ୍ଠା–୨

## ଭୁଶୁଡ଼ିଲା ବ୍ରିଟିଶ୍ ଅମଳର ପୋଲ

### ଖସିପଡ଼ିଲା ୨ କାର, ୫ ଗୁରୁତର

**ଭବାନୀପାଟଣା,୩୦।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା–ଥୁଆମୂଳ ରାମପୁର ୪୪ ନଂ. ରାଜ୍ୟ ରାଜପଥର ଭାଗୀରଥି ପାର୍କ ନିକଟରେ ରବିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାକାର ରାଜ୍ୟ ରାଜପଥର ମୁଖ୍ୟ ରାସ୍ତାରେ ଥିବା ପୋଲ ହଠାତ୍ ଭୁଶୁଡିପଡିବାରୁ ୨ଟି ଚଳନ୍ତା କାର ତଳକୁ ଖସିପଡିଥିଲା। ଫଳରେ ୨ଟି କାର୍‌ରେ ବସିଥିବା ୫ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଥିରେ ନବରଙ୍ଗପୁରର ଜଣେ ଖବରଦାତାଙ୍କ ପରିବାର ମଧ୍ୟ ରହିଥିବା ଜଣାପଡ଼ିଛି। ଏହି ପୋଲ ଭୁଶୁଡିବା ପରେ ଭବାନୀପାଟଣା–ଥୁଆମୂଳ ରାମପୁର ମୁଖ୍ୟ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ବ୍ରିଟିଶ ଅମଳରେ ନିର୍ମିତ ଏହି ☞ପୃଷ୍ଠା–୨



ପୋଲ ତଳକୁ ଖସିପଡିଥିବା ୨ କାର।

## ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ନେଇ ଦ୍ୱନ୍ଦ୍ୱ

**■ ଆଲୋଚନା ପାଇଁ ଶ୍ରୀମନ୍ଦିର ନୀତି ସବ୍‌କମିଟି, ଛତିଶା ନିଯୋଗ ବୈଠକ ବସିବ**

**ପୁରୀ ଅଫିସ, ୩୦।୧୦**

ଆସନ୍ତା ନଭେମ୍ବର ୮ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ସଂଘଟିତ ହେବାକୁ ଯାଉଛି। ତେବେ ଏହି ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ, ଚନ୍ଦ୍ରଗ୍ରହଣ ଦିନ ସକାଳ ୮ଟା ୨୯ରେ ପାକତ୍ୟାଗ ପାଇଁ ଉଲ୍ଲେଖ ରହିଥିବାବେଳେ ଜ୍ୟୋତିର୍ବିଦ୍‌ଙ୍କ ମତରେ ଚନ୍ଦ୍ରଗ୍ରହଣ ଦିନ ଭୋର ୫ଟା ୫୪ ମିନିଟ୍‌ରୁ ପାକତ୍ୟାଗ ଓ ଦେବନୀତି



ନିଷେଧ ରହିଥିବା କୁହାଯାଇଛି। ଚନ୍ଦ୍ରଗ୍ରହଣରେ ମହାପ୍ରଭୁଙ୍କ ନୀତିକାନ୍ତିରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଶ୍ରୀମନ୍ଦିର ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଆସନ୍ତା ୮ ତାରିଖରେ ଚଳିତ ବର୍ଷର ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ହେବାକୁ ଯାଉଛି। ଉକ୍ତ ଦିନ ଅପରାହ୍ନ ୨ଟା ୩୮ ମିନିଟ୍ ୧୪ ସେକେଣ୍ଡରୁ ଗ୍ରହଣ ସ୍ପର୍ଶ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୧୮ ମିନିଟ୍ ୪୭ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀମନ୍ଦିରରେ ହେବାକୁ ଥିବା ମହାପ୍ରଭୁଙ୍କ ☞ପୃଷ୍ଠା–୨

## ଘର ଭିତରେ ବୁଣାକାର ପରିବାରର ୪ ମୃତଦେହ

**ବରଗଡ଼ ଅଫିସ୍,୩୦।୧୦**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଜାଣ୍ଡୋଲ (କନ୍ଧପଡ଼ା)ରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଏକ ବୁଣାକାର ପରିବାରର ୪ଜଣ ସଦସ୍ୟଙ୍କ ମୃତଦେହ ଘର ଭିତରେ ରହିଥିବା ରବିବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ମୃତକମାନେ ହେଲେ ଶେଷଦେବ ମେହେର(୬୫), ସ୍ତ୍ରୀ କ୍ଷୀରେଶ୍ୱରୀ(୬୦), ପୁଅ ଅରବିନ୍ଦ(୩୦) ଏବଂ ଝିଅ ଶିବାନୀ(୨୨)। ତେବେ କେଉଁ ପରିସ୍ଥିତିରେ ସେମାନଙ୍କ ମୃତ୍ୟୁ ହୋଇଛି, ତାହା ଜଣାପଡ଼ିନାହିଁ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନ ଥିବାରୁ ମୃତଦେହ ଉଦ୍ଧାର ହୋଇପାରିନାହିଁ। ଅନ୍ୟପଟେ ଘର ବାହାର ପଟୁ ତାଲା ପଡ଼ିଥିବା ଯୋଗୁ ଘଟଣାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଶେଷଦେବ ସ୍ତ୍ରୀ, ଝିଅ ଏବଂ ପୁଅଙ୍କୁ ନେଇ ତାଙ୍କ ଦୁଇ ମହଲା ବିଶିଷ୍ଟ କୋଠାଘରେ ରହି ଆସୁଥିଲେ। ସେମାନେ ବୁଣାକାର ହୋଇଥିବାବେଳେ ଅରବିନ୍ଦ ଏକ ସିଲେଇ ଦୋକାନ ଦେଇଥିଲେ। ତେବେ ରବିବାର ସନ୍ଧ୍ୟାରେ ତାଙ୍କ ଘରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ପ୍ରାୟ ୩/୪ଦିନ ହେଲା ଘର ବାହାର ପଟୁ ତାଲା ପଡ଼ିଥିବା ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ଉପୁଜିବାରୁ ସେମାନେ ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ବରଗଡ଼ ଏସ୍‌ଡ଼ିପିଓ ଅମୃତ କୁମାର ପଣ୍ଡା, ଭେଡ଼େନ ଥାନା ଆଇଆଇସି ସଙ୍ଗୀତା ମହାପାତ୍ର, ରୁଷୁଡ଼ା ଫାଣ୍ଡି ଅଧିକାରୀ ଅରୁଣ କୁମାର ବରେଇ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ଘର କବାଟ ଖୋଲାଯାଇଥିଲା। ଉପର ମହଲାରେ ଶେଷଦେବ, କ୍ଷୀରେଶ୍ୱରୀ ଏବଂ ଶିବାନୀଙ୍କ ମୃତଦେହ ପଡ଼ିଥିବାବେଳେ ତଳ ମହଲାରେ ଅରବିନ୍ଦଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା।

## ଚାଇନା ଋଣ ଆପ୍‌ରେ ବଢ଼ୁଛି ଠକେଇ

### ରାଜ୍ୟଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲା କେନ୍ଦ୍ର

**ନୂଆଦିଲ୍ଲୀ,୩୦।୧୦**

ଚାଇନାର ଋଣ ଆପ୍‌ଗୁଡ଼ିକ ଜରିଆରେ ଭାରତରେ ଅନେକ ବଡ଼ ଧରଣର ଠକେଇ ସାମ୍ନାକୁ ଆସିଛି। ଏହି ଆପ୍‌ରେ ଋଣ ପ୍ରଦାନ ଆଳରେ ଲୋକଙ୍କୁ ହଇରାଣ, ବ୍ଲାକ୍‌ମେଲ କରାଯାଉଛି। ରିକଭରି ଏଜେଣ୍ଟମାନଙ୍କ ପ୍ରାଦୁର୍ଭାବ ବଢ଼ୁଥିବାରୁ ଲୋକେ ଆତ୍ମହତ୍ୟା କରିବାକୁ ମଧ୍ୟ ବାଧ ହେଉଛନ୍ତି। ତେଣୁ ଏପରି ଆପ୍‌ଗୁଡ଼ିକୁ ତୁରନ୍ତ ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚାଇନା ପରିଚାଳିତ ଲୋନ୍ ଆପ୍‌ଗୁଡ଼ିକୁ ଭାରତର ଜାତୀୟ ସୁରକ୍ଷା, ଅର୍ଥନୀତି ଓ ନାଗରିକଙ୍କ ନିରାପତ୍ତା ପାଇଁ ଏକ ବଡ଼ ବିପଦ ବୋଲି ଦର୍ଶାଇଛି। ମନ୍ତ୍ରଣାଳୟର ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସାରା ଦେଶରେ ବେଆଇନ ଋଣପ୍ରଦାନକାରୀ ଡିଜିଟାଲ ଆପ୍ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ଆପ୍‌ଗୁଡ଼ିକ ଜରିଆରେ ଲୋକଙ୍କୁ ସ୍ୱଳ୍ପକାଳୀନ ଋଣ ଓ ମାଇକ୍ରୋକ୍ରେଡିଟ୍ ଦିଆଯାଉଛି। ଋଣ ପ୍ରଦାନ ବାବଦକୁ ପ୍ରସେସିଂ ଫି ଓ ହିଡେନ୍ ଚାର୍ଜେସ୍ ସହ ଉଚ୍ଚ ହାରରେ ସୁଧ ଅସୁଲ କରାଯାଉଛି। ବିଶେଷକରି ସ୍ୱଳ୍ପ ଆୟକାରୀ ଓ ଦୁର୍ବଳ ବର୍ଗର ଲୋକଙ୍କୁ ଟାର୍ଗେଟ କରାଯାଉଛି। ଏପରି କି ଲ୍ୟାଣ୍ଡର୍ସ ଋଣ ଗ୍ରହୀତାଙ୍କ କଣ୍ଟାକ୍ଟ ନମ୍ବର, ଫଟୋ, ଭିଡିଓ ଭଳି ବ୍ୟକ୍ତିଗତ ଅନ୍ତରଙ୍ଗ ତଥ୍ୟ ହାତେଇ ପରବର୍ତ୍ତୀ ସମୟରେ ସେମାନଙ୍କୁ ବ୍ଲାକ୍‌ମେଲ ଓ ହଇରାଣ କରୁଛନ୍ତି। ଭାରତରେ ଏହି ବେଆଇନ ଆପ୍ ଜରିଆରେ ଋଣ ନେଇଥିବା ଅନେକ ବ୍ୟକ୍ତି ଆତ୍ମହତ୍ୟା କରିଥିବାର ବହୁ ନଜିର ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆହୁରି କହିଛି, ଏପରି ବେଆଇନ ଲ୍ୟାଣ୍ଡିଂ ଆପ୍ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ରେଗୁଲେଟେଡ୍ ଏନ୍‌ଟିଟିଜ୍ (ଆର୍‌ଇ) ହୋଇ ନ ଥିବାରୁ ସେଗୁଡ଼ିକ ଏସ୍‌ଏମ୍‌ଏସ୍, ଡିଜିଟାଲ ବିଜ୍ଞାପନ, ଚାଟ୍ ମେସେଞ୍ଜର୍ସ ଏବଂ ମୋବାଇଲ୍ ଆପ୍ଲିକେଶନ୍ ଷ୍ଟୋରର ଫାଇଦା ଉଠାଇ ଲାଭବାନ ହେଉଛନ୍ତି। ଋଣ ଗ୍ରହୀତାମାନଙ୍କୁ ଲୋନ୍ ନେବା ପୂର୍ବରୁ ନିଜର କଣ୍ଟାକ୍ଟସ୍, ଲୋକେଶନ ଓ ଫୋନ୍ ଷ୍ଟୋରେଜ ସମ୍ପର୍କିତ ଡେଟା ଦେବାକୁ ପଡ଼ିଥାଏ। ଏପରି ସମ୍ବେଦନଶୀଳ ତଥ୍ୟକୁ ନେଇ ଲ୍ୟାଣ୍ଡର୍ସ ସେମାନଙ୍କୁ ହଇରାଣ କରିଥାଆନ୍ତି, ଯାହାକି ଆର୍‌ବିଆଇର ଫେୟାର ପ୍ରାକ୍ଟିସେସ୍ କୋଡ୍‌ର ଖୋଲାଖୋଲି ଉଲ୍ଲଂଘନ। ତେଣୁ ଏପରି ସଙ୍ଗଠିତ ଅପରାଧ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏଭଳି ଆପ୍‌ଗୁଡ଼ିକୁ ବର୍ଜନ କରିବା ପାଇଁ ଜିଲା ସ୍ତରରେ ସଚେତନତା ସୃଷ୍ଟି ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାଗୁଡ଼ିକର ତଦନ୍ତ କରି ଚାଇନା ନିୟନ୍ତ୍ରିତ ଲୋନ୍ ଆପ୍‌ଗୁଡ଼ିକର ୯.୨୦ କୋଟି ଟଙ୍କା ଫ୍ରିଜ୍ କରିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ବାଡ଼ ହୋଇ ଯେବେ ଖାଏ ବେଉଷା,
ବିରାଡ଼ି ହୋଇ ଯେବେ ନ ମାରେ ମୂଷା,
ରାଜା ହୋଇ ଯେବେ ଦଣ୍ଡଇ ଚଷା,
କହ କି ହୁଅଇ ସେ ଦେଶର ଦଶା ।

ବାଡ଼ ଫସଲକୁ ସୁରକ୍ଷା ଦେଇଥାଏ, ପରନ୍ତୁ ବାଡ଼ ଯଦି ଫସଲ ଖାଏ ତେବେ ଏହାଠୁ ବଳି ବିଡ଼ମ୍ବନା ଓ ଦୁର୍ଭାଗ୍ୟର ବିଷୟ ଆଉ କିଛି ହୋଇ ନ ଥାଏ। ବିରାଡ଼ି ଯଦି ମୂଷା ନ ମାରେ ତା'ହେଲେ ମୂଷାଙ୍କ ବଂଶ ବଢ଼ିଯିବା ସହ ତାଙ୍କ ପ୍ରାଦୁର୍ଭାବ ବଢ଼ିଯାଏ। ପରୋକ୍ଷରେ ଦୁଷ୍ଟ ଲୋକଙ୍କୁ ଦମନ କରା ନ ଗଲେ ତାଙ୍କ ଦୌରାତ୍ମ୍ୟ ବଢ଼ିଯାଏ। ସେହିପରି ରାଜା ବା ପ୍ରଶାସକ ଅନ୍ୟାୟରେ ଚାଷୀଙ୍କଠାରୁ କର ଆଦାୟରେ ଲିପ୍ତ ରହିଲେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଥାଏ। ଏପରି ଅବସ୍ଥା ଦେଶର ପ୍ରଗତି ପ୍ରତି ବାଧା ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆମ୍ବୁଲାନ୍ସ ରଖି ମୂଲଚାଲ, ନବଜାତକ ଜୀବନ ଗଲା

**ଅନୁଗୋଳ ଅଫିସ, ୩୦।୧୦**

- କଟକ ଯିବା ରାସ୍ତାରେ ୩ ସ୍ଥାନରେ ଅଟକିଲା ଗାଡ଼ି
- ଶିଶୁ ଭବନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- କାର୍ଯ୍ୟାନୁଷ୍ଠାନ ଦାବି କଲେ ଶିଶୁଙ୍କ ସମ୍ପର୍କୀୟ

ହାତଗୁଞ୍ଜା ନ ଦେଲେ ଗଡ଼ୁନି ୧୦୮ ଆମ୍ବୁଲାନ୍ସ। ଡ୍ରାଇଭର ଏବଂ ସହାୟକ ବେପରୁଆ ଢଙ୍ଗରେ ମନଇଚ୍ଛା ରାସ୍ତାରେ ଅଟକାଇ ଦେଉଛନ୍ତି ଗାଡ଼ି। ରୋଗୀ ସମ୍ପର୍କୀୟଙ୍କଠାରୁ ମୂଲଚାଲ ମଧ୍ୟ କରିବାକୁ ପଛାଉନାହାନ୍ତି। ରୋଗୀଙ୍କୁ ଡାକ୍ତରଖାନା ପହଞ୍ଚାଇବା ଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ସେମାନଙ୍କ ଏଭଳି ବ୍ୟବହାର ମାନସିକ ନିର୍ଯାତନା ଦେଉଥିବାବେଳେ ଅନେକ କ୍ଷେତ୍ରରେ ଚାଲିଯାଉଛି ଜୀବନ। ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି କାର୍ଯ୍ୟ ପାଇଁ ଅନୁଗୋଳ ଜିଲା ଜରପଡ଼ା ଥାନା ଟାଇଁସି ହିଞ୍ଜାଡ଼ୋଳ ଗ୍ରାମର ଜଣେ ନବଜାତ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି, ଯାହା ଆଲୋଡ଼ନ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ହିଞ୍ଜାଡ଼ୋଳ ଗ୍ରାମର ସଞ୍ଜୟ ପ୍ରଧାନଙ୍କ ସ୍ତ୍ରୀ ମମତାଙ୍କ ପ୍ରସବ ବେଦନା ହେବାରୁ ଗତ ଶୁକ୍ରବାର ପରିବାର ଲୋକେ ବନ୍ତଲା ମେଡିକାଲକୁ ଆଣିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ଶନିବାର ସକାଳେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରେ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ନବଜାତକ ଅସୁସ୍ଥ ଥିବାରୁ ତାଙ୍କୁ ଏସ୍ଏନ୍ସିୟୁରେ ଥିବା ଆଇସିୟୁରେ ରଖାଯାଇଥିଲା। ଅବସ୍ଥା ଗୁରୁତର ହୋଇପଡ଼ିବାରୁ ରାତି ପ୍ରାୟ ୧୧ଟାରେ କଟକ ଶିଶୁ ଭବନକୁ ରେଫର କରାଯାଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିବା ପରେ ଗାଡ଼ି (ନଂ. ଓଡ଼ି ୦୨ ବିଜେ ୯୭୩୧) ଆସି ପହଞ୍ଚିଥିଲା। ଏହାପରେ ଶିଶୁଙ୍କୁ ନେଇ କଟକ ଅଭିମୁଖେ ବାହାରିଥିଲେ। ତେବେ ଯିବା ପୂର୍ବରୁ ଆମ୍ବୁଲାନ୍ସ କର୍ମଚାରୀମାନେ ଚା' ପାଣି ଖର୍ଚ୍ଚ ବାବଦକୁ ୩୦୦ ଟଙ୍କା ନେଇଥିଲେ। ଏହାପରେ ରାସ୍ତାରେ ୩ ସ୍ଥାନରେ ଗାଡ଼ି ଅଟକାଇଥିଲେ। ଏଭଳି କି ଆଠଗଡ଼ ନିକଟରେ ପାଖାପାଖି ଅଧଘଣ୍ଟା ଗାଡ଼ି ଅଟକାଇ ୧,୦୦୦ ଟଙ୍କା ମାଗିଥିଲେ। ଅନ୍ୟ ଗାଡ଼ିରେ ଆସିଥିଲେ ୫,୦୦୦ରୁ ୬,୦୦୦ଟଙ୍କା ପଡ଼ିଥାନ୍ତା। ଅନ୍ୟୂନ ୧,୦୦୦ ଟଙ୍କା ଦେବାକୁ ସେମାନେ ଦାବି କରିଥିଲେ। ତେବେ ୧୦୮ ଆମ୍ବୁଲାନ୍ସ ନିଃଶୁଳ୍କ ହୋଇଥିବାରୁ ଏହାର ବିରୋଧ କରିଥିଲେ ଶିଶୁଙ୍କ ସହ ଯାଉଥିବା ସଞ୍ଜୟଙ୍କ ସମ୍ପର୍କୀୟ ସୁବାସ ଚନ୍ଦ୍ର ସାହୁ। ଏହା ପରେ ଗାଡ଼ି ଅତ୍ୟନ୍ତ ଧୀମା ହୋଇଯାଇଥିଲା ଏବଂ ଶିଶୁ ଭବନରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଇତିମଧ୍ୟରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାହାର ମୃତ୍ୟୁ ହୋଇଯାଇଥିଲା ବୋଲି ସୁବାସ କହିଛନ୍ତି। ଏ ସଂକ୍ରାନ୍ତରେ ମୃତକଙ୍କ ପରିବାର ଲୋକ ତୁରନ୍ତ ୧୦୮ ଆମ୍ବୁଲାନ୍ସ କଲ୍ ସେଣ୍ଟରକୁ ଫୋନ୍ କରି ପଚାରିଥିଲେ ଏବଂ କର୍ମଚାରୀଙ୍କ ଲାଞ୍ଚଖୋର ମନୋଭାବ ସମ୍ପର୍କରେ କହିଥିଲେ। କଲ୍ସେଣ୍ଟର ଅଧିକାରୀ ଫୋନ୍ କନ୍ଫରେନ୍ସରେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଘଟଣାର ସତ୍ୟାସତ୍ୟ ପଚାରିଥିବାବେଳେ ଏହାକୁ ସେମାନେ ଟାଳି ଦେଇଥିଲେ। ଏ ନେଇ ଅନୁଗୋଳ ୧୦୮ ଆମ୍ବୁଲାନ୍ସର ଜିଲା କ୍ଲଷ୍ଟର ମ୍ୟାନେଜର ତ୍ରିନାଥ ବିଶ୍ୱାଳ କହିଛନ୍ତି, ଏଭଳି ଅଭିଯୋଗ ତାଙ୍କ ନିକଟକୁ ଆସିନାହିଁ। ଏହା ଏକ ସମ୍ବେଦନଶୀଳ ଘଟଣା। ଏହାର ତଦନ୍ତ କରାଯିବ। ଏ ନେଇ ମୃତକଙ୍କ ପରିବାର ଲୋକେ ୧୦୮ କଲ୍ ସେଣ୍ଟରରେ ଅଭିଯୋଗ କରିଥିଲେ ମେଲ୍ ଆସିବ। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଭୁଶୁଡ଼ିଲା ବ୍ରିଟିଶ ...

ପୋଲଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ କରିଥିଲେ। ଏହାର ରକ୍ଷଣାବେକ୍ଷଣର ଦାୟିତ୍ୱ ପୂର୍ତ୍ତ ବିଭାଗ ଅଧୀନରେ ଥିଲେ ମଧ୍ୟ ଏଥିପ୍ରତି ବିଭାଗ ଗୁରୁତ୍ୱ ଦେଉ ନ ଥିଲା। ଫଳରେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସହରଠାରୁ ୪ କି.ମି. ଦୂର ଭାଗୀରଥି ପାର୍କ ନିକଟରେ ବଡ଼ଯୋର ନାଳ ଉପରେ ଥିବା ପୋଲ ରବିବାର ଅପରାହ୍ନ ୩ଟାରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ସେହି ସମୟରେ ଯାଉଥିବା ୨ଟି ଚଳନ୍ତା କାର ପୋଲ ତଳକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଓ ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୋଟିଏ କାର (ନଂ.ଓଡି୩୩ଏ-୬୮୦୭)ରେ ନବରଙ୍ଗପୁର ଜିଲାର ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଅଜିତ ନାୟକ, ତାଙ୍କ ସ୍ତ୍ରୀ ସଂଯୁକ୍ତା, ଝିଅ ପ୍ରତ୍ୟାଷା, ପୁଅ ପ୍ରତ୍ୟୁଷ ଓ ଭାଇ ସଞ୍ଜୀବ ରହିଥିଲେ। ଦୁର୍ଘଟଣାରେ ପ୍ରତ୍ୟାଷାଙ୍କ ଗୋଡ଼ ଭାଙ୍ଗିଯାଇଥିବାବେଳେ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି। ସେହିପରି ପ୍ରତ୍ୟୁଷର ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି। ପୁଅ ପ୍ରତ୍ୟୁଷ ଭବାନୀପାଟଣା ବିକାଶ କଲେଜରେ ପଢୁଥିବାବେଳେ ରବିବାର ଛୁଟି ଥିବାରୁ ପରିବାର ଲୋକ ତାଙ୍କୁ ଦେଖା କରିବାକୁ ଆସିଥିଲେ। ପରିବାରର ସମସ୍ତେ ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଖାଇ ଫୁର୍ଲିଝରଣ ବୁଲିବାକୁ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ଅନ୍ୟ ଏକ କାର (ନଂ.ଓଡି୩୩-ଟି-୧୦୮୮)ରେ ଭବାନୀପାଟଣା ସହରର ଗଣେଶ ପ୍ରସାଦ ପାଢୀ, ସସ୍ମିତା ପାଢୀ ଓ ଅସ୍ମିତ ପାଢୀ ରହିଥିଲେ। ସେମାନେ ମଧ୍ୟ ଫୁର୍ଲିଝରଣ ଜଳପ୍ରପାତକୁ ବୁଲିବାକୁ ଯାଉଥିଲେ। ଏହି ଦୁର୍ଘଟଣାରେ ପରିବାରର ସମସ୍ତେ ଆହତ ହୋଇଛନ୍ତି। ବ୍ରିଜ୍ ଭୁଶୁଡ଼ିବା ନେଇ ଭବାନୀପାଟଣା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ବାବୁଙ୍କୁ ପଚରାଯିବାରେ ଏହି ପୋଲ ୧୯୨୦ରୁ ୧୯୩୦ ମସିହା ମଧ୍ୟରେ ନିର୍ମାଣ ହୋଇଥିଲା। ଏହାର ପିଲରଗୁଡ଼ିକ ଇଟାରେ ନିର୍ମାଣ ହୋଇଥିଲା। ପିଲର ଓ ସ୍ଲାପ ଦୁର୍ବଳ ନ ଥିଲା। କିନ୍ତୁ ପୋଲର ଫାଉଣ୍ଡେଶନ ଦବିଯିବାରୁ ଏହା ଭୁଶୁଡ଼ି ପଡ଼ିଛି। ଏହି ପୁରୁଣା ବ୍ରିଜ୍ର ସର୍ଭେ କରିଥିଲୁ, ଏଠାରେ ନୂଆ ପୋଲ କରିବା ଯୋଜନା ରହିଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି।

## ଖସିପଡ଼ିଲା ଝୁଲାପୋଲ...

ଭୁଶୁଡ଼ିପଡ଼ିଥିଲା। ଫଳରେ ବ୍ରିଜ୍ ମଧ୍ୟଭାଗରେ ଥିବା ପ୍ରାୟ ୩୫୦ ଜଣ ନଦୀକୁ ଖସିପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୮୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରାଯାଉଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା ଓ ଶିଶୁ। କେଉଁ କାରଣରୁ ବ୍ରିଜ୍ ଭୁଶୁଡ଼ିଲା ତାହା ଜଣାପଡ଼ିନାହିଁ। ଏହାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ପିଏମ୍ଏନ୍ଆର୍ଏଫ୍ରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ଦିଆଯିବ ବୋଲି କହିଛନ୍ତି। ରାଜକୋଟ ଓ ସୁରେନ୍ଦ୍ରନଗରରୁ ଉଦ୍ଧାରକାରୀ ଟିମ୍ ଦୁର୍ଘଟଣାସ୍ଥଳକୁ ବାହାରିଥିବା ସ୍ଥାନୀୟ ବିଧାୟକ ଓ ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ବ୍ରଜେଶ ମେର୍ଜା କହିଛନ୍ତି। ଏନ୍ଡିଆର୍ଏଫ୍ ମହାନିର୍ଦ୍ଦେଶକ ଅତୁଲ କରୱାଲ କହିଛନ୍ତି, ମୋଟ ୩ଟି ଟିମ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ପଠାଯାଇଥିବାବେଳେ ଆଉ ଏକ ଟିମ୍କୁ ପଠାଯିବ। ଅନ୍ୟପକ୍ଷେ ଭାଜପାର ଅବହେଳା ଯୋଗୁ ବ୍ରିଜ୍ ଭୁଶୁଡ଼ି ଏତେ ଲୋକଙ୍କ ଜୀବନ ଚାଲିଗଲା ବୋଲି ସିପିଆଇଏମ୍ ଏମ୍ପି ବିନୟ ବିଶ୍ୱମ୍ ସମାଲୋଚନା କରିଛନ୍ତି। ସେହିପରି କଂଗ୍ରେସ ନେତା ରଣଦୀପ ସୁର୍ଜେୱାଲା କହିଛନ୍ତି, ଏହା ଏକ ମାନବକୃତ ବିପତ୍ତି। ଗୁଜରାଟ ସରକାର ଏହି ଅପରାଧ ଘଟାଇଛନ୍ତି। ପ୍ରଧାନମନ୍ତ୍ରୀ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରି ନିଜ ଉତ୍ତରଦାୟିତ୍ୱରୁ ପଳାୟନ କରିପାରିବେ ନାହିଁ।

## ବମିଖାଲରୁ ବଲାଙ୍ଗୀର ...

**-୯ ସେପ୍ଟେମ୍ବର ୨୦୨୧:** ସମ୍ବଲପୁର ଜିଲା କୁଚିଣ୍ଡା ସହର ନିକଟ ୪୯ ନଂ. ଜାତୀୟ ରାଜପଥରେ ଥିବା ଝୁଲେନ ପୋଲ (ଲୁହା ବ୍ରିଜ୍) ଭୁଶୁଡ଼ି ପଡ଼ିଥିଲା। ଏକ ପଥର ବୋଝେଇ ଡମ୍ପର ଉକ୍ତ ପୋଲ ଦେଇ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ପୋଲର କଂକ୍ରିଟ୍ ଅଂଶ ସହ ଡମ୍ପର ତଳକୁ ଖସି ପଡ଼ିଥିଲା। ଏଥିରେ ଡମ୍ପର ଚାଳକ ଗୁରୁତର ଆହତ ହୋଇଥିଲେ।

**-୯ ମାର୍ଚ୍ଚ ୨୦୨୨:** କଟକ ଛତ୍ରବଜାରରୁ ମାଲ୍ଗୋଦାମକୁ ସଂଯୋଗ କରୁଥିବା ପୁରୁଣା ପୋଲର ମରାମତି କାର୍ଯ୍ୟ ଚାଲିଥିବାବେଳେ ସାଇଡ୍ ୱାଲ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ୩ଜଣ ମାଟି ତଳେ ଚାପି ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଜଣେ ଗୁରୁତର ଆହତ ହୋଇଥିଲେ।

**-୧୦ ଅଗଷ୍ଟ ୨୦୨୨:** ନୂଆପଡ଼ା ଜିଲା ସଦର ମହକୁମାଠାରୁ ଛତିଶଗଡ଼କୁ ସଂଯୋଗ କରୁଥିବା ଜୋଙ୍କ ନଦୀ ବ୍ରିଜ୍ ସାରାବଙ୍ଗଠାରେ ଭାଙ୍ଗିଯାଇଥିଲା। ପ୍ରବଳ ବର୍ଷା ଯୋଗୁ ଏହି ଅଘଟଣ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଗାଁ ସମେତ ଛତିଶଗଡ଼କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।

**-୧୬ ଅଗଷ୍ଟ ୨୦୨୨:** କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ବଙ୍ଗଳାଗୁଡ଼ା-ଲେନ୍ଦିରିମାଳିଗୁଡ଼ା ମଧ୍ୟରେ ଥିବା ଏକ ପୁରୁଣା ବ୍ରିଜ୍ ଭୁଶୁଡ଼ିପଡ଼ିଥିଲା। ଲଗାଣ ବର୍ଷା ଯୋଗୁ ବ୍ରିଜ୍ ଭାଙ୍ଗି ଖସିଯିବାରୁ କୋରାପୁଟ ଓ ପୋଡ଼ାଗଡ଼ ମଧ୍ୟରେ ଯାତାୟାତ ବନ୍ଦ ହୋଇଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଏହି ବ୍ରିଜ୍ର ଏକ ପାର୍ଶ୍ୱରେ ଦୀର୍ଘଦିନ ହେଲା ଫାଟ ରହିଥିଲା। କିନ୍ତୁ ତାହାର ମରାମତି କରା ନ ଯିବାରୁ ଏହି ଅଘଟଣ ଘଟିଥିଲା ବୋଲି ସ୍ଥାନୀୟ କ୍ଷୋଭ ପ୍ରକାଶ କରିଥିଲେ।

ରାଜ୍ୟର ଅନେକ ସ୍ଥାନରେ ନିର୍ମାଣାଧୀନ ଅବସ୍ଥାରେ ବ୍ରିଜ୍ ଭୁଶୁଡ଼ି ଧନଜୀବନ ହାନି ହେବା ଭଳି ଘଟଣା ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ୧୦ ସେପ୍ଟେମ୍ବର ୨୦୧୭ରେ ରାଜଧାନୀ ଭୁବନେଶ୍ୱରରେ ଚହଳ ପଡ଼ିଯାଇଥିଲା। ନିର୍ମାଣାଧୀନ ବମିଖାଲ ଓଭରବ୍ରିଜ୍ର କଂକ୍ରିଟ୍ ଛାତ ପଡୁଥିବାବେଳେ ତାହା ୨୫ ଫୁଟ ତଳକୁ ଖସିପଡ଼ିଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଜଣେ ଶିଶୁ ସମେତ ୧୦ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଏହି ଓଭରବ୍ରିଜ୍କୁ ପଣ୍ଡା ଇନ୍ଫ୍ରା ସଂସ୍ଥା ନିର୍ମାଣ କରିଥିବାବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲା। ଅଘଟଣ ପରେ ରାଜ୍ୟ ସରକାର ୨ଜଣ ଯନ୍ତ୍ରୀଙ୍କୁ ନିଲମ୍ବିତ କରିଥିଲେ। ଏହାର କିଛିଦିନ ପରେ ଅର୍ଥାତ୍ ୨୦୧୭ ସେପ୍ଟେମ୍ବର ୨୪ରେ ବରଗଡ଼ ଜିଲା ଜୀରା ନଦୀରେ ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ିପଡ଼ିବାରୁ ୭ଜଣ ଆହତ ହୋଇଥିଲେ। ୨୦୧୮ ଅକ୍ଟୋବର ୧୪ରେ ସୁନ୍ଦରଗଡ଼ର ଦାତ୍ରମ୍ ନାଳ ଉପରେ ତିଆରି ଚାଲିଥିବା ଏକ ବ୍ରିଜ୍ର ସ୍ଲାବ୍ ଖସିପଡ଼ିବାରୁ ୩୦ ଆହତ ହୋଇଥିଲେ। ସେହିପରି ବାଲେଶ୍ୱରର ଫୁଲାଡ଼ି ଛକ ନିକଟ ବୁଢ଼ାବଳଙ୍ଗ ନଦୀରେ ନିର୍ମାଣାଧୀନ ଏକ ପୋଲର ସେଣ୍ଟ୍ରିଂ ୨୦୨୦ ମେ ୨୧ ତାରିଖରେ ଭୁଶୁଡ଼ି ପଡ଼ିଥିଲା। ଅବହେଳା ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ୨୦୨୧ ଜାନୁୟାରୀ ୧୦ରେ ନବରଙ୍ଗପୁର ଜିଲା ବଡ଼କୁମାରୀ ପଞ୍ଚାୟତ ଅଧୀନ ତାଲାପଦର ନାଗୀନଦୀ ଉପରେ ବିଜୁ ସେତୁ ଯୋଜନାରେ ତିଆରି ଚାଲିଥିବା ବ୍ରିଜ୍ର ୪ର୍ଥ ସ୍ଲାବ୍ ଖସି ପଡ଼ିଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୩ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଘଟଣାକୁ ନେଇ ତତ୍କାଳୀନ ଉନ୍ନୟନ କମିଶନର ପ୍ରଦୀପ ଜେନା ଆପରାଧିକ ମାମଲା ରୁଜୁ କରି ଠିକାଦାର ଆଶିଷ ବିଶ୍ୱାଳ, ଏସ୍ଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରିବା ପାଇଁ ନବରଙ୍ଗପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଚନ୍ଦ୍ରଗ୍ରହଣ ନୀତି ...

ନୀତିକାନ୍ତିକୁ ନେଇ ଏବେ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଗ୍ରହଣର ପୂର୍ବଦିନ ଅର୍ଥାତ ୭ତାରିଖ ରାତି ୧୨ଟା ୧୦ ମିନିଟରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ନୀତି ଆରମ୍ଭ ହେବ। ଦ୍ୱାରଫିଟା ପରେ ୧୨ଟା ୨୫ରେ ଭିତରଶୋଧ, ୧୨ଟା ୩୦ରେ ମଙ୍ଗଳଆଳତି, ୧୨ଟା ୫୦ରେ ମଇଲମ ଓ ତଡ଼ପଲାଗି, ୧ଟା ୩୦ରେ ଅବକାଶ, ୨ଟାରେ ରୋଷ ହୋମ, ୨ଟା ୪୦ରେ ସୂର୍ଯ୍ୟପୂଜା, ୩ଟାରେ ଦ୍ୱାରପାଳ ପୂଜା ଓ ରାଜାଧିରାଜ ବେଶ, ୩ଟା ୩୦ରେ ଗୋପାଳବଲ୍ଲଭ, ୩ଟା ୫୦ରୁ ଭୋର ୪ଟା ୫୦ରେ ସକାଳଧୂପ, ଭୋର ୫ଟାରେ ବାଲଭୋଗ ଓ ଭୋଗମଣ୍ଡପ, ୫ଟା ୪୦ରେ ବନ୍ଦାପନା, ସକାଳ ୭ଟା ୩୦ରେ ଭୋଗମଣ୍ଡପ ଓ ସକାଳ ୭ଟା ୪୦ରେ ମଇଲମ ହୋଇ ନୀତି ସ୍ଥଗିତ ରହିବ। ସେହିପରି ସକାଳ ୮ଟା ୨୯ ମିନିଟ୍ଠାରୁ ପାକତ୍ୟାଗ ସହ ଦେବନୀତି ନିଷେଧ ପାଇଁ ସୂଚନା ଦିଆଯାଇଛି। ତେବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶଙ୍କ ମତରେ ଅପରାହ୍ନ ୨ଟା ୩୮ ମିନିଟ୍ ୧୪ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହେବ। ତେଣୁ ନିୟମ ଅନୁଯାୟୀ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ଅର୍ଥାତ ଭୋର ୫ଟା ୫୪ ମିନିଟ୍ ୫୩ ସେକେଣ୍ଡଠାରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ ହେବା କଥା। ଏନେଇ ସଂଶୋଧିତ ପାଞ୍ଜିରେ ଉଲ୍ଲେଖ ରହିଛି। ତେବେ ପୂର୍ବରୁ ରାଧାରମଣ ପ୍ରେସ୍ ଦ୍ୱାରା ପ୍ରସ୍ତୁତ ବିଶୁଦ୍ଧ ଖଡ଼ୀରତ୍ନ ପଞ୍ଜିକାରେ ଏ ସଂକ୍ରାନ୍ତରେ ଭୁଲ ତଥ୍ୟ ପ୍ରକାଶିତ ହୋଇଥିଲା। ପରେ ତାକୁ ସଂଶୋଧନ କରାଯାଇଛି। ପାଞ୍ଜିରେ ସଂଶୋଧନ ହୋଇଥିବା ସମୟକୁ ଶ୍ରୀମନ୍ଦିର ପ୍ରଶାସନ ଦେଖି ନ ଥିବାରୁ ଏପରି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ସେହିପରି ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସମହାପାତ୍ରଙ୍କ କହିବା ଅନୁଯାୟୀ ଚନ୍ଦ୍ରଗ୍ରହଣ ନୀତିନିର୍ଘଣ୍ଟକୁ ନେଇ ଦିନେ କି ଦୁଇଦିନ ମଧ୍ୟରେ ଶ୍ରୀମନ୍ଦିର ନୀତି ସବ୍କମିଟି ଓ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇ ପୁନର୍ବାର ନୀତିନିର୍ଘଣ୍ଟ କରାଯିବ। ଯାହାଫଳରେ ଦେଖାଯାଇଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିବ। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପୁଣିଥରେ ସମସ୍ତ ନିଯୋଗର ସଭାପତି ଓ ସମ୍ପାଦକମାନଙ୍କ ସହ ଚନ୍ଦ୍ରଗ୍ରହଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯିବ ଏବଂ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ନୀତିକାନ୍ତି ଠିକ୍ ସମୟରେ ସମାପନ କରାଯିବାକୁ ପଦକ୍ଷେପ ନିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ କାମ ହାସଲରେ ଆକସ୍ମିକ ବାଧା ଉପୁଜିବ। ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିବେ ଏବଂ ମାନସିକ ସ୍ଥିତି ଭଲ ରହି ନ ପାରେ। କୃତ୍ତିକାର ପଡ଼ୋଶୀଙ୍କ ସହାୟତାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ଟଣାଓଟରା ଦେଖାଦେଇପାରେ।

**ବୃଷ** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ବିଳମ୍ବରେ ପାଇବେ। ଅଫିସରେ କିମ୍ବା ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟିରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ରୋହିଣୀର ଆନୁଷ୍ଠାନିକ କାର୍ଯ୍ୟରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ** ପ୍ରୟୋଗାତ୍ମକ କୌଶଳ ମାଧ୍ୟମରେ ପ୍ରତ୍ୟେକ କାମରେ ସଫଳତା ପାଇବେ। କଳେବଳେ କୌଶଳେ ଅର୍ଥ ପାଇବାର ଆଶା ଚରିତାର୍ଥ କରିପାରନ୍ତି। ଅସୁବିଧାରେ ପଡ଼ିଥିବା ଲୋକଟି ପ୍ରତି ଦୟାଭାବ ଦେଖାଇ ଅନ୍ୟମାନଙ୍କ ପ୍ରଶଂସାଭାଜନ ହେବେ। ପୁନର୍ବସୁ ସହକର୍ମୀଙ୍କ ସାହାଯ୍ୟ ବିନା କାମ ହାସଲ କରିବା କଷ୍ଟକର ହେବ।

**କର୍କଟ** ପରିବର୍ତ୍ତିତ ପରିସ୍ଥିତିରେ ପଡ଼ି ଦୁଃସାହସିକ କାମକରି ସଫଳତା ପାଇବେ। ଆଦୌ ପଢୁ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପଡ଼ୋଶୀଙ୍କ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ପୁଷ୍ୟା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** ବୁଝାମଣା ଅଭାବରୁ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ପୂର୍ବାଫାଲଗୁନୀ ନକ୍ଷତ୍ରର ଋଣ ପରିଶୋଧର ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ନିଜ ପରିସରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ। ସଭାସମିତିରେ ସମ୍ମାନିତ ହେବେ କିନ୍ତୁ ଏଥିପାଇଁ ଲବି କରିବାକୁ ପଡ଼ିପାରେ।

**କନ୍ୟା** ପାରିବାରିକ ଅଶାନ୍ତି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ହସ୍ତା ନକ୍ଷତ୍ରର ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବ। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ। ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ।

**ତୁଳା** ଯାତ୍ରା କାଳରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭରୁ ଖୁସି ହେବେ। ଚିତ୍ରା ନକ୍ଷତ୍ର ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରଶାସନିକ ସ୍ତରରେ ଆଲୋଚନା ମଧ୍ୟ ଫଳପ୍ରଦ ହେବ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। କୌଣସି ନୂତନ କାମରେ ବନ୍ଧୁମାନେ ସହଯୋଗର ହାତ ବଢ଼ାଇବେ। ଜ୍ୟେଷ୍ଠା ନକ୍ଷତ୍ରର ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଅଶାନ୍ତି ଲାଗିରହିବା ପଛରେ ପାରିବାରିକ ମତାନ୍ତର ହିଁ ମୁଖ୍ୟ କାରଣ ହେବ।

**ଧନୁ** କୌଣସି ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ମୂଳା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ପଡ଼ୋଶୀମାନେ କଣ୍ଟାବାଡ଼ରେ ଲୁଗାଛାଟି କଳହ କରିବାର ଉପକ୍ରମ କରିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ମକର** ଆପଣ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ବନ୍ଧୁଙ୍କ ସକାଶେ ଶ୍ରବଣା ନକ୍ଷତ୍ରର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ପ୍ରତ୍ୟେକ କାମରେ କିଛିନା କିଛି ଅସୁବିଧା ରହିଥିବାର ଉପଲବ୍ଧି କରିବେ। ଶତଭିଷା ନକ୍ଷତ୍ର ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ଉତ୍ତରଭାଦ୍ରବ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ବନ୍ଧୁ ଓ ପ୍ରିୟଜନଙ୍କ ନିମନ୍ତ୍ରଣ କ୍ରମେ ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଅକ୍ଟୋବର ୩୧ ତାରିଖ, କାର୍ତ୍ତିକ ଶୁକ୍ଳ ସପ୍ତମୀ ସୋମବାର, ମୁକ୍ତିମଣ୍ଡପର ଷୋଳଶାସନ ଭୋଗ, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ସତର୍କତା ସଚେତନତା ସପ୍ତାହ ଆରମ୍ଭ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଘ.୧୧/୨୩ ଗତେ, ମକର ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫/୫୦ ଗତେ, ଘ.୦୭/୧୫ ମଧ୍ୟେ, ଘ.୦୮/୫୧ ଗତେ, ଘ.୧୧/୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୧୫ ଗତେ,ଘ.୦୮/୪୦ ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ଗ୍ୟାରେଜ ଛକରେ **30** ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। **9827119799.** D-1883

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.** D-74141

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

**Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685.** D-1806




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

**Relax, Refresh your body, Mind at Saikrupa Spa with best therapies. 8984068077.** D-1863

Newly open full body massage ladies and gents. 8327740003, 8093860513. D-73992

**LOST**

Repokit No.- UTJEC 591552, UTJEC 591566, GSPED 731471, GSPED 731507, GSPED 732261, PGYED 817856, PGYED 817868, PGYED 817867, PGYED 816375 has been lost in Vani Vihar to Mancheswar on dated 02.10.2022. Bajaj Finance Ltd. will not held responsible for any claim on the above Repokit. If anybody found the above Repokit-please contact M/s. Jyotirmay Sasmal, Mob: 9861200001. D-70295

**AFFIDAVIT**

I, Aparna Ashok Surve, D/o Ashok Laxman Surve born on 16th Oct, 1992, residing at HNo-57, Ratnakar Bagh-1, Tankapani Road, Bhubaneswar, Odisha-751018 have changed my name to Aparna Sahoo vide affidavit dated 7th Feb. 2022 at Bhubaneswar. D-1884

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ଶ୍ରୀ ଅତିରିକ୍ତ ଆୟୁକ୍ତ, ଚକବନ୍ଦୀ ଏବଂ ବନ୍ଦୋବସ୍ତ କୋର୍ଟ, ରାଜସ୍ୱ ପରିଷଦ, ଓଡ଼ିଶା, କଟକ
ରିଭିଜନ କେସ୍ ନମ୍ବର- 325, 326 and 327/ 2017
ପ୍ରତିମା ମହାରଣା, ସ୍ୱା- ସ୍ୱର୍ଗତ ନିରାକାର ମହାରଣା ...ବାଦୀ
ବନାମ
ଓଡ଼ିଶା ରାଜ୍ୟ ସରକାର ଏବଂ ଅନ୍ୟମାନେ
(ତହସିଲଦାର, ବାରଙ୍ଗ) ...ପ୍ରତିବାଦୀ

ନୋଟିସ

ଏତଦ୍ୱାରା ରାଜଶ୍ରୀ ସାହୁ, ସ୍ୱା- ରବିନାରାୟଣ ସାହୁ, କେଦାରନାଥ ମହାରଣା, ଭାଗୀରଥି ମହାରଣା, ପିତା- କୈଳାସ ଚନ୍ଦ୍ର ମହାରଣା, ଅଲେଖ ମହାରଣା, ପିତା- ଅଭିଳାଷ ମହାରଣା, ଶ୍ରୀବତ୍ସ ସାହୁ, ଶ୍ରୀନିବାସ ସାହୁ, ପିତା- ସ୍ୱର୍ଗତ ନିରଞ୍ଜନ ସାହୁ, ଲକ୍ଷ୍ମୀପ୍ରିୟା ଦେଈ @ ସାହୁ, ସ୍ୱା- ବାସୁଦେବ ସାହୁ, ଚର୍ଣ୍ଣଲତା ଜେନା, ସ୍ୱା- କୈଳାସ ଚନ୍ଦ୍ର ଜେନା, ବିଦ୍ୟୁତଲତା ଜେନା, ସ୍ୱା- ପୀତବାସ ଜେନା, ଗ୍ରାମ- ବିଦ୍ୟାଧରପୁର, ପୋଷ୍ଟ- ନୂଆ ବଜାର, ଥାନା- ଚାଉଳିଆଗଞ୍ଜ, କଟକ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ କୋର୍ଟର ମକଦ୍ଦମାମାନଙ୍କରେ ନୋଟିସ୍ ଆପଣମାନେ ପାଇଥିଲେ ମଧ୍ୟ ଉକ୍ତ ତାରିଖରେ ଉପସ୍ଥିତ ନ ରହିବାରୁ ଦୈନିକ ପ୍ରକାଶିତ ଖବରକାଗଜ ମାଧ୍ୟମରେ ଏହି ଅନ୍ତିମ ନୋଟିସ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଗଲା ଯେ, ଉପରୋକ୍ତ ମକଦ୍ଦମା ଗୁଡ଼ିକର ଶୁଣାଣି ଉପରୋକ୍ତ କୋର୍ଟର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୬।୧୧।୨୦୨୨ରିଖ ଦିବା (୧୦.୩୦) ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଏହି ଧାର୍ଯ୍ୟ ତାରିଖ ଓ ସମୟରେ ନିଜେ ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଦ୍ୱାରା ହାଜର ହୋଇ ମକଦ୍ଦମା ତଦବିର କରିବେ, ଅନ୍ୟଥା ମକଦ୍ଦମା ଆଇନ ଅନୁଯାୟୀ ବିଚାର କରାଯିବ। ଉକ୍ତ କେସ୍ର ତହସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

(ଜମିର ବିବରଣୀ)

ମୌଜା- ବିଦ୍ୟାଧରପୁର, ଥାନା- କଟକ ସଦର (ଚାଉଳିଆଗଞ୍ଜ), ଥାନା ନମ୍ବର- 69, ତହସିଲ-କଟକ, ତହସିଲ ନମ୍ବର- 241

| ରିଭିଜନ କେସ୍ ନଂ. | ସାବିକ୍ ଖାତା ନମ୍ବର | ସାବିକ୍ ପ୍ଲଟ୍ ନମ୍ବର | ହାଲ୍ ଖାତା ନମ୍ବର | ହାଲ୍ ପ୍ଲଟ୍ ନମ୍ବର |
|---|---|---|---|---|
| 325 | 58 | 124, 125 / 1105 | 100 | 58 |
| 326 | 58 & 57 | 125, 1105, 133, 134 | 43 | 51, 216 |
| 327 | 57 & 58 | 134, 124, 125 / 1105, 133 | 35 | 54, 55, 56, 57 |

ଉକ୍ତ ତଫସିଲଭୁକ୍ତ ଜମି ଉପରେ ଯଦି ଅନ୍ୟ କୌଣସି ବ୍ୟକ୍ତି ବା ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥ କିମ୍ବା କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖରେ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମାମଲା ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜାତ୍ ଦର୍ଶାଇ ନିଜର ପକ୍ଷ ଉପସ୍ଥାପନ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ସ୍ୱାକ୍ଷର./-କୋର୍ଟ ଅଫିସର, (ଜଏଣ୍ଟ କମିଶନର) ଚକବନ୍ଦୀ ଏବଂ ବନ୍ଦୋବସ୍ତ କୋର୍ଟ, ରାଜସ୍ୱ ପରିଷଦ, ଓଡ଼ିଶା, କଟକ,
ଧ-୧୮୮୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୫୩,୯୪,୫୮୫ | ୬୫,୯୩,୫୯୪ | ୬୧,୪୪,୫୪,୦୨୩ |
| ଭାରତ | ୪,୪୬,୫୧,୨୬୬ | ୫,୨୯,୦୧୬ | ୪,୪୧,୦୪,୯୩୩ |
| ଓଡ଼ିଶା | ୧୩,୩୬,୦୮୬ | ୯୨୦୩(+୫୩) | ୧୩,୨୬,୫୨୪ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅଳିଆ ଗାଡ଼ି ଧକ୍କାରେ ଗଲା ଜୀବନ

## ଅଧା ରହିଗଲା ପୁଅକୁ ଭେଟିବା ଇଚ୍ଛା

■ କ୍ଷତିପୂରଣ ଦାବିରେ ୩ ଘଣ୍ଟା ରାସ୍ତାରୋକୋ
■ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ବାରଙ୍ଗ, ୩୦।୧୦(ଡି.ଏନ୍.ଏ.)

ଅଧା ରହିଗଲା ପୁଅକୁ ଭେଟିବାର ଇଚ୍ଛା। ଘରଠାରୁ କିଛି ଦୂର ଏକ ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଥିବା ପୁଅ ପାଇଁ ମାଂସ ତରକାରି ନେଇ ଯାଉଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅଳିଆ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଣ୍ଟୁଆ ଆଦିବାସୀ ସାହିର ରାମ ଗାଗରେଇ(୪୬)। ରବିବାର ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗାଁ ନିକଟରେ ଏଭଳି ଦୁଃଖଦ ଘଟଣା ଘଟିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଭୁଆସୁଣୀରେ ଅଳିଆ ନ ପକାଯିବା ଦାବିରେ ଉତ୍ତ୍ୟକ୍ତ ଲୋକେ ଦାରୁଠେଙ୍ଗ ଗ୍ରାମ ନିକଟ ବାରଙ୍ଗ-ପିତାପଲ୍ଲୀ ରାସ୍ତାକୁ ୩ ଘଣ୍ଟା ଧରି ଅବରୋଧ କରିଥିଲେ।

ସୂଚନା ମୁତାବକ, ରାମଙ୍କ ପୁଅ ପଟିଆ ନିକଟ ଏକ ଘରୋଇ ଆବାସିକ ସ୍କୁଲରେ ପାଠ ପଢ଼ନ୍ତି। ପ୍ରତି ରବିବାର ପିଲାମାନଙ୍କୁ ପରିବାର ଲୋକେ ଭେଟିବାକୁ ସ୍କୁଲ ପକ୍ଷରୁ ଅନୁମତି ରହିଛି। ତେଣୁ ସକାଳେ ପୁଅକୁ ଭେଟିବା ସହ ମାଂସ ତରକାରି ଦେବା ପାଇଁ ରାମ ସାଇକେଲରେ ଆସୁଥିଲେ। ଭୁଆସୁଣୀ ଦେଇ ବାରଙ୍ଗ-ପିତାପଲ୍ଲୀ ରାସ୍ତାକୁ ଆସୁଥିବା ବେଳେ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ଯାଉଥିବା ଏକ ଟ୍ରକ୍ (ନଂ. ଓଆର ୦୯ଜି୧୬୬୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ସମିତିସଭ୍ୟ ଅଜିତ୍ କୁମାର ଶ୍ରୀଚନ୍ଦନ, ପୂର୍ବତନ ସମିତିସଭ୍ୟ ଅକ୍ଷୟ କୁମାର ପାହାଡ଼ସିଂ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ରାଉତରାୟ, ସଂଗ୍ରାମ ପ୍ରଧାନ, ତପନ ବଳିଆରସିଂଙ୍କ ନେତୃତ୍ୱରେ ଦାରୁଠେଙ୍ଗ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଭୁଆସୁଣୀରେ ଅଳିଆ ନ ପକାଯିବା ଦାବିରେ ସକାଳ ୮ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଏଥିସହ ଭୁଆସୁଣୀକୁ ଆସୁଥିବା ଅଳିଆ ବୋଝେଇ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମଧ ରାସ୍ତାରୋକୋରେ ସାମିଲ ହୋଇଥିଲେ। ଉଭୟପଟୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଚନ୍ଦକା ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଖବର ପାଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ମେୟର ସୁଲୋଚନା ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମବାସୀଙ୍କ ଦାବି ମୁତାବକ ମୃତକଙ୍କ ପରିବାକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାର ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ଚାକିରି ଏବଂ ଅଳିଆ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଚନ୍ଦକା ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରେ ଏସିପି ରମେଶ ବିଶୋଇ, ନନ୍ଦନକାନନ ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।


ବିଏମ୍‌ସି ମେୟର ସୁଲୋଚନା ଦାସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

## ପିଜି ସିଟ୍ ପୂରଣ ପାଇଁ ୧ରୁ ଆବେଦନ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ): ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ପିଜି ସିଟ୍‌ରେ ନାମଲେଖା ପାଇଁ ପୁଣିଥରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁମାନେ ଏକକ ପିଜି ପ୍ରବେଶିକା ପରୀକ୍ଷା ଦେଇଥିଲେ, ସେମାନେ ହିଁ ଆବେଦନ କରିପାରିବେ। ସେହିଭଳି ଯେଉଁ ଛାତ୍ରୀଛାତ୍ର ପ୍ରଥମ, ଦ୍ୱିତୀୟ କିମ୍ବା ସ୍ପଟ୍ ନାମଲେଖା ସମୟରେ ନାମଲେଖାଇ ପରବର୍ତ୍ତୀ ସମୟରେ ସିଏଲ୍‌ସି ବା ୟୁଏଲ୍‌ସି ନେଇଯାଇଛନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ ନାହିଁ। ଏଥିସହ ଛାତ୍ରୀଛାତ୍ରମାନେ ଯେଉଁ ବିଷୟରେ ଏକକ ପିଜି ପ୍ରବେଶିକା ପରୀକ୍ଷା ଦେଇଥିବେ ସେମାନେ ଅନ୍ୟ କୌଣସି ବିଷୟରେ ନାମଲେଖା ଲାଗି ଆବେଦନ କରିପାରିବେନି ବୋଲି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି ହୋଇଛି। ଆସନ୍ତା ୧ ତାରିଖ ମଧ୍ୟାହ୍ନ ୧୨ଟାରୁ ୩ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସାମ୍ସ ୱେବ୍‌ସାଇଟ୍‌ରେ କମନ ଆପ୍ଲିକେଶନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଇଚ୍ଛୁକ ଛାତ୍ରୀଛାତ୍ର ଏହି ସମୟ ମଧ୍ୟରେ ଆବେଦନ କରିପାରିବେ। ୪ ତାରିଖ ଅପରାହ୍ନ ୨ଟାରେ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷା ଫଳ ସହିତ କ୍ୟାରିୟର ମାର୍କକୁ ମିଶାଇ ମୋଟ ମାର୍କର ତାଲିକା ପ୍ରକାଶ ପାଇବ। ସେହିପରି ୫ ତାରିଖରୁ ୨୧ ତାରିଖ ମଧ୍ୟରେ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ନାମଲେଖା ସମ୍ପର୍କିତ କାର୍ଯ୍ୟ ଶେଷ କରିବେ। ୨୩ରୁ ୨୫ତାରିଖ ମଧ୍ୟରେ ନାମଲେଖା ତାଲିକା ପ୍ରକାଶ ପାଇବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ପୁଣି ଉପୁଜିପାରେ ଭୁଆସୁଣୀ ଡମ୍ପିଂୟାର୍ଡ ବିବାଦ

■ ସାମୟିକ ଅଳିଆ ପକା ବନ୍ଦକଲା ବିଏମ୍‌ସି
■ ଅଗଷ୍ଟରେ ଯାଇଥିଲା ଆଉ ଏକ ଜୀବନ

ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ)

ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ରବିବାର ଆଉଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଅଗଷ୍ଟ ୮ରେ ସମାନ ଘଟଣା ପାଇଁ ୨୦ଦିନ ଧରି ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ପକାଇ ଦେଇ ନ ଥିଲେ ଦାରୁଠେଙ୍ଗ ଗ୍ରାମବାସୀ। ତେବେ ଏବେର ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପୁଣି ଉତ୍ତେଜନା ଓ ବିରୋଧ ଆରମ୍ଭ ହୋଇଛି। ସ୍ଥିତିକୁ ଦେଖି ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ସାମୟିକ ଭାବେ ଅଳିଆ ପକା ବନ୍ଦ କରିବାକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ଦାରୁଠେଙ୍ଗବାସୀଙ୍କ ସହ ପରବର୍ତ୍ତୀ ଆଲୋଚନା ହେବା ପର୍ଯ୍ୟନ୍ତ ଅଳିଆ ପକା ଯିବନାହିଁ। ସହରରୁ ବାହାରୁଥିବା ଅଳିଆକୁ ଏମ୍‌ସିସି ଏବଂ ସୈନିକ ସ୍କୁଲ ପାର୍ଶ୍ୱ ଟେମ୍ପୋରାରି ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍)ରେ ପକାଯିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ତେବେ ଏଥିରେ ଗ୍ରାମବାସୀ ଖୁସି ନାହାନ୍ତି। ସାମୟିକ ଭାବେ ନୁହେଁ, ସମ୍ପୂର୍ଣ୍ଣ ଭାବେ ଅଳିଆ ପକା ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ କହିଛନ୍ତି, ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିଲା, ଯାହାକୁ ନେଇ ଆମେ ଅଳିଆ ପକା ବନ୍ଦ କରିଥିଲୁ। ମାତ୍ର ପରେ ବିଏମ୍‌ସିକୁ ଭରସା କରି ଅଳିଆ ପକାଇବାକୁ ଅନୁମତି ଦେଇଥିଲୁ। ଫଳସ୍ୱରୂପ ଆଉ ଏକ ଜୀବନ ଯାଇଛି। ତେଣୁ ଡମ୍ପିଂୟାର୍ଡରେ ଆଉ ଅଳିଆ ପକାଇବାକୁ ଦିଆଯିବ ନାହିଁ ବୋଲି ସରପଞ୍ଚ ସଫା ସଫା ଶୁଣାଇ ଦେଇଛନ୍ତି। ଏଥିରୁ ବିଏମ୍‌ସି ଏବଂ ଦାରୁଠେଙ୍ଗବାସୀଙ୍କ ମଧ୍ୟରେ ପୁଣିଥରେ ବିବାଦ ଆରମ୍ଭ ହେବାର ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ଯଦି ପୂର୍ବଥର ପରି ଗ୍ରାମବାସୀ ଅଡି ବସନ୍ତି, ତେବେ ବିଏମ୍‌ସି ପାଇଁ ଏହା ମୁଣ୍ଡବିନ୍ଧାର କାରଣ ପାଲଟିବ। ଅପରପକ୍ଷେ ଦୁଇ ପକ୍ଷର ବିବାଦ ପାଇଁ ରାଜଧାନୀବାସୀଙ୍କୁ ପୁଣିଥରେ ଅଳିଆ ପାହାଡ଼ ଭିତରେ ରହିବାକୁ ପଡିବ।

ଅଗଷ୍ଟ ୮ରେ ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପ୍ରତିବାଦରେ ଦାରୁଠେଙ୍ଗ ଗ୍ରାମବାସୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ଛାଡି ନ ଥିଲେ। ଏପରିକି ବିଏମ୍‌ସିର କୌଣସି ଗାଡ଼ିକୁ ଗ୍ରାମ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦେଉ ନ ଥିଲେ। ଫଳରେ ସହରର ପରିମଳ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇ ଯାଇଥିଲା। ସହରରୁ ପ୍ରତିଦିନ ବାହାରୁଥିବା ଟନ୍ ଟନ୍ ଆବର୍ଜନାକୁ ସୈନିକ ସ୍କୁଲ ପାଖ ଟିଟିଏସ୍‌ଠାରେ ଗଦା କରାଯାଉଥିଲା। ମାତ୍ର ସେଠାରୁ ଅଳିଆ ସ୍ଥାନାନ୍ତର ହୋଇ ନପାରି ସ୍ଥିତି ବିଗିଡିବାରେ ଲାଗିଥିଲା। ସ୍ଥିତି ଏପରି ହୋଇଥିଲା ଯେ, ସହରର ବିଭିନ୍ନ ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟରାସ୍ତା କଡ଼ରେ ମଧ୍ୟ ଅଳିଆର ପାହାଡ଼ ଗଦା ହୋଇ ରହିଥିଲା। ବିଏମ୍‌ସି କାର୍ଯ୍ୟାଳୟରେ ଘଣ୍ଟା ଘଣ୍ଟା ଧରି ବୈଠକ ଓ ଦାରୁଠେଙ୍ଗରେ ବାରମ୍ବାର ପଲ୍ଲିସଭା ସତ୍ତ୍ୱେ ବିବାଦର ସମାଧାନ ହୋଇ ନ ଥିଲା। ଶେଷରେ ଅଗଷ୍ଟ ୩୦ରେ ଲୋକସେବା ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକରେ ଏନେଇ ସମାଧାନ ହୋଇଥିଲା। ମାତ୍ର ରବିବାରର ଘଟଣା ପୁଣିଥରେ ସ୍ଥିତିକୁ ବିଗାଡି ଦେଇଛି।




## ଅବସର ଦିନକ ପୂର୍ବରୁ ପିଅନ ନିଲମ୍ବିତ

### ଜାଲ୍ ସାର୍ଟିଫିକେଟରେ ଚାକିରି ମହଙ୍ଗା ପଡ଼ିଲା

କେନ୍ଦୁଝର,୩୦।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ନହବେଡ଼ା ହାଇସ୍କୁଲର ପିଅନ ମଧୁସୂଦନ ମହାନ୍ତଙ୍କୁ ଜିଲା ଶିକ୍ଷା ଅଧିକାରୀ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ନିଲମ୍ବିତ କରିଛନ୍ତି। ସେ ଅକ୍ଟୋବର ୩୧ ତାରିଖ ସୋମବାର ଚାକିରିରୁ ଅବସର ନେଇଥାନ୍ତେ। ଗୋଟିଏ ଦିନ ପୂର୍ବରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତଥ୍ୟ ଅନୁସାରେ, ସେ ସର୍ଭିସ ବୁକ୍‌ରେ ଜାଲ କାଗଜପତ୍ର ଦେଇ ବୟସକୁ ୨ବର୍ଷ କମାଇଥିଲେ। ତାଙ୍କର ଜନ୍ମ ୧୯୬୦ ମସିହା ହୋଇଥିଲେ ହେଁ ଜାଲ କାଗଜପତ୍ରରେ ଜନ୍ମ ତାରିଖକୁ କମାଇ ୧୯୬୨ କରି ଚାକିରି କରିଥିଲେ। ଏହାକୁ ନେଇ ଅଭିଯୋଗ ହେବା ପରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହାର ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ସେ କାର୍ଯ୍ୟ କରୁଥିବା ନହବେଡ଼ା ହାଇସ୍କୁଲ ଏବଂ ପୂର୍ବରୁ ପାଠ ପଢୁଥିବା ବାଲିବନ୍ଧ ହାଇସ୍କୁଲ ଓ ଆଦିବାସୀ ହାଇସ୍କୁଲ କଇଁତାରେ ତାଙ୍କ କାଗଜପତ୍ର ଯାଞ୍ଚ କରାଯାଇଥିଲା। ପ୍ରମାଣ ମିଳିବା ପରେ ତାଙ୍କ ବିରୋଧରେ ଜିଲା ଶିକ୍ଷା ଅଧିକାରୀ ସେଠୀ ତାଙ୍କୁ ନିଲମ୍ବିତ କରି ଅଧିକ ତଦନ୍ତ କରୁଥିବା କହିଛନ୍ତି। ୨ବର୍ଷ ଅଧିକ ଚାକିରି କରି ଦରମା ଉଠାଇଥିବାରୁ ତାଙ୍କଠାରୁ ଉକ୍ତ ଅର୍ଥ ଆଦାୟ କରାଯିବ। ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

# ଆଜିଠାରୁ ଭିଜିଲାନ୍ସ ସଚେତନତା ସପ୍ତାହ

■ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
■ ଗ୍ରାମାଞ୍ଚଳରେ ଅଧିକ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ସୋମବାରଠାରୁ ଭିଜିଲାନ୍ସ ସଚେତନତା ସପ୍ତାହ ଆରମ୍ଭ ହେଉଛି। ଏଥିପାଇଁ ଭିଜିଲାନ୍ସ ପକ୍ଷରୁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଲୋକସେବା ଭବନରେ ସୋମବାର ପୂର୍ବାହ୍ନ ୧୧ଟାରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ଏହି ସପ୍ତାହର ବିଷୟବସ୍ତୁ ରହିଛି 'ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ'। ଏହି ଅବସରରେ ସରକାରୀ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତିମୁକ୍ତ ଭାରତ ପାଇଁ ଶପଥ ନେବେ। ଏଥିସହ ଏହି କାର୍ଯ୍ୟକ୍ରମରେ ୭୦ ଲକ୍ଷ ସ୍ୱୟଂ ସହାୟକ ମହିଳା ଗ୍ରୁପର ସଦସ୍ୟା ମଧ୍ୟ ଯୋଡି ହେବେ। ସେହିଭଳି ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ ଓ ବ୍ଲକ ଅଫିସକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଡାଯିବ । ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ସପ୍ତାହ ପାଳନ ଅବସରରେ ଜିଲା ଓ ବ୍ଲକସ୍ତରରେ ସାଧାରଣ ସଭାର ଆୟୋଜନ କରାଯିବ। ଏଥିରେ ଛାତ୍ର, ଯୁବକ, ଶିକ୍ଷାବିତ୍, ଅବସରପ୍ରାପ୍ତ ସରକାରୀ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଦୁର୍ନୀତି ସଚେତନ କରାଯିବ। ଅଧିକ ସଚେତନତା ପାଇଁ ବିଦ୍ୟାଳୟ ଓ କଲେଜରେ ବିତର୍କ, କୁଇଜ୍, କାର୍ଟୁନ୍, ଦୁର୍ନୀତି ନିବାରଣ ପ୍ରସଙ୍ଗ ଉପରେ ସ୍ଲୋଗାନ, ପେଣ୍ଟିଂ, ରଙ୍ଗୋଲି ଏବଂ ପୋଷ୍ଟର ପ୍ରତିଯୋଗିତା କରାଯିବ। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ଏନେଇ ଅଧିକ ସଚେତନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଲୋକମାନେ ଭିଜିଲାନ୍ସ ଟୋଲ୍ ଫ୍ରି ନମ୍ବର (୧୦୬୪)ରେ କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରି ଦୁର୍ନୀତି ସଂକ୍ରାନ୍ତରେ ଅଭିଯୋଗ କରିପାରିବେ। ଏଥିସହ ଅନ୍‌ଲାଇନ୍‌ରେ ଦୁର୍ନୀତି ବିରୋଧରେ ଭିଜିଲାନ୍ସ ୱେବ୍‌ସାଇଟରେ ଅଭିଯୋଗର ପଞ୍ଜୀକରଣ କରିପାରିବେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।






ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି– ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ। –ଶ୍ରୀମା



# ପୋଲ ଖସିଲା

କିଛିଦିନ ପୂର୍ବରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଘୋଷଣା କରିଥିଲେ ଯେ, କୌଣସି ଜରୁରିକାଳୀନ ସ୍ଥିତି ଉପୁଜିଲେ ଭାରତର ସବୁ ଜାତୀୟ ରାଜପଥ (ଏନ୍.ଏଚ୍.) ହେଲିପ୍ୟାଡ୍‌ରେ ପରିଣତ ହେବା ଭଳି ଭିତ୍ତିଭୂମି ସୃଷ୍ଟି କରାଯାଇପାରିବ। ସେଥିନେଇ ତାଙ୍କ ମନ୍ତ୍ରଣାଳୟ ସଡ଼କ ପରିବହନ ମନ୍ତ୍ରଣାଳୟ ସହ କଥାବାର୍ତ୍ତା କରିସାରିଛି ବୋଲି ସେ କହିଥିଲେ। ହେଲେ ୨୦୨୨ ଜୁଲାଇରେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ ନିଜେ ପାର୍ଲାମେଣ୍ଟରେ କହିଥିଲେ ୨୦୨୦ରେ ବିଶ୍ୱ ସଡ଼କ ଦୁର୍ଘଟଣାର ୨୬.୩୭ ପ୍ରତିଶତରେ ରହି ଭାରତ ସବୁଠୁ ଆଗରେ ଥିଲା। ଏଥିରୁ ବୁଝିହେଉଛି ଯେ ଆହୁରି ଅନେକ ଧନୀ ରାଷ୍ଟ୍ର, ଯେଉଁଠାରେ ଅତ୍ୟଧିକ ସଂଖ୍ୟାରେ ଯାନବାହନ ଚଳାଚଳ ହୁଏ, ସେଠାରେ ଭାରତ ତୁଳନାରେ ଯଥେଷ୍ଟ କମ୍ ଦୁର୍ଘଟଣା ଘଟିଥାଏ। ପରିବହନ ଓ ଯୋଗାଯୋଗ ବ୍ୟବସ୍ଥାକୁ ସୁଗମ କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଭିତ୍ତିଭୂମି ବିକାଶ ଚିନ୍ତା କରାଯିବା ଭଲ କଥା। କିନ୍ତୁ ତା' ପୂର୍ବରୁ ଜାତୀୟ ରାଜପଥଗୁଡ଼ିକର ଅବସ୍ଥାକୁ ମଧ୍ୟ ପରଖାଯିବା ଦରକାର। ଓଡ଼ିଶା କଥା ଦେଖିଲେ କଟକର ମଙ୍ଗୁଳି ଭାୟା ଢେଙ୍କାନାଳ–ଅନୁଗୋଳ ଦେଇ ସମ୍ବଲପୁର ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥକୁ ଦୃଷ୍ଟାନ୍ତ ଭାବେ ନିଆଯାଇପାରିବ। ଏହି ଏନ୍.ଏଚ୍.ରେ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯିବା ବିଷୟ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ସେତିକି ନୁହେଁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ରାଜପଥର ଦୁରବସ୍ଥା ସମ୍ପର୍କରେ ଯେତେବେଳେ ପ୍ରଶ୍ନ କରାଯାଇଥିଲା ସେତେବେଳେ ତାଙ୍କ ଉତ୍ତରରେ ସେ କେବଳ କ୍ଷମା ମାଗିଥିଲେ। ଯେତେବେଳେ ସଡ଼କର ଅବସ୍ଥା ଏଭଳି ରହିଛି, ସେଥିରେ ହେଲିପ୍ୟାଡ୍ ଭିତ୍ତିଭୂମି ସୃଷ୍ଟି ନେଇ ପରିକଳ୍ପନା କରାଯିବା ହାସ୍ୟାସ୍ପଦ ମନେହେଉଛି।

**ଭିଜିଲାନ୍ସ ଚଢ଼ାଉ କରି ଯନ୍ତ୍ରୀଙ୍କ କ୍ରିପ୍‌ଟୋ କରେନ୍ସି ଲିଙ୍କ୍ ଧରିବା ପରିବର୍ତ୍ତେ ଦୁର୍ଘଟଣା ପାଇଁ ଦାୟୀ ଥିବା ଯନ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ଚାକିରିରୁ ବିଦା କରାଯାଇ ଯଦି ଗିରଫ କରାଯାଇପାରନ୍ତା, ତାହା ହେଲେ ସରକାରଙ୍କ ସଙ୍କୋଟପଣିଆ ଲୋକଙ୍କ ତୁଣ୍ଡରୁ ଶୁଣିବାକୁ ମିଳନ୍ତା।**

୩୦ ଅକ୍ଟୋବର ସନ୍ଧ୍ୟାରେ ଗୁଜରାଟର ମୋର୍ବିସ୍ଥିତ ମାଚ୍ଛୁ ନଦୀରେ ୧୦୦ ବର୍ଷ ପୁରୁଣା ସସ୍ପେନ୍‌ସନ ବ୍ରିଜ୍ ଭୁଶୁଡ଼ିପଡ଼ିଛି। ଏଥିଯୋଗୁ ୮୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଲୋକ ଆହତ ହୋଇ ପାଣିରେ ଫସିରହିଥିବା ପ୍ରାଥମିକ ସୂଚନା ମିଳିଛି। ଉକ୍ତ ଝୁଲା ପୋଲ ବ୍ରିଟିଶ ସରକାର ଅମଳରେ ନିର୍ମାଣ କରାଯାଇଥିଲା। ଏହା ଦୁର୍ବଳ ହୋଇଯାଇଥିବାରୁ ନିକଟରେ ତାହାର ମରାମତି କରାଯାଇଥିଲା। ପୁନଃ ନିର୍ମାଣ ପରେ ଗତ ୨୬ ତାରିଖରେ ଏହାକୁ ଖୋଲାଯାଇଥିଲା। ଏପଟେ ସମାନ ଦିନରେ କଳାହାଣ୍ଡି ଜିଲା ସଦରମହକୁମା ଭବାନୀପାଟଣାରୁ ଥୁଆମୂଳ–ରାମପୁରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ଉପରେ ଥିବା ଏକ ପୋଲ ଅଧାରୁ ଭୁଶୁଡ଼ି ପଡ଼ିବା ଫଳରେ ଦୁଇଟି କାର୍ ଗଳିପଡ଼ିବା ଦୃଶ୍ୟ ଦେଖିବାକୁ ମିଳିଛି। ସେଥିରେ ପ୍ରାୟ ୫ ଜଣ ଲୋକ ଗୁରୁତର ହୋଇଛନ୍ତି। ସୂଚନା ମିଳିଛି ଯେ, ଉକ୍ତ ପୋଲଟି ପାଖାପାଖି ଶହେ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ସେହି ନିର୍ମାଣରେ ସମ୍ପୃକ୍ତ ଠିକାଦାର ବଞ୍ଚି ରହିଥିବେ ବୋଲି ବିଶ୍ୱାସ ହେଉନାହିଁ। କିନ୍ତୁ ସରକାର ଯେଉଁ ରକ୍ଷଣାବେକ୍ଷଣ କରିବା କଥା, ତାହା ଏବକାର ଯନ୍ତ୍ରୀମାନଙ୍କ ଦାୟିତ୍ୱରେ ନିଶ୍ଚିତ ଭାବେ ଥିବ ; ଯାହାକି ସେଥିରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଭିଜିଲାନ୍ସ ଚଢ଼ାଉ କରି ଯନ୍ତ୍ରୀଙ୍କ କ୍ରିପ୍‌ଟୋ କରେନ୍ସି ଲିଙ୍କ୍ ଧରିବା ପରିବର୍ତ୍ତେ ଦୁର୍ଘଟଣା ପାଇଁ ଦାୟୀ ଥିବା ଯନ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ଚାକିରିରୁ ବିଦା କରାଯାଇ ଯଦି ଗିରଫ କରାଯାଇପାରନ୍ତା, ତାହା ହେଲେ ସରକାରଙ୍କ ସଙ୍କୋଟପଣିଆ ଲୋକଙ୍କ ତୁଣ୍ଡରୁ ଶୁଣିବାକୁ ମିଳନ୍ତା। ଅବଶ୍ୟ ସମସ୍ତେ ଜାଣନ୍ତି ଯେ, ସେଭଳି ପଦକ୍ଷେପ ଓଡ଼ିଶା ଭଳି ରାଜ୍ୟରେ ନିଆଯିବ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି, ଦୀର୍ଘ ବର୍ଷ ତଳର ବ୍ରିଜ୍‌ରେ ଯାନବାହନ ଚଳାଚଳ ଲାଗି କାହିଁକି ଅନୁମତି ଦିଆଯାଉଥିଲା। ଅବଶ୍ୟ ଏଭଳି ପୋଲ ଓଡ଼ିଶା ସମେତ ଦେଶର ବହୁ ଅଞ୍ଚଳରେ ଏବେ ମଧ୍ୟ ବ୍ୟବହୃତ ହେଉଛି, ଯାହାର କୌଣସି ବିକଳ୍ପ ସୃଷ୍ଟି କିମ୍ବା ଠିକ୍ ଭାବେ ମରାମତି କରାଯାଉନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ, ଏହି କିଛି ବର୍ଷ ମଧ୍ୟରେ ସରକାର ଅନେକ ଉପାୟରେ ଲୋକଙ୍କ ଉପରେ ପରିବହନ ଟିକସ ଲଦି ଚାଲିଛନ୍ତି। ନୂତନ ରାସ୍ତା ସୃଷ୍ଟି କରିବା ସକାଶେ ଯେଉଁ ଅର୍ଥ ଖର୍ଚ୍ଚ ହେଉଛି, ତାହାଠାରୁ କାହିଁ କେତେ ଅଧିକ ରାଜସ୍ୱ ଫାସ୍‌ଟାଗ ଭଳି ବ୍ୟବସ୍ଥାରେ ସଂଗ୍ରହ କରାଯାଉଛି। ସେହିଭଳି ଶୃଙ୍ଖଳାରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ (ଏଚ୍‌ଏସ୍‌ଆର୍‌ପି) କରିବା ପାଇଁ ବାଧ୍ୟ କରାଯାଇ ଅର୍ଥ ଶୋଷଣ କରାଯାଉଛି। ଏଠାରେ ପ୍ରଶ୍ନ ଉଠିପାରେ ହାଇ ସିକ୍ୟୁରିଟିର ଅର୍ଥ କ'ଣ। ମାଲିକଙ୍କ ଗାଡ଼ି ଚୋରି ହୋଇଗଲେ ତାଙ୍କୁ ଗାଡ଼ି ଖୋଜିଆଣି ଦେବା ବା କ୍ଷତିପୂରଣ ବ୍ୟବସ୍ଥା କରାଯାଇ ନ ଥିବାରୁ ଏହି ନୂତନ ନମ୍ବର ପ୍ଲେଟ ଏକ ପ୍ରହସନ ମାତ୍ର। ସେହିଭଳି ଭାବରେ ସଡ଼କ ଟିକସର ପରିମାଣ ବାରମ୍ବାର ବୃଦ୍ଧି କରାଯାଉଛି ଏବଂ କୁହାଯାଉଛି ଯେ, ଅଧିକ ମୂଲ୍ୟର ଗାଡ଼ି ଉପରେ ଅଧିକ ଟିକସ ପଡୁଛି। ଗାଡ଼ିର ମୂଲ୍ୟ ଅଧିକ ହେବାର ଅନ୍ୟତମ କାରଣ ହେଉଛି ପ୍ରଦୂଷଣ ରୋକିବା ପାଇଁ ସରକାର ସୃଷ୍ଟି କରୁଥିବା ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା, ଯାହାକୁ ଭାରତ ଷ୍ଟେଜ୍ କୁହାଯାଉଛି। ତଥାପି ଅଧିକ ଅର୍ଥ ଦେଉଥିବା ସତ୍ତ୍ୱେ ଗାଡ଼ିର ଜୀବନକାଳକୁ ୧୫ ବର୍ଷରେ ସୀମିତ ରଖାଯାଉଛି। ସବୁଆଡୁ ଲାଭ କରୁଥିବା ସରକାର ସଡ଼କ ବ୍ୟବହାରକାରୀଙ୍କୁ ସର୍ବନିମ୍ନ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହେଉଛନ୍ତି ବୋଲି ସ୍ପଷ୍ଟ ବୁଝାପଡୁଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | 9 |
| 4 | | | | 6 | | | 8 | |
| | | 9 | | 1 | | | 2 | |
| | 9 | | 2 | 4 | | | | 6 |
| | | | | | | | 1 | 7 |
| 8 | | 3 | | | | 5 | | |
| 1 | | | 6 | | | | 4 | |
| 2 | | | | 3 | | | | |
| | 6 | | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 8 | 9 | 2 | 7 | 6 | 3 | 1 |
| 6 | 1 | 2 | 3 | 8 | 4 | 5 | 7 | 9 |
| 3 | 9 | 7 | 6 | 1 | 5 | 4 | 8 | 2 |
| 4 | 3 | 9 | 7 | 5 | 1 | 8 | 2 | 6 |
| 7 | 8 | 1 | 2 | 3 | 6 | 9 | 5 | 4 |
| 2 | 5 | 6 | 4 | 9 | 8 | 3 | 1 | 7 |
| 1 | 6 | 5 | 8 | 7 | 9 | 2 | 4 | 3 |
| 8 | 2 | 4 | 1 | 6 | 3 | 7 | 9 | 5 |
| 9 | 7 | 3 | 5 | 4 | 2 | 1 | 6 | 8 |

ଗତକାଲିର ଉତ୍ତର



# ଶିକ୍ଷାରେ ନୂତନ ଆକାଂକ୍ଷା କେତେ ପ୍ରଭାବୀ

ଅକ୍ଷୟ କୁମାର ମିଶ୍ର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ହଠାତ୍ ଶିକ୍ଷା ବର୍ଷ ଅଧାରେ ଏକ ନୂତନ ପାଠ୍ୟକ୍ରମ ଯୋଡ଼ିବାକୁ ନିଷ୍ପତ୍ତି ନେଇଛି। ପାଠ୍ୟକ୍ରମର ନାମ ହେଲା ଆସ୍‌ପିରେସ୍‌ନାଲ କମ୍ପୋନେଣ୍ଟ। ଏଥିରେ ଚାରୋଟି ବିଭାଗ ରହିବ। ବିଭାଗଗୁଡ଼ିକ ହେଲା ବୁକ୍ ରିଭ୍ୟୁ, ପ୍ରୋଜେକ୍ଟ ୱାର୍କ, କୋ–କରିକୁଲମ ଆକ୍ଟିଭିଟି ଓ ବେସିକ ଆଇ ଟି ସ୍କିଲ୍। ଚଳିତ ବର୍ଷ ନବମ ଶ୍ରେଣୀରୁ ଆରମ୍ଭ ହେବ। ଆସନ୍ତା ବର୍ଷ ଉଭୟ ନବମ ଓ ଦଶମ ଶ୍ରେଣୀରେ କାର୍ଯ୍ୟକାରୀ ହେବ। ଚାରୋଟି ପର୍ଯ୍ୟାୟରେ ପରୀକ୍ଷା ହେବ। ପ୍ରଥମ ତିନୋଟି ପରୀକ୍ଷାର ପୂର୍ଣ୍ଣ ନମ୍ବର ୫ ହୋଇଥିବାବେଳେ ଅନ୍ତିମ ପରୀକ୍ଷା ୧୦ ନମ୍ବରରେ ହେବ। ପରୀକ୍ଷାରେ ପାଇଥିବା ନମ୍ବର ଅନୁଯାୟୀ ହାଇସ୍କୁଲ ସାର୍ଟିଫିକେଟରେ ଗ୍ରେଡ୍ ଲିପିବଦ୍ଧ ହେବ। ନୂତନ ପାଠ୍ୟକ୍ରମର ରୂପରେଖ କ'ଣ ହେବ ତା'ର ପୁଙ୍ଖାନୁପୁଙ୍ଖ ବିବରଣୀ ଆଉ କିଛିଦିନ ପରେ ସର୍ବ ସମ୍ମୁଖକୁ ଆସିବ। କିନ୍ତୁ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଏଗାର ବାର ଲକ୍ଷ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କର ମାତାପିତା ଆଶଙ୍କା ଓ ସଂଶୟ ଭିତରେ। ମାନସିକ ଚାପ ଭିତରେ ସମସ୍ତେ। ବୋର୍ଡର ନିଷ୍ପତ୍ତି ଅନୁଯାୟୀ ସମେଟିଭ ଆସେସ୍‌ମେଣ୍ଟ ଅକ୍ଟୋବର ୨୭ଠାରୁ ଆରମ୍ଭ ହୋଇଗଲାଣି। ଦୁଇଟି ଫର୍‌ମେଟିଭ ଆସେସ୍‌ମେଣ୍ଟ ସରିଲାଣି। ଶିକ୍ଷା ବର୍ଷର ଅଧା ବିତିଲାଣି, ଏ ବେଳରେ ଏମିତି ଏକ ନିଷ୍ପତ୍ତି କେବଳ ପିଲାମାନଙ୍କୁ ବିସ୍ମିତ କରିନାହିଁ ରାଜ୍ୟର ଶିକ୍ଷାବିତ୍‌ମାନଙ୍କ ଭିତରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ହଠାତ୍ ଏମିତି ତରବରିଆ ନିଷ୍ପତ୍ତି କାହିଁକି ? ଏଥିପାଇଁ ଆମେ କେତେ ପ୍ରସ୍ତୁତ ଅଛୁ ?

ଯେକୌଣସି କ୍ଷେତ୍ରରେ କିଛି ପରିବର୍ତ୍ତନ ଆଣିବା ବେଳେ ପର୍ଯ୍ୟାପ୍ତ ବିଚାର ବିମର୍ଶ ହେବା ଉଚିତ। ବିଭାଗ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରିବା ଆବଶ୍ୟକ। ଉଭୟ ଲାଭ ଓ କ୍ଷତି, ସୁବିଧା ଅସୁବିଧା ଦିଗ ବିଷୟରେ ଅନୁଶୀଳନ ହେବା ଲୋଡ଼ା। ଶିକ୍ଷା ବିଭାଗରେ ବିଶେଷକରି ଛାତ୍ରୀଛାତ୍ରଙ୍କ ସହିତ ଯୋଡ଼ିହୋଇ ରହିଥିବା ବିଷୟବସ୍ତୁ ଉପରେ ନିଷ୍ପତ୍ତି ନେଲାବେଳେ ସବୁଠାରୁ ଅଧିକ ବିଶ୍ଳେଷଣ ହେବା ଜରୁରୀ ନୁହେଁ କି? କିନ୍ତୁ ମାଧ୍ୟମିକ ଶିକ୍ଷା ପରିଷଦ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ବେଳେ କାହା ସହିତ ଆଲୋଚନାରେ ବସି ସିଦ୍ଧାନ୍ତରେ ଉପନୀତ ହେଲେ ବୋର୍ଡର କର୍ତ୍ତୃପକ୍ଷଙ୍କୁ ଜଣା। ନିଷ୍ପତ୍ତି ଘୋଷଣା ପୂର୍ବରୁ ଶିକ୍ଷାବିତ, ଶିକ୍ଷକ ସଂଗଠନ, ଅଭିଭାବକ ସଂଘ, ଛାତ୍ର ସଂଗଠନଗୁଡ଼ିକ ସହିତ ଆଲୋଚନା କରିଥିଲେ ହୁଏତ ଦ୍ୱନ୍ଦ୍ୱ କିମ୍ବା ବିରୋଧାଭାଷ ସୃଷ୍ଟି ହୋଇ ନ ଥା'ନ୍ତା।

ବିଗତ କିଛିବର୍ଷ ହେଲା ମାଧ୍ୟମିକ ଶିକ୍ଷା ପରିଷଦ ପାଠ୍ୟକ୍ରମ ଓ ପରୀକ୍ଷା ପଦ୍ଧତି ଉପରେ ବାରମ୍ବାର ପରୀକ୍ଷା ନିରୀକ୍ଷା କରିଚାଲିଛି। ନୂତନ ପରୀକ୍ଷା ପଦ୍ଧତିକୁ ଠିକ୍‌ଭାବରେ ଛାତ୍ରୀଛାତ୍ରମାନେ ବୁଝି ନ ଥିବା ବେଳେ ପୁଣି ଏକ ପରିବର୍ତ୍ତନକୁ ସହଜରେ ଗ୍ରହଣ କରିବା କଷ୍ଟକର ନିଶ୍ଚୟ। ଗୋଟିଏ ବର୍ଷରେ ଛଅ ଛଅ ଥର ପରୀକ୍ଷା ହେଉଥିବା ବେଳେ ଆଉ ଚାରୋଟି ପରୀକ୍ଷା କଥା ଶୁଣି ଯେକେହି ଭୟଭୀତ ହେବା ସ୍ୱାଭାବିକ। ଏଣୁ ବୋର୍ଡର ପ୍ରଥମ କର୍ତ୍ତବ୍ୟ ହେଉଛି କୋମଳମତି ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ ରଖିବା।



ଯାହା ବି ହେଉ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିବା ବିଷୟଗୁଡ଼ିକ କାନକୁ ବେଶ୍ ଭଲ ଶୁଭୁଛି। ଖାଲି ଭଲ ଶୁଭୁନାହିଁ ସମୟ ଅନୁଯାୟୀ ଏସବୁର ଆବଶ୍ୟକତା ମଧ୍ୟ ଜରୁରୀ। ବିଜ୍ଞାନ ଯୁଗରେ ପ୍ରଯୁକ୍ତିବିଦ୍ୟାକୁ ନେଇ ଜ୍ଞାନ କେନ୍ଦ୍ର ଗଢି ଉଠୁଥିବା ବେଳେ କମ୍ପ୍ୟୁଟର ବିହୁନେ ସବୁକିଛି ଅନ୍ଧାର। ଯାହା ବେସିକ ଆଇ ଟି ସ୍କିଲ୍ ଦ୍ୱାରା କିଛିଟା ମୂଳଦୁଆ ପଡିପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ। ପଠନ ପ୍ରତି ଆଗ୍ରହ ଓ ଏକ ଗବେଷଣାତ୍ମକ ଅନୁଚିନ୍ତା ପିଲାଙ୍କ ଭିତରେ ସୃଷ୍ଟି ହେବ ନୂଆକରି ଆରମ୍ଭ ହେବାକୁଥିବା ବୁକ୍ ରିଭ୍ୟୁ ପାଠ୍ୟକ୍ରମ ମାଧ୍ୟମରେ। ପ୍ରୋଜେକ୍ଟ ୱାର୍କ ଦ୍ୱାରା ପିଲାଙ୍କର ସୃଜନଶୀଳତା ବୃଦ୍ଧି ହେବ ଏଥିରେ କାହାରି ଦ୍ୱିମତ ନାହିଁ। ଆଉ ବାକି ରହିଲା କୋ–କରିକୁଲମ ଆକ୍ଟିଭିଟି। ଏହା ତ ଏକମାତ୍ର ମାଧ୍ୟମ, ଯାହାଦ୍ୱାରା ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ଗୁଣାବଳୀର ଉନ୍ମେଷ ଘଟିପାରେ। କିନ୍ତୁ ହେଲେ ତ? ଆର୍ଟ ଏଜୁକେଶନ, ୱାର୍କ ଏକ୍ସପେରିଏନ୍ସ ଏବଂ ଫିଜିକାଲ ଏଜୁକେଶନ ଯେଉଁ ଢଙ୍ଗରେ ଚାଲିଛି ଏଗୁଡିକ ମଧ୍ୟ ସେମିତି ଚାଲିବନି ତ ? ସବୁକିଛି କାଗଜ କଲମରେ ହେବ ନାହିଁ ତ ?

ଜଣେ ଶିକ୍ଷକ ନିଜର ପରିଚୟ ଗୋପନ ରଖି ପୂର୍ବୋକ୍ତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ ହଁ, ଚାଲିବ। ଚାଲିବାକୁ ବାଧ୍ୟ। ନିଜ ଚାକିରିକୁ ବଞ୍ଚାଇବାକୁ ଯାଇ ଶିକ୍ଷକ କାଗଜ କଲମରେ ରେକର୍ଡ ପ୍ରସ୍ତୁତ କରି ମାର୍କ ଅଥବା ଗ୍ରେଡ୍ ବୋର୍ଡକୁ ପଠାଇବେ। ବଡ଼ ଅଫିସରଙ୍କୁ ଖୁସି କରିବା ପାଇଁ ଶିକ୍ଷକମାନେ ଭୂତ ନମ୍ବର ଦେଇ ପଠାଇବାକୁ ବାଧ୍ୟ ହେବେ। କହିଲେ ଦେଖି ନିର୍ଦ୍ଧାରିତ ପାଠ୍ୟବସ୍ତୁ ପରୀକ୍ଷା ପୂର୍ବରୁ ସରିବ, ଉତ୍କର୍ଷ, ଉତ୍ଥାନ ଚାଲିବ ଏବଂ ଏଲ୍‌ଆର୍‌ପି ହେବ, ଇଏଇ ପଢାହେବ। ହେଲେ ଏତେ ସପନକୁ ରାତି ଥିଲେ ତ। ଶିକ୍ଷକ ନ ଥିବାକୁ ଏତେ କଥା ହେବ କେମିତି।

ଆମ ରାଜ୍ୟରେ ବୋର୍ଡ ଅଧୀନରେ ଥିବା ବିଦ୍ୟାଳୟ ସଂଖ୍ୟା ୮ ହଜାରରୁ ଉର୍ଦ୍ଧ୍ୱ। ଏହି ସବୁ ବିଦ୍ୟାଳୟ କେମିତି ଚାଲିଛି କାହାକୁ ଅଛପା ନାହିଁ। ତିରିଶ ପ୍ରତିଶତରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି। ଅନେକ ବିଦ୍ୟାଳୟ ଅଛି ଯେଉଁଠାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେବା ପରେ ନିଯୁକ୍ତି ନାହିଁ କି ନିକଟ ଭବିଷ୍ୟତରେ ନିଯୁକ୍ତିର ସମ୍ଭାବନା କ୍ଷୀଣ। ଶତାଧିକ ବିଦ୍ୟାଳୟ ଜଣେ କିମ୍ବା ଦୁଇଜଣ ଶିକ୍ଷକରେ ଯେନତେନ ପ୍ରକାରେ ଚାଲିଛି। ୪ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ କମ୍ପ୍ୟୁଟର ନାହିଁ। ଅବଶିଷ୍ଟ ବିଦ୍ୟାଳୟକୁ ସରକାର ଯେଉଁ ସବୁ କମ୍ପ୍ୟୁଟର ଯୋଗାଇଥିଲେ କମ୍ପ୍ୟୁଟର ଶିକ୍ଷକ ନ ଥିବା ଯୋଗୁ ସେଗୁଡ଼ିକ କେଉଁ ଅବସ୍ଥାରେ ଅଛି ତାହା ଖୋଦ ସରକାର ମଧ୍ୟ ଉତ୍ତର ରଖିପାରିବେ ନାହିଁ। କିଛି ଶିକ୍ଷାବିତ୍ କହିବା ଆରମ୍ଭ କଲେଣି ଆଗାମୀ ଦିନରେ ଏହା ଏକ ବଡ଼ ସ୍କାମ୍ ହୋଇ ଉଭାହେବ। ଅବଶ୍ୟ ଏହା ଭିତରେ ଅନେକ ବିଦ୍ୟାଳୟ ରୂପାନ୍ତରଣ ହୋଇସାରିଛି। ସେଠାରେ କମ୍ପ୍ୟୁଟର ଲାବ୍, ବିଜ୍ଞାନାଗାର, ଇ–ଲାଇବ୍ରେରି ସିନା କରାଯାଇଛି, ହେଲେ ଶିକ୍ଷକ ନାହାନ୍ତି। ଚାଲିବ କେମିତି ? ଏସବୁ ବିଚାରକୁ ନେଲେ ବେସିକ ଆଇ ଟି ସ୍କିଲ୍ ପାଠ୍ୟକ୍ରମ ଏକ କାଗଜ ବାଘ ପରି ଆଲମାରୀ ଭିତରେ ଶୋଭା ପାଇବ। ବୁକ୍ ରିଭ୍ୟୁ ତ ଏକ ଅସୀମ ପାଠ୍ୟକ୍ରମ। ସୀମାହୀନ ସାଗର ଭିତରୁ ଗର୍ଭରେ ମୁକ୍ତା ଧାରଣ କରିଥିବା ଶାମୁକାର ଅନ୍ୱେଷଣ। ଏହା ନିଶ୍ଚୟ ପିଲାଙ୍କୁ ପ୍ରଥମରୁ ଗବେଷଣାଭିମୁଖୀ କରାଇବ। କିନ୍ତୁ ଗାଇଡ କରିବ କିଏ ? ପ୍ରୋଜେକ୍ଟ ୱାର୍କ କ୍ଷେତ୍ରରେ ଶିକ୍ଷକଙ୍କଠାରୁ ଅଭିଭାବକଙ୍କ ଭୂମିକା ବେଶି। ଏଥିପାଇଁ ଯେଉଁ ଅର୍ଥ ଆବଶ୍ୟକ ପଡିବ ତାହା ଯୋଗାଇବାକୁ ଏହିସବୁ ବିଦ୍ୟାଳୟରେ ପାଠ ପଢୁଥିବା କେତେଜଣ ପିଲାଙ୍କର ମା'ବାପା ସକ୍ଷମ ତାହା ମଧ୍ୟ ବିଚାର୍ଯ୍ୟ। କୋ–କରିକୁଲମ ଆକ୍ଟିଭିଟି ଯେ ବିଦ୍ୟାଳୟରେ ହେଉନାହିଁ ଏ କଥା କହିଲେ ଭୁଲ୍ ହେବ। କିନ୍ତୁ ଠିକ୍ ଦକ୍ଷତା ମାପିବା ପାଇଁ ଯେଉଁ ବିଷୟଭିତ୍ତିକ ଶିକ୍ଷକଙ୍କ ଲୋଡ଼ା ଅଛି ତା'ର ଘୋର ଅଭାବକୁ ଅସ୍ୱୀକାର କିଏ ବା କରିବ।

ତେବେ ଏହା ମଧ୍ୟ ସତ୍ୟ, ପ୍ରକୃତରେ ଯଦି ଏହି ବିଷୟଗୁଡିକ ଯଥୋଚିତ ଢଙ୍ଗରେ ଚାଲିପାରନ୍ତା ତେବେ ପିଲାଙ୍କର ସର୍ବାଙ୍ଗୀନ ବିକାଶ ହେବା ସହିତ ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଘଟନ୍ତା। ନ ହେଲେ ଆଉ ଏକ ବୈଷମ୍ୟର ସୂତ୍ରପାତ ହେବ। ଏ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ପିଲାଟି ନିଜକୁ ନ୍ୟୂନ ମଣିବ। ଦିଅଁ ଗଢୁଗଢୁ ମାଙ୍କଡ଼ ଗଢ଼ା ହେବ।

ପ୍ରଥମ କଥା ହେଲା ଏମିତି ତରବରିଆ ନିଷ୍ପତ୍ତି ନେଇ ଶିକ୍ଷା ବର୍ଷର ଅଧାରୁ ଏଭଳି ନୂତନ ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଉପରେ ଲଦିଦେବା ସମୀଚୀନ ନୁହେଁ। ଦ୍ୱିତୀୟରେ ସରକାର ଯୁଦ୍ଧକାଳୀନଭିତ୍ତିରେ ସମସ୍ତ ବିଦ୍ୟାଳୟକୁ ସମଦୃଷ୍ଟି ଦେଇ ଭିତ୍ତିଭୂମି ସଜାଡ଼ନ୍ତୁ। ତୃତୀୟରେ ଶିକ୍ଷକ ପଦବୀ ପୂରଣ ନ କରି ଏହା କଲେ ଆତ୍ମଘାତୀ ହେବ। ଚତୁର୍ଥରେ ଶିକ୍ଷା ସହିତ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ସଂଗଠନ ସାଥିରେ ଆଲୋଚନା କରି ସହଯୋଗ ଲୋଡ଼ନ୍ତୁ। ନଚେତ ଆକାଂକ୍ଷା ନୂତନ ସମ୍ଭାବନା ସୃଷ୍ଟି କରିବା ପରିବର୍ତ୍ତେ ଭବିଷ୍ୟତ ବିନାଶର କାରଣ ସାଜିବ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ:୭୦୦୮୦୭୩୫୯୯



# ଦୋଷ କାହାର–ଭୋଗୁଛି କିଏ

ଘାସିରାମ ପଣ୍ଡା

ପ୍ରସୂତିଙ୍କୁ ସହାୟତା ଦେବା ପାଇଁ ରାଜ୍ୟରେ ମମତା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ପ୍ରଥମ ଦୁଇଟି ଗର୍ଭ ପାଇଁ ମହିଳାଙ୍କୁ ଦୁଇଟି କିସ୍ତିରେ ପାଞ୍ଚ ହଜାର ଟଙ୍କାର ସହାୟତା ଦିଆଯାଏ। ଏହା ପ୍ରସୂତିଙ୍କ କୁପୋଷଣ, ରକ୍ତହୀନତା ପ୍ରଭୃତି ଦୂର କରିବାରେ ବିଶେଷ ସହାୟକ ହୋଇଥାଏ। ଫଳସ୍ୱରୂପ ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର ରୋକିବାରେ ଏହା ଫଳପ୍ରଦ ସାବ୍ୟସ୍ତ ହେଉଛି। ହେଲେ ୧୯ ବର୍ଷରୁ କମ୍ ବୟସର ଗର୍ଭବତୀଙ୍କୁ ମମତା ଯୋଜନାରେ ସହାୟତା ମିଳେ ନାହିଁ। ଗତ ଆର୍ଥିକ ବର୍ଷରେ ଆମ ରାଜ୍ୟରେ ଏଭଳି ୨୪,୩୫୫ ଜଣ ମମତା ଯୋଜନାରୁ ବାଧିତ ହୋଇଥିବା ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ସୁଦ୍ଧା ଏହି ସଂଖ୍ୟା ୧୦,୧୦୯ରେ ପହଞ୍ଚି ସାରିଲାଣି। ଏଥିରେ ମୟୂରଭଞ୍ଜ, ନବରଙ୍ଗପୁର, ସୁନ୍ଦରଗଡ଼ ଭଳି ଆଦିବାସୀ ବହୁଳ ଜିଲା ବହୁତ ଆଗରେ ଅଛି।

୨୦ ବର୍ଷରୁ କମ୍ ବୟସରେ ଗର୍ଭବତୀ ହେଲେ ବିପଦସଙ୍କୁଳ ହେବାର ସମ୍ଭାବନା ବେଶି ଥାଏ। କିଶୋରୀ ବୟସର ମାତୃତ୍ୱରେ ସ୍ୱାସ୍ଥ୍ୟଗତ ସମସ୍ୟା ସହିତ ମନୋସାମାଜିକ ସ୍ତରରେ ମଧ୍ୟ ଏମାନେ ବେଶି ପ୍ରଭାବିତ ହୋଇଥାନ୍ତି। ଏଣୁ ଅନ୍ୟମାନଙ୍କ ତୁଳନାରେ ଏମାନଙ୍କୁ ବିଶେଷ ସହାୟତା ଆବଶ୍ୟକ ହୁଏ। ଏହି ବର୍ଗରେ ହିଁ ବେଶି ମାତୃ ମୃତ୍ୟୁ, ଶିଶୁ ମୃତ୍ୟୁ, ରକ୍ତହୀନତା, ଭିନ୍ନକ୍ଷମ ଶିଶୁ ଜନ୍ମ ହେବା ଦେଖାଯାଇଥାଏ। ଏହା ସତ୍ତ୍ୱେ ଏମାନଙ୍କୁ ମମତା ଯୋଜନାରୁ ବାଦ ଦିଆଯାଇଛି। ୧୯ ବର୍ଷରେ ଗର୍ଭବତୀ ବା ମାତୃତ୍ୱ ଲାଭ କରିଥିବା କିଶୋରୀ ପ୍ରାୟତଃ ୧୮ ବର୍ଷ ପୂର୍ବରୁ ବିବାହ କରିଥାନ୍ତି। ବାଲ୍ୟ ବିବାହ ନିଷେଧ ଆଇନ ଅନୁଯାୟୀ ୧୮ ବର୍ଷ ପୂର୍ବରୁ ଝିଅଙ୍କ ବିବାହ ଆଇନଗତ ଅପରାଧ। ଏଣୁ ମମତା ଯୋଜନାରେ ଏମାନଙ୍କୁ ସହାୟତା ଦେଲେ ବାଲ୍ୟ ବିବାହକୁ ପ୍ରଶ୍ରୟ ଦେଲାଭଳି ହେବ। ଏହି ଯୁକ୍ତି ଆଧାରରେ ଏତେ ସଂଖ୍ୟାରେ କିଶୋରୀ ବିପଦସଙ୍କୁଳ ଅବସ୍ଥାରେ ଥିଲେ ବି ସହାୟତାରୁ ବଞ୍ଚିତ ହେଉଛନ୍ତି।

ବାଲ୍ୟ ବିବାହର ପ୍ରତିରୋଧ ପାଇଁ ସରକାରଙ୍କ ତରଫରୁ ଯଥେଷ୍ଟ ପ୍ରଯତ୍ନ କରାଯାଉଛି। କିନ୍ତୁ କୌଣସି କାରଣରୁ ବିବାହ ପ୍ରତିରୋଧ ହୋଇ ନ ପାରି ଅନୁଷ୍ଠିତ ହୋଇଗଲେ, ବିବାହିତା କିଶୋରୀଙ୍କୁ ସେହି ଅବସ୍ଥାରେ ଛାଡି ଦେବା କି? ଅନେକ ସ୍ଥଳରେ ପ୍ରଶାସନ ଜାଣିବା ପୂର୍ବରୁ ଆନୁଷ୍ଠାନିକ ବାଲ୍ୟ ବିବାହ ହୋଇଯାଉଛି ବା ପୁଅ ଝିଅ ନିଜ ଇଚ୍ଛାରେ ଭଲ ପାଇ ଏକତ୍ର ରହୁଛନ୍ତି। ମମତା ଯୋଜନାରୁ ବାଦ ପଡ଼ିଥିବା ଏହି କିଶୋରୀମାନେ ମଧ୍ୟ ଏହି ଶ୍ରେଣୀଭୁକ୍ତ। ପରିବାରରେ ସ୍ନେହ ଆଦରର ଅଭାବ, ଦରିଦ୍ରତା,



ଶିକ୍ଷା ପାଇଁ ସୁଯୋଗର ଅଭାବ, ସାମାଜିକ ନୀତିନିୟମ, ଧାର୍ମିକ ରୀତିନୀତି, କନ୍ୟା ସନ୍ତାନଙ୍କ ସୁରକ୍ଷା ଚିନ୍ତା, ବିବାହ ବେଳେ ଯୌତୁକ ବୋଝ, ଅଣସମ୍ବେଦନଶୀଳ ପ୍ରଶାସନିକ ବ୍ୟବସ୍ଥା ଭଳି କାରଣରୁ ଏହି କିଶୋରୀମାନେ ଆଜି ମାତୃତ୍ୱର ବୋଝ ମୁଣ୍ଡାଇଛନ୍ତି। ପୁରୁଷଟିଏ, ପରିବାର, ସମାଜ, ପ୍ରଶାସନ ସମସ୍ତେ ସମସ୍ୟାର କାରକ ହେଉଥିବା ବେଳେ ପରିଣାମକୁ ମୁଣ୍ଡେଇ ଜୀବନକୁ ବାଜି ଲଗେଇଥିବା କିଶୋରୀକୁ ସହାୟତାରୁ ବଞ୍ଚିତ କରି ଦଣ୍ଡିତ କରାଗଲେ ବାଲ୍ୟବିବାହ ନିରାକରଣ ହୋଇଯିବ କି?

ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ମାତୃତ୍ୱ ପାଇଁ ସହାୟତା ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କ ଆଇନଗତ ଅଧିକାର। ସହାୟତାରୁ ବଞ୍ଚିତ ଏହି କିଶୋରୀମାନଙ୍କ କ୍ଷେତ୍ରରେ ଏହା ଉଲ୍ଲଂଘନ ହେଉଛି। ଏହା ବ୍ୟତୀତ କିଶୋର ନ୍ୟାୟ ଆଇନ ଅନୁସାରେ ବିପଦସଙ୍କୁଳ ହେବାର ସମ୍ଭାବନା ଥିବା ବା ବିପଦସଙ୍କୁଳ ଅବସ୍ଥାରେ ଥିବା ପ୍ରତ୍ୟେକ କିଶୋରୀ ଯତ୍ନ ଓ ସୁରକ୍ଷା ଆବଶ୍ୟକ ଥିବା ଶିଶୁ ଆକାରରେ ଗଣା ହେବେ। ସେମାନଙ୍କୁ ଚିହ୍ନଟ କରାଯାଇ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପିତ କରିବାପୂର୍ବକ ଆବଶ୍ୟକ ସହାୟତା ଯୋଗେଇଦେବା ଜିଲା ଶିଶୁ ସୁରକ୍ଷା ୟୁନିଟର ଉତ୍ତରଦାୟିତ୍ୱ। ପ୍ରତିବର୍ଷ ଏକ ଆଖିଦୃଶିଆ ସଂଖ୍ୟାରେ କିଶୋରୀ ମାତୃତ୍ୱ ହେଉଥିଲେ ବି ଆମେ ସେମାନଙ୍କ ପ୍ରତି ବିଶେଷ ସମ୍ବେଦନଶୀଳ ହୋଇପାରି ନାହୁଁ। ଶିକ୍ଷା ପାଇଁ ଏମାନଙ୍କୁ ବିଦ୍ୟାଳୟକୁ ପୁନଃ ଆଣିବା ସମ୍ଭବପର ହୋଇପାରୁ ନାହିଁ। ଗର୍ଭବତୀ ଥିବା ବା ମା' ହୋଇ ସାରିଥିବା କିଶୋରୀ ବିଦ୍ୟାଳୟକୁ ଆସିଲେ ଅନ୍ୟ ପିଲାମାନେ ପ୍ରଭାବିତ ହେବେ। ଏମାନେ ମଧ୍ୟ ତାହିଟାପରାର ଶିକାର ହୋଇପାରନ୍ତି। ଆମର କୌଶଳ ବିକାଶ ପାଇଁ ଥିବା ତାଲିମ କେନ୍ଦ୍ରରେ ନିଜ ଛୁଆକୁ ନେଇ ମା'ଟିଏ ରହିବା ଭଳି ବ୍ୟବସ୍ଥା ନାହିଁ। ଅଜ୍ଞତାରୁ ଅବା ଅଜାଣତରେ ଏମାନଙ୍କ ଭିତରୁ ଅନେକେ ଗର୍ଭବତୀ ହୋଇଥିବାର ସମ୍ଭାବନା ରହିଛି। ଏଭଳି କ୍ଷେତ୍ରରେ ସେମାନେ ସୁରକ୍ଷିତ ଓ ଗୁପ୍ତରେ ଗର୍ଭଧାରଣର ୨୦ ସପ୍ତାହ ଭିତରେ ଆଇନଗତ ଭାବେ ଗର୍ଭପାତ କରିପାରିବେ। ଏପରିକି ବିବାହ କରିଥିଲେ ବି ଗର୍ଭନିରୋଧକର ବ୍ୟବହାର କରି ସଅଳ ମାତୃତ୍ୱରୁ ବର୍ତ୍ତିପାରିବେ। ହେଲେ ସୂଚନା ଓ ପରାମର୍ଶର ଅଭାବ ଯୋଗୁ ଏହା ସମ୍ଭବ ହୋଇପାରୁ ନାହିଁ।

ପୀଡ଼ିତାକୁ ଆହୁରି ଅଧିକ ପୀଡ଼ା ଦେଲେ ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ସେମାନଙ୍କ ପକ୍ଷେ ସମ୍ଭବ ହେବ ନାହିଁ। ଏଣୁ ସହାୟତାକୁ ଅବରୁଦ୍ଧ କରୁଥିବା ପ୍ରତ୍ୟେକ ନୀତି ଓ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଗଲେ ଯାଇ ବିବାହିତା ନାବାଳିକାମାନେ ପୁନଃ ବଞ୍ଚିବାର ରାହା ଫେରିପାଇବେ।

ସୁବର୍ଣ୍ଣପୁର, ମୋ–୯୪୩୮୩୪୧୭୯୪
ghasirampanda@gmail.com

## ଏଇ ଭାରତରେ

ତିନି ମହଲା କୋଠାରେ ଚାଷ ହେଉଛି ଓ ସେଥିରୁ ବର୍ଷକୁ ୭୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ଜଣେ ପୂର୍ବତନ ସାମ୍ବାଦିକ। ଏହା ବିଶ୍ୱାସ କରି ନ ହେଉଥିଲେ ବି ବରେଲିର ରାମବୀର ସିଂ ଏହାକୁ ନିଶ୍ଚିତ କରିଛନ୍ତି। ସେ ତାଙ୍କ ତିନି ମହଲା ଘରେ ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ (ହାଇଡ୍ରୋପୋନିକ୍ସ) ପଦ୍ଧତିରେ ଚାଷ କରୁଛନ୍ତି। ୨୦୧୮ରୁ ସେ ସାମ୍ବାଦିକ ପେସା ଛାଡ଼ି ବରେଲିଠାରୁ ୪୦ କିମି ଦୂର ତାଙ୍କ ପୈତୃକ ଘରେ ଏହି ଚାଷ ଆରମ୍ଭ କରିଥିଲେ। ସେ ତାଙ୍କ ଘରେ ହାଇଡ୍ରୋପୋନିକ୍ସ ପଦ୍ଧତିରେ ୧୦,୦୦୦ ଗଛ ଲଗାଇଛନ୍ତି। ବିଭିନ୍ନ ପ୍ରକାର ଶାଗ ଓ ପରିବା ଚାଷ କରୁଛନ୍ତି। ପିଭିସି ପାଇପ୍ ସେଟିଂ କରି ଏଭଳି ଚାଷ କରାଯାଉଛି ଏବଂ ଗଛକୁ ୧୬ ପ୍ରକାର ନ୍ୟୁଟ୍ରିଣ୍ଟ ପାଣି ମାଧ୍ୟମରେ ଯୋଗାଇ ଦେଉଛନ୍ତି ରାମବୀର। ସେ ତାଙ୍କର ଏହି ଘରର ନାଁ ଦେଇଛନ୍ତି 'ଭିମ୍ପା ଅର୍ଗାନିକ ଆଣ୍ଡ ହାଇଡ୍ରୋପୋନିକ୍ସ'। ରାମବୀର ଏହି ଫାର୍ମରୁ ୭୦ ଲକ୍ଷ ଟଙ୍କା ରୋଜଗାର କରିବା ସହ ଏହି କାର୍ଯ୍ୟରେ ଅନେକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଉକ୍ତ ଚାଷ ସମ୍ପର୍କରେ ସେ ଦୁବାଇରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଛନ୍ତି।

## ଚିରନ୍ତନୀ

ମୁଖେ ନାହିଁ କଥା
ନାହିଁ କି ତୋର
ମଥାରେ କିଛି
ଚିକୁର ଶୋଭାରେ
ସେ ଖାଲି ଚିର
ରହିବ ଛିଛି।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇନ୍‌ଡୋର ହଲ୍ ପୁନରୁଦ୍ଧାର ହେଉ

ମହାଶୟ,

ରାଜ୍ୟର ପ୍ରଥମ ଇନ୍‌ଡୋର ହଲ୍ କଟକରେ ନିର୍ମାଣ ହୋଇଥିଲା। ୧୯୯୯ ମହାବାତ୍ୟାରେ ଛାତ କ୍ଷତିଗ୍ରସ୍ତ ହୋଇଥିଲା। ଏବେ ସୁଦ୍ଧା ପୁନଃମରାମତି କରାଯାଇ ନାହିଁ। ଯାହାଦ୍ୱାରା ବର୍ଷାଦିନେ ପାଣି ଗଳୁଛି। ରାଜ୍ୟ ସରକାର ଗୁରୁତ୍ୱ ଦେଇ ରକ୍ଷଣାବେକ୍ଷଣ ପ୍ରତି ଅଧିକ ଦୃଷ୍ଟି ଦିଅନ୍ତୁ। ଏହି ହଲ୍‌ରେ ସଭାସମିତି, ଉତ୍ସବ, କ୍ରୀଡ଼ା ଏବଂ ରାଜନୈତିକ ବୈଠକ ଅନୁଷ୍ଠିତ ହୁଏ। ଏପରିକି ରାଜ୍ୟ ବାହାର ଏବଂ ବିଦେଶରୁ ଖେଳାଳି ଆସି କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି। ଦର୍ଶକମାନେ ଦେଖିବାର ସୁଯୋଗ ପାଇଥାନ୍ତି ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

### ଚନ୍ଦନେଶ୍ୱରକୁ ସରକାରୀ ବସ୍ ଚଳାଯାଉ

ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ପର୍ଯ୍ୟଟନ ମନ୍ତ୍ରୀ ହେବା ପରେ ଓଡ଼ିଶା ସଡ଼କ ପରିବହନ ନିଗମର ଏକ ବସ୍ ରାଉରକେଲାରୁ ଭାୟା ଘଟଗାଁ (ମା' ତାରିଣୀଙ୍କ ପୀଠ) ଆନନ୍ଦପୁର, ବନ୍ତ ଭଦ୍ରକ, ସୋର, ବାଲେଶ୍ୱର, ବସ୍ତା ଦେଇ ଜଳେଶ୍ୱରକୁ ଚଳାଚଳ କରୁଛି। ଏହାକୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରାଇଲେ ଭଲ ହୁଅନ୍ତା। କାରଣ କିଛି ପର୍ଯ୍ୟଟକ ଏଠାକୁ ଆସି ଜଳଯନ୍ତ୍ରରେ ପୂଜିତ ବାବା ଚନ୍ଦନେଶ୍ୱର, ବାବା ଭୂଷଣ୍ଡେଶ୍ୱର (ଏସିଆ ମହାଦେଶର ବୃହତ୍ତମ ଶିବଲିଙ୍ଗ ଉଚ୍ଚତା ୧୨ ଫୁଟ, ଗୋଲେଇ ୮ ଫୁଟ)ବେଳାଭୂମି ତାଳସାରୀ, ଉଦୟପୁର ଡଗରା ପ୍ରଭୃତି ବୁଲି ପାରନ୍ତେ। ପାଖରେ ଦୀଘା ମଧ୍ୟ ଅଛି।

–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ଗିରଫ

ଦେବଗଡ଼,୩୦।୧୦(ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବମ୍ପରଡା ନୋଡାଲ ୟୁପି ସ୍କୁଲରେ ଜଣେ ନାବାଳିକା ଛାତ୍ରୀକୁ ପ୍ରେମ ନିବେଦନ ସହ ଅସଦାଚରଣ କରିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ରବିବାର ଉକ୍ତ ସ୍କୁଲର ଗଣିତ ଶିକ୍ଷକ ସୋମନାଥ ପ୍ରଧାନ (୫୨)ଙ୍କୁ ଗିରଫ କରିଛି। ଛାତ୍ରୀ ଜଣଙ୍କ ଉକ୍ତ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ଶିକ୍ଷକ ପ୍ରଧାନ ଦୀର୍ଘ ଦିନ ଧରି ବିଭିନ୍ନ ଆଳରେ ପିଛା କରିବା ସହ ପ୍ରେମ ନିବେଦନ କରି ଆସୁଥିଲେ। ଗତ ୨୭ତାରିଖରେ ଆଳ କରି ଶିକ୍ଷକ ପ୍ରଧାନ ଛାତ୍ରୀଙ୍କ ଘରକୁ ଯାଇଥିଲେ।



ତେବେ ଶନିବାର ଶିକ୍ଷକ ସ୍କୁଲର ଏକ କୋଠରିରେ ଛାତ୍ରୀଙ୍କୁ ବଳପୂର୍ବକ ଆଲିଙ୍ଗନ କରିବା ସହ ଅସଦାଚରଣ କରିଥିଲେ। ଫଳରେ ଛାତ୍ରୀ ଜଣକ ସ୍କୁଲରେ କାନ୍ଦିବା ସହ ଘରକୁ ଯାଇ ଏ ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତୁରନ୍ତ ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ନିକଟରେ ଅଭିଯୋଗ କରିଥିଲେ। ପରେ ବିଦ୍ୟାଳୟରେ ପରିଚାଳନା କମିଟି, ସରପଞ୍ଚ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଘଟଣା ସମ୍ପର୍କରେ ପୀଡିତା ଛାତ୍ରୀ ଓ ପରିବାର ଲୋକଙ୍କ ସହ ଆଲୋଚନା ହୋଇଥିଲା। ଭଦ୍ରବ୍ୟକ୍ତିଙ୍କ ପରାମର୍ଶ କ୍ରମେ ଛାତ୍ରୀଙ୍କ ବାପା ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦଫାରେ ଏକ ମାମଲା (ନଂ.୪୭୯।୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ମୋଟରଯାନ ଆଇନ ସମ୍ପର୍କିତ ମାମଲା ବଢୁଛି

- ନିମ୍ନ ଅଦାଲତରେ ବିଚାରପତି ଅଭାବ
- ୯୭୭ ପଦବୀରୁ ୨୦୧ ଖାଲି

କଟକ ଅଫିସ,୩୦।୧୦

ବିଭିନ୍ନ କାରଣରୁ ଅଦାଲତରେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ମୋଟର ଯାନ ଆଇନ ପାଇଁ ଅଦାଲତରେ ମାମଲା ସଂଖ୍ୟା ବଢ଼ିବା ଏକ ପ୍ରମୁଖ କାରଣ ପାଲଟିଛି। ବିଶେଷକରି ଇ-ଚାଲାଣ କଟାଯାଉଥିବାରୁ ଗାଡ଼ି ମାଲିକମାନେ ଅନେକ କ୍ଷେତ୍ରରେ ଜରିମାନା ଅର୍ଥ ପଇଠ ନ କରି ଅଦାଲତରେ ମାମଲା ଲଢ଼ିବାକୁ ଚାହୁଁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମାମଲା ଫଇସଲା ନିମନ୍ତେ ନିମ୍ନ ଅଦାଲତଗୁଡ଼ିକରେ ବିଚାରପତି ସଂଖ୍ୟା କମ୍ ଥିବାରୁ ବିଚାର ପ୍ରକ୍ରିୟା ବିଳମ୍ବିତ ହେଉଥିବା ଜଣାଯାଇଛି।

ଓଡ଼ିଶା ହାଇକୋର୍ଟରୁ ମିଳିଥିବା ସୂଚନାନୁସାରେ, ରାଜ୍ୟର ନିମ୍ନ ଅଦାଲତଗୁଡ଼ିକରେ ୨୦୨୧ରେ ମୋଟ ୪,୩୪,୮୧୦ଟି ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ମୋଟରଯାନ ଆଇନ ସମ୍ପର୍କିତ ମାମଲାର ସଂଖ୍ୟା ଥିଲା ୩୩,୯୭୪। ସେହିପରି ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ୩,୮୯,୪୦୧ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୫୬,୪୧୩ଟି ମାମଲା ମୋଟରଯାନ ଆଇନଜନିତ ଇ-ଚାଲାଣରୁ ପଞ୍ଜୀକୃତ ହୋଇଛି। ୨୦୨୧ରେ ୫୩,୬୮ ଦେୱାନୀ ଓ ୧,୮୪,୯୦୦ ଫୌଜଦାରି ମାମଲା ଫଇସଲା ହୋଇଥିଲା। ସେହିପରି ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ୬୭,୩୬୫ଟି ଦେୱାନୀ ଓ ୨,୬୪,୩୦୧ଟି ଫୌଜଦାରି ମାମଲା ଫଇସଲା ହୋଇଛି, ଯାହାକି ମାମଲା ଫଏସଲା ହାର ୨୦୨୧ ଅପେକ୍ଷା ୨୦୨୨ରେ ୩୯% ଅଧିକ ହୋଇଛି। ୨୦୨୧ରେ କୋଭିଡ୍ ଜନିତ କାର୍ଯ୍ୟନିର୍ଘଣ୍ଟ କମ୍ ହେବାରୁ ଅଧିକ ମାମଲା ଫଇସଲାରେ ବାଧକ ସାଜିଥିଲା। ହେଲେ ୨୦୨୨ ସେପ୍ଟେମ୍ବର ମଧ୍ୟରେ ୪୫ଟି କାର୍ଯ୍ୟ ଦିବସ ଯାହାକି ୨,୧୪,୧୭୬ କାର୍ଯ୍ୟନିର୍ଘଣ୍ଟ ବିଭିନ୍ନ କାରଣରୁ ନଷ୍ଟ ହୋଇଥିଲେ ବି ମାମଲା ଫଇସଲା ହାର ବୃଦ୍ଧି ହେବା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବାକୁ ପ୍ରମାଣିତ କରିପାରିଛି।

ପରିସଂଖ୍ୟାନକୁ ଦେଖିଲେ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ମାମଲା ଫଇସଲା କ୍ଷେତ୍ରରେ ଏକ କ୍ରମୋନ୍ନତି ହେଉଥିବା ପରିଲକ୍ଷିତ ହୋଇଛି। ସେହିପରି ୨୦୨୦ରେ ୪୩,୩୫୯ଟି ମାମଲାର ରାୟ ପ୍ରକାଶ ପାଇଥିବାବେଳେ ୨୦୨୧ରେ ୭୨,୮୦୬ ଏବଂ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ୧,୦୯,୮୩୨ଟି ମାମଲାର ରାୟ ପ୍ରକାଶ ହେବା ନିମ୍ନ ଅଦାଲତଗୁଡ଼ିକର କ୍ରିୟାଶୀଳତାକୁ ଦର୍ଶାଉଛି।

ଅପରପକ୍ଷରେ ବିଳମ୍ବିତ ବିଚାର ପ୍ରକ୍ରିୟା ପାଇଁ ଅନ୍ୟତମ ବାଧକ ହୋଇଛି ବିଚାରପତିଙ୍କ ଅଭାବ। ନ୍ୟାୟିକ ବ୍ୟବସ୍ଥା ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କଲେ ମାମଲାର ବିଚାର ଓ ଫଇସଲା ଆହୁରି ଦ୍ରୁତ ଗତିରେ ହୋଇପାରନ୍ତା। ୨୦୨୧ରେ ରାଜ୍ୟର ବିଚାର ବିଭାଗୀୟ ଅଧିକାରୀ ପଦବୀ ସଂଖ୍ୟା ୯୬୨ ଥିବାବେଳେ ୭୬୬ ଜଣ ଅଧିକାରୀ କାର୍ଯ୍ୟରତ ଥିଲେ। ୨୦୨୨ରେ ଏହି ପଦବୀ ସଂଖ୍ୟା ବୃଦ୍ଧି ପାଇ ୯୭୭ରେ ପହଞ୍ଚି ଥିବାବେଳେ ୭୭୬ ଜଣ ଅଧିକାରୀ ନିଯୁକ୍ତ ଅଛନ୍ତି। ବିଚାରପତିଙ୍କ ସଂଖ୍ୟା ଉପରେ ମାମଲା ଫଇସଲାର ପରିମାଣ ନିର୍ଭର କରୁଛି। ୨୦୨୧ରେ ଜଣେ ବିଚାରପତି ପିଛା ୩୧୧ଟି ମାମଲା ଫଇସଲା ପାଇଁ ରହୁଥିବାବେଳେ ୨୦୨୨ରେ ଏହା ୪୨୭ରେ ପହଞ୍ଚିଛି।

# କୂଅରେ ପଡ଼ି ବାର୍‌ହା ମୃତ

ରାସୋଳ, ୩୦।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଖଲିବୋରେଇ ଫରେଷ୍ଟ ସେକ୍ସନ ଅଧୀନ ଆଲୁସିଂ ନିକଟ ଖୋଲାକୂଅରେ ପଡ଼ି ଏକ ବାର୍‌ହାର ମୃତ୍ୟୁ ଘଟିଛି। ଜଙ୍ଗଲରୁ ଚାଲିଆସିଥିବା ଉକ୍ତ ବାର୍‌ହା ଶନିବାର ରାତିରେ ଉକ୍ତ କୂଅରେ ପଡ଼ିଯାଇଥିଲା। ଫଳରେ ତାହାର ମୃତ୍ୟୁ ହୋଇଯାଇଥିଲା। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଫରେଷ୍ଟର ହିମାଂଶୁ ପୃଷ୍ଟିଙ୍କ ବନ କର୍ମଚାରୀଙ୍କ ସହ ପହଞ୍ଚି ଏହାକୁ କୂଅରୁ ବାହାର କରିଥିଲେ। ଏହାକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5126

# ସରିଲା ୨୫ କେନ୍ଦ୍ରୀୟ ସମବାୟ ସମିତି ନିର୍ବାଚନ

- ୯ ସମିତିରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ
- ୧୪ ସମବାୟ ବ୍ୟାଙ୍କ, ୨ ଆର୍‌ସିଏମ୍‌ରେ ବିଜେଡିର ଭଲ ପ୍ରଦର୍ଶନ
- ୧୫ ଦିନ ପରେ ବଛାହେବେ ସଭାପତି, ଉପସଭାପତି

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଓଡ଼ିଶା ରାଜ୍ୟ ସମବାୟ ନିର୍ବାଚନ ଆୟୋଗ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରୀୟ ସମବାୟ ସମିତିଗୁଡ଼ିକରେ ପରିଚାଳନା ପରିଷଦ ଗଠନ ଲାଗି ନିର୍ବାଚନ ପାଇଁ ଦୁଇ ଦିନ ଧାର୍ଯ୍ୟ କରାଯାଇଥିଲ। ଗତ ୨୩ ତାରିଖରେ ୮୦ଟି କେନ୍ଦ୍ରୀୟ ସମବାୟ ସମିତିରେ ନିର୍ବାଚନ ସମାପ୍ତ ହୋଇସାରିଛି। ରବିବାର ପୂର୍ବ ନିର୍ଦ୍ଧାରିତ ତାଲିକା ଅନୁଯାୟୀ ୨୫ଟି କେନ୍ଦ୍ରୀୟ ସମବାୟ ସମିତି ମଧ୍ୟରୁ ୯ଟି ସମିତିରେ ସଦସ୍ୟ ତଥା ସଦସ୍ୟାବୃନ୍ଦ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏନେଇ ନିର୍ବାଚନ ଅଧିକାରୀ ଘୋଷଣା କରିସାରିଛନ୍ତି। ବାକି ୧୪ଟି ସମବାୟ ବ୍ୟାଙ୍କ ଓ ଦୁଇଟି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିରେ ରବିବାର ନିର୍ବାଚନ ସରିଛି। ଏହି ସମିତିଗୁଡ଼ିକରେ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଏବଂ ପୋଲିସ ଅଧିକାରୀ ନିଯୁକ୍ତ ହୋଇଥିଲେ। ନିର୍ବାଚନ ଚାଲିଥିବା ୧୪ଟି କେନ୍ଦ୍ର ସମବାୟ ବ୍ୟାଙ୍କର ବୁଥ୍ ଗୁଡ଼ିକୁ ସମ୍ବେଦନଶୀଳ ଆକଳନ କରାଯାଇ ସେହି ବୁଥ୍‌ଗୁଡ଼ିକରେ ମାଜିଷ୍ଟ୍ରେଟ୍, ସଶସ୍ତ୍ର ପୋଲିସ୍ ବାହିନୀ, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ଭୋଟ୍ ଗଣତି ସରିବା ପରେ ନିର୍ବାଚନ ଅଧିକାରୀ ଏବଂ ନିୟୋଜିତ ଅନ୍ୟାନ୍ୟ ଅଧିକାରୀ ବୁଥ୍‌ସ୍ତରରେ ଫଳାଫଳ ଘୋଷଣା କରିଛନ୍ତି। ରବିବାର ଅନୁଗୋଳ ୟୁନାଇଟେଡ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ, ବାଲେଶ୍ୱର-ଭଦ୍ରକ, ମୟୂରଭଞ୍ଜ, ବଲାଙ୍ଗୀର ଜିଲା, ସମ୍ବଲପୁର ଜିଲା, ଆସ୍କା, ବ୍ରହ୍ମପୁର, କୋରାପୁଟ ଆଦି ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କରେ ନିର୍ବାଚନ ହୋଇଛି। ସେହିପରି ଉମରକୋଟ ରିଜଓନାଲ କୋଅପରେଟିଭ, ଭବାନୀପାଟଣା, ଖୋର୍ଦ୍ଧା, ବୌଦ୍ଧ, ପୁରୀ-ନିମାପଡା, ନୟାଗଡ ଜିଲା, ସୁନ୍ଦରଗଡ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କରେ ନିର୍ବାଚନ ହୋଇଛି। ମିଳିଥିବା ସୂଚନା ମୁତାବକ ବିଜେଡି ୯୦ ପ୍ରତିଶତରୁ ଅଧିକ ଆସନରେ ସଫଳତା ପାଇଛି।

ତେବେ ଏନେଇ ରାଜ୍ୟ ସମବାୟ ନିର୍ବାଚନ କମିଶନର ସୁନ୍ଦରଲାଲ ସିଲ୍ କହିଛନ୍ତି, ସମୁଦାୟ ୧୦୫ ସେଣ୍ଟ୍ରାଲ କୋଅପରେଟିଭ ସୋସାଇଟି ରହିଛି। ୧୪ଟି ଜିଲା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଏବଂ ୨ଟି ଆରସିଏମ୍ ପାଇଁ ନିର୍ବାଚନ ସରିଛି। ଯେଉଁମାନେ ଜିତିବେ ସେମାନେ ନିର୍ଦ୍ଦେଶକ ହେବେ। ଏହାର ୧୫ ଦିନ ପରେ ଜଣେ ସଭାପତି ଏବଂ ଜଣେ ଉପସଭାପତି ହେବେ। ସେମାନେ ଜାନୁୟାରୀରେ ଆପେକ୍ସ ସୋସାଇଟିରେ ଭୋଟ୍ ଦେବେ। ୨୩ଟି ଆପେକ୍ସ ସୋସାଇଟି ରହିଛି। ନିର୍ବାଚନରେ ୯୩ ହଜାର ଭୋଟର ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୨୨୦ ପ୍ରାଥମିକ ସମବାୟ ସମିତି ପାଇଁ ନିର୍ବାଚନ ସରିଛି ସେଥିରେ ପ୍ରାୟ ୮.୫୦ ଲକ୍ଷ ଭୋଟର ଅଛନ୍ତି ବୋଲି ସେ କହିଛନ୍ତି।

Shailabala Women's Autonomous College, Cuttack
Accredited with "A Grade' by N.A.A.C. (2006, 2017)

ADMISSION NOTICE 2022 - 23

Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
| --- | --- | --- |
| B. Sc. ITM (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website www.shailabalawomenscollege.ac.in. Last date to apply 25.11.2022, E-mail: sfcshailabalawac2022@gmail.com
*Sd /- Principal*

For Details, Call: 8249864218, 9439964289



କଟକ କାଠଯୋଡ଼ି ନଦୀର ଦେବୀଗଡ଼ାଠାରେ ବିହାରୀ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ଛଟ୍ ପୂଜା। ଶ୍ରଦ୍ଧାଳୁମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜାକରି ବ୍ରତ ରଖୁଛନ୍ତି।

DSPL-255
FICCI
ODISHA NEW OPPORTUNITIES
MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

Launch of
www.mio.investodisha.gov.in
MAKE IN ODISHA CONCLAVE'22 portal

Inauguration by
Shri Naveen Patnaik
Hon'ble Chief Minister, Odisha

31st OCTOBER 2022
5.30PM



Visit the portal to know more about MIO Conclave'22
- Register to attend sessions
- Get information about sectoral sessions
- Book your travel and stay
- Hear what Industry has to say about "Make in Odisha"

Scan to register

COME, JOIN THE JUGGERNAUT

Industrial Promotion & Investment Corporation of Odisha Limited
IPICOL House, Janpath, Bhubaneswar – 751022, Odisha
Email us at: mio2022@investodisha.org
Phone No.: +91 8895889632, +91 8895889513
Follow us on @investInOdisha /InvestOdisha Invest Odisha
OIPR-14005/13/0018/2223

# ରାସ୍ତା ମଝିରେ ଗର୍ଭବତୀ ୨ ଘଣ୍ଟା ଛଟପଟ




ଟ୍ରାଫିକ୍ ଜାମ୍‌ରେ ଫସିରହିଥିବା ଆମ୍ବୁଲାନ୍ସ।

କାଳିଆପାଣି,୩୦।୧୦(ଡି.ଏନ.ଏ.)

କାଳିଆପାଣି ଖଣି ଅଞ୍ଚଳରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଟ୍ରକଗୁଡ଼ିକ ବେଆଇନ ଧାଡ଼ି ଲଗାଇବା ଯୋଗୁ ଏକ ଆମ୍ବୁଲାନ୍ସ ରବିବାର ସକାଳ ୮ରୁ ପୂର୍ବାହ୍ନ ୧୦ଟା ଯାଏ ଫସି ରହିଥିଲା। କାଳିଆପାଣି ଥାନା ପୋଲିସକୁ ଟ୍ରାଫିକ ଜାମ୍ ହଟାଇବା ପାଇଁ ୨ ଘଣ୍ଟା ଲାଗିଥିଲା। ଫଳରେ ଜଣେ ଗର୍ଭବତୀ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଖଣି ଅଞ୍ଚଳକୁ କ୍ରୋମାଇଟ୍ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମରେ ରାସ୍ତାକଡରେ ଧାଡ଼ି କରି ଠିଆ ହୋଇ ନିଜ ସିରିୟଲ ନମ୍ବର ପାଇବାକୁ ଅପେକ୍ଷା କରି ରହୁଛନ୍ତି। ସେହିପରି ସମାନ ଦିଗକୁ ମୁହଁ କରି ଅପରପାର୍ଶ୍ୱ ରାସ୍ତାରେ ମଧ୍ୟ ଟ୍ରକଗୁଡ଼ିକ ୫୦ ମିଟର ଯାଏ ଠିଆ ହୋଇ ନମ୍ବର ପାଇବାକୁ ଜଗି ରହୁଛନ୍ତି। ଏଭଳି ବେଆଇନ କାର୍ଯ୍ୟ ହେଉଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜୁଛି। ଏଥିପାଇଁ ପୋଲିସ ଲାଭବାନ ହେଉଥିବାବେଳେ ସାଧାରଣ ଲୋକ ରାସ୍ତାମଝିରେ ଫସି ରହି ଦହଗଞ୍ଜ ହେଉଛନ୍ତି।

ପୋଲିସ ଉପସ୍ଥିତିରେ କମ୍ପାନୀ ସିକ୍ୟୁରିଟି ଗାର୍ଡ ଟ୍ରକଗୁଡ଼ିକୁ ସିରିୟଲ ନମ୍ବର ଦେଇଥାନ୍ତି। ଏହି ସମୟରେ ଟ୍ରକଗୁଡ଼ିକ ଧସେଇ ପଶି ଆସିଥାନ୍ତି। ଏଥିଯୋଗୁ ଟମକା -ମଙ୍ଗଳପୁର ରାସ୍ତାର କମର୍ଦ୍ଧାଠାରୁ କଲରଙ୍ଗୀ ଛକ ପର୍ଯ୍ୟନ୍ତ ନାହିଁ ନ ଥିବା ଜାମ୍ ଦେଖିବାକୁ ମିଳୁଛି। ଶନିବାର ସରୁଆବିଲ ଖଣିରୁ କ୍ରୋମାଇଟ ଲୋଡିଂ କରିବାକୁ ଠିଆ ହୋଇଥିବା ଟ୍ରକଗୁଡିକ ଜାମ କରିବାରୁ ସ୍ଥାନୀୟ ମହିଳାମାନେ ଠେଙ୍ଗା ଧରି ଟ୍ରକଗୁଡ଼ିକୁ ଗୋଡ଼ାଇଥିଲେ। ହେଲେ ରବିବାର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ଥିଲା। ଫେଙ୍କର ବେଦାନ୍ତ ଖଣିରୁ କ୍ରୋମାଇଟ ଲୋଡିଂ କରିବାକୁ ଆସି ଠିଆ ହୋଇଥିବା ଟ୍ରକଗୁଡ଼ିକ ମଝିରେ ଅନ୍ୟ ଟ୍ରକଗୁଡ଼ିକୁ ଭର୍ତ୍ତି କରାଯାଉଥିଲା। ଏହାଦ୍ୱାରା ଅନ୍ୟ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକ ଫସିରହିଥିଲା। ସେଥିମଧ୍ୟରେ କାଳିଆପାଣି ଅଞ୍ଚଳରୁ ଜଣେ ଗର୍ଭବତୀଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ଆମ୍ବୁଲାନ୍ସ ଅଟକି ଯାଇଥିଲା। ପ୍ରତିଦିନ ଏଭଳି ସ୍ଥିତି ଉପୁଜୁଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ଏସ୍‌ପି, ଜିଲାପାଳ ତୁରନ୍ତ ଏହାର ସ୍ଥାୟୀ ସମାଧାନ ନ କଲେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଲୋକମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ହେତୁବାଦୀଙ୍କ ବିରୋଧରେ ଏତଲା

**ପରାଗରେ ଚିକେନ୍ ବିରିୟାନୀ ଖାଇବା ଘଟଣା**

ପୁରୀ ଅଫିସ, ୩୦।୧୦: ଗତ ୨୫ତାରିଖରେ ହୋଇଥିବା ସୂର୍ଯ୍ୟୋପରାଗ ସମୟରେ ହେତୁବାଦୀ ପରିଚୟ ଦେଇ କେତେଜଣ ବ୍ୟକ୍ତି ଚିକେନ୍ ବିରିୟାନୀ ଖାଇବା ସହ ବ୍ରାହ୍ମଣ ସମାଜକୁ ଆକ୍ଷେପ କରି ଅପମାନିତ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ରାଜ୍ୟ ଶାକଦ୍ୱୀପୀ ବ୍ରାହ୍ମଣ ମହାସଂଘ ପୁରୀ ଜିଲା ଶାଖା ପକ୍ଷରୁ ରବିବାର ହେତୁବାଦୀ ସଙ୍ଗଠନ ବିରୋଧରେ ଟାଉନ ଥାନା ଅଧିକାରୀଙ୍କୁ ଏତଲା ଦିଆଯାଇଛି। ମହାସଂଘ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ଗତ ୨୫ତାରିଖରେ ସୂର୍ଯ୍ୟୋପରାଗ ହୋଇଥିଲା। ଏହି ଦିନ ପରାଗ ସମୟରେ ଓଡ଼ିଶାର ସନାତନ ଧର୍ମର ଲୋକେ ହିନ୍ଦୁ ଶାସ୍ତ୍ର ଏବଂ ଜ୍ୟୋତିର୍ବିଦ୍‌ଙ୍କ ଦ୍ୱାରା ସ୍ଥିରୀକୃତ ସମୟ ଅନୁସାରେ ଦେବନୀତି ଓ ପାକନୀତି ପାଳନ କରିଥିଲେ। କିନ୍ତୁ ହେତୁବାଦୀ ସଙ୍ଗଠନର ସଦସ୍ୟମାନେ ଜ୍ୟୋତିଷ ଶାସ୍ତ୍ର, ବ୍ରାହ୍ମଣ ଓ ହିନ୍ଦୁ ସମାଜକୁ ଆକ୍ଷେପ କରି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେହିପରି ଉକ୍ତ ଦିନ ସର୍ବସାଧାରଣ ସ୍ଥାନରେ ଚିକେନ ବିରିୟାନୀ ଖାଇ ଗଣମାଧମରେ ଧର୍ମ ବିରୋଧରେ ଅପପ୍ରଚାର କରିଥିଲେ। ଆଗାମୀ ଚନ୍ଦ୍ରଗ୍ରହଣ ଦିନ ସେମାନେ ଏହାର ପୁନରାବୃତ୍ତି କରିବେ ବୋଲି ଧମକପୂର୍ଣ୍ଣ ମନ୍ତବ୍ୟ ଦେଇ ଗଣମାଧମରେ ପ୍ରଚାର କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ ତୁରନ୍ତ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମହାସଂଘ ଦାବି କରିଛି। ଏତଲା ଦେବା ସମୟରେ ମହାସଂଘର ସଭାପତି କବିରାଜ ମହାପାତ୍ର ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

### ବାଲିଯାତ୍ରାରେ ଦେଖିବାକୁ ମିଳିବ କୱାଲି

**କଟକ ଅଫିସ,୩୦।୧୦:** କଟକ ବାଲିଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଚଳିତବର୍ଷ ସାଜସଜ୍ଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଏଥର ପ୍ରଥମଥର ପାଇଁ କୱାଲି ଶୋ ଦେଖିବାକୁ ମିଳିବ। ଅଜମେର ଦରଘାରୁ ସ୍ୱତନ୍ତ୍ର ଗ୍ରୁପ ବାଲିଯାତ୍ରାରେ ସେମାନଙ୍କ କଳା ପ୍ରଦର୍ଶନ କରିବେ ବୋଲି ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କହିଛନ୍ତି। ଏଥିସହ ବାଲିଯାତ୍ରାରେ କଣ୍ଠଶିଳ୍ପୀ ଉଦିତ୍ ନାରାୟଣ, ଜାବେଦ ଅଲ୍ଲୀ, କୈଳାସ ଖେର, କ୍ରୀଷ୍ଣା ବେଉରା ପ୍ରମୁଖ ନାମୀଦାମୀ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ବାଲିଯାତ୍ରାରେ ଦୁଇଟି ମଞ୍ଚ ନିର୍ମାଣ ହେବ। ପୂର୍ବରୁ ଗଣକବି ବୈଷ୍ଣବ ପାଣିଙ୍କ ନାଁରେ ମଞ୍ଚ ରହିଥିବାବେଳେ ଏଥର ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ନାମରେ ଆଉ ଏକ ମଞ୍ଚ କରାଯାଉଛି। ତେବେ ଉଭୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡିଛି।

### ଭାଙ୍ଗ, ଗଞ୍ଜେଇ ଜବତ: ୨ ଗିରଫ

**କଟକ ଅଫିସ,୩୦।୧୦:** ଅବକାରୀ ବିଭାଗ ପକ୍ଷରୁ ରବିବାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଭାଙ୍ଗ ଓ ଗଞ୍ଜେଇ କରାଯାଇଛି। ଅବକାରୀ ବିଭାଗର ସକାଳ ପାଟ୍ରୋଲିଂ ବେଳେ ବାଦାମବାଡ଼ି ଆହାର କେନ୍ଦ୍ର ନିକଟରୁ ବୌଦ୍ଧର ସିଦ୍ଧେଶ୍ୱର ମେହେରଙ୍କୁ ଗିରଫ କରାଯାଇ ୨୧ କେଜି ଗଞ୍ଜେଇ ଜବତ କରାଯାଇଥିଲା। ମଙ୍ଗଳାବାଗ ହନୁମାନ ମନ୍ଦିର ନିକଟରୁ ପୁରୀ ଜିଲା ସାକ୍ଷୀଗୋପାଳର ପ୍ରମୋଦ ପରିଡ଼ାଙ୍କୁ ଗିରଫ କରାଯାଇ ୪୦ କେଜି ଭାଙ୍ଗ ଜବତ କରାଯାଇଛି।

# କାର୍ ଧକ୍କାରେ ବିଏମ୍‌ସି ଇନ୍‌ସ୍ପେକ୍ଟର ମୃତ

## ରାଜମହଲ ଓଭରବ୍ରିଜରେ ବାଇକକୁ ପିଟିଲା କାର୍

- କାର୍‌ରେ ନିଆଁ ଲଗାଇଲେ ଉତ୍ୟକ୍ତ ଲୋକେ, କାର୍ ଚାଳକ ଅଟକ
- ନିଆଁ ଲଗାଇବା ଅଭିଯୋଗରେ ଏକାଧିକ ଯୁବକଙ୍କୁ ଉଠାଇନେଲା ପୋଲିସ

ଭୁବନେଶ୍ୱର ୩୦।୧୦ ( ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଓଭରବ୍ରିଜ ଉପରେ ରବିବାର ରାତି ପ୍ରାୟ ୧୨ଟା ୩୦ରେ ଏକ ଦୁର୍ଘଟଣା ଘଟିଛି। ଏଜି ଛକରୁ କଳ୍ପନା ଅଭିମୁଖେ ଯାଉଥିବା ବାଇକକୁ ପଛପଟୁ ଏକ କାର୍ (ଓଡି୦୨ସିଏ୦୯୮୭) ଧକ୍କା ଦେଇଥିଲା। ବାଇକଟି ଛିଟିକି ପଡ଼ିବା ସହ ରାସ୍ତାରେ ଘୋଷାଡ଼ି ହୋଇ ବ୍ରିଜ୍ ବାଡ଼ାରେ ପିଟି ହୋଇଯାଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର ହ୍ରିତିକ ରୋଶନ (୨୫) ଓ ସେ ଭୁବନେଶ୍ୱର ମହାନଗର ନିଗମର (ବିଏମସି)ର ଇନ୍‌ସ୍ପେକ୍ଟର (ସାନିଟାରୀ) ଭାବେ କାର୍ଯ୍ୟ କରୁଥିଲେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କାର୍‌ଟି ମଧ୍ୟ ବ୍ରିଜ୍ ବାଡ଼ରେ ଧକା ହୋଇ ଓଲଟି ପଡିଥିଲା। ସେଥିରେ ଥିବା ଚାଳକ ଜଣକ ସାମାନ୍ୟ ଆହତ ହୋଇଛନ୍ତି। ଦ୍ରୁତଗତି ସହ କାର୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ତେବେ ଘଟଣାପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଉକ୍ତ କାରରେ ନିଆଁ ଲଗାଇ ଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିବା ବେଳେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ଜଳୁଥିବା କାରରୁ ନିଆଁ ଲିଭାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି କାର୍ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଥାନାରେ ଅଟକ ରଖି ପଚାରାଉଚରା କରୁଛି। ତେବେ ପୋଲିସ କାର୍ ଚାଳକଙ୍କ ପରିଚୟକୁ ଗୋପନ ରଖିବା ସହ ତାଙ୍କ ସମ୍ପର୍କରେ କୌଣସି ସୂଚନା ଦେଉ ନାହିଁ। ସେ ଜଣେ ବିଶିଷ୍ଟ ବ୍ୟବସାୟୀ ଏବଂ ଅଭିନେତ୍ରୀଙ୍କ ସମ୍ପର୍କୀୟ ବୋଲି ଜଣାପଡିଛି। ଅନ୍ୟପଟେ ଘଟଣାସ୍ଥଳରେ କାରରେ ନିଆଁ ଲଗାଇଥିବା ଅଭିଯୋଗରେ ଏକାଧିକ ଯୁବକଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି। ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତି ଲାଗି ରହିଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜମହଲରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ହ୍ରିତିକରୋଶନ କଳ୍ପନାରେ ଘର ଭଡ଼ା ନେଇ ରହୁଥିଲେ। ରାତିରେ ସେ ବିଏମ୍‌ସି କର୍ମଚାରୀଙ୍କ ସଫେଇ କାର୍ଯ୍ୟକୁ ଯାଞ୍ଚ କରିବାକୁ ଯାଇଥିଲେ। ଡିୟୁଟି ସାରି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।


ଦୁର୍ଘଟଣା ଘଟାଇ ଓଲଟି ପଡ଼ିଥିବା କାର୍।


କାର୍‌ରେ ନିଆଁ ଲଗାଇଦେବା ପରେ ଉତ୍ୟକ୍ତ ଲୋକଙ୍କୁ ପୋଲିସ ଘଉଡ଼ାଉଛି।

## ଖଣ୍ଡଗିରି ଓଭରବ୍ରିଜ୍ ତଳ ସଫେଇକଲା ବିଏମ୍‌ସି

ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ କ୍ଲିନ୍ ଓ ଗ୍ରୀନ୍ ସହରରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖିଛି ବିଏମ୍‌ସି। ଏଥିପାଇଁ ପ୍ରତି ମାସର ଶେଷ ରବିବାରରେ ଗଣ ସଫେଇ କାର୍ଯ୍ୟକ୍ରମ ଜୋର୍‌ଦାର କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ଖଣ୍ଡଗିରି ଓଭରବ୍ରିଜ୍ ତଳେ ସଫେଇ କରାଯାଇଥିଲା। ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର, ଡେପୁଟି କମିଶନର ଏବଂ ସମସ୍ତ କର୍ପୋରେଟର ଯୋଗଦେଇ ସଫେଇ କରିଥିଲେ। ଖଣ୍ଡଗିରି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ପ୍ରତିଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ଖଣ୍ଡଗିରି ଏବଂ ଏହାର ଆଖପାଖ ଅଞ୍ଚଳକୁ ପରିଷ୍କାର ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମେୟର ଦାସ କହିଥିଲେ। ଏଥିସହ କ୍ଲିନ ଓ ଗ୍ରୀନ ସହରରେ ଭୁବନେଶ୍ୱରକୁ ପରିଣତି କରିବା ପାଇଁ ସେ ଲୋକଙ୍କ ସହଯୋଗ କାମନା କରିଥିଲେ। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ସହରବାସୀଙ୍କୁ ସ୍ୱଚ୍ଛତା ନେଇ ସଚେତନତା ସୃଷ୍ଟି କରାଯାଉଛି। ଏଥିରେ ସ୍ଥାନୀୟ ଲୋକେ ସାମିଲ ହେଉଥିବା ଦେଖିବାକୁ ମିଳୁଛି।

# ନିଜର ଦକ୍ଷତା, ସାମର୍ଥ୍ୟକୁ ଠିକ୍ ଭାବେ ଉପଯୋଗ କରନ୍ତୁ

ବାଲିଅନ୍ତା,୩୦।୧୦(ଡି.ଏନ୍.ଏ.)

ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପ୍ରଥମ ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଆସ୍ଥା ଅଭିଷେକ-୨୦୨୨' ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜଧାନୀ ଉପକଣ୍ଠ ବାଲିଅନ୍ତା ପଞ୍ଚମୁଖୀ ବିହାରସ୍ଥିତ କ୍ୟାମ୍ପସ ପରିସରରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରିଲାଏନ୍ସ ଡିଜିଟାଲର ମାନବ ସମ୍ବଳ ବିଭାଗର ବରିଷ୍ଠ ଉପସଭାପତି ଲଳିତ କର ଯୋଗଦେଇ କହିଥିଲେ, କଠିନ ପରିଶ୍ରମ ଓ ଦୃଢ଼ ବିଶ୍ୱାସ ଫଳରେ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇପାରିବ। ମୁଖ୍ୟବକ୍ତା ରୂପେ ଡ. ଅଶୋକ ମଙ୍ଗରାଜ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ନିଜ ଭିତରେ ଥିବା ଦକ୍ଷତା ଓ ସାମର୍ଥ୍ୟକୁ ଠିକ୍ ଭାବେ ଉପଯୋଗ କଲେ ତାହା ଉପକାରୀ ବ୍ୟକ୍ତିତ୍ୱ ଗଠନରେ ସହାୟକ ହେବ। ଓଡିଆ ସିନେ ପ୍ରଯୋଜକ ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ନିଜ ଭିତରେ ବିଶ୍ୱାସ ରଖିଲେ ଜୀବନରେ ଛାତ୍ରୀଛାତ୍ର ସଫଳତା ପାଇପାରିବେ ବୋଲି ସେ କହିଥିଲେ। ଶିକ୍ଷାନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମନିଅନ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ରୋଟାରିୟାନ ବିଜୟ ପାତ୍ର ଓ ସମସ୍ତ ଅତିଥିଙ୍କ ଦ୍ୱାରା ନ୍ୟୁଜ୍ ଲେଟର 'ଆସ୍ଥା ଦର୍ପଣ-୨୦୨୨' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଅଭୀପ୍ସା ମିଶ୍ର ସଂଯୋଜନା କରିଥିବାବେଳେ ପ୍ରଫେସର ନନ୍ଦିତା ମହାପାତ୍ର ପରିଚାଳନା କରିଥିଲେ। ଡାଇରେକ୍ଟର ଡ. ତ୍ରିଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।


ଆୟୋଜିତ ଉତ୍ସବରେ ନ୍ୟୁଜ୍ ଲେଟର 'ଆସ୍ଥା ଦର୍ପଣ-୨୦୨୨'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଏଣିକି ଗୁହାଳ ମାଲିକଙ୍କୁ ୟୁଜର୍ସ ଫି' ଦେବାକୁ ପଡ଼ିବ

କଟକ ଅଫିସ,୩୦।୧୦

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଗୁହାଳ ଥିଲେ ମାଲିକଙ୍କୁ ୟୁଜର୍ସ ଫି' ଦେବାକୁ ପଡିବ। ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଭଳି ଗୁହାଳ ମାଲିକଙ୍କଠାରୁ ଫି' ଆଦାୟ କରିବାକୁ ସିଏମ୍‌ସି ଯୋଜନା ପ୍ରସ୍ତୁତ କରିଛି। ସିଏମ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସହରରେ ୩ ହଜାରରୁ ଊର୍ଦ୍ଧ୍ୱ ଗୁହାଳ ରହିଛି। ସେଠାରୁ ଗୋବର ସହ ଅନ୍ୟ ବର୍ଜ୍ୟବସ୍ତୁ ବାହାରୁଛି। ତାହାକୁ ସିଧାସଳଖ ଡ୍ରେନ୍‌କୁ ଛଡାଯାଉଛି। କିଛି ସ୍ଥାନରେ ରାସ୍ତାରେ ବର୍ଜ୍ୟବସ୍ତୁ ପଡି ରହିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଗୁହାଳରୁ ବାହାରୁଥିବା ବର୍ଜବସ୍ତୁ ସିଏମ୍‌ସି ବିନା ମୂଲ୍ୟରେ ନେଉଛି। ସହରରେ କେତେ ଗୁହାଳ ରହିଛି, ସେଠାରେ କେତେ ଗୋରୁ ଅଛନ୍ତି, ସେଠାରୁ ପ୍ରତିଦିନ କେତେ ଗୋବର ବା ବର୍ଜବସ୍ତୁ ବାହାରୁଛି, ସେ ସମ୍ପର୍କରେ ସିଏମ୍‌ସି ଅନୁଧ୍ୟାନ କରିବ। ଏହାପରେ ଗୁହାଳଗୁଡିକୁ ପଞ୍ଜୀକରଣ କରାଯାଇ ମାଲିକମାନଙ୍କଠାରୁ ୟୁଜର୍ସ ଫି' ଆଦାୟ କରାଯିବ। କେବଳ ୟୁଜର୍ସ ଫି' ନୁହେଁ ଗୁହାଳରୁ ବାହାରୁଥିବା ଗୋବର ନେବ ସିଏମ୍‌ସି। ସେଥିରେ ଖତ ପ୍ରସ୍ତୁତ କରି ବିକ୍ରି କରାଯିବ। ସୂଚନାଯୋଗ୍ୟ, ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲଠାରୁ ସିଏମ୍‌ସି ୟୁଜର୍ସ ଫି' ଆଦାୟ କରି ସେବା ଯୋଗାଉଛି। ହେଲେ ଘରୋଇ ସଂସ୍ଥା ଫି' ନ ଦେଇ ବର୍ଷ ବର୍ଷ ଧରି ସିଏମ୍‌ସିଠାରୁ ସୁବିଧା ପାଉଛି। ତେଣୁ ଏବେ ଗୁହାଳ ମାଲିକମାନଙ୍କଠାରୁ ୟୁଜର୍ସ ଫି' ଆଦାୟ କରିବାକୁ ଯୋଜନା କରାଯାଇଛି।

## ଶ୍ରୀଲିଙ୍ଗରାଜଙ୍କ ରୋଷଘର ମରାମତି ହେଉ



ପୁରୁଣା ଭୁବନେଶ୍ୱର, ୩୦।୧୦ (ଡି.ଏନ୍.ଏ.)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦୈନନ୍ଦିନ ନୀତିକାନ୍ତି ସେବା ସମ୍ପାଦନ ପାଇଁ ଛତିଶା ନିଯୋଗ ନିୟୋଜିତ ଅଛନ୍ତି। ସେହିଭଳି ନୀତିକାନ୍ତିରେ ଶଙ୍କୁଡ଼ି ଏବଂ ଶୁଖିଲି ଭୋଗ ଠାକୁରଙ୍କ ପାଖରେ ଲାଗି ହୋଇଥାଏ। ଏହି ଭୋଗ ପ୍ରସ୍ତୁତ ପାଇଁ ମନ୍ଦିର ପରିସରରେ ସ୍ୱତନ୍ତ୍ର ରୋଷଘର ରହିଛି। ଯାହା କୋଠରୋଷ ଗୃହ ନାମରେ ନାମିତ। ତେବେ ବରାଦି ପ୍ରସାଦ ପାଇଁ ଏଥିରେ ସଂଲଗ୍ନ ଅନ୍ୟ ୪ଟି ରୋଷଘର ରହିଛି। ସମ୍ପ୍ରତି ଏହି ରୋଷ ଘର ବିଭିନ୍ନ ସମସ୍ୟାରେ ଗତି କରୁଛି। ଛାତରୁ ପାଣି ଗଳିବା ସହ କେଉଁଠି ସ୍ଲାବ୍ ଖସୁଛି। ଚଟାଣରେ ପଡ଼ିଥିବା ପଥର ଅବକ୍ଷୟ ହେବାରୁ ମୂଷା ଗାତ କରିଥିବା ଦେଖିବାକୁ ମିଳିଛି। କୋଠ ରୋଷଘରେ ଅନ୍ନପ୍ରସାଦ ସହ ଶୁଖିଲି ଭୋଗ ଭାବେ ଆରିସା, କାନ୍ତି, ହଂସକୁଳି, ଖଇର, ସୋଧୁଅ ଆଦି ଭୋଗ ପ୍ରସ୍ତୁତ କରାଯାଇଥାଏ। ପ୍ରତ୍ୟହ ପ୍ରତ୍ୟେକ ଧୂପରେ ରୋଷଘରର ଆବଶ୍ୟକତା ରହିଛି। ଏଠାରେ ଥିବା ଅନେକ ଚୁଲି ଭାଙ୍ଗିରୁଜି ଯାଇଥିବା ବେଳେ ବରାଦି ପ୍ରସାଦ ପାଇଁ କେବଳ ୨୦/୨୨ଟି ଚୁଲି ରହିଛି। ଅନ୍ୟପଟେ ନଳା ପୋତି ହୋଇଯିବାରୁ ରୋଷଘରୁ ନିର୍ଗତ ପେଯ ଓ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରୋଷଘରର ମରାମତି ପାଇଁ ଦାବି ହେଉଛି। ମରାମତି ଦାୟିତ୍ୱରେ ଥିବା ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ କୁହନ୍ତି, ରୋଷଘର ମରାମତି ନେଇ ବର୍ଷେ ପୂର୍ବରୁ ଟେଣ୍ଡର ହୋଇଥିଲା। ଅନେକ କାର୍ଯ୍ୟ ମଧ୍ୟ ସରିଛି। ତେବେ ସେବାୟତଙ୍କ ଅସହଯୋଗ ଯୋଗୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ବୋଲି ସେ କହିଛନ୍ତି।

# ମହିଳାଙ୍କ ସମେତ ୧୧ ନିର୍ଦ୍ଦେଶକ ନିର୍ବାଚିତ

## କେସିସିବି ପରିଚାଳନା ପରିଷଦ ନିର୍ବାଚନ

ଖୋର୍ଦ୍ଧା ଅଫିସ, ୩୦।୧୦

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦର ୪ ଜୋନ୍‌ର ନିର୍ଦ୍ଦେଶକ ପଦବୀରୁ ୪ଟିରେ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବାବେଳେ ୧୧ଟି ଜୋନ ନିର୍ଦ୍ଦେଶକ ପଦବୀ ପାଇଁ ମତଦାନ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଜେବି ହାଇସ୍କୁଲ କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିଲା। ପରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଛି। ୬ନମ୍ବର ଜୋନରୁ ପ୍ରସନ୍ନ କୁମାର ଜାଲି, ୭ରୁ ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ରୁ ଜୟଶ୍ରୀ ଗଡ଼ନାୟକ ଏବଂ ୧୪ ନଂ. ଜୋନ୍‌ରୁ ଅଭିଷେକ ସିଂ ସାମନ୍ତ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଅନ୍ୟ ୧୧ଟି ଜୋନରୁ ନିର୍ବାଚିତ ନିର୍ଦ୍ଦେଶକଙ୍କ ନାମ ଘୋଷଣା କରାଯାଇଛି। ୧ନମ୍ବର ଜୋନ୍‌ରେ ସୁଧାଂଶୁ ଶେଖର ବଡ଼ଜେନା ୧୨୦ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୃଷ୍ଣଚନ୍ଦ୍ର ବାରିକ (୬୮)ଙ୍କଠାରୁ ୫୨ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୨ନଂ ଜୋନରେ ପ୍ରକାଶ ଚନ୍ଦ୍ର ରାଉତରାୟ ୧୨୯ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୌରୀ ସାହୁ(୬୪)ଙ୍କଠାରୁ ୬୫ଖଣ୍ଡ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୩ନଂ ଜୋନରେ ପବିତ୍ର ମୋହନ ମାଝି ୧୧୫ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱପ୍ନେଶ୍ୱର ଜୟସିଂହ(୭୬)ଙ୍କ ଠାରୁ ୩୯ଖଣ୍ଡ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ୪ନଂ ଜୋନରେ ପ୍ରଦୀପ୍ତ କୁମାର ବାରିକ ୧୦୫ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାମେଶ ଶ୍ରୀଚନ୍ଦନ(୮୮)ଙ୍କ ଠାରୁ ୧୭ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ୫ନଂ ଜୋନରେ ରଞ୍ଜନ କୁମାର ଛୋଟରାୟ ୭୨ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରିହର ସାହୁ(୪୮)ଙ୍କ ଠାରୁ ୨୪ ଖଣ୍ଡ ବ୍ୟବଧାନରେ ଜିତିଛନ୍ତି। ୮ନଂ ଜୋନରେ ବିପିନ କୁମାର ପାତ୍ର ୧୪୭ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାରୀ ଦାସ(୪୯)ଙ୍କଠାରୁ ୯୮ଖଣ୍ଡ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ୯ନଂ. ଜୋନରେ କୃଷ୍ଣଚନ୍ଦ୍ର ପୃଷ୍ଟି ୧୧୭ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ଆଦିତ୍ୟ(୩୮)ଙ୍କଠାରୁ ୭୯ ଖଣ୍ଡ ବ୍ୟବଧାନରେ ବିଜୟୀ ଲାଭ କରିଛନ୍ତି। ୧୦ନଂ. ଜୋନରେ ଭାବଗ୍ରାହୀ ସାହୁ ୧୦୧ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପଦ୍ମଚରଣ ମହାନ୍ତି(୯୬)ଙ୍କଠାରୁ ୪ଖଣ୍ଡ ବ୍ୟବଧାନରେ ଜିତିଛନ୍ତି। ୧୨ନଂ ଜୋନରେ ସୁକାନ୍ତ ଚନ୍ଦ୍ର ସାମନ୍ତରାୟ ୮୨ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀରଞ୍ଜନ ମଙ୍ଗରାଜ (୬୦)ଙ୍କଠାରୁ ୨୨ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୧୩ ନଂ. ଜୋନରେ ସୁମତି ଶତ୍ରୁଶଲ୍ୟ ୧୨୬ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଝୁନି ପ୍ରଧାନ(୪୮)ଙ୍କଠାରୁ ୭୮ଖଣ୍ଡ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୧୫ନଂ. ଜୋନରେ ସୁରେଶ ଚନ୍ଦ୍ର ପ୍ରଧାନ ୧୨୬ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜୟ କୁମାର ମଙ୍ଗରାଜ (୬୮)ଙ୍କଠାରୁ ୪୮ ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ, ସଦର ଏସ୍‌ଡିପିଓ ଦିଲୀପ ଦାସ ଏବଂ ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।



ବିଜୟୀ ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

## ଇତିରାଣୀ ସାମନ୍ତଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଇତିରାଣୀ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱ ଶାନ୍ତି ଓ ସଂହତି ପ୍ରତିଷ୍ଠା ଲାଗି ଗଠିତ ହୋଇଥିବା ଅନ୍ତର୍ଜାତୀୟ ଅନୁଷ୍ଠାନ 'ସାକା ଗୋକାଇ' ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଆମ୍ବେଦକର ସେଣ୍ଟରଠାରେ ଆୟୋଜିତ ସମ୍ମିଳନୀରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ. ସାମନ୍ତ କହିଥିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ପ୍ରଥମ ପାହାଚ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ଆଣି କରାଯାଇ ପାରିବ। ଡ. ସାମନ୍ତ ନିଜ ଗାଁର ଉନ୍ନତି ସହିତ ଗ୍ରାମ୍ୟ ଅଧିବାସୀମାନଙ୍କ ଶିକ୍ଷା, ସାମାଜିକ ସୁରକ୍ଷା, କର୍ମ ନିଯୁକ୍ତି ଏବଂ ମହିଳା ସଶକ୍ତିକରଣ ଆଦି କାର୍ଯ୍ୟ କରୁଥିବାରୁ ସମସ୍ତ ଅତିଥି ଓ ଆୟୋଜକ ତାଙ୍କୁ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିମାନଙ୍କ ସହ ଯୋଗଦେଇଥିବା ବଲିଉଡ୍ ଚଳଚ୍ଚିତ୍ର ତାରକା ଦିୟା ମିର୍ଜା ମଧ୍ୟ ଡ. ସାମନ୍ତ ସମାଜ ପାଇଁ ଆଦର୍ଶ ବୋଲି ଅଭିହିତ କରିଥିଲେ।

## ସଂକ୍ଷେପରେ

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ)- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶନିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଶ୍ୱବିଦ୍ୟାଳୟ କୁଳପତି ଡ଼. ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ବିଶ୍ୱବିଦ୍ୟାଳୟ ପରିସର ସଫେଇ କରିଥିଲେ। ସମାଜକୁ ସ୍ୱଚ୍ଛ ରଖିବାକୁ ସଫେଇ କାର୍ଯ୍ୟକ୍ରମ କରିବା ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କୋଡିନେଟର ଡ଼. ସଞ୍ଜୀବ କୁମାର ରାଉତ ଓ ଏନ୍‌ଏସ୍‌ଏସ୍ ଅଧିକାରୀ ଜବାହର ମିଶ୍ର ଉପସ୍ଥିତ ରହି କର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ହରିଣ ମାଂସ ଜବତ, ୩ ଶିକାରୀ ଗିରଫ

ପୁରୀ ଅଫିସ ୩୦।୧୦: ହରିଣ ଶିକାର କରି ମାଂସ ବିକ୍ରି କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ପୁରୀ ସଦର ବ୍ଲକ ଅଧୀନ ଆଲବାରେ ହରିଣ ଶିକାର ପରେ ଏହାର ମାଂସ ବିକ୍ରି ହେଉଥିବା ଭିଡିଓ ଦେଖିବାକୁ ମିଳିଥିଲା। ତେବେ ଅଭିଯୋଗ ପରେ ରବିବାର ବନ ବିଭାଗର କର୍ମଚାରୀମାନେ ଗାଁରେ ଚଢ଼ାଉ କରି ମାଂସ ଜବତ କରିବା ସହ ୩ ଶିକାରୀଙ୍କୁ ଗିରଫ କରିଥିଲେ। ସୂଚନା ଅନୁଯାୟୀ କିଛିଦିନ ତଳେ କେତେଜଣ ଶିକାରୀ ଯୋଡ଼ାଲିଙ୍ଗ ନିକଟ ଅଞ୍ଚଳରେ ବିଦ୍ୟୁତ ତାର ଗୁଡ଼ାଇ ଫାଶ ବସାଇଥିଲେ। ଫାଶରେ ଏକ ହରିଣ ପଡ଼ିଥିଲା। ତାକୁ ହତ୍ୟା କରି ମାଂସ ପ୍ରସ୍ତୁତ କରି ଶିକାରୀମାନେ ନିଜ ନିଜ ମଧରେ ବାଣ୍ଟି ନେଇଥିଲେ। ତେବେ ଏକ ବ୍ୟାଗ୍‌ରେ ମାଂସ ନେବାର ଭିଡିଓ ଦେଖିବାକୁ ମିଳିଥିଲା। ଏହାପରେ ବନ ବିଭାଗ କର୍ମଚାରୀମାନେ ସେଠାରେ ଚଢ଼ାଉ କରି ମାଂସ ଜବତ କରିବା ସହ ୩ ଶିକାରୀଙ୍କୁ ଧରିଥିଲେ।

### ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

ଅସ୍ତରଙ୍ଗ,୩୦।୧୦(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକ ଅଧୀନ କଣମଣ ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରେନ୍ଦ୍ର କାଣ୍ଡି। ପୂର୍ବାହ୍ନ ୧୦ଟାରେ ନରେନ୍ଦ୍ର ଧାନ ବିଲରେ ପାଣି ମଡ଼ାଇବାକୁ ଯାଇଥିଲେ। ମୋଟରରେ ପାଣି ଦେବା ପାଇଁ ବିଦ୍ୟୁତ୍ ସଂଯୋଗ କରିଥିଲେ। କୌଣସି କାରଣ ଯୋଗୁ ମୋଟରକୁ ଧରିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ପାଟି ଶୁଣି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅସ୍ତରଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଜାଗା ମିଶନ, ଆଶଙ୍କାରେ ଭୂମିହୀନ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଭୂମିହୀନଙ୍କୁ ଭୂମି ତଥା ବାସସ୍ଥାନ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ 'ଜାଗା ମିଶନ'କୁ କାର୍ଯ୍ୟକାରୀ କରାଯାଇଛି। ଏନେଇ ପ୍ରକୃତ ହିତାଧିକାରୀ ଚୟନ ପାଇଁ ଚୂଡ଼ାନ୍ତ ସର୍ଭେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ଯୋଜନାରେ ହିତାଧିକାରୀଙ୍କୁ ୩୫ରୁ ୪୫ ବର୍ଗ ଫୁଟ୍ ଜାଗା ଆବଣ୍ଟନ କରାଯିବ। ସହରର ୪୩୬ଟି ବସ୍ତିର ୯୦ ହଜାର ୧୦୩ ପରିବାରକୁ ଜାଗା ମିଶନ ଅଧୀନରେ ବିଚାରକୁ ନିଆଯାଇଥିଲେ ମଧ ଚୂଡ଼ାନ୍ତ ସର୍ଭେ ପରେ ପ୍ରକୃତ ଭୂମିହୀନଙ୍କୁ ଜାଗା ପ୍ରଦାନ କରାଯିବ। ଜାଗା ମିଶନ ଅଧୀନରେ କେତେକ ବସ୍ତିର ଉନ୍ନତିକରଣ କରାଯାଉଥିବାବେଳେ ୧୦ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରିବାକୁ ଯୋଜନା ରହିଛି। ଏଥିସହ ଚିହ୍ନଟ ହିତାଧିକାରୀଙ୍କୁ ଅନ୍ୟତ୍ର ମଧ ଭୂମି ଯୋଗାଇ ଦିଆଯିବ। ତେଣୁ ଏହି ତାଲିକାରେ ସାମିଲ ହେବାକୁ ଏବେଠୁ ଭୂମିହୀନ ବସ୍ତିବାସିନ୍ଦାଙ୍କ ମଧରେ ତତ୍ପରତା ପ୍ରକାଶ ପାଇଛି। ସହରରେ ଥିବା ଅନେକ ବସ୍ତିବାସିନ୍ଦା ଏବେ ମଧ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ବସ୍ତି ଉଚ୍ଛେଦ ସେମାନଙ୍କ ସ୍ଥିତିକୁ ବିଗାଡ଼ି ଦେଉଥିବାବେଳେ ମୁଣ୍ଡ ଉପରୁ ଛାତ ଯେ କେତେବେଳେ ଉଠିଯିବ ସେନେଇ ଚିନ୍ତାରେ ଦିନ କାଟୁଛନ୍ତି। ଏପରିସ୍ଥିତିରେ ଜାଗା ମିଶନ ସେମାନଙ୍କୁ ଆଶ୍ୱସ୍ତି ଦେଇଥିଲେ ମଧ ଭୂମିଟିଏ ପାଇବା ନେଇ ଆଶଙ୍କା ଭିତରେ ରହିଛନ୍ତି। ହିତାଧିକାରୀ ଚୟନରେ ପ୍ରିୟାପ୍ରୀତି ତୋଷଣ, ଟଙ୍କା କାରବାର, ରାଜନୈତିକ ହସ୍ତକ୍ଷେପ ଓ ଅନିୟମିତତା ଦୃଷ୍ଟି ଦେବାକୁ ବସ୍ତିବାସିନ୍ଦା ଦାବି କରିଛନ୍ତି।

## ସ୍ମାର୍ଟସିଟିର ୪୩୬ ବସ୍ତି ସାମିଲ, ଖୁବ୍‌ଶୀଘ୍ର ଚୂଡ଼ାନ୍ତ ସର୍ଭେ




## ରାସ୍ତା, ଡ୍ରେନ୍ ପ୍ରକଳ୍ପ ଅଧାପନ୍ତରିଆ

୩୨୧ ବସ୍ତିରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ମଧ ଅଧପନ୍ତରିଆ ରହିଛି। ୪୬୨ଟି ପ୍ରକଳ୍ପରେ ରାସ୍ତା ଓ ଡ୍ରେନ କାର୍ଯ୍ୟ କରାଯିବାକୁଥିବାବେଳେ ଏପର୍ଯ୍ୟନ୍ତ ୨୮୦ଟି ପ୍ରକଳ୍ପ କାର୍ଯ୍ୟ ସରିଛି। ୧୧୯ ପ୍ରକଳ୍ପ କାର୍ଯ୍ୟ ଖୋଳାପୋତାରେ ସୀମିତ ଥିବାବେଳେ ୬୩ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସ୍ଥାନୀୟ ସମସ୍ୟା, ଜମିଜମା ବିବାଦ ତଥା ୱାର୍ଡ-ୱାର୍ଡ ମଧର ସୀମା ନିର୍ଦ୍ଧାରଣ ସମସ୍ୟା କାରଣରୁ ପ୍ରକଳ୍ପ କାର୍ଯ୍ୟ ଅଟକିଥିବା କହି ବିଏମ୍‌ସି ଦୋଷ ଖସାଉଛି। ତେବେ ଖାଲଖମା ପୂର୍ଣ୍ଣ ରାସ୍ତାରେ ବସ୍ତି ବାସିନ୍ଦା ଯାତାୟାତ କରୁଥିବାବେଳେ ଡ୍ରେନ୍‌ଜନିତ ସମସ୍ୟା କାରଣରୁ ବର୍ଷା ଦିନେ ଜଳବନ୍ଦୀ ହୋଇରହୁଛନ୍ତି। ସେହିପରି ପରିଚୟ ଗୃହ ନିର୍ମାଣ ଭଳି ବିଭିନ୍ନ ପ୍ରକଳ୍ପ ମଧ ଜମି ଅଭାବ କାରଣରୁ ଆଗେଇପାରୁ ନ ଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ୨୨ ବସ୍ତି ପାଇଁ ନାହିଁ ବିକାଶମୂଳକ ଯୋଜନା

ବିଏମ୍‌ସିର ତଥ୍ୟ ଅନୁସାରେ, ଉତ୍ତର ଜୋନ୍‌ରେ ସର୍ବାଧିକ ୧୫୬ଟି ବସ୍ତିରେ ୩୯ ହଜାର ୩୯୦ ପରିବାର, ଦକ୍ଷିଣ-ପୂର୍ବ ଜୋନର ୧୩୯ ବସ୍ତିରେ ୨୧ ହଜାର ୫୬୮ ପରିବାର ଓ ଦକ୍ଷିଣ-ପଶ୍ଚିମ ଜୋନ୍‌ର ୧୪୨ ବସ୍ତିରେ ୨୯ ହଜାର ୧୪୫ ପରିବାର ଅଛନ୍ତି। ଆସନ୍ତା ୭ ଦିନ ମଧରେ ପ୍ରକୃତ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବା ସହ ୬ ମାସ ମଧରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ତେବେ ଏହି ୪୩୬ ବସ୍ତି ମଧ୍ୟରୁ ୪୧୪ଟିର ଉନ୍ନତିକରଣ କରାଯିବାକୁ ଥିବାବେଳେ ଅବଶିଷ୍ଟ ୨୨ ବସ୍ତି ପାଇଁ ଏବେ କୌଣସି ବିକାଶମୂଳକ ଯୋଜନା ନାହିଁ। ରେଲୱେ, ଇଡ୍‌କୋ, ଓୟୁଏଟି ଜମିରେ ଗଢ଼ିଥିବା ଏହି ୨୨ ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବା ନେଇ ମଧ କୌଣସି ସୂଚନା ନାହିଁ। ସେହିପରି କେନାଲ ଉପରେ ଗଢ଼ିଉଠିଥିବା ବସ୍ତି ବା ରାସ୍ତା ସଂପ୍ରସାରଣ ହେବାକୁ ଥିବା ଜମିରେ ଗଢ଼ିଥିବା ବସ୍ତିଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ ହୋଇପାରିବ ନାହିଁ। ତେବେ ଉନ୍ନତିକରଣ ହେବାକୁ ଥିବା ୪୧୪ ବସ୍ତି ମଧ୍ୟରୁ ପାଇଲଟ୍ ପ୍ରକଳ୍ପ ଭାବେ ୧୧୫ଟି ଓ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ ଓ ୪୦ଟି ବସ୍ତିରେ ବିକାଶମୂକ କାର୍ଯ୍ୟ କରାଯାଇଛି। ନଭେମ୍ବର ୧୫ ସୁଦ୍ଧା ଅନ୍ୟ ୧୦୦ଟି ବସ୍ତି ଓ ଡିସେମ୍ବର ୩୧ ସୁଦ୍ଧା ଅନ୍ୟ ୧୩୯ଟି ବସ୍ତିରେ ଉନ୍ନୟନମୂଳକ କାର୍ଯ୍ୟ ଶେଷ କରିବାକୁ ବିଏମ୍‌ସି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ୧୦ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩ଟି ବସ୍ତି ପାଇଁ ବ୍ୟୟ ସ୍ଥିର କରାଯାଇଛି ଏବଂ ସେଥିମଧ୍ୟରୁ ମାତ୍ର ୨ ବସ୍ତିରେ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ଲାଗି ରହିଛି ଜଳଯୋଗାଣ, ବିଦ୍ୟୁତ୍ ସମସ୍ୟା

୩୨୧ ବସ୍ତିକୁ ପାନୀୟ ଜଳ ଯୋଗାଣ ଦାୟିତ୍ୱ ୱାଟ୍‌କୋକୁ ପ୍ରଦାନ କରାଯାଇଛି। ୨୩୮ ବସ୍ତିକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ହୋଇଛି। ୮୩ ବସ୍ତିର ୪ ହଜାର ୫୫୭ ଘରକୁ ପାଣି ପାଇପ୍ ସଂଯୋଗ ଦିଆଯାଇଥିଲେ ମଧ ଜଳ ଯୋଗାଣଜନିତ ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇପାରି ନାହିଁ। ୯ଟି ବସ୍ତିର ୫୫୮ ଘରକୁ ପାଣିପାଇପ୍ ସଂଯୋଗ କରାଯାଇନାହିଁ। ଜମିଜମା ବିବାଦ, ଘରୋଇ ଜମି, ଓୟୁଏଟି ଜମି ବା ଆଇନଗତ ରୋକ୍ କାରଣରୁ ପାନୀୟ ଜଳ ଯୋଗାଣରେ ସମସ୍ୟା ହୋଇଥିବା ସଂପୃକ୍ତ ବିଭାଗ ପକ୍ଷରୁ ଦର୍ଶାଯାଇଛି। ସେହିପରି ୩୨୧ ବସ୍ତି ମଧ୍ୟରୁ ୨୬୯ ବସ୍ତିକୁ ସଂପୂର୍ଣ୍ଣ ବିଦ୍ୟୁତ ସଂଯୋଗ ହୋଇପାରିଛି। ନୂଆକରି ଆଉ ୩ଟି ବସ୍ତିର ୩୩୫ଟି ଘରକୁ ବିଦ୍ୟୁତ ସଂଯୋଗ କରାଯାଇଥିଲେ ମଧ ୪୯ବସ୍ତିର ୧୬୪୪ ପରିବାର ଏହି ସେବାରୁ ବଞ୍ଚିତ ହୋଇଛନ୍ତି। ଭିତ୍ତିଭୂମି ଅଭାବରୁ ବିଦ୍ୟୁତ୍ ସଂଯୋଗରେ ବାଧା ସୃଷ୍ଟି ହେଉଥିବା ଟିପିସିଓଡିଏଲ୍ ପକ୍ଷରୁ ବିଏମସିକୁ ଅବଗତ କରାଯାଇଛି।

### ୩୫ଜଣଙ୍କୁ 'ସ୍ମାଇଲ୍ ୱାର୍ଲ୍ଡ' ସମ୍ମାନ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ):

ସାମାଜିକ ଅନୁଷ୍ଠାନ 'ସ୍ମାଇଲ୍ ୱାର୍ଲ୍ଡ'ର ୧୩ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରୋଟାରୀ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଜସ୍ଥାନର ପ୍ରସିଦ୍ଧ ଯୁବ ସାମାଜିକ କର୍ମୀ ଓମ ପ୍ରକାଶ ଶର୍ମାଙ୍କୁ ସ୍ମାଇଲ୍ ୱାର୍ଲ୍ଡର 'ଜାତୀୟ ଯୁବ ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି କବି ତଥା ରାଜନେତା ପ୍ରବୀର ମହାନ୍ତି, ଶିକ୍ଷାବିତ ତଥା ଲେଖିକା ମୀନାକ୍ଷୀ ଦାସ ଓ ଜାତୀୟସ୍ତରରେ ଖ୍ୟାତିସମ୍ପନ୍ନ ଶେଖ୍ ସାମସୁଲ୍ ହକଙ୍କୁ ସ୍ମାଇଲ୍ ୱାର୍ଲ୍ଡ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ସାହୁ, କମଳ ରାଉତ, ପ୍ରଦୀପ କୁମାର ମହାପାତ୍ର, ସନ୍ତୋଷ ଗୌଡ଼ଙ୍କ ସମେତ ୩୫ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପାଇଁ 'ସ୍ମାଇଲ୍ ୱାର୍ଲ୍ଡ' ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତଥା ରାଜ୍ୟ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଯୋଗ ଦେଇଥିଲେ। ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଆଇଏସ୍ ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟନାରାୟଣ ଗୌଡ଼ ସଭାପତିତ୍ୱ କରିଥିଲେ। ବିଶ୍ୱର ଶାନ୍ତି ଓ ସଦଭାବ ପ୍ରତିଷ୍ଠା ପାଇଁ ଏହି ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା 'ସୁନୀତି ଜାଗରଣ' ଅଭିଯାନ ୫ଟି ରାଜ୍ୟରେ ପହଞ୍ଚିପାରିଛି। ଆଗାମୀ ଦିନରେ ୧ କୋଟି ଯୁବକ ଓ ବୟୋଜ୍ୟୋଷ୍ଠଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ୧୭ ଲକ୍ଷ ଠକେଇ, ମହିଳା ଗିରଫ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ) :

୧୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ରବିବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଧର୍ମବିହାର ଅଞ୍ଚଳର ରଶ୍ମିରେଖା ରାଜଗୁରୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ରଶ୍ମିରେଖା ବ୍ୟକ୍ତିଗତ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୧୭ ଲକ୍ଷ ଟଙ୍କା ଧାର୍ ସୂତ୍ରରେ ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ଆଉ ଟଙ୍କା ଫେରାଇ ନ ଥିଲେ। ଏନେଇ ବ୍ୟକ୍ତି ଜଣକ ଟଙ୍କା ଫେରସ୍ତ କରିବାକୁ ବାରମ୍ବାର କହି ଆସୁଥିଲେ ମଧ ଅଭିଯୁକ୍ତା ରଶ୍ମିରେଖା ବାରମ୍ବାର ସମୟ ଗଡ଼ାଉଥିଲେ। ଫଳରେ ସେ ଏନେଇ ୨୦୨୦ରେ ଭୁବନେଶ୍ୱର କୋର୍ଟରେ ଏକ ୱାନ୍‌ସିସି ଫାଇଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରଶ୍ମିରେଖାଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଥିଲା।

## ଚିତ୍ରଶିଳ୍ପୀ, ଚଳଚ୍ଚିତ୍ର ନିର୍ମାତାଙ୍କୁ ଉତ୍ସାହିତ କରିବ ଚିତ୍ରାଞ୍ଜଳି

### ୬ରୁ ୮ ପର୍ଯ୍ୟନ୍ତ ଆୟୋଜିତ ହେବ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ):

ଆର୍ଟିଷ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଆଓ) ପକ୍ଷରୁ 'ଚିତ୍ରାଞ୍ଜଳି ୨୦୨୨' ନଭେମ୍ବର ୬ରୁ ଆରମ୍ଭ ହେବ । ଏହା ୮ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଚାଲିବ। ଏହି ଅବସରରେ ଏକ ଜାତୀୟ ଚିତ୍ରକଳା ଶିବିର ଓ ଲଘୁ ଚଳଚ୍ଚିତ୍ର ପ୍ରଦର୍ଶନୀର ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ଯୁବ ଚିତ୍ରଶିଳ୍ପୀ ଓ ନୂତନ ପିଢ଼ିର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଉତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଅବସରରେ ଉତ୍କୃଷ୍ଟ କଳାକୃତି ନିମନ୍ତେ ବିଭିନ୍ନ ବର୍ଗରେ 'ବ୍ୟୋମକେଶ ମହାନ୍ତି ସ୍ମାରକୀ', 'ଡି ଏନ୍ ରାଓ ସ୍ମାରକୀ', 'ଗୋକୁଳ ବିହାରୀ ପଟ୍ଟନାୟକ ସ୍ମାରକୀ' ପୁରସ୍କାର ପ୍ରଦାନ କରାଯିବ। ବିଚାରକ ମଣ୍ଡଳି ଚୟନ, ଦର୍ଶକଙ୍କ ରୁଚି ଓ ଉତ୍କୃଷ୍ଟ ଚଳଚ୍ଚିତ୍ରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯିବ। ନଗଦ ଅର୍ଥ ଓ ଉପଢ଼ୌକନ, ଉତ୍ତରୀୟ ପ୍ରଦାନ କରାଯାଇ ପୁରସ୍କୃତ କରାଯିବ। ଏ ନେଇ ରବିବାର ଆୟୋଜିତ ପ୍ରସ୍ତୁତି ବୈଠକରେ 'ଆଓ' ସଭାପତି ଜନପ୍ରିୟ ଦେବତା, ଉପସଭାପତି ଚିନ୍ତାମଣି ବିଶ୍ୱାଳ, ସମ୍ପାଦକ ସମୀର କୁମାର ଦାସ, ଉପଦେଷ୍ଟା ମୀନକେତନ ପଟ୍ଟନାୟକ, ସନ୍ତୋଷ କୁମାର ସାହୁ, ବିବେକାନନ୍ଦ ଦାସ, ଜିତେନ୍ଦ୍ର ଭଞ୍ଜ, ସଂଗୀତା ପଟ୍ଟନାୟକ, ସଞ୍ଜୀବ କୁମାର ବିଶ୍ୱାଳ, ଅଳକା ପ୍ରିୟଦର୍ଶିନୀ, ଶୁଭଶ୍ରୀ ମିଶ୍ର ଓ ନିଗମାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।



କାର୍ଯ୍ୟକ୍ରମ ସମ୍ପର୍କରେ 'ଆଓ' ପକ୍ଷରୁ ସୂଚନା ଦିଆଯାଉଛି ।

## ଆନ୍ଦୋଳନକୁ ଓହ୍ଲାଇବ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ

### ଠିକା ନିଯୁକ୍ତି ଉଚ୍ଛେଦ ଦାବି

ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ)

ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକା ନିଯୁକ୍ତିକୁ ଉଚ୍ଛେଦ କରିଥିବାବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ବିଶେଷକରି ଏନ୍‌ପିଏସ୍ ବର୍ଗର ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷକମାନଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି, ଯାହାକୁ ନେଇ ପ୍ରାଥମିକ ଶିକ୍ଷକମାନେ ଅସନ୍ତୋଷ ଜାହିର କରିଛନ୍ତି। ସରକାରଙ୍କ ପାଖରେ ସମସ୍ତ ଜନସାଧାରଣ ସମାନ ରହିବା କଥା। ମାତ୍ର ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକ ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଅମିୟ କୁମାର ଦାସ ଅଭିଯୋଗ କରିଛନ୍ତି। ରବିବାର ସଂଘ ପକ୍ଷରୁ ଶିକ୍ଷକ ଭବନଠାରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ସରକାର ତୁରନ୍ତ ଠିକା ନିଯୁକ୍ତି ଉଚ୍ଛେଦ ନ କଲେ ଆଗାମୀ ଦିନରେ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ସରକାର ତୁରନ୍ତ ୬ ବର୍ଷର ଠିକା ନିଯୁକ୍ତି ସମୟକୁ ମୂଳ ଚାକିରିରେ ଗଣନା କରିବା, ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ହୃଦାନନ୍ଦ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂଯୋଜିକା ଚାରୁଲତା ମହପାତ୍ର, ପ୍ରାଥମିକ ବିଏଡ଼ ଶିକ୍ଷକ ସଂଘର ସଭାପତି ଅଜୟ ଧଳ, ଆତ୍ରିବୁଜ ସଂଘର ସନ୍ତୋଷ ପ୍ରଧାନ, କନିଷ୍ଠ ଶିକ୍ଷକ ସଂଘର ଆଦିତ୍ୟ ସ୍ୱାଇଁ ଏବଂ ଏନ୍‌ପିଏସ୍ ସଂଘର ସୁନିଲ ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

## ବିଶ୍ୱାସ ପରିବାର ପକ୍ଷରୁ ୨ ଦିନିଆ ଛଟ୍ ଉତ୍ସବ

ଭୁବନେଶ୍ୱର,୩୦।୧୦:

ବିହାର ଅଧିବାସୀଙ୍କ ଦ୍ୱାରା ଗଠିତ ସାମାଜିକ ଅନୁଷ୍ଠାନ ବିଶ୍ୱାସ ପରିବାର ପକ୍ଷରୁ ୨ ଦିନିଆ ଛଟ୍ ଉତ୍ସବର ଶୁଭାରମ୍ଭ ହୋଇଛି। ଏପରିକି ପର୍ବର ୩ୟ ଏବଂ ୪ର୍ଥ ଦିନକୁ ଧୁମଧାମରେ ପାଳନ କରିବା ପାଇଁ ଛଟ୍ ପୂଜା କମିଟି ପକ୍ଷରୁ ସ୍ଥାନୀୟ ମଞ୍ଚେଶ୍ୱର ନୂଆ ବାଲିଯାତ୍ରା ପଡିଆ ନିକଟବର୍ତ୍ତୀ କୁଆଖାଇ ନଦୀ ତଟରେ ଛଟ୍ ପୂଜାର ବ୍ୟାପକ ଆୟୋଜନ କରାଯାଇଛି। ବିଶେଷ କରି ରବିବାର ଅପରାହ୍ନଠାରୁ ଛଟ୍ ପୂଜା ପାଇଁ କୁଆଖାଇ ନଦୀ ଘାଟରେ ପୂଜା ରୀତିନୀତି ମଧ ଆରମ୍ଭ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇ ବ୍ରତଧାରୀ ଓ ପୂଜା କମିଟିସଦସ୍ୟଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛଟ୍ ପୂଜା କମିଟିର ଅଧ୍ୟକ୍ଷ ଚନ୍ଦ୍ରଭୂଷଣ ସିଂ, ସଭାପତି ସଞ୍ଜୟ କୁମାର ଝା, ଉପସଭାପତି ଅଜୟ ବାହାଦୁର ସିଂ, ସମ୍ପାଦକ ଚନ୍ଦ୍ରଶେଖର ସିଂହ,ସମ୍ପାଦକ (ଅର୍ଥ) କିସେଲ କୁମାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ବ୍ରତ ଉପାସକମାନେ ରବିବାର ଦିନ ଅସ୍ତ ହେଉଥିବା ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜା ଆରମ୍ଭ କରିଛନ୍ତି। ସୋମବାର ପ୍ରାତଃ ୫ଟା ୩୦ରେ ଉଦୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି 'ଛଟ୍' ପର୍ବ ସମାପନ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଏହି ବ୍ରତ ପାଳନ ସମୟରେ ହିନ୍ଦୀ ରାଜ୍ୟର ମହିଳା ଓ ପୁରୁଷ ଉଭୟ ନିର୍ଜଳା ଉପବାସ ରହି ସୂର୍ଯ୍ୟ ଦେବତାଙ୍କ ପାଖରେ ନିଜ ପରିବାରର ମଙ୍ଗଳ କାମନା କରିଥାନ୍ତି। ଅପରପକ୍ଷରେ ବିଗତ ୨୧ବର୍ଷ ଧରି ଭୁବନେଶ୍ୱରସ୍ଥିତ ଛଟ୍ ପୂଜା କମିଟି ସମସାମୟିକ ଭାବେ ଭୁବନେଶ୍ୱର-କଟକ ରାଜମାର୍ଗର ନିକଟବର୍ତ୍ତୀ ହଂସପାଳର କୁଆଖାଇ ନଦୀ ତଟରେ ଛଟ୍ ପର୍ବର ଆୟୋଜନ କରିଥାନ୍ତି। ହେଲେ ସୁରକ୍ଷା ଦୃଷ୍ଟିକୋଣରୁ ଚଳିତ ବର୍ଷ ଛଟ୍ ପୂଜା କମିଟି ପକ୍ଷରୁ ମଞ୍ଚେଶ୍ୱର ବାଲିଯାତ୍ରା ପଡିଆ ନିକଟବର୍ତ୍ତୀ କୁଆଖାଇ ନଦୀ ତଟରେ ଛଟ୍ ପୂଜାର ଆୟୋଜନ କରିଛନ୍ତି।





ଛଟ୍ ମହୋତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥିମାନେ ।

## ସୂର୍ଯ୍ୟଙ୍କୁ ଆରାଧନା କଲେ ବ୍ରତଧାରୀ

### କୁଆଖାଇ ନଦୀକୂଳରେ ଛଟ୍ ପୂଜାର ଆସର

ବାଲିଅନ୍ତା,୩୦।୧୦(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ କୁଆଖାଇ ନଦୀକୂଳରେ ରବିବାର ପାରମ୍ପରିକ ସୂର୍ଯ୍ୟ ଷଷ୍ଠୀ ବ୍ରତ ତଥା ଛଟ୍ ପୂଜା ପାଳିତ ହୋଇଯାଇଛି। ଭୁବନେଶ୍ୱର ଓ ଏହାର ଆଖପାଖରେ ବସବାସ କରୁଥିବା ବିହାରୀ ଓ ହିନ୍ଦୀ ଭାଷାଭାଷୀ ଶ୍ରଦ୍ଧାଳୁ ଏହି ବ୍ରତ ପାଳନ କରିଥିଲେ। ଏଥିପାଇଁ ଅପରାହ୍ନ ୨ଟାରୁ କୁଆଖାଇ ନଦୀଘାଟରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ବ୍ରତଧାରୀମାନେ ନଦୀକୂଳରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଆରାଧନା ସହ ପାଣି ଓ କ୍ଷୀରରେ ଅର୍ଘ୍ୟ ପ୍ରଦାନ ଦେଇଥିଲେ। ବ୍ରତଧାରୀମାନେ ଏକ ନୂଆ କୁଲା ଓ ଝୁଡିରେ ବିଭିନ୍ନ ପ୍ରକାର ଫଳମୂଳ, ମିଠା ଓ ପ୍ରିୟ ଭୋଗ ଧରି ନଦୀକୂଳରେ ଏକତ୍ରିତ ହୋଇଥିଲେ। ନଦୀକୂଳ ବାଲିରେ ଷଷ୍ଠୀ ମାତାଙ୍କ ପ୍ରତିମା ସ୍ଥାପନ କରି ସେଥିରେ କଳସ ବସାଇଥିଲେ। ସେଠାରେ ଆଖୁ ଓ କଦଳୀ ଗଛ ପୋତିବା ସହ ଦୀପ ଲଗାଇ ସୂର୍ଯ୍ୟ ଉପାସନା କରିଥିଲେ। ଦୀର୍ଘ ୨ ଘଣ୍ଟା ଧରି ନଦୀକୂଳ ଉତ୍ସବମୁଖର ହୋଇ ଉଠିଥିଲା। ବ୍ରତଧାରୀଙ୍କ ସହ ଆସିଥିବା ପିଲାମାନେ ବାଣ ଫୁଟାଇ ମଜା ନେଇଥିଲେ। ସୋମବାର ଭୋର ୪ଟାରୁ ପୁଣି ବ୍ରତଧାରୀମାନେ ନଦୀକୂଳକୁ ଆସି ଉଦୟ ସୂର୍ଯ୍ୟଙ୍କୁ ଆରାଧନା କରିବା ବିଧି ରହିଛି। ଏହି ବ୍ରତ ଉପବାସ କଲେ ଘରେ ସୁଖ ଶାନ୍ତି ରହିବା ସହ ରୋଗରୁ ମୁକ୍ତି ଓ ଶରୀର ସୁସ୍ଥ ଏବଂ ସନ୍ତାନଙ୍କ ଉନ୍ନତି ହୁଏ ବୋଲି ବ୍ରତଧାରୀ ରୀନା ତିୱାରୀ, କାମିନୀ ଦେବୀ, ସବିତା ସାହୁ ପ୍ରମୁଖ କହିଥିଲେ।





ଭୁବନେଶ୍ୱର ଉପକଣ୍ଠ କୁଆଖାଇ ନଦୀ କୂଳରେ ବିହାରୀ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଷଷ୍ଠୀ ମାତାଙ୍କ ପୂଜାର୍ଚ୍ଚନା ସହ ସୂର୍ଯ୍ୟ ଉପାସନା କରୁଛନ୍ତି ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୮ତମ ଶ୍ରାଦ୍ଧୋତ୍ସବ, ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଏଆଇଟିୟୁସିର ୧୦୩ତମ ପ୍ରତିଷ୍ଠା ଦିବସ ଏବଂ ୭ମ ଖୋର୍ଦ୍ଧା ସମ୍ମିଳନୀ, ଏଆଇଟିୟୁସି ଅଫିସ, ୟୁନିଟ୍-୯, ପୂର୍ବାହ୍ନ ୧୧ଟା।
- ପରିଚୟ- ଜାତୀୟ ଜନଜାତି ଉତ୍ସବ, ସ୍ୱାବଲମ୍ବନ ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ଓଡ଼ିଶୀ ଆସର ଅବସରରେ ଏକକ ପୁସ୍ତକ 'ଏ ମନୋଗ୍ରାଫ୍ ଅନ୍ କ୍ଲାସିକାଲ୍ ଓଡ଼ିଶୀ', ଉନ୍ମୋଚିତ, ଉତ୍କଳ ରଙ୍ଗମଞ୍ଚ, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**
- ଗ୍ରାମଦେବତୀ ମା' ଥାନପତି ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ଯଜ୍ଞ, ଭିଙ୍ଗାରପୁର, ପୂର୍ବାହ୍ନ ୮ଟା।
- ଶ୍ରୀରାମ ଚରିତ ମାନସ ପାରାୟଣର ପ୍ରସଙ୍ଗ 'ଭରତଙ୍କ ଚିତ୍ରକୂଟ ଗମନ', ନିକୁଞ୍ଜ ବିହାରୀ ମନ୍ଦିର ପରିସର, ରାତି ୭ଟା।

**ପୁରୀ**
- ଜାତୀୟ ଏକତା ଦିବସ ଅବସରରେ ଜନ ସମୀକ୍ଷା ସଂସ୍ଥାନ ପକ୍ଷରୁ ଶୋଭାଯାତ୍ରା, ସିଂହଦ୍ୱାର ସମ୍ମୁଖ, ସକାଳ ୭ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ସାଧାରଣ ବୈଠକ, ଭୁବନେଶ୍ୱରୀ ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା ୩୦।

**କଟକ**
- କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ଛଟ୍ ପୂଜା, ଦେବୀଗଡ଼ା, ପୁରୀଘାଟ, ସକାଳ ୮ଟା।
- ଶ୍ରୀଗୋପାଳ କୃଷ୍ଣ ଗୋଶାଳା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ ଶିବିର, ଗୋଶାଳା ପରିସର, ନୂଆବଜାର, ପୂର୍ବାହ୍ନ ୯ଟା।
- ତିବେତାନ ରିଫ୍ୟୁଜି ୱେଲଫେୟାର ଆସୋସିଏଶନ ପକ୍ଷରୁ ଶୀତବସ୍ତ୍ର ଉଦ୍‌ଘାଟନ, ନୂଆପଡ଼ା ମାର୍କେଟ ଛକ, ମଧୁପାଟଣା, ପୂର୍ବାହ୍ନ ୧୧ଟା।
- ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଅଖଣ୍ଡତା ଶପଥ ପାଠ ଉତ୍ସବ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

## ଜେଲରେ ପୁଣି ଭେଟ ହେଲେ ଅର୍ଚ୍ଚନା-ଜଗବନ୍ଧୁ

**ଭୁବନେଶ୍ୱର,୩୦।୧୦(ବ୍ୟୁରୋ):** ବଡ଼ବଡ଼ିଆ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ହନିଟ୍ରାପ୍‌ର ମାୟାଜାଲରେ ଫସାଇ ବିପୁଳ ଅର୍ଥ ହଡ଼ପ କରିବା ଅଭିଯୋଗରେ ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ରବିବାର ପୁଣି ଦ୍ୱିତୀୟଥର ପରସ୍ପରକୁ ଭେଟିଛନ୍ତି। ଜେଲ ମାନୁଆଲ ଅନୁଯାୟୀ ସେମାନେ ଝାରପଡ଼ା ଜେଲରେ ୧୫ ମିନିଟ୍ ଧରି କଥା ହୋଇଛନ୍ତି। ତେବେ ଅଧିକାଂଶ ସମୟ ଉଭୟ ପରସ୍ପରକୁ ସାନ୍ତ୍ୱନା ଦେଇଥିବା ସୂଚନା ମିଳିଛି। ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ମାମଲାରେ ବେଆଇନ ଅର୍ଥ କାରବାରକୁ ନେଇ ଖୋଳତାଡ଼ କରୁଥିବାରୁ ଅର୍ଚ୍ଚନା ଚିନ୍ତାରେ ଥିବା ଜଣାପଡ଼ିଛି। କାରଣ ଇଡି ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଜେଲରେ ଜେରା କରିବା ପାଇଁ ଯୋଜନା କରୁଛି। ଏ ସମ୍ପର୍କରେ ମଧ୍ୟ ସେମାନେ କଥା ହୋଇଛନ୍ତି। ଉଭୟ କିଭଳି ଇଡିର ଏକାଧିକ ପ୍ରଶ୍ନକୁ ସାମ୍ନା କରିବେ ସେନେଇ ପରସ୍ପର ମଧ୍ୟରେ ଆଲୋଚନା କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୨୩ ଅର୍ଥାତ ରବିବାର ପ୍ରଥମଥର ପାଇଁ ଅର୍ଚ୍ଚନା ଓ ଜଗବନ୍ଧୁ ଦେଖାସାକ୍ଷାତ ହୋଇଥିଲେ। ଏହି ସମୟରେ ଉଭୟ କାନ୍ଦି ପକାଇଥିଲେ।

# ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

### ଦଳିତ ଯୁବକଙ୍କୁ ମାଡ଼, ପୋଲିସ ନାଁରେ ମାମଲା

- ଜୋନ୍ ଏସିପିଙ୍କୁ ତଦନ୍ତ ଭାର
- ସତ୍ୟ ସାମ୍ନାକୁ ଆସୁ: ଆଦିବାସୀ ମହାସଂଘ

**ଭୁବନେଶ୍ୱର,୩୦।୧୦(ବ୍ୟୁରୋ)**

ଜଣେ ଦଳିତ ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ନିଜ ସମେତ ଏସ୍ଆଇ ରାକେଶ ସାମଲ ଏବଂ ଅନ୍ୟ କର୍ମଚାରୀଙ୍କ ନାଁରେ ମାମଲା ରୁଜୁ କରିବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ପୋଲିସ କର୍ମଚାରୀଙ୍କ ନାଁରେ ହୋଇଥିବା ଏହି ମାମଲାରେ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡିସିପି ପ୍ରତୀକ ସିଂ ଏହି ମାମଲାରେ ଜୋନ-୪ ଏସିପି ଶୁଭନାରାୟଣ ମୁଦୁଲିଙ୍କୁ ତଦନ୍ତ ଭାର ଦେଇଛନ୍ତି। ଏସିପି ଶୁଭନାରାୟଣ ରବିବାର ଗିରିଙ୍ଗୋ ଭୋଇସାହିର ପୀଡିତ ସରୋଜ ଭୋଇ ଏବଂ ତାଙ୍କ ମା'ଙ୍କୁ ଭେଟି ପଚରାଉଚରା କରିବା ସହ ଥାନା କର୍ମଚାରୀଙ୍କ ବୟାନ ରେକର୍ଡ କରିଛନ୍ତି। ଏସିପି କହିଛନ୍ତି, ଏହି ସଂକ୍ରାନ୍ତରେ ଶନିବାର ଏସ୍‌ସି ଏସ୍‌ଟି ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ମାମଲା (ନଂ.୨୬୯/୨୦୨୨) ରୁଜୁ କରାଯାଇ ତଦନ୍ତ କରାଯାଉଛି। ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିଲେ ଅଭିଯୋଗର ସତ୍ୟତା କେତେ ତାହା ଜଣାପଡ଼ିବ। ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରକୃତ ସତ ସାମ୍ନାକୁ ଆସୁ ବୋଲି ରାଜ୍ୟ ଦଳିତ ଆଦିବାସୀ ଅଧିକାର ମହାସଂଘ ସଭାପତି ବିଜୟ କୁମାର ଭୋଇ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅକ୍ଟୋବର ୩ରେ ବାଲିପାଟଣା ହାଟସାହିରେ ଦୁର୍ଗାପୂଜା ପାଇଁ ମେଲୋଡ଼ି ହେଉଥିବାବେଳେ ଆୟୋଜକ କମିଟି ଓ ସରୋଜଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରୋଜଙ୍କୁ ଥାନାକୁ ନେଇଥିଲା। ଥାନାରେ ଆଇଆଇସି କୃପାସିନ୍ଧୁ ଓ ଅନ୍ୟମାନେ କେବୁଲ ପାଇପ୍‌ରେ ସରୋଜଙ୍କୁ ମାଡ଼ ମାରିବାରୁ ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା। ଏହାପରେ ସରୋଜଙ୍କୁ ଚିକିତ୍ସା ନ କରି ପୋଲିସକୁ ମାଡ଼ ମାରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ପରେ ଜେଲରେ ଚିକିତ୍ସା କରାଯିବାରୁ ତାଙ୍କ ଗୋଡ଼ ଭାଙ୍ଗିଥିବା ଜଣାପଡ଼ିଥିଲା। ଅକ୍ଟୋବର ୧୮ରେ ସରୋଜ ଜାମିନରେ ଆସିବା ପରେ ପରିବାର ଲୋକ ଘଟଣା ସମ୍ପର୍କରେ ଜାଣି ଅସନ୍ତୁଷ୍ଟ ହୋଇଥିଲେ। ଦଳିତ ଆଦିବାସୀ ଅଧିକାର ମହାସଂଘ ପକ୍ଷରୁ ଏନେଇ ଥାନାରେ ଏତଲା ଦିଆଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶୁକ୍ରବାର ସରୋଜଙ୍କ ସ୍ତ୍ରୀ ଲିପିକା ଡିସିପିଙ୍କୁ ଭେଟି ଏନେଇ ଅଭିଯୋଗ କରିଥିଲେ। ଡିସିପି ଏହି ଘଟଣାରେ ମାମଲା ରୁଜୁ କରିବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସୋନାଲ ମାନସିଂହଙ୍କୁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'



ଅତିଥିଙ୍କ ସହ ପଦ୍ମବିଭୂଷଣ ଡ. ସୋନାଲ ମାନସିଂହ ଓ ଅନ୍ୟ ପୁରସ୍କୃତ ବ୍ୟକ୍ତିତ୍ୱ।

### ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ତ୍ରିଧାରା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ୧୬ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପଦ୍ମବିଭୂଷଣ ଡ. ସୋନାଲ ମାନସିଂହଙ୍କୁ ଆଜୀବନ ନୃତ୍ୟ ସାଧନା ପାଇଁ 'ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଥିଲା। ସେହିପରି କୁଚିପୁଡ଼ି ନୃତ୍ୟରେ ଦୀପିକା ରେଡ୍ଡୀ, କଥକ ନୃତ୍ୟରେ ପ୍ରେରଣା ଶ୍ରୀମାଳୀଙ୍କୁ 'ଗୁରୁ ଦେବପ୍ରସାଦ ସମ୍ମାନ' ମିଳିଥିବାବେଳେ ମାଲେସିଆର ଓଡ଼ିଶୀ ନୃତ୍ୟଶିଳ୍ପୀ ତାନ୍ ମେଇ ମେଇ, ସଖୀ ନାଟ ଓ ଘୁଡୁକି ନାଟର ଶିଳ୍ପୀ ରାଧାଶ୍ୟାମ ତରାଇଙ୍କୁ 'ଗୁରୁ ଦେବପ୍ରସାଦ ଯୁବପ୍ରତିଭା ସମ୍ମାନ' ଏବଂ ମାଲେସିଆର ଶିଶୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଐଶର୍ଯ୍ୟା ଲକ୍ଷ୍ମୀ ଏରିସନ ଓ ପୁରୀର ଓଡ଼ିଶୀ ନୃତ୍ୟଶିଳ୍ପୀ ସୁହାନା ମିଶ୍ରଙ୍କୁ 'ଗୁରୁ ଦେବପ୍ରସାଦ ଶିଶୁପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ପ୍ରଦାନ ପରେ ଅନ୍ତର୍ଜାତୀୟ କଥକ ନୃତ୍ୟାଙ୍ଗନା ପ୍ରେରଣା ଶ୍ରୀମାଳୀ କଥକ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ ଗୁରୁ ପ୍ରଣାମ ପରେ ପାରମ୍ପରିକ ଠୁମରୀ ପଦ୍ମାକର ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା ନିଜେ ଶ୍ରୀମାଳୀ କରିଥିଲେ। ଶରୀରର ପ୍ରତ୍ୟେକ ଗତିବିଧି, ଅଙ୍ଗଭଙ୍ଗୀ, ଭାବପ୍ରବଣ ପଦକ୍ଷେପ, ତାଳର ଲହରି ଏବଂ ସଙ୍ଗୀତର ସ୍ୱର ସହିତ ପଦଚାଳନା ତାଙ୍କ ନୃତ୍ୟକୁ ଅଧିକ ଚମତ୍କାର ଏବଂ ଆକର୍ଷଣୀୟ କରିଥିଲା। ତାଙ୍କ ପରେ ମାଲେସିଆର ରାମ ଲୀ ଇବ୍ରାହିମ୍‌ଙ୍କ ସୂତ୍ର ଫାଉଣ୍ଡେଶନର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀନୃତ୍ୟ ପରିବେଷଣ ହୋଇଥିଲା। ଏହା ରାମାୟଣର ଲୋକନୃତ୍ୟ ରାମଲୀଳା ଉପରେ ଆଧାରିତ। ସେମାନଙ୍କର ପରବର୍ତ୍ତୀ ପ୍ରସ୍ତୁତି ଥିଲା 'ଲଳିତା ଲବଙ୍ଗ', ଯାହା ରାଧାକୃଷ୍ଣଙ୍କ ପ୍ରେମଲୀଳା ଉପରେ ଆଧାରିତ। ଶେଷରେ ବାଗେଶ୍ରୀ ପଲ୍ଲବୀ ପରିବେଷିତ ହୋଇଥିଲା। ସମସ୍ତ ନୃତ୍ୟର ସଂରଚନା ଗୁରୁ ଗଜେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା କରାଯାଇଥିଲା। ସୂତ୍ର ଫାଉଣ୍ଡେଶନ ଦ୍ୱାରା ପରିବେଷିତ ଏହି ନୃତ୍ୟ କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ଶିକ୍ଷାବିତ୍ ପ୍ରୀତି ରାୟ ଚାନ୍ଦ, ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସୀମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।

## ଜେଲ ଗଲେ ମନ୍ତ୍ରୀଙ୍କ ପୁତୁରା

**ଫୁଲନଖରା, ୩୦।୧୦(ଡି.ଏନ୍.ଏ.)**

୧୬ ନମ୍ବର ଜାତୀୟ ରାଜପଥର ପ୍ରତାପନଗରୀସ୍ଥିତ ଏକ ଗାଡ଼ି ଶୋ'ରୁମ୍ ସମ୍ମୁଖ ରାସ୍ତାରେ ଜଣେ ଯୁବକଙ୍କୁ ଆଣ୍ଠେଇ ମାଡ଼ ମରାଯାଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାରେ କଟକ ସଦର ଥାନା ପୋଲିସ ଶନିବାର ରାତିରେ କଟକ ଚାନ୍ଦିନୀଚୌକରୁ ରାଜ୍ୟର ଜଣେ ମନ୍ତ୍ରୀଙ୍କ ପୁତୁରା କୁହାଯାଉଥିବା ଅମରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଗିରଫ କରିଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅମରେନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ଥିବା ଜଣାପଡ଼ୁଛି।

## ସର୍ବଭାରତୀୟ ପେନ୍‌ସନର୍ସ ସମ୍ମିଳନୀରେ ଯୋଗଦେବେ ୩ ଓଡ଼ିଆ

**କଟକ ଅଫିସ, ୩୦।୧୦**

ଆସନ୍ତା ନଭେମ୍ବର ୧୩ରେ ମହାରାଷ୍ଟ୍ରର ନାଗପୁରଠାରେ ହେବାକୁ ଥିବା ସର୍ବଭାରତୀୟ ପେନ୍‌ସନର୍ସ ସମ୍ମିଳନୀରେ ଓଡ଼ିଶାରୁ ୩ଜଣ ଯୋଗଦେବା ନିମନ୍ତେ ସ୍ଥିର ହୋଇଛି। ସେମାନେ ହେଲେ ଗଙ୍ଗାଧର ବେହେରା, ଶ୍ରୀହରି ନାରାୟଣ ବେବର୍ତ୍ତା ଓ ଅବନୀ କୁମାର କେଶରୀ ସିଂହ। ଓଡ଼ିଶାର ପେନ୍‌ସନଭୋଗୀଙ୍କ ବିଭିନ୍ନ ସମସ୍ୟାକୁ ୩ ଜଣିଆ ପ୍ରତିନିଧିମଣ୍ଡଳୀ ସେଠାରେ ଉପସ୍ଥାପନ କରିବେ ବୋଲି ଜଣାଯାଇଛି।

## ଗାନ୍ଧୀ ଶିଳ୍ପବଜାର ଉଦ୍‌ଘାଟିତ

### ୧୨ ରାଜ୍ୟର ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ପକ୍ଷରୁ ଜାତୀୟ ହସ୍ତଶଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର-୨୦୨୨' ରବିବାର ଏକାମ୍ର ହାଟଠାରେ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ସରକାରଙ୍କ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ଆର୍ଥିକ ସହାୟତାରେ ଏହି ଶିଳ୍ପ ବଜାର ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୨ ରାଜ୍ୟରୁ ୧୦୦ ଜଣ ଶିଳ୍ପୀ/ହସ୍ତଶିଳ୍ପ କାରିଗର ଭାଗନେଇ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ମାନ ପ୍ରଦର୍ଶନ ସହ ବିକ୍ରୟ ଆରମ୍ଭ କରିଛନ୍ତି। ଓଡ଼ିଶା ସମେତ ମହାରାଷ୍ଟ୍ର, ରାଜସ୍ଥାନ, ଆସାମ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଜମ୍ମୁ ଓ କଶ୍ମୀର, ଗୋଆ, ମଣିପୁର, ଦିଲ୍ଲୀ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଦେଖିବା ସହ କିଣାକିଣିର ସୁଯୋଗ ରହିଛି। ତେବେ ଓଡ଼ିଶାର ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍‌ଡେନ୍ ଗ୍ରାସ ଶିଳ୍ପ, କଣ୍ଢେଇ, ଚାନ୍ଦୁଆ, ପଟ୍ଟଚିତ୍ର, ରୁପା ତାରିକସୀ, ଆଦିବାସୀ ଅଳଙ୍କାର, ଶିଙ୍ଗ, ବାଉଁଶ ଓ ବେତ, କତା ଶିଳ୍ପ, ଚମଡ଼ା ଶିଳ୍ପ, କଂସା ଓ ପିତଳ, ଡୋକ୍ରା, ଜରି କାମ, ଟେରାକୋଟା, ଶାମୁକା ସହ ବନାରସୀ ଶାଢ଼ି, ପଶମୀନା ଶାଲ୍, ତାଳପତ୍ର ଖୋଦେଇ, ଲାଖ, ଶାମୁକା, ରାଜସ୍ଥାନୀ ଚିତ୍ରଶିଳ୍ପ, କାର୍ପେଟ, ଲୌହ ଶିଳ୍ପ ଆଦି ଆକର୍ଷଣୀୟ ସାମଗ୍ରୀ ଦେଖିବାକୁ ମିଳୁଛି। ଏହି ମେଳାକୁ ୭୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଆଗମନ ସମ୍ଭାବନା ରହିଥିବାବେଳେ ପ୍ରାୟ କୋଟିଏ ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରଖାଯାଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପୃଷ୍ଟି, ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ବିକାଶ ଆୟୁକ୍ତ(ହସ୍ତଶିଳ୍ପ)ର ବରିଷ୍ଠ ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ହୋତା, ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ଅତିଥିମାନେ ବିଭିନ୍ନ ଷ୍ଟଲ୍ ବୁଲି କାରିଗର ଓ ବ୍ୟବସାୟୀଙ୍କୁ ଉତ୍ସାହିତ କରିଥିଲେ।




ଉଦ୍‌ଘାଟନ ପରେ ମନ୍ତ୍ରୀ ରୀତା ସାହୁ ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ପ୍ରିୟଙ୍କା



@ ଅମ୍ଳାନ



@ ତାପସ



@ ସବିତା



@ ଅଂଶୁମାନ



@ ସମୀର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ସପ୍ତାହ ପାଳନ ଅବସରରେ ରବିବାର ସିଆରପିଏଫ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ କ୍ୟାମ୍ପସରୁ କଟକ ଅଭିମୁଖେ ବାହାରିଥିବା ବାଇକ୍ ରାଲି।




ଦାରୁଦିଅଁଙ୍କ ଦର୍ଶନ ପାଇଁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ବଡ଼ଦାଣ୍ଡରେ ଲାଗିଥିବା ଭକ୍ତଙ୍କ ଲମ୍ବାଧାଡ଼ି।




ପୁରୀ କୁମ୍ଭାରପଡ଼ାର ଛାତ୍ର ଜବୀର ଖାନ୍ ୫୩୧ଟି ଧାନରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉପରେ ପ୍ରସ୍ତୁତ କଳାକୃତି ମାଧ୍ୟମରେ ଏକତା ଓ ଭାଇଚାରାର ବାର୍ତ୍ତା ଦେଉଛନ୍ତି।

# ମୁଖ୍ୟମନ୍ତ୍ରୀ ମୁହଁ ଖୋଲନ୍ତୁ: ବିରୋଧୀ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ।

**ଅର୍ଚ୍ଚନା ନାଗ ବ୍ଲାକମେଲ୍ ଘଟଣା**
- ଆଜି ନବୀନ ନିବାସ ଘେରିବ ଭାଜପା
- ଏସ୍ଆଇଟି ତଦନ୍ତ ଦାବି କଲା କଂଗ୍ରେସ
- ବିଜେଡି କହିଲା ରାଷ୍ଟ୍ରୀୟ ଦଳ ପାଖେ ପ୍ରସଙ୍ଗ ନାହିଁ

ଅର୍ଚ୍ଚନା ନାଗ ବ୍ଲାକମେଲ୍ ଘଟଣା ଏବେ ଶାସକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଅର୍ଚ୍ଚନାଙ୍କ ସହ ଶାସକ ଦଳ ନେତାଙ୍କ ଫଟୋ ଭାଇରାଲ ହେବା ପରେ ଏହି ଘଟଣାରେ ବିରୋଧୀ ବାରମ୍ବାର ଟାର୍ଗେଟ କରିବାରେ ଲାଗିଛନ୍ତି। ଅର୍ଚ୍ଚନା ନାଗ ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁହଁ ଖୋଲନ୍ତୁ ବୋଲି ଉଭୟ ଭାଜପା ଏବଂ କଂଗ୍ରେସ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ସୋମବାର ଭାଜପା ନବୀନ ନିବାସ ଘେରାଉ କରିବ ବୋଲି କହିଥିବା ବେଳେ କଂଗ୍ରେସ ଏସ୍ଆଇଟି ତଦନ୍ତ ଦାବି କରିଛି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ସୋମବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଅର୍ଚ୍ଚନା ନାଗ ହେଉଛି ଏକ କଳଙ୍କିତ ଅଧ୍ୟାୟ। ଏହି କଳଙ୍କିତ ଅଧ୍ୟାୟ ପାଇଁ ବିଜେଡି ସରକାର ଦାୟୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀରବତା ଆହୁରି ସନ୍ଦେହ ସୃଷ୍ଟି କରୁଛି। ଏଥିରେ ବଡ଼ ବଡ଼ ନେତା, ଅଫିସର ଏବଂ ବ୍ୟବସାୟୀଙ୍କ ସମ୍ପୃକ୍ତି ଥିବା ନେଇ ତଥ୍ୟ ଥିଲେ ମଧ୍ୟ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନି। ଓଡ଼ିଶା ସାରା ଦେଶରେ ବଦନାମ ହେଉଛି। ମୁଖ୍ୟମନ୍ତ୍ରୀ ନୀରବତା ଭଙ୍ଗ କରନ୍ତୁ ବୋଲି କହିବା ସହ ସେ ଏସ୍ଆଇଟି ତଦନ୍ତ ଲାଗି ଦାବି କରିଛନ୍ତି। ଯଦି ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ମୁହଁ ନ ଖୋଲନ୍ତି ତେବେ ଆନ୍ଦୋଳନ ତୀବ୍ର ହେବ ବୋଲି ପିସିସି ସଭାପତି କହିଛନ୍ତି।

ସେହିଭଳି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ୨୨ ବର୍ଷ ଧରି ଶାସନ କରୁଥିବା ବିଜେଡି ସଭାପତି ସବୁ ଦେଖି କିଛି ନ ଦେଖିଲା ଭଳି ନାଟକ କରୁଛନ୍ତି। ସେ କେଉଁଦିନ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବେ କୁହନ୍ତୁ। ମୁଖ୍ୟମନ୍ତ୍ରୀ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରନ୍ତୁ। ସବୁ ସତର ଖୁଲାସା ହେବ। ବିଜେଡି କାହିଁକି ଡରୁଛି କହୁ। ଏହି ଘଟଣାରେ କାହାକୁ ଘଣ୍ଟ ଘୋଡ଼ାଯାଉଛି। ଅର୍ଚ୍ଚନା ନାଗ କେଲେଙ୍କାରୀରେ ବିଜେଡି ନେତା ସମ୍ପୃକ୍ତ। ଏହାକୁ ନେଇ ସୋମବାର ନବୀନ ନିବାସ ଘେରାଉ କରାଯିବ। ସରକାର ଜାଣିଶୁଣି ଦୋଷୀମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ସବୁ ଅପରାଧୀ ବିଜେଡିରେ ସାମିଲ। ସମସ୍ତଙ୍କର ଖୁଲାସା ହେଉ ବୋଲି ସେ ଦାବି କରିଛନ୍ତି।

ଅନ୍ୟପଟେ ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି କହିଛନ୍ତି, ଏବେ ରାଜ୍ୟରେ ଏକ ଉପନିର୍ବାଚନ ଥିବା ବେଳେ ରାଷ୍ଟ୍ରୀୟ ଦଳଗୁଡ଼ିକ ପାଖରେ କୌଣସି ରାଜ୍ୟ ସମ୍ବଳିତ ପ୍ରସଙ୍ଗ ନାହିଁ। ସେମାନଙ୍କ ପାଖରେ କୌଣସି ଆଭିମୁଖ୍ୟ ନାହିଁ କି ବଖାଣିବା ଲାଗି ସଫଳତା ନାହିଁ। ତେଣୁ ସେମାନେ ଏମିତି ପ୍ରସଙ୍ଗକୁ ଧରିଛନ୍ତି ଓ ଆଗକୁ ପୋଛି ହେଇ ଯାଉଛନ୍ତି। ଅର୍ଚ୍ଚନା ମାମଲାରେ ନା ତଥ୍ୟ ନା ସତ୍ୟତା ଅଛି। ସମୟ ଆସିଲେ ସତ କ'ଣ ପ୍ରମାଣିତ ହୋଇଯିବ। ପୋଲିସ ତଦନ୍ତ କରୁଛି, ଯିଏ ଦୋଷୀ ଦଣ୍ଡ ପାଇବ ବୋଲି ଲେନିନ୍ କହିଛନ୍ତି।

# ତୁଟୁନି ଏସ୍ଏଚ୍ଜି ମହିଳା ଟଙ୍କା ବାଣ୍ଟିବା ରାଜନୀତି

- ପୁଣି ଏକ ଭାଇରାଲ ଭିଡିଓ ଧରି ସିଇଓ କାର୍ଯ୍ୟାଳୟ ଗଲା ଭାଜପା
- ପରାଜୟ ହେବ ଜାଣି ମିଥ୍ୟା ଆରୋପ ଲଗାଉଛି ଭାଜପା: ବିଜେଡି



ବିଜେଡି ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନକୁ ନେଇ ଏବେ ରାଜ୍ୟ ରାଜନୀତି ଉଠୁଛି ପଡୁଛି। ଉପନିର୍ବାଚନରେ ବିପୁଳ ଟଙ୍କା କାରବାର ହେଉଥିବା ନେଇ ଚର୍ଚ୍ଚା ଚାଲିଛି। ଏସ୍ଏଚ୍ଜି ମହିଳାମାନଙ୍କ ଜରିଆରେ ବିଜେଡି ଟଙ୍କା କାରବାର କରୁଥିବା ନେଇ ଭାଜପା ଲଗାତର ଭାବେ ଅଭିଯୋଗ କରି ଆସୁଛି। ରବିବାର ଭାଜପାର ଏକ ପ୍ରତିନିଧି ଦଳ ସମାନ ଅଭିଯୋଗ ନେଇ ସିଇଓଙ୍କୁ ଭେଟିଥିବା ବେଳେ ବିଜେଡି ଏହାର କାଉଣ୍ଟର କରିଛି। ଭାଜପା ନେତାମାନେ ଏସ୍ଏଚଜି ମହିଳାଙ୍କୁ ଅପମାନିତ କରୁଥିବା ନେଇ ବିଜେଡି ଓଲଟା ଅଭିଯୋଗ ଆଣିଛି।

ଭାଜପା ପ୍ରତିନିଧି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏସ୍ଏଚ୍ଜି ମହିଳାଙ୍କୁ ବିଜେଡି ଅସ୍ତ୍ର କରି ଧାମନଗର ଉପନିର୍ବାଚନ ପାରହେବାର ଅପଚେଷ୍ଟା କରୁଛି। ଧାମନଗର ଉପନିର୍ବାଚନ ମଇଦାନରେ ମିଶନଶକ୍ତି ମା'ମାନଙ୍କ ମାଧ୍ୟମରେ ଭୋଟ ପାଇଁ ଭୋଟରଙ୍କୁ ଟଙ୍କା ବାଣ୍ଟିବାର ଦାୟିତ୍ୱ ଦେଇ ପରୋକ୍ଷରେ ସେମାନଙ୍କୁ ଶାସକ ଦଳ ଅପରାଧୀ ସଜାଇ ଦେଉଛି। ନିର୍ବାଚନ ଜିତିବା ଲାଗି ପ୍ରଶାସନିକ ଅଧିକାରୀ ଓ ମିଶନଶକ୍ତିର କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍ପି), ନଥିପତ୍ର ପରିଚାଳିକା(ଏମ୍ବିକେ)ମାନଙ୍କୁ ନିର୍ବାଚନ ପ୍ରଚାରରେ ଲଗାଇ ବିଜେଡି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି। ପୂର୍ବରୁ ୨ ଜଣ ସରକାରୀ କର୍ମଚାରୀ ନିୟମ ଉଲ୍ଲଂଘନ କରି ଶାସକ ଦଳ ପାଇଁ ପ୍ରଚାର କରୁଥିବାରୁ ସେମାନଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ପୁଣି ବିଜେଡି ତିହିଡି ବ୍ଲକ ପାଳିଆବିନ୍ଧା ଗାଁର ରାମାନୁଜ ଏସ୍ଏଚ୍ଜି ଗ୍ରୁପ୍ର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ସାହୁଙ୍କୁ ୪ ହଜାର ଟଙ୍କା ଦେଇଥିବାର ଭିଡିଓ ଭାଇରାଲ ହେଉଛି। ଏସ୍ଏଚଜି ମହିଳାମାନେ ବିଜେଡି କଥାରେ ଭୋଟରଙ୍କୁ ଟଙ୍କା ବାଣ୍ଟିବାରୁ ନିବୃତ୍ତ ରୁହନ୍ତୁ ବୋଲି ଭାଜପା କହିଛି। ଏପରିକି ଏହି ଅଭିଯୋଗକୁ ମିଛ ପ୍ରମାଣ କରିବା ଲାଗି ବିଜେଡି ସିଇଓ ଅଫିସ୍ ଆସି ମିଛ ଡ୍ରାମା ଚଳାଇଛି ବୋଲି ଭାଜପା କହିଛି।

ଅନ୍ୟପଟେ ବିଜେଡି ପାଲଟା ଭାଜପା ନେତାଙ୍କ ଅଭିଯୋଗକୁ କାଉଣ୍ଟର କରି କହିଛି, ଧାମନଗର ଉପନିର୍ବାଚନରେ ବିପୁଳ ଭୋଟରେ ପରାଜୟ ବରଣ କରିବା ଜାଣିବା ପରେ ଓଡ଼ିଶା ଭାଜପା ପୁଣିଥରେ ମିଥ୍ୟା ଏବଂ ଭିତ୍ତିହୀନ ଆରୋପ ଆରମ୍ଭ କରିଛି। ବିଶେଷକରି ନାରୀ ଶକ୍ତି ବିରୋଧରେ ଏଭଳି ମିଥ୍ୟା ଅଭିଯାନ ଆରମ୍ଭ କରିଛି ବୋଲି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ଭାଜପା ବର୍ତ୍ତମାନ ଏତେ ତଳକୁ ଖସିଯାଇଛି ଯେ ଧାମନଗରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଅପମାନିତ କରିବା ଏବଂ ଓଡ଼ିଶାର ନାରୀ ଶକ୍ତିକୁ ଅପଦସ୍ଥ କରିବାକୁ ପଛାଉନାହିଁ। ଭାଜପା ଏବେ ଧାମନଗରରେ ମହିଳା ଏସ୍ଏଚ୍ଜି ସଦସ୍ୟାଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ସଂକ୍ରାନ୍ତୀୟ ଏକ ଜାଲ୍ ଭିଡିଓ ପ୍ରସ୍ତୁତ କରିଛି। ଏହାପରେ ଧାମନଗର ଉପନିର୍ବାଚନ ପ୍ରଚାର ସମୟରେ ସେମାନେ ବରିଷ୍ଠ ବିଜେଡି ମହିଳା ସଦସ୍ୟାଙ୍କୁ ଧମକାଇବା ଏବଂ ହଇରାଣ କରିବା ଆରମ୍ଭ କରିଛନ୍ତି। ସେମାନେ ରବିବାର ପୁଣି ଧାମନଗରର ଜଣେ ମହିଳା ଏସ୍ଏଚ୍ଜି ସଦସ୍ୟାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ଧାମନଗର ଉପନିର୍ବାଚନରେ ଏକ ବଡ଼ ନିର୍ବାଚନୀ ପରାଜୟର ଭୟକୁ ଘୋଡ଼ାଇବା ପାଇଁ ଓଡ଼ିଶା ଭାଜପା କେତେ ତଳସ୍ତରକୁ ଯାଇପାରେ ତାହା ସେମାନଙ୍କ ମୁହଁରୁ ଜଣାପଡୁଛି ବୋଲି ଇପ୍ସିତା କହିଛନ୍ତି।

# କେନ୍ଦ୍ରମନ୍ତ୍ରୀ ଆଚରଣ ବିଧି ଉଲ୍ଲଂଘନ କରିଥିବା ବିଜେଡିର ଅଭିଯୋଗ

- ଇସିଆଇ, ସିଇଓଙ୍କ ନିକଟରେ ଫେରାଦ ହେଲେ ୨ ଟିମ୍
- ବିଜେଡି କହିଲା କାର୍ଯ୍ୟାନୁଷ୍ଠାନ ନ ହେଲେ ଗଣତନ୍ତ୍ର ଲାଗି ବିପଦ
- ଆଦିବାସୀଙ୍କ ଉନ୍ନତି ଲାଗି କିଛି କରିନାହାନ୍ତି: ପ୍ରଦୀପ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନ ପାଇଁ ପ୍ରଚାର ଜାରି ରହିଥିବାବେଳେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ହେଲେ ଶନିବାର କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏହାର ଉଲ୍ଲଂଘନ କରିଥିବା ବିଜେଡି ଅଭିଯୋଗ ଆଣିଛି। ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଜେଡି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡି ପ୍ରତିନିଧି ଦଳ ଏନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ମଧ୍ୟ ଫେରାଦ ହୋଇଛି।

ଶାସକ ଦଳ ପକ୍ଷରୁ କୁହାଯାଇଛି, ନିର୍ବାଚନ ବେଳେ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରି କୌଣସି ସରକାରୀ କାମ ପାଇଁ ପ୍ରତିଶ୍ରୁତି ଦିଆଯିବା ହେଉଛି ଅବୈଧ। କେନ୍ଦ୍ରମନ୍ତ୍ରୀ ଟୁଡୁ ଏହି ଅବୈଧ ପ୍ରତିଶ୍ରୁତି ଦେଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ଗତ ୨୯ ତାରିଖରେ ଟୁଡୁ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ଧାମନଗରରେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ସମ୍ପର୍କିତ କାର୍ଯ୍ୟ ସେ ଅନୁଧ୍ୟାନ କରିବେ। ଭୁବନେଶ୍ୱର ଯାଇ ସିଡବ୍ଲ୍ୟୁସି ଏବଂ କେନ୍ଦ୍ର ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିବେ। ତୁରନ୍ତ ସେମାନଙ୍କୁ ଏଠାକୁ ପଠାଯିବ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅଧିକାରୀ ମିଳିତ ଭାବେ ଏଠାକୁ ଆସି ତର୍ଜମା କରିବେ। ମାସକ ମଧ୍ୟରେ ରିପୋର୍ଟ ଦିଆଯିବ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଯାହା କରାଯାଇପାରିବ, ତାହା ଆମେ କରିବୁ ବୋଲି ମନ୍ତ୍ରୀ କହିଥିବା ବିଜେଡି କହିଛି। ଉପନିର୍ବାଚନ ଜାରି ରହିଥିବାବେଳେ ଜଣେ କେନ୍ଦ୍ରମନ୍ତ୍ରୀ ଏପରି ପ୍ରତିଶ୍ରୁତି ଦେବା ଖୋଲାଖୋଲି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି ବିଜେଡି କହିଛି। ତେଣୁ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି କରି ଉଭୟ ଭାରତୀୟ ନିର୍ବାଚନ ଆୟୋଗ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡିର ଦୁଇଟି ପ୍ରତିନିଧି ଦଳ ହାଜର ହୋଇଛି। ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ରାଜ୍ୟ ସଭା ଏମ୍ପି ସସ୍ମିତ ପାତ୍ର ଏବଂ ଅମର ପଟ୍ଟନାୟକ ପହଞ୍ଚି ଅଭିଯୋଗ ଆକାରରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସେଥିରେ ବିଜେଡି ଉଲ୍ଲେଖ କରିଛି, ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ଭାଜପା ନେତାଙ୍କ ପୁରୁଣା ଅଭ୍ୟାସ। ଯେତେବେଳେ ସେମାନେ ହାରିଯିବା ନେଇ ଜାଣିପାରନ୍ତି ସେମାନେ ଏଭଳି କାର୍ଯ୍ୟ ଆରମ୍ଭ କରିଦିଅନ୍ତି। କେନ୍ଦ୍ରମନ୍ତ୍ରୀ ଟୁଡୁ ମଧ୍ୟ ଧାମନଗରରେ ଭାଜପା ହାରିବା କଥା ଜାଣିବା ପରେ ଆଚରଣ ବିଧି ଉଲ୍ଲଂଘନ କରିବା ଆରମ୍ଭ କରିଛନ୍ତି। ଏହାର ପ୍ରମାଣ ସହ ପେନଡ୍ରାଇଭ ଜରିଆରେ ନିର୍ବାଚନ ଆୟୋଗଙ୍କ ନିକଟରେ ବିଜେଡି ପ୍ରତିନିଧି ଦଳ ପ୍ରଦାନ କରିଛି। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଯଦି ଏହା ବିରୋଧରେ କାର୍ଯ୍ୟାନୁଷ୍ଠନ ନିଆଯିବ ନାହିଁ ତେବେ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିବ ବୋଲି ବିଜେଡି କହିଛି।

ଅନ୍ୟପଟେ ବିଜେଡି ନେତା ପ୍ରଦୀପ ମାଝି କହିଛନ୍ତି, କେନ୍ଦ୍ରରେ ଜଳଶକ୍ତି ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପେର ଟୁଡୁ ଓଡ଼ିଶା ପାଇଁ କ'ଣ କରିଛନ୍ତି, ତାହାର ଜବାବ ଦିଅନ୍ତୁ ବୋଲି ମାଝି କହିଛନ୍ତି।

## ପ୍ରଚାରର ଆୟୁଧ ସ୍ୱାଭିମାନ ବନାମ ଅହଂକାର

**ଧାମନଗର ଉପନିର୍ବାଚନ**

ଧାମନଗର, ୩୦।୧୦(ଡି.ଏନ୍.ଏ.)

ଧାମନଗର ଉପନିର୍ବାଚନ ପ୍ରଚାରରେ ସ୍ୱାଭିମାନ ଓ ଅହଙ୍କାର ପାଲଟିଛି ଆୟୁଧ। ଧାମନଗରବାସୀ ବେଶ୍ ସ୍ୱାଭିମାନୀ। ଏଣୁ ଧାମନଗରର ସ୍ୱାଭିମାନ ରକ୍ଷା ପାଇଁ ମତଦାତା ଆମ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତୁ। ୩ ପ୍ରମୁଖ ଦଳ ସହ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ(ରାଜୁ)ଙ୍କ ସମର୍ଥକମାନେ ମଧ୍ୟ ପ୍ରଚାର ବେଳେ ଏଭଳି ଆହ୍ୱାନ ଦେଉଛନ୍ତି। ଏଥିସହ ବିଜେଡି ଦୀର୍ଘଦିନ ଶାସନରେ ରହିଥିବାରୁ ଅହଙ୍କାରୀ ହୋଇପଡ଼ିଛି। ଅହଙ୍କାର ଭାଙ୍ଗିବା ପାଇଁ ଧାମନଗର ମତଦାତା ନିଷ୍ପତ୍ତି ନେବାକୁ ନବନିର୍ମାଣ କୃଷକ ସଙ୍ଗଠନ ଓ ଡ୍ରାଇଭର ସଂଘ ସଦସ୍ୟଙ୍କ ପକ୍ଷରୁ ଭୋଟରମାନଙ୍କୁ ନିବେଦନ କରାଯାଉଛି। ଓଡ଼ିଶାକୁ ଦିଗ୍‌ଦର୍ଶନ ଦେବାକୁ ଦୁଇଜଣ ମୁଖ୍ୟମନ୍ତ୍ରୀ ଦେଇଥିବା ଭଦ୍ରକ ଜିଲାର ଶାସକ ଦଳର ନେତାମାନେ ଯାଜପୁର ଜିଲାର କନିଷ୍ଠ ନେତୃତ୍ୱଙ୍କ ଶରଣାପନ୍ନ ହେବା ଓ ଜିଲାର ସ୍ୱାର୍ଥ ରକ୍ଷା ପାଇଁ ମେଡିକାଲ କଲେଜ, ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଲାଗି ପଦକ୍ଷେପ ନେବା ବଦଳରେ ସ୍ୱାଭିମାନକୁ ଯାଜପୁରରେ ବନ୍ଧା ପକାଉଥିବା କହି ବିଜେଡିକୁ କଟାକ୍ଷ କରୁଛନ୍ତି ବିରୋଧୀ।

# ଭୋଟ ପାଇଁ ଟଙ୍କା ବଣ୍ଟାକୁ ନେଇ ଉତ୍ତେଜନା

- ଉଦ୍ଧାର କରିବାକୁ ଯାଇଥିବା ପୋଲିସ ଅଟକ
- ୨୪ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଲେ ଏସ୍ଡିପିଓ



ଉତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ଅଟକ ରଖିଛନ୍ତି।

ଧାମନଗର,୩୦।୧୦(ଡି.ଏନ.ଏ.)

ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ଭୋଟରଙ୍କୁ ଟଙ୍କା ବଣ୍ଟାଯିବା ବିବାଦ ନ ଥମୁଣୁ ଧାମନଗର ନିର୍ବାଚନମଣ୍ଡଳୀରେ ପୁଣି ଟଙ୍କା ବଣ୍ଟାଯିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ରବିବାର ରାତିରେ ଟଙ୍କା ବାଣ୍ଟୁଥିବା ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀଙ୍କୁ ଲୋକେ ଅଟକ ରଖିବା ପରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଟଙ୍କା ବାଣ୍ଟୁଥିବା ଦଳୀୟ କର୍ମୀଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପୋଲିସ ହଟହଟାର ସମ୍ମୁଖୀନ ହୋଇଛି। ଧାମନଗର ବ୍ଲକ କରଦା ପଞ୍ଚାୟତ ଅଲ୍ଲୀନଗର ଗ୍ରାମରେ ଏଭଳି ଘଟଣା ଘଟିଛି।

ଏକ ନିର୍ଦ୍ଦିଷ୍ଟ ଦଳର ଦୁଇଜଣ କର୍ମୀ ଓ ସ୍ଥାନୀୟ ନେତା ଉକ୍ତ ଗ୍ରାମରେ କେତେକ ଲୋକଙ୍କୁ ନିଜ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଟଙ୍କା ବାଣ୍ଟୁଥିଲେ। ଏହା ଦେଖି ଅନ୍ୟ ଏକ ଦଳର ସମର୍ଥକମାନେ ସେମାନଙ୍କୁ ବିରୋଧ କରିଥିଲେ। ପରେ ଉଭୟପକ୍ଷ ମଧ୍ୟରେ ପାଟିତୁଣ୍ଡ ସହ ମାରପିଟ୍ ହୋଇଥିଲା। ଟଙ୍କା ବାଣ୍ଟୁଥିବା ଦଳର ଦୁଇ କର୍ମୀଙ୍କୁ ଲୋକେ ଅଟକ ରଖି ପୋଲିସକୁ ଜଣାଇଥିଲେ। ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରୁଥିଲା। ଏହି ସମୟରେ ଲୋକେ ପୋଲିସ ଗାଡ଼ିକୁ ଅଟକାଇବା ସହ ଠେଲାପେଲା କରିଥିଲେ। ଏହାର ସୁଯୋଗରେ ଅଟକ ଥିବା ଦୁଇ କର୍ମୀଙ୍କ ମଧ୍ୟରୁ ଜଣେ ଖସି ପଳାଇଥିଲେ। ତେବେ ୨ ଘଣ୍ଟା ଧରି ସେଠାରେ ଉତ୍ତେଜନା ଲାଗିରହିଥିଲା। ଏପରିକି ଖବରପାଇ କର୍ମଚାରୀଙ୍କ ସହ ପହଞ୍ଚିଥିବା ଧାମନଗର ଏସ୍ଡିପିଓ ବିଜୟକୃଷ୍ଣ ମହାପାତ୍ରଙ୍କୁ ମଧ୍ୟ ଲୋକେ ଅଟକ ରଖିଥିଲେ। ଏସ୍ଡିପିଓ ବୁଝାଶୁଝା କରି ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ସେମାନଙ୍କୁ ଛାଡ଼ିଥିଲେ। ସେହିପରି ଦୋବଲ ପଞ୍ଚାୟତ ଇଚୁଆ ଗ୍ରାମରେ ଭୋଟ୍ ପାଇଁ ଟଙ୍କା ବଣ୍ଟାଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାରେ ପୋଲିସ ରବିବାର ରାତିରେ ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି।

**ଜାତୀୟ/ଅନ୍ତର୍ଜାତୀୟ**

# ଟୁଇଟରକୁ ଟକ୍କର ଦେବ ବ୍ଲୁସ୍କାଏ

ୱାଶିଂଟନ୍, ୩୦।୧୦

ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କ ଟୁଇଟର କିଣିବା ପରେ ଏକାଧିକ ଟପ୍ ଏକ୍ଜିକ୍ୟୁଟିଭ୍‌ମାନଙ୍କୁ ଚାକିରିରୁ ବାହାର କରିଦେଇସାରିଲେଣି। ଟିଇଟରକୁ ଏକ ନୂଆ ରୂପରେ ଉପସ୍ଥାପନ କରିବା ପାଇଁ ମସ୍କ ସଜବାଜ ହେଉଥିବାବେଳେ ତାଙ୍କ ଆଗରେ ଗୋଟିଏ ପରେ ଗୋଟିଏ ଚ୍ୟାଲେଞ୍ଜ ପ୍ରକଟ ହେବାରେ ଲାଗିଛି। ଟୁଇଟର ପୂର୍ବତନ ସହସଂସ୍ଥାପକ ତଥା ସିଇଓ ଜ୍ୟାକ୍ ଡୋରସେ ବ୍ଲୁସ୍କାଏ ନାମରେ ଏକ ସୋସିଆଲ ମିଡିଆ ଆପ୍‌ର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିବା ନିକଟରେ ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି। ବର୍ତ୍ତମାନ ବ୍ଲୁସ୍କାଏର ବେଟା ଟେଷ୍ଟିଂ (ଆପ୍‌ଷ୍ଟୋରରେ କୌଣସି ଆପ୍ ଉପଲବ୍ଧ ହେବା ପୂର୍ବରୁ କରାଯାଉଥିବା ଫାଇନାଲ ଟେଷ୍ଟିଂ) ଜାରି ଥିବା ଜ୍ୟାକ୍ କହିଛନ୍ତି। ଏହାପରେ ଆପ୍‌ର ପ୍ରଟୋକଲର ପରୀକ୍ଷଣ ଆରମ୍ଭ ହେବ, ଯାହା ଏକ ଜଟିଳ ପ୍ରକ୍ରିୟା ବୋଲି କମ୍ପାନୀ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ଏକ ନେଟୱର୍କ ଥରେ ଆରମ୍ଭ ହେଲେ ସେଥିରେ ଅନେକ ପକ୍ଷଙ୍କ ସମନ୍ୱୟ ଆବଶ୍ୟକ ପଡ଼ିଥାଏ। ଆପ୍‌ରେ ରହିଥିବା ବ୍ୟତିକ୍ରମକୁ ଖୋଜି ବାହାର କରିବା ପାଇଁ ପ୍ରାଇଭେଟ୍ ବେଟା ଟେଷ୍ଟିଂ ଆରମ୍ଭ ହୋଇଛି। ଏକାଧିକ ସାଇଟ୍‌ରେ ବ୍ଲୁସ୍କାଏ ଆପ୍‌ର ବ୍ୟବହାର କରାଯାଇପାରିବ।


ଜ୍ୟାକ୍ ଡୋରସେ

## ୭ ମାସ କୋମାରେ ଥିବା ମହିଳା ଝିଅ ଜନ୍ମ ଦେଲେ

**ନୂଆଦିଲ୍ଲୀ, ୩୦।୧୦:** କୋମାଗ୍ରସ୍ତ ହୋଇ ୭ ମାସ ହେଲା ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଜଣେ ମହିଳା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଦୁର୍ଘଟଣାର ଶିକାର ହେବା ପରେ ୨୩ ବର୍ଷୀୟା ଶାଫିଆ ୟୁପିର ବୁଲନ୍ଦସହରରେ ଚିକିତ୍ସିତ ହୋଇଥିଲେ। ପରେ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେତେବେଳେ ସେ ୪୦ ଦିନର ଗର୍ଭବତୀ ଥିଲେ। ଗତ ୪ ମାସ ମଧ୍ୟରେ ତାଙ୍କର ୪ଟି ସ୍ନାୟବିକ ଅସ୍ତ୍ରୋପଚାର କରାଯାଇଥିଲା। ଅକ୍ଟୋବର ୨୨ରେ ସେ ଏକ ସୁସ୍ଥ ଶିଶୁକୁ ଜନ୍ମ ଦେଇଛନ୍ତି। କିନ୍ତୁ ନିଜେ ୧୦ରୁ ୧୫% ଆରୋଗ୍ୟ ଲାଭ କରିଥିବା ନ୍ୟୁରୋସର୍ଜନ ଦୀପକ ଗୁପ୍ତା କହିଛନ୍ତି।

## ଆମେରିକାରେ ୫୪ ରାଜ୍ୟ: ବାଇଡେନ୍

ୱାଶିଂଟନ୍, ୩୦।୧୦


ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍

୫୦ ରାଜ୍ୟକୁ ନେଇ ଗଠିତ ୟୁନାଇଟେଡ ଷ୍ଟେଟ୍ସ ଅଫ୍ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାର ହୋଇଛି। ଶୁକ୍ରବାର ପେନ୍‌ସିଲଭାନିଆ ଡେମୋକ୍ରାଟିକ୍ ପାର୍ଟି ରିସେପ୍‌ଶନବେଳେ ୭୯ ବର୍ଷୀୟ ବାଇଡେନ୍ କହିଥିଲେ, ଓବାମା କେୟାରକୁ ବଳବତ୍ତର ରଖିବା ପାଇଁ ୨୦୧୮ରେ ସେ ୫୪ ରାଜ୍ୟ ବୁଲି ପ୍ରଚାର କରିଥିଲେ। ସେ ଆହୁରି କହିଥିଲେ, ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓବାମା କେୟାରକୁ ହଟାଇବା ନିମନ୍ତେ ପ୍ରାଣପ୍ରଣେ ଉଦ୍ୟମ ଚଳାଇଥିବାବେଳେ ଡେମୋକ୍ରାଟ୍‌ମାନେ ଏହା ସପକ୍ଷରେ ଅଭିଯାନ କରିଥିଲେ। ଏହି କାରଣରୁ ୨୦୧୮ରେ ରିପବ୍ଲିକାନ୍ ପାର୍ଟି ହାରିଯାଇଥିଲା। ନିଦ୍ରାଗ୍ରସ୍ତ ବାଇଡେନ୍‌ଙ୍କ ମତିଭ୍ରମ ହୋଇଥିବାରୁ ସେ ଆମେରିକାରେ ୫୪ ରାଜ୍ୟ ଥିବା କଥା କହୁଛନ୍ତି ବୋଲି ଟ୍ରମ୍ପ୍ ସମାଲୋଚନା କରିଛନ୍ତି।

## ମୃତ୍ୟୁସଂଖ୍ୟା ୧୫୩କୁ ବୃଦ୍ଧି

**ସିଓଲ ହଲୋଇନ ପାର୍ଟିରେ ଦଳାଚକଟା**

ସିଓଲ, ୩୦।୧୦

ଦକ୍ଷିଣ କୋରିଆ ରାଜଧାନୀ ସିଓଲରେ ଶନିବାର ହଲୋଇନ୍ ଉତ୍ସବ ପାଳନବେଳେ ଦଳାଚକଟା ଯୋଗୁ ମୃତ୍ୟୁସଂଖ୍ୟା ୧୫୩କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗ ରହିଛନ୍ତି, ଯାହାଙ୍କ ବୟସ ୨୦ରୁ ୩୦ ହେବ। ସେହିପରି ସେମାନଙ୍କ ଭିତରେ ୧୯ ମୃତକ ହେଉଛନ୍ତି ବିଦେଶୀ ନାଗରିକ। କୋଭିଡ୍-୧୯ କଟକଣା ହଟିବା ପରେ ଦେଶରେ ପ୍ରଥମ ଥର ପାଇଁ ଏହି ଆଉଟ୍ ଡୋର୍ ଉତ୍ସବ ଆୟୋଜନ ହୋଇଥିଲା। ଅପ୍ରଶସ୍ତ ରାସ୍ତାରେ ପ୍ରାୟ ୧ ଲକ୍ଷରୁ ଅଧିକ ଲୋକ ସେଠାରେ ଜମା ହୋଇଯାଇଥିଲେ। ଭିଡ଼ ବଢ଼ିବା କାରଣରୁ ଲୋକେ ସେଠାରେ ନିଶ୍ୱାସପ୍ରଶ୍ୱାସ ନେବା କଷ୍ଟକର ହୋଇପଡ଼ିଥିଲା। ସ୍ଥିତି ଏପରି ହୋଇଥିଲା ଯେ, ଲୋକେ ପରସ୍ପର ଉପରେ ଚଢ଼ିଯାଇଥିଲେ। ଘଟଣାସ୍ଥଳରେ ଅନେକଙ୍କୁ ହୃଦ୍‌ଘାତ ହୋଇଥିଲା। ଏବେ ବି ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତ ୧୯ ବିଦେଶ ନାଗରିକ ଚାଇନା, ଇରାନ, ଉଜବେକିସ୍ତାନ ଏବଂ ନରୱେର ବୋଲି ଜଣାପଡ଼ିଛି।

# ସହରାଞ୍ଚଳରେ ବଢ଼ୁଛି ବେରୋଜଗାର ଚିନ୍ତା

ନୂଆଦିଲ୍ଲୀ,୩୦।୧୦

ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟମାନଙ୍କ ପାଇଁ ବେରୋଜଗାର, ଆର୍ଥିକ ଓ ରାଜନୈତିକ ଦୁର୍ନୀତି ସବୁଠୁ ବଡ଼ ଚିନ୍ତାର ବିଷୟ ପାଲଟିଛି। ପ୍ୟାରିସ୍‌ସ୍ଥିତ ମାର୍କେଟ ରିସର୍ଚ୍ଚ କମ୍ପାନୀ ଇପ୍‌ସୋସ୍ ପକ୍ଷରୁ କରାଯାଇଥିବା ଏକ ସଦ୍ୟ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୭ ମଧ୍ୟରେ ଇପ୍‌ସୋସ୍‌ର ଅନ୍‌ଲାଇନ୍ ପ୍ୟାନେଲ ସିଷ୍ଟମ୍ ଜରିଆରେ କରାଯାଇଥିବା ସର୍ଭେରେ ବିଭିନ୍ନ ଦେଶର ସାମାଜିକ-ଆର୍ଥିକ ଓ ରାଜନୈତିକ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଲୋକଙ୍କ ମତାମତ ନିଆଯାଇଥିଲା। ସାରା ବିଶ୍ୱରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧିର କାରଣ ସାଜିଥିବା ମୁଦ୍ରାସ୍ଫୀତି ୧ ନମ୍ବର ଚ୍ୟାଲେଞ୍ଜ ବୋଲି ଉତ୍ତରଦାତାମାନେ 'ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ' ଶୀର୍ଷକ ସର୍ଭେ ବେଳେ ମତବ୍ୟକ୍ତ କରିଛନ୍ତି। ବିଶ୍ୱର ୨୯ ଦେଶରେ ମୁଦ୍ରାସ୍ଫୀତିକୁ ୪୨% ଚିନ୍ତାର କାରଣ ବୋଲି ଏଥିରେ ଦର୍ଶାଯାଇଛି, ଯାହାକି ପୂର୍ବ ମାସ ତୁଳନାରେ ୨% ଅଧିକ। ଭାରତ କଥା ଦେଖିଲେ ସହରାଞ୍ଚଳଗୁଡ଼ିକରେ ବସବାସ କରୁଥିବା ପ୍ରତି ୧୦ ଜଣରୁ ୨ ଜଣ ଭାରତୀୟ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତିତ ଥିବା କହିଛନ୍ତି। ଏହାକୁ ଦେଶରେ ୨୧% ଚିନ୍ତାର କାରଣ ବୋଲି ଦର୍ଶାଯାଇଛି। ବେକାରି ସମସ୍ୟାକୁ ନେଇ ସର୍ବାଧିକ ଚିନ୍ତିତ ଥିବା କହିଥିଲେ। ବେରୋଜଗାରିକୁ ୨୭%, ଅପରାଧ ଓ ହିଂସା ୨୬%, ଆର୍ଥିକ ଓ ରାଜନୈତିକ ଦୁର୍ନୀତିକୁ ୨୬% ଚିନ୍ତାର କାରଣ ରୂପେ ବିବେଚନା କରାଯାଇଛି। ସେହିପରି ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ ୨୨% ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଇପ୍‌ସୋସ୍ ଇଣ୍ଡିଆ ସିଇଓ ଅମିତ୍ ଅଦାରକର କହିଛନ୍ତି, କୋଭିଡ୍-୧୯ ମହାମାରୀ ଓ ବୈଶ୍ୱିକ ମାନ୍ଦାବସ୍ଥାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଲାଣି। ସେହିପରି ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ସୃଷ୍ଟି ହୋଇଥିବା ଆର୍ଥିକ ଅସ୍ଥିରତା ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଛି। ଏଥିଯୋଗୁ ଦୁର୍ନୀତି, ଅପରାଧ ଓ ସାମାଜିକ ଅସମାନତା ମଧ୍ୟ ବୃଦ୍ଧି ପାଇଛି। ସରକାରୀ ପଦକ୍ଷେପଗୁଡ଼ିକ ଯୋଗୁ ଭାରତକୁ ମୁଦ୍ରାସ୍ଫୀତିକୁ କିଛିମାତ୍ରାରେ ରୋକାଯାଇପାରିଛି। ୭୬% ସହରୀ ଭାରତୀୟଙ୍କ ମତରେ ଦେଶ ଉଚିତ ମାର୍ଗରେ ଯାଉଛି।

## ଇମ୍ରାନ୍‌ଙ୍କ ରାଲିରେ ମହିଳା ଖବରଦାତାଙ୍କ ମୃତ୍ୟୁ

**ଇସ୍‌ଲାମାବାଦ୍, ୩୦।୧୦:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦ୍ୱାରା ରବିବାର ସରକାରୀ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ଇମ୍ରାନ୍ ବସିଥିବା ଗାଡ଼ିରେ ପିଟି ହୋଇ ପାକ୍‌ର ଜଣେ ମହିଳା ଖବରଦାତାଙ୍କ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି। ମହିଳାଙ୍କ ମୃତ୍ୟୁ ପରେ ତେହରିକ୍-ଇ-ଇନ୍‌ସାଫର ସଭାପତି ଇମ୍ରାନ୍ ଖାନ୍ ମାର୍ଚ୍ଚକୁ ଅଧାରୁ ବନ୍ଦ କରିଥିଲେ। ସ୍ଥାନୀୟ ଟିଭି ଚ୍ୟାନେଲରେ ଖବରଦାତା ଭାବେ କାମ କରୁଥିବା ସଦଫ ନଇମ୍ ଇମ୍ରାନ୍‌ଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସଦଫଙ୍କ ମୃତ୍ୟୁ ନେଇ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଶୋକବ୍ୟକ୍ତ କରିଛନ୍ତି।

**ଶ୍ରେଷ୍ଠ ୧୦ଟି କମ୍ପାନୀ ତାଲିକାରେ ରିଲାଏନ୍ସ ପ୍ରଥମ**

**ନୂଆଦିଲ୍ଲୀ:** ଗତ ସପ୍ତାହର ଫଳାଫଳ ଅନୁସାରେ ଶେୟାର ବଜାରରେ ପଞ୍ଜୀକୃତ ଶ୍ରେଷ୍ଠ ୧୦ଟି କମ୍ପାନୀରୁ ୯ଟିର ବଜାର ପୁଞ୍ଜୀକରଣ (ମାର୍କେଟ କ୍ୟାପ୍) ସାମୂହିକ ଭାବେ ୯୦,୩୧୮.୭୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏପରିକି ଶେୟାର ବଜାରର ବିଏସଇ-୩୦ ସେନ୍‌ସେକ୍ସ ୬୫୨.୭ ପଏଣ୍ଟ କିମ୍ବା ୧.୧୦ ପ୍ରତିଶତ ବୃଦ୍ଧି ପାଇଛି। ଗତ ସପ୍ତାହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ପୁଞ୍ଜୀକରଣ ୩୭,୫୬୬.୮୨ କୋଟି ଟଙ୍କା ବୃଦ୍ଧି ହୋଇ ୧୭,୦୮,୯୩୨.୪୨ କୋଟିରେ ପହଞ୍ଚିବା ସହ ଶ୍ରେଷ୍ଠ ୧୦ଟି କମ୍ପାନୀ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପ୍ରଥମ ସ୍ଥାନ ବଜାୟ ରଖିଛି।

# ୬ ହଜାର କୋଟିର କାରବାର କରିଛି କ୍ରାକର ଇଣ୍ଡଷ୍ଟ୍ରି

**ନୂଆଦିଲ୍ଲୀ,୩୦।୧୦**

କୋଭିଡ୍ ଯୋଗୁ ଗତ ଦୁଇବର୍ଷ ହେଲା ପାର୍ବଣ ଓ ଦୀପାବଳି ଭଳି ପ୍ରମୁଖ ପର୍ବ ବନ୍ଦ ରହିଥିଲା। ହେଲେ ଚଳିତବର୍ଷ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ଥିବାରୁ ପାର୍ବଣ ଓ ଦୀପାବଳି ପୂର୍ବ ବର୍ଷ (୨୦୧୯) ଭଳି ସ୍ୱାଭାବିକ ଭାବେ ପାଳିତ ହୋଇଛି। ଏପରି କି ଚଳିତବର୍ଷ ଦୀପାବଳିକୁ ଭାରତୀୟମାନେ ଧୁମ୍‌ଧାମରେ ପାଳନ କରିଛନ୍ତି। ଫଳରେ ସାରା ଦେଶରେ ୬ହଜାର କୋଟି ଟଙ୍କାରୁ ଅଧିକ ବାଣ ଫୁଟା ଯାଇଥିବା (ଫୋଟକା ପୋଡ଼ା ଯାଇଥିବା) କ୍ରାକର ଇଣ୍ଡଷ୍ଟ୍ରି ପକ୍ଷରୁ କୁହାଯାଇଛି। ସେହିଭଳି କ୍ରାକର ଶିଳ୍ପ ସହ ଜଡିତ ବ୍ୟବସାୟୀ ଓ କାରିଗର ମଧ୍ୟ ବେଶ୍ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ସାରା ଭାରତରେ ସବୁ ସ୍ତରରେ ବାଣ ବିକ୍ରି ଲାଗି ଷ୍ଟକ୍ ରହିଥିବା ସବୁ ବର୍ଗର ଫୋଟକା ବିକ୍ରି ହୋଇଯାଇଥିବା ସୂଚନା ରହିଛି। କାରଣ ବିଗତ ୨ ବର୍ଷ ପରେ ଲୋକେ ଦୀପାବଳି ପାଳନ କରିବାକୁ ଯାଉଥିବାରୁ ଉଭୟ



ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା। ଅପରପକ୍ଷରେ ୨୦୧୬ରୁ ୨୦୧୯ ମଧ୍ୟରେ ହୋଇଥିବା ବାଣ କାରବାର ସମାନ ରହିଥିବା ବେଳେ ଚଳିତବର୍ଷର ବାଣ (କ୍ରାକର ବେପାର) କାରବାର ପ୍ରାୟ ୩୦% ବୃଦ୍ଧି ପାଇଛି ବୋଲି ତାମିଲନାଡୁ ଫାୟାରୱାର୍କସ୍ ଏଣ୍ଡ ଆମୋରସ ମାନୁଫାକ୍ଚର୍ସ ଆସୋସିଏଶନ (ଟିଏନ୍‌ଏଫ୍‌ଏଏମ୍‌ଏ) ର ସଭାପତି ଗଣେଶନ ପଞ୍ଚୁରାଜନ ମତବ୍ୟକ୍ତ କରିଛନ୍ତି। ସେହିପରି କୋଭିଡ୍ ସଂକ୍ରମଣ ଯୋଗୁ ବାଣ (କ୍ରାକର) ତିଆରି ଲାଗି ଆବଶ୍ୟକ କଞ୍ଚାମାଲ ମୂଲ୍ୟରେ ୫୦% ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା ; ଯାହା ଏବେ ବି ହ୍ରାସ ହୋଇନାହିଁ, ତେଣୁ ଉତ୍ପାଦନ ମୂଲ୍ୟରେ ସ୍ୱାଭାବିକଠାରୁ ୩୦ରୁ ୩୫ ପ୍ରତିଶତ କାରବାର ବୃଦ୍ଧି ହୋଇଥିବା ଜଣାପଡିଛି। ତେବେ ଭାରତର ଉତ୍ସବ ସମୟରେ ସାଧାରଣତଃ ୪ରୁ ୫ ହଜାର କୋଟି ଟଙ୍କାର କାରବାର ହୋଇଥାଏ। ତେବେ ବିକ୍ରି ହୋଇପାରି ନ ଥିବା ମାଲ ସମ୍ପର୍କରେ ସୋନି ଫାୟାର ୱାର୍କସର ନିର୍ଦ୍ଦେଶକ ଗଣେଶନ କହିଛନ୍ତି, ଚଳିତବର୍ଷ ଦୀପାବଳିରେ ଗୋଟିଏ ବି କ୍ରାକର ବଳି ନ ଥିବା ଜଣାପଡିଛି। ତେବେ ଚଳିତବର୍ଷ ସବୁଠୁ ଅଧିକ ବାଣ (ଫୋଟକା) ମହାରାଷ୍ଟ୍ରରେ ବିକ୍ରି ହୋଇଥିବା ବେଳେ ଉତ୍ତରପ୍ରଦେଶ, ବିହାର, କୋଲକାତା ଏବଂ ଗୁଜରାଟ ଭଳି ପ୍ରମୁଖ ରାଜ୍ୟ କ୍ରମାନ୍ୱୟରେ କାରବାର କରିଥିବା ସେ ମତପ୍ରକାଶ କରିଛନ୍ତି। ଗଣେଶନଙ୍କ କହିବା ଅନୁସାରେ ଉତ୍ପାଦନର ଏକ ବଡ଼ ଅଂଶ ମୁମ୍ବାଇ ଓ ବାକି ମହାରାଷ୍ଟ୍ର ଭଳି ରାଜ୍ୟ ନେଇଥିବା ଜଣାପଡିଛି। ଚଳିତବର୍ଷ ଦୀପାବଳି ପାଇଁ ସବୁ ପ୍ରକାର ଫୋଟକା ତିଆରି ହୋଇଥିଲା । ବିଶେଷ କରି ଉଚ୍ଚତମ ନ୍ୟାୟାଳୟ ଓ ସରକାରୀ ଅଧିକାରୀଙ୍କ ଗାଇଡ୍ ଲାଇନରେ କ୍ରାକର ପ୍ରସ୍ତୁତ କରାଯାଇଥିବା ବେଳେ ସବୁ ଫୋଟକା ଗ୍ରୀନ୍ ଫୋଟକା ଶ୍ରେଣୀର ନିର୍ମିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ରାଜଧାନୀ ଦିଲ୍ଲୀକୁ ଛାଡିଦେଲେ ଦେଶର ଅନ୍ୟ କୌଣସି ସ୍ଥାନରେ ବାଣ ଫୁଟାଇବା ଲାଗି କଟକଣା ଲାଗି ନ ଥିବା ବେଳେ ଦୀପାବଳି ଧୁମ୍‌ଧାମରେ ପାଳନ ହୋଇଥିବା ଗଣେଶନ କହିଛନ୍ତି।

## ହ୍ରାସ ପାଉଛି କ୍ରେଡିଟ୍ କାର୍ଡର ସଂଖ୍ୟା

**ନୂଆଦିଲ୍ଲୀ,୩୦।୧୦**

କୋଭିଡ୍ କଟକଣା ଓ ସଂକ୍ରମଣ ଯୋଗୁ ସାରା ଦେଶର ଲୋକ ଅନ୍‌ଲାଇନ କାରବାରକୁ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି କ୍ରେଡିଟ୍ କାର୍ଡ ଜରିଆରେ ଲୋକମାନେ କାରବାର (କିଣାକିଣି) କରୁଛନ୍ତି। ଏପରି କି କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ରହିବା ଓ କଟକଣା ନ ଥିବାରୁ ଲୋକେ ଅଫ୍‌ଲାଇନରେ କାରବାର କରିବାକୁ ପସନ୍ଦ କରୁଛନ୍ତି। ଫଳରେ କ୍ରେଡିଟ୍ କାର୍ଡର ବ୍ୟବହାର ବା କାର୍ଡଧାରୀଙ୍କ ସଂଖ୍ୟା ହ୍ରାସ ପାଉଛି। ଚଳିତବର୍ଷ ଅଗଷ୍ଟରେ କ୍ରେଡିଟ୍ କାର୍ଡ ସଂଖ୍ୟା ୭.୭୯ କୋଟି ଥିବାବେଳେ ସେପ୍ଟେମ୍ବରରେ ଏହା ୭.୭୭ କୋଟିକୁ କମିଛି। ସେହିଭଳି ସେପ୍ଟେମ୍ବରରେ ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ୍ କାର୍ଡ ସଂଖ୍ୟା ୪.୪ ପ୍ରତିଶତ ବା ୬.୨ ଲକ୍ଷ ହ୍ରାସ ପାଇ ୧.୩ କୋଟି ରହିଛି। ଏହା ପଛକୁ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର କ୍ରେଡିଟ୍ କାର୍ଡ ସଂଖ୍ୟା ପାଖାପାଖି ୭.୮ ପ୍ରତିଶତ ହ୍ରାସ ଘଟି ୧୨.୨ ଲକ୍ଷ ରହିଛି। ଏଚ୍‌ଡିଏଫ୍‌ସି ମଧ୍ୟ ଏକ ଲକ୍ଷରୁ ଅଧିକ କାର୍ଡ ହରାଇଛି। ଏହି ବ୍ୟାଙ୍କର କ୍ରେଡିଟ୍ କାର୍ଡ ସଂଖ୍ୟା ୧.୬ କୋଟି ରହିଛି।

## 'କାର୍ଯ୍ୟ କ୍ଷେତ୍ରରେ ଶୂନ କ୍ଷତି'କୁ ପ୍ରଶଂସା



**ଭୁବନେଶ୍ୱର,୩୦।୧୦**

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡର ଗଂଜାମ ଜିଲ୍ଲା ଗୋପାଳପୁରସ୍ଥିତ ଫେରୋ ଆଲଏଜ୍ ପ୍ଲାଂଟ୍ ଓ ଗୋପାଳପୁର ଶିଳ୍ପ ପାର୍କରେ ଥିବା ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନମିକ୍ ଜୋନ୍ ଲିମିଟେଡ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର୍ସର ନିର୍ଦ୍ଦେଶକ ଡ଼. ଏନ୍.ତିରୁମାଳା ନାଏକଙ୍କ ନେତୃତ୍ୱରେ ଏକ ଟିମ ପରିଦର୍ଶନ କରି କମ୍ପାନୀର ଉଚ୍ଚ ସୁରକ୍ଷା ମାନକ ସହ ଅତି ଯତ୍ନ ସହକାରେ ଅନୁସରଣ କରାଯାଉଥିବା 'କାର୍ଯ୍ୟ କ୍ଷେତ୍ରରେ ଶୂନ କ୍ଷତି'ର ଦର୍ଶନକୁ ଏନ୍.ତିରୁମାଳା ଉଚ୍ଚ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ନାଏକ କ୍ଷେତ୍ର ପରିଦର୍ଶନ ସହ ଅନ୍ୟମାନଙ୍କ ସହ କାରଖାନାରେ ଅନୁସରଣ କରାଯାଉଥିବା ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସମ୍ପର୍କିତ ଶ୍ରେଷ୍ଠ ପ୍ରଥାର ସମୀକ୍ଷା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଇପାଇ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଟିଏସ୍‌ଏମ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ୍ ସତିଜା କହିଛନ୍ତି, ଆମେ ଯେଉଁ ଲୋକମାନଙ୍କ ସହ କାର୍ଯ୍ୟ କରୁଛୁ ଏବଂ ସମାଜ ପ୍ରତି ଶୂନ କ୍ଷତିର ପ୍ରତିବଦ୍ଧତା ଦ୍ୱାରା ଆମ ସୁରକ୍ଷା ଓ ସ୍ୱାସ୍ଥ୍ୟ କାର୍ଯ୍ୟ ପରିଚାଳିତ ହେଉଛି।

## ଜୁପିଟର ଡିଗ୍ରୀ କଲେଜର ସଫଳତା

JUPITER DEGREE COLLEGE

**ଭୁବନେଶ୍ୱର: ୩୦।୧୦**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଜୁପିଟର ଡିଗ୍ରୀ କଲେଜ ଚଳିତ ବର୍ଷର ସ୍ନାତକ ଫଳାଫଳରେ ସଫଳତା ଅର୍ଜନ କରିଛି। ଏପରିକି ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସଦ୍ୟ ପ୍ରକାଶିତ +୩ ପରୀକ୍ଷା ଫଳର ମେଧା ତାଲିକାରେ କଲେଜର ଛାତ୍ରୀଛାତ୍ରୀ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ରହିଛନ୍ତି। ବିଶେଷ କରି ପ୍ରାଣୀ ବିଜ୍ଞାନରେ ଅଭିଜିତ ପ୍ରଧାନ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ସୁଜାତା ମହାନ୍ତି ୬ଷ୍ଠ, ପ୍ରାଚୀ ପ୍ରିୟଦର୍ଶନୀ ୮ମ ଓ ଆକାଂକ୍ଷା ଦାସ ୧୦ମ ସ୍ଥାନରେ ରହିଛନ୍ତି। ସେହିଭଳି ରସାୟନ ବିଜ୍ଞାନରେ ଷ୍ଟିଭ୍ ଦାସ ୩ୟ ସ୍ଥାନ ଅଧିକାର କରି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଗଣିତରେ ଭାଗ୍ୟଶ୍ରୀ ସାମଲ ୬ଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଉଦ୍ଭିଦ ବିଜ୍ଞାନରେ ଅଭୀପ୍‌ସା ଚିନାରା ୫ମ ସ୍ଥାନ ଅଧିକାର କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଛାତ୍ରଛାତ୍ରୀଙ୍କର ଏହି ସଫଳତାରେ ଅନୁଷ୍ଠାନର ସଭାପତି ବିରଞ୍ଚି ନାରାୟଣ ପଣ୍ଡା, ସଂପାଦକ ପ୍ରସନ୍ନ କୁମାର ପାତ୍ର, ଉପସଭାପତି ବିଶ୍ୱରଞ୍ଜନ ପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନେ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଜୁପିଟର ଡିଗ୍ରୀ କଲେଜ ନିଜ ପୂର୍ବ ସଫଳତାକୁ ପୁଣି ଥରେ ଦୋହରାଇଛି।

## ଜିଓର ୫ଜି କନେକ୍ଟେଡ୍ ଆମ୍ବୁଲାନ୍ସ ସେବା

**ନୂଆଦିଲ୍ଲୀ,୩୦।୧୦**

ଦେଶର ପ୍ରମୁଖ ଟେଲିକମ୍ ସଂସ୍ଥା ରିଲାଏନ୍ସ ଜିଓ ପକ୍ଷରୁ ଏକ ଅତ୍ୟାଧୁନିକ ୫ଜି କନେକ୍ଟେଡ୍ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଉକ୍ତ ଆମ୍ବୁଲାନ୍ସରେ ଅନେକ ବୈଶିଷ୍ଟ୍ୟ ରହିଛି। ଏପରିକି ଡାକ୍ତରଖାନାରେ ରୋଗୀ ପହଞ୍ଚିବା ପୂର୍ବରୁ ରୋଗୀ ସମ୍ପର୍କିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ବାସ୍ତବ ସମୟ ମଧ୍ୟରେ (ଡିଜିଟାଲ୍ ମାଧ୍ୟମରେ) ହସ୍ପିଟାଲ୍‌କୁ ପ୍ରଦାନ କରିବ। ଫଳରେ ଜରୁରିକାଳୀନ ମେଡିକାଲ୍ ପରିସ୍ଥିତିରେ ରୋଗୀ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ରୋଗୀ ପାଇଁ ଆବଶ୍ୟକ ମେଡିକାଲ୍ ସୁବିଧା ଓ ପ୍ରସ୍ତୁତି ଡାକ୍ତରଖାନା ଓ ଡାକ୍ତରୀ ଟିମ ପକ୍ଷରୁ କରାଯାଇସାରିଥିବ। ସେହିଭଳି ଆଗାମୀ ଭବିଷ୍ୟତରେ ମେଡିକାଲ୍ ଶିଳ୍ପର ଚେହେରା କେଉଁ ଭଳି ଭାବେ ବଦଳିବ ତାହା ଏହି ଆମ୍ବୁଲାନ୍ସରୁ ହିଁ ସହଜରେ ଅନୁମାନ କରାଯାଇପାରିବ ବୋଲି ଜିଓ ପକ୍ଷରୁ କୁହାଯାଇଛି।





ସେହିପରି ଜିଓର ଟ୍ରୁ-୫ଜି ଜରିଆରେ ହଜାର ହଜାର କିଲୋମିଟର ଦୂରରେ ଥିବା ରେଡିଓଲୋଜିଷ୍ଟ କିମ୍ବା ସୋନୋଗ୍ରାଫର ତାହାକୁ ଅତି ସହଜରେ ପରିଚାଳନା ମଧ୍ୟ କରିପାରିବେ। ଏହି ରୋବୋଟିକ୍ ଆର୍ମ ସହରରେ ଥିବା ରେଡିଓଲୋଜିଷ୍ଟଙ୍କୁ ସିଧାସଳଖ ଗ୍ରାମୀଣ ରୋଗୀଙ୍କ ସହ ଯୋଡ଼ିପାରିବ। ଏକ୍ସ-ରେ ଓ ଅଲ୍‌ଟ୍ରାସାଉଣ୍ଡ୍ ଭଳି ମୌଳିକ ମେଡିକାଲ୍ ଆବଶ୍ୟକତା ପାଇଁ ଗ୍ରାମାଞ୍ଚଳର ଲୋକଙ୍କୁ ଆଉ ସହର ଆସିବାକୁ ପଡ଼ିବନି ଏବଂ ସେମାନେ ଘରେ ବସି ରିପୋର୍ଟ ମଧ୍ୟ ହାସଲ କରିପାରିବେ।

ନିକଟରେ ରିଲାଏନ୍ସ ଜିଓର ୫ଜି ସେବାର ଶୁଭାରମ୍ଭ ହୋଇଯାଇଛି। ନିଜର ଟ୍ରୁ-୫ଜି ନେଟୱର୍କର ହାଇ-ସ୍ପିଡ୍ ଓ ଲୋ-ଲେଟେନ୍ସି ଜରିଆରେ ଜୀବନର ନିତିଦିନିଆ କାମରେ ଲାଗୁଥିବା ବହୁ ବୈଷୟିକ ସମାଧାନ ଉପରେ ମଧ୍ୟ ଜିଓ କାର୍ଯ୍ୟ କରୁଛି।

## ବନ୍ଧନ ବ୍ୟାଙ୍କର ୨ୟ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୩୦।୧୦**

ବନ୍ଧନ ବ୍ୟାଙ୍କ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବ୍ୟାଙ୍କ୍‌ର ମୋଟ କାରବାର (ଜମା ଓ ଅଗ୍ରୀମ) ୨୦୨୨ ସେପ୍ଟେମ୍ବର ୩୦ ସୁଦ୍ଧା ବର୍ଷକୁ ବର୍ଷ ଭିତରେ ୧୯.୫% ବୃଦ୍ଧି ପାଇ ୧,୯୫,୨୦୦ କୋଟି ଟଙ୍କା ହୋଇଛି। ସେହିଭଳି ବ୍ୟାଙ୍କ୍‌ର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୨୧% ବୃଦ୍ଧି ପାଇଛି। ମୋଟ ଜମା ଏବେ ୯୯,୩୬୫ କୋଟି ଟଙ୍କା ରହିଛି। ଆଲୋଚ୍ୟ ଅବଧିରେ ବ୍ୟାଙ୍କ୍‌ର ରିଟେଲ୍ ଡିପୋଜିଟ୍ ବୁକ୍‌ରେ ଉଲ୍ଲେଖନୀୟ ବୃଦ୍ଧି ସହ ବର୍ଷକୁ ବର୍ଷ ୭% ଅଭିବୃଦ୍ଧି ଘଟି ୭୩,୬୬୦ କୋଟି ଟଙ୍କା ହୋଇଛି। ସେହିପରି (କରେଂଟ୍) ଚଳନ୍ତୀ ଓ ସଂଚୟ ଖାତା ପୁସ୍ତିକା (କାସା) ବର୍ଷକୁ ବର୍ଷ ଭିତରେ ୧୧% ବୃଦ୍ଧି ପାଇଛି। କାସା ଜମା ଅନୁପାତ ଏବେ ମୋଟ ଜମାର ୪୦.୮% ରହିଛି। ଅଗ୍ରୀମ କ୍ଷେତ୍ରର ବ୍ୟାଙ୍କ୍ ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୧୮% ବୃଦ୍ଧି ହାସଲ କରିଛି। ମୋଟ ଅଗ୍ରୀମ ଏବେ ୯୫,୮୩୫ କୋଟି ଟଙ୍କା ରହିଛି। ବ୍ୟାଙ୍କ୍ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପୁଞ୍ଜି ସ୍ୱଚ୍ଛତା ଅନୁପାତ (ସିଏଆର୍) ୧୯.୪% ରହିଛି, ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି। ଚଳିତ ଆର୍ଥିକ ବର୍ଷରେ ବନ୍ଧନ ବ୍ୟାଙ୍କ୍ ସାରା ଦେଶରେ ୫୫୦ ରୁ ଅଧିକ ନୂଆ ଶାଖା ଖୋଲିବାକୁ ଯୋଜନା ରଖିଛି। ବ୍ୟାଙ୍କ୍ ପକ୍ଷରୁ ଏସଏମଇ ଋଣ, ସୁନା ଋଣ, ବ୍ୟକ୍ତିଗତ ଋଣ ଓ ଗାଡ଼ି ଋଣ ଓ ଅନ୍ୟାନ୍ୟ ଉତ୍ପାଦ ପୋର୍ଟଫୋଲିଓକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମଡି ଓ ସିଇଓ ଚନ୍ଦ୍ରଶେଖର ଘୋଷ କହିଛନ୍ତି, ବ୍ୟାଙ୍କ୍ ପାଇଁ ଏହା ଏକ ଭଲ ତ୍ରୈମାସିକ ହୋଇଛି, କାରଣ ଆମେ ଦୃଢ଼ ବର୍ଷକୁ ବର୍ଷ ଅଭିବୃଦ୍ଧି ହାସଲ କରିଛୁ।

**ଫୁର୍‌ସତ୍**



## 'ଅପୂର୍ବା'ର ଶୁଟିଂ ଆରମ୍ଭ

**ମୁମ୍ବାଇ:** ବଲିଉଡ୍‌ର ଅପ୍‌କମିଂ ଫିଲ୍ମ 'ଅପୂର୍ବା'ର ଶୁଟିଂ ଆରମ୍ଭ ହୋଇଯାଇଛି। ଏହା ଏକ ନାରୀକୈନ୍ଦ୍ରିକ ଫିଲ୍ମ ହୋଇଥିବାବେଳେ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ତାରା ସୂତାରିଆ। ଶୁଟିଂ ଆରମ୍ଭ ନେଇ ତାରା ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ନିଖିଲ ନଗେଶ ଭଟ୍ଟ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଜଣେ ଚତୁର ଯୁବତୀଙ୍କ ଜୀବନ କାହାଣୀକୁ ନେଇ ଅପୂର୍ବାର କାହାଣୀ ପର୍ଯ୍ୟବସିତ। ଚଳିତ ବର୍ଷ ଜୁଲାଇରେ ଫିଲ୍ମର ଆନାଉନ୍ସମେଣ୍ଟ କରାଯାଇଥିଲା। ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍ ୨ରୁ ତାରା ନିଜ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ଚଳଚ୍ଚିତ୍ର ଏକ୍ ଭିଲେନ୍ ରିଟର୍ନ୍ସରେ ଏହି ନାୟିକାଙ୍କୁ ବଡ଼ ପରଦାରେ ଦେଖାଯାଇଥିଲା। ଏହି ମଲ୍ଟିଷ୍ଟାରର ଫିଲ୍ମରେ ତାରାଙ୍କ ସହ ଦିଶା ପଟାନୀ, ଜନ୍ ଆବ୍ରାହମ୍ ଓ ଅର୍ଜୁନ୍ କପୁର ସ୍କ୍ରିନ୍ ଶେୟାର କରିଥିଲେ।

## ଋତୁସ୍ରାବ ବ୍ୟତିକ୍ରମର କାରଣ କୋଭିଡ୍ 'ଷ୍ଟ୍ରେସ୍'

**ନ୍ୟୁୟର୍କ**

କୋଭିଡ୍ ମହାମାରୀ କାରଣରୁ ବ୍ୟକ୍ତି ବିଶେଷଙ୍କ ଜବନଶୈଳୀରେ ଅନେକ ପରିବର୍ତ୍ତନ ଦେଖାଯାଉଛି। ମହିଳା, ପୁରୁଷ, ଶିଶୁ, ଯୁବକ, କିଶୋର ଏବଂ ବୃଦ୍ଧ ପ୍ରତ୍ୟେକ ବୟସ୍କ ବର୍ଗଙ୍କ କ୍ଷେତ୍ରରେ ପୂର୍ବ ଅପେକ୍ଷା ମାନସିକ ଚାପ ବୃଦ୍ଧି ଘଟିଥିବା ପିଟର୍ସବର୍ଗ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି। ବଢ଼ିଥିବା ଷ୍ଟ୍ରେସ୍ ଯୋଗୁ ମହିଳା ଓ କିଶୋରୀଙ୍କ ମାସିକ ଋତୁସ୍ରାବରେ ବିଭିନ୍ନ ପ୍ରକାର ବ୍ୟତିକ୍ରମ ଦେଖାଯାଇଛି। ମେନ୍‌ଷ୍ଟ୍ରୁଆଲ ସାଇକେଲ୍ ଲେନ୍‌ଥରେ ମଧ୍ୟ ବହୁ ପରିବର୍ତ୍ତନ ଘଟିଥିବା ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି। ଏହି କାରଣରୁ ମହିଳାଙ୍କ ପ୍ରଜନନ କ୍ଷେତ୍ରରେ ମଧ୍ୟ ବହୁ ପରିବର୍ତ୍ତନ ଦେଖାଯାଇଛି। ଅଧ୍ୟୟନରେ ସାମିଲ ହୋଇଥିବା ମହିଳା ଓ ଯୁବତୀମାନଙ୍କ ପକ୍ଷରୁ



ଦିଆଯାଇଥିବା ପ୍ରତିକ୍ରିୟା ଅନୁସାରେ, କୋଭିଡ୍ ପରେ ମେନ୍‌ଷ୍ଟ୍ରୁଆଲ ସାଇକେଲ୍‌ରେ ବହୁ ପରିବର୍ତ୍ତନ ହୋଇଛି। ଅଧ୍ୟୟନର ମୁଖ୍ୟ ପ୍ରଫେସର୍ ମାର୍ଟିନା ଆଣ୍ଟୋ ଓକ୍‌ରାହ କହିଛନ୍ତି, ମହିଳାଙ୍କଠାରେ ଦେଖାଯାଉଥିବା ଏହି ମାସିକ ନିୟମିତ କ୍ରିୟାରେ ପରିବର୍ତ୍ତନ ଦେଖାଯିବା ପଛରେ ମୁଖ୍ୟ କାରଣ କରୋନା ମହାମାରୀ ଯୋଗୁ ବଢ଼ିଥିବା ମାନସିକ ଚାପ।

ଗବେଷକମାନେ ଏ ନେଇ ଦୁଇ ପ୍ରକାର ସର୍ଭେ କରିଛନ୍ତି। ବିଶେଷ କରି ୨୦୨୦ ମାର୍ଚ୍ଚରୁ ୨୦୨୧ ମେ ମଧ୍ୟରେ ମାସିକ ଋତୁସ୍ରାବରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥିବା ଗବେଷକମାନେ କହିଛନ୍ତି। ୩୫୪ ଜଣ ମହିଳା ଯେଉଁମାନେ ଉଭୟ ସର୍ଭେରେ ଭାଗ ନେଇଥିଲେ ସେହିମାନଙ୍କଠାରେ ଷ୍ଟ୍ରେସ୍‌ର ମାତ୍ରା ସର୍ବାଧିକ ୧୦.୫ ପ୍ରତିଶତ ରହିଥିବା ଜଣାପଡ଼ିଛି। ସେହିମାନଙ୍କ ଋତୁସ୍ରାବରେ ପରିବର୍ତ୍ତନ ଦେଖାଯାଇଛି। କେତେଜଣଙ୍କ କ୍ଷେତ୍ରରେ ଅଧିକମାତ୍ରାରେ ରକ୍ତପ୍ରବାହ ହେଉଥିବାବେଳେ କେତେଜଣଙ୍କର ଅନିର୍ଦ୍ଦିଷ୍ଟ ସମୟରେ ସାଇକେଲ୍ ଆରମ୍ଭ ହେଉଥିବା ଅଧ୍ୟୟନରୁ ଜଣାପଡ଼ିଛି। ଚାକିରି କରିଥିବା ଓ ଗୃହିଣୀମାନଙ୍କ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଦେଖାଯାଇଛି। ଏପରିସ୍ଥଳରେ ପରିଷ୍କାର ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖୁଥିବା ମହିଳା ସାନିଟାରୀ ନାପ୍‌କିନ୍‌ଠାରୁ ଆରମ୍ଭ କରି ହାଇଜିନ ପାଇଁ ବ୍ୟବହୃତ ସମସ୍ତ ପ୍ରଡକ୍ଟ ଅଧିକମାତ୍ରାରେ କିଣିବାକୁ ଲାଗିବେ, ଯାହାର ପ୍ରଭାବ ସେମାନଙ୍କ ପର୍ସ ଉପରେ ପଡ଼ିବାର ଆଶଙ୍କା ରହିଛି।

## ଅସୁବିଧାରେ ପଡ଼ି ଚୋରି ଜିନିଷ ଫେରାଇଲେ

**ଭୋପାଳ:** ମଧ୍ୟପ୍ରଦେଶର ବାଲାଘାଟ ଜିଲାରୁ ଜଣେ ଚୋରଙ୍କ ଅଜବ କାରନାମା ସାମ୍ନାକୁ ଆସିଛି। ମନ୍ଦିରରୁ ଚୋରି କରିଥିବା ଜିନିଷ ସବୁ ନିଜେ ଆଣି ଫେରାଇ ଦେବା ସହ କ୍ଷମା ମାଗିବା ଉଦ୍ଦେଶ୍ୟରେ ଏକ ଚିଠି ମଧ୍ୟ ଲେଖିଛନ୍ତି। ରୁପାରେ ତିଆରି ଠାକୁରଙ୍କ ଛତା ଓ ପିତଳ ଜିନିଷ ସବୁ ଶାନ୍ତିନାଥ ଦିଗମ୍ବର ଜୈନ ମନ୍ଦିରରୁ ଗତ ୨୪ ତାରିଖରେ ଚୋରି କରି ନେଇଥିବା ପୋଲିସ କହିଛି। କିନ୍ତୁ ଶୁକ୍ରବାର ଦିନ ମନ୍ଦିର ନିକଟରେ ରହୁଥିବା ଜୈନ ପରିବାରକୁ ଏକ ବସ୍ତା ମିଳିଥିଲା, ଯେଉଁଥିରେ ମନ୍ଦିରର ଚୋରି ଜିନିଷ ସବୁ ରହିଥିଲା। ସେଠାରୁ ଏକ ହାତଲେଖା ଚିଠି ମଧ୍ୟ ମିଳିଥିଲା। ମୋତେ କ୍ଷମା କରିଦିଅ। ମୁଁ ବହୁତ ବଡ଼ ଭୁଲ୍ କରିଛି। ଏ ନେଇ ମୁଁ ବହୁତ ଅନୁତପ୍ତ ବୋଲି ଉକ୍ତ ଚିଠିରେ ଲେଖାଥିଲା। ଚୋରି ଜିନିଷ ଜବତ କରିବା ସାଙ୍ଗକୁ ଚୋରକୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

## ମା' କ୍ଷୀରରୁ ଆଭୂଷଣ

**ଗାନ୍ଧୀନଗର**

ସାଧାରଣଭାବେ ସୁନା, ରୁପା ଓ ରତ୍ନ ପଥର ଆଦିରୁ ବିଭିନ୍ନ ପ୍ରକାର ଅଳଙ୍କାର ତିଆରି କରାଯାଏ। କିନ୍ତୁ ଏବେ ମା' କ୍ଷୀରରୁ ଆଭୂଷଣ ତିଆରି କରିବା ସମ୍ଭବପର ହୋଇଛି। ଗୁଜରାଟ ସୁରତର ଆଦିତୀ ବର୍ତ୍ତମାନ ଏହି ନୂଆ ଟ୍ରେଣ୍ଡର ଜନକ ସାଜିଛନ୍ତି। ସନ୍ତାନମାନଙ୍କ ପିଲାବେଳର ସ୍ମୃତିକୁ ସାଇତି ରଖିବା ଉଦ୍ଦେଶ୍ୟରେ ମା'ମାନେ ସେମାନଙ୍କ ପୋଷାକ ହେଉ ଅବା ଖେଳନା ସବୁକୁ ଯତ୍ନର ସହକାରେ ରଖନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଏହି ଧାରା ବା ଟ୍ରେଣ୍ଡରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ମା' କ୍ଷୀରକୁ ବ୍ୟବହାର କରି ବିଭିନ୍ନ ପ୍ରକାର ଅଳଙ୍କାର ତିଆରି କରାଯାଉଛି। ଏ କ୍ଷେତ୍ରରେ ସଫଳ ହୋଇଛନ୍ତି ସୁରତରେ ଡେଣ୍ଟିଷ୍ଟ ଭାବେ କାର୍ଯ୍ୟ କରୁଥିବା ଆଦିତୀ। କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଏହି ଟ୍ରେଣ୍ଡ ଏବେ ଲୋକପ୍ରିୟ ହେବାରେ ଲାଗିଛି। ଅନେକ ବିଦେଶିନୀ ମା' କ୍ଷୀରରୁ





ଜୁଏଲାରି ତିଆରି କରିବା ଲାଗି ଆଦିତୀଙ୍କୁ ଅର୍ଡର ଦେଉଛନ୍ତି। ଆଦିତୀ ଜଣେ ଦନ୍ତ ଚିକିତ୍ସକ ହୋଇଥିବାବେଳେ ଅଳଙ୍କାର ତିଆରି କରିବା ତାଙ୍କୁ ପସନ୍ଦ। ସୁନା, ରୁପା ଆଭୂଷଣ ସାଙ୍ଗକୁ ନବଜାତଙ୍କ କେଶ ଓ ଅମଳିକାଲ କର୍ଡ ( ମା'ର ପ୍ଲାସେଣ୍ଟାରୁ ଶିଶୁଙ୍କୁ ସଂଯୋଗ କରିଥିବା ନାଡ଼ି)ରୁ ବ୍ରେସ୍‌ଲେଟ୍ ଏବଂ ଲକେଟ୍ ତିଆରି ହୋଇପାରୁଛି। ମା'କ୍ଷୀରରୁ ଅଳଙ୍କାର ତିଆରି କରିବା ପାଇଁ ଆଦିତୀଙ୍କୁ ଅନ୍ୟୂନ ୧୫ ଦିନ ଲାଗିଥାଏ। କ୍ଷୀରକୁ ପ୍ରିଜର୍ଭ କରି ରଖିବା ପରେ ଏହା ପଥରରେ ରୂପାନ୍ତରିତ ହୋଇଥାଏ। ମା' କ୍ଷୀରରୁ ତିଆରି ଜିନିଷ ଆଦୌ ନଷ୍ଟ ହୋଇ ନ ଥାଏ। ବିଦେଶରୁ ଅନେକ ମହିଳା ଜୁଏଲାରି ତିଆରି କରିବା ପାଇଁ ମା'କ୍ଷୀର ମଧ୍ୟ ପଠାଉଥିବା ଆଦିତୀ କହିଛନ୍ତି।

## ଏକତା ହିଁ ବଳ

**ଜାତୀୟ ଏକତା ଦିବସ**

**ଏ**କତାହିଁ ସବୁଠାରୁ ବଳ। ଏହା ଦେଶ ସମ୍ମୁଖରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସଫଳ ସମାଧାନର ପଥ ଉନ୍ମୁକ୍ତ କରିଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୩୧ରେ ଜାତୀୟ ଏକତା ଦିବସ ପାଳନ କରାଯାଇଥାଏ। ପ୍ରଥମେ ଏହା ୨୦୧୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିଲା। ଏହିଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ପାଳନ କରାଯାଏ। ୧୮୭୫ ଅକ୍ଟୋବର ୩୧ରେ ଜନ୍ମଗ୍ରହଣ କରିଥିବା ସର୍ଦ୍ଦାର



ପଟେଲ ଭାରତର ରାଜନୈତିକ ଏକୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଦିବସ ପାଳନ ଅବସରରେ ଦେଶର ଏକତା, ଅଖଣ୍ଡତା ତଥା ପ୍ରକୃତ ବିପଦକୁ ପ୍ରତିହତ କରିବା ପାଇଁ ଆମର ଅନ୍ତର୍ନିହିତ ଶକ୍ତି ଏବଂ ସ୍ଥିରତାକୁ ପ୍ରମାଣିତ କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଦେଶର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ସଭିଙ୍କୁ ସଂକଳ୍ପବଦ୍ଧ କରିଥାଏ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଗୁଟ୍ଖା ବୋଝେଇ ଟ୍ରକ୍ ଜବତ

#### ଜିଏସ୍‌ଟି ଠକେଇ, ୯ ଲକ୍ଷ ଜରିମାନା

**ଗଞ୍ଜାମ,୩୦।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ନିକଟ ସାଇ ଢାବା ନିକଟରେ ଏକ ଟ୍ରକ୍‌ରୁ ରବିବାର ପୋଲିସ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପରିମାଣର ଗୁଟ୍‌ଖା ଜବତ କରିଛି। ଏହି ଗୁଟ୍‌ଖା ବୋଝେଇ ଟ୍ରକ (ନଂ ଏଚଆର୫୫-ଏକେ-୯୮୭)ଟି ଦିଲ୍ଲୀରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ବ୍ରହ୍ମପୁରଠାରେ ପୋଲିସ କଡ଼ାକଡ଼ି ଚେକିଂ ଚାଲିଥିବା ଖବର ପାଇ ଟ୍ରକ ଡ୍ରାଇଭର ଗୁଟ୍‌ଖା ବୋଝେଇ ଟ୍ରକ୍‌ଟିକୁ ପଛକୁ ଫେରାଇ ଆଣି ରମ୍ଭା ସ୍ଥିତ ସାଇ ଢାବା ନିକଟସ୍ଥ ରାସ୍ତା କଡ଼ରେ ରଖିଥିଲେ। ଖବର ପାଇ ରମ୍ଭା ଥାନା ଅଧିକାରୀ ପି.ସ୍ୱରୂପ କିଷାନଙ୍କ ତତ୍ତ୍ୱାବଧାନରେ ଏକ ଟିମ ଚଢ଼ାଉ କରି



ଟ୍ରକଟିକୁ ଜବତ କରି ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିଛି। ହେଲେ ବ୍ରହ୍ମପୁରର କେଉଁ ଅଞ୍ଚଳକୁ ଏତେ ପରିମାଣର ଗୁଟ୍‌ଖା ଯାଉଥିଲା, କିଏ ଏହାର ମାଲିକ ସବୁ ଦିଗକୁ ରମ୍ଭା ପୋଲିସ ଛାନଭିନ ଜାରି ରଖିଛି। ଅନ୍ୟପଟେ ଜିଏସ୍‌ଟି ଠିକ ନ ଥିବା ଯୋଗୁ ଉକ୍ତ ଗାଡିକୁ ୯ ଲକ୍ଷ ଟଙ୍କା ଜରିମାନା ହୋଇଥିଲା। ଏଥିସହ ଗାଡ଼ି ବର୍ତ୍ତମାନ ଥାନାରେ ଥିବା ବେଳେ ବିଭିନ୍ନ କାଗଜପତ୍ର ଡକ୍ୟୁମେଣ୍ଟ ଆଦି ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯାଇଥିବା ରମ୍ଭା ଆଇଆଇସି ପି ସ୍ୱରୂପ କିସାନ ସୂଚନା ଦେଇଛନ୍ତି।

### ତହସିଲଦାରଙ୍କୁ ଗାଳିଗୁଲଜ, ବାଲି ବ୍ୟବସାୟୀ ଗିରଫ

**ନୂଆଗାଁ,୩୦।୧୦(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ତହସିଲଦାରଙ୍କୁ ଗାଳିଗୁଲଜ କରିବା ଓ ଧମକ ଦେବା ଅଭିଯୋଗରେ ନୂଆଗାଁ ଥାନା ପୋଲିସ ଜଣେ ବାଲି ବ୍ୟବସାୟୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲଣ କରିଛି। ସେ ହେଲେ ନୂଆଗାଁ ଥାନା ଅଧୀନ ଶିଖରଗୋଛା ଗ୍ରାମର ଗୋବିନ୍ଦ ବେହେରା (୪୦)। ସୂଚନା ଅନୁଯାୟୀ, ରବିବାର ନଦୀରୁ ୨ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଥିଲେ। ଉଭୟ ଅଧିକାରୀ ୨ ଟ୍ରାକ୍ଟର ଜବତ କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ଟ୍ରାକ୍ଟର ମାଲିକ ତଥା ବାଲି ବ୍ୟବସାୟୀ ଗୋବିନ୍ଦ ସେଠାରେ ପହଞ୍ଚି ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ନାନା ଧମକ ଦେଇଥିଲେ। ଏ ନେଇ ତହସିଲଦାର ହେମନ୍ତ କୁମାର ନାୟକ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ( ନଂ. ୧୮୨/୨୨) ରୁଜୁ କରିବା ସହ ଗୋବିନ୍ଦଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ୨ ଟ୍ରାକ୍ଟରକୁ ପୋଲିସ ଜବତ କରିଛି ବୋଲି ଥାନା ଅଧିକାରୀ ପୁଷ୍ପଲତା ବେହେରା କହିଛନ୍ତି।

# କେନ୍ଦୁଝରର କୁନିଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ





ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୩୦।୧୦

## ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

- ସୌରଶକ୍ତି ବ୍ୟବହାର କରି ଦେଉଛନ୍ତି ସୂତାକଟା ଶିକ୍ଷା
- ୧୩୮ ଜଣ ଶିକ୍ଷାଗ୍ରହଣ କଲେଣି

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଭଗାମୁଣ୍ଡା ନିକଟ କରଡ଼ାପାଳ ଗ୍ରାମର ଆଦିବାସୀ ଝିଅ କୁନି ଦେହୁରୀ(୩୫)ଙ୍କୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ସେ କିଭଳି ନିଜ ଉଦ୍ୟମରେ ନିଜ ଗ୍ରାମରେ ଆଦିବାସୀ ମହିଳାଙ୍କୁ ସୌରଶକ୍ତି ବ୍ୟବହାର କରି ସୂତା କାଟିବା ଶିକ୍ଷା ଦେଉଛନ୍ତି। ସୌରଶକ୍ତି ବ୍ୟବହାର ଦ୍ୱାରା ବିଦ୍ୟୁତ୍ ଦେୟରୁ ସେମାନେ ମୁକ୍ତ ହୋଇ ଅଧିକ ରୋଜଗାର କରିପାରିଛନ୍ତି, ତାହାକୁ ବର୍ଣ୍ଣନା କରିଥିଲେ।

ପ୍ରଧାନମନ୍ତ୍ରୀ ପ୍ରଥମେ ମନ୍ କି ବାତ୍‌ରେ ଛଟ ପର୍ବର ଶୁଭେଚ୍ଛା ଜଣାଇ ସୂର୍ଯ୍ୟର ଉପାସନା କିପରି ପ୍ରକୃତି ଓ ସଂସ୍କୃତିକୁ ବାନ୍ଧି ରଖିପାରିଛି, ତାହା କହିବା ସମୟରେ ସୋଲାର ଶକ୍ତିର ବ୍ୟବହାର କିପରି ସମଗ୍ର ବିଶ୍ୱରେ ଆବଶ୍ୟକ ହୋଇପଡ଼ିଛି କହିଥିଲେ। ଏହି ସମୟରେ କୁନିଙ୍କ ଉଦାହରଣ ଦେଇ ପ୍ରଶଂସା କରିଥିଲେ। ଏହାକୁ ନେଇ କୁନି ଦେହୁରୀ କହିଛନ୍ତି ଯେ, ତାଙ୍କୁ ଓ ତାଙ୍କର ଉଦ୍ୟମକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବାରୁ ସେ ବହୁତ ଖୁସି। ୨୦୧୧ ମସିହାରେ ସୂତା କାଟିବା ତାଲିମ ନେଇ ନିଜ ଗ୍ରାମ ତଥା ଆଖପାଖ ଅଞ୍ଚଳର ଗରିବ ଆଦିବାସୀ ମହିଳାମାନଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରିପାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ ସେ ବହୁତ ଖୁସିଥିବା କହିଛନ୍ତି। କରଡ଼ାପାଳ ଗ୍ରାମରେ ୫୮ ଓ ପାଖ ବିଲା ଗ୍ରାମରେ ୮୦ ଜଣ ମହିଳାଙ୍କୁ ଟସର ସୂତା କାଟିବା ତାଲିମ ଦେଇଛନ୍ତି। ସେମାନେ ଏବେ ମାସକୁ ୭ ରୁ ୮ ହଜାର ଟଙ୍କା ରୋଜଗାର କରିପାରୁଥିବା କହିଥିଲେ। ସୋଲାର ବ୍ୟବହାର ଦ୍ୱାରା ବିଦ୍ୟୁତ୍ ବିଲ୍ ଦେବାକୁ ପଡୁନାହିଁ। ଫଳରେ ସେମାନଙ୍କ ରୋଜଗାର ବଢ଼ିଛି ବୋଲି ସେ କୁହନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲାରେ ଟସର ଫାର୍ମିଂ ଏକ ରୋଜଗାରର ମାଧ୍ୟମ ପାଲଟିଛି। ହଜାର ହଜାର ପରିବାର ବିଶେଷ କରି ଆଦିବାସୀ ଟସର ଚାଷକରି ରୋଜଗାରକ୍ଷମ ହୋଇପାରିଛନ୍ତି। ଏଥିପାଇଁ ଅର୍ଜୁନ ବନୀକରଣ କରି ସେଠାରେ ଟସର ପୋକ ଛାଡ଼ି ଟସର ଉତ୍ପାଦନ କରିଥାନ୍ତି। ଏହି ଟସରକୁ ବିଭିନ୍ନ ସୋସାଇଟିକୁ ବିକ୍ରି କରିଥାନ୍ତି। ଟସରରୁ ସୂତା କାଟି ସେଥିରୁ ଶାଢ଼ି, ଚଦର, କନା ଆଦି ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଭଗାମୁଣ୍ଡାଠାରେ ପ୍ରତିଷ୍ଠା ହୋଇଛି ଟସର ସିଲ୍କ ପାର୍କ। ଏଠାରେ ପ୍ରସ୍ତୁତ ସିଲ୍କ ଶାଢ଼ି, କନା ଆଦିର ଚାହିଦା ବହୁତ ରହିଛି।

ଅନ୍ୟପକ୍ଷରେ ଏ ନେଇ ସହକାରୀ ନିର୍ଦ୍ଦେଶକ ରେଶମ, କେନ୍ଦୁଝର ସଙ୍ଗୀତା ମିଞ୍ଜ୍ କହିଛନ୍ତି, କୁନିଙ୍କ ଉଦ୍ୟମ ଆମ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛି। ସେ ରାଜ୍ୟ, ଦେଶସ୍ତରରେ ବହୁ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି। ସେ ଭଗାମୁଣ୍ଡାଠାରେ ଥିବା ଟସର ସିଲ୍କ ପାର୍କରେ ତାଲିମ ନେଇ ଅନ୍ୟ ଆଦିବାସୀ ମହିଳାମାନଙ୍କୁ ତାଲିମ ଦେଉଛନ୍ତି। ଭଗାମୁଣ୍ଡା ସିଲ୍କ ପାର୍କରେ ମଧ୍ୟ ୫୦ ଜଣ ମହିଳା ସୋଲାର ପାୱାରରେ କାମ କରି ରୋଜଗାରକ୍ଷମ ହେଉଛନ୍ତି ବୋଲି କହିଥିଲେ।

# ବିବାହିତା ମହିଳାଙ୍କ ଘରୁ ପ୍ରେମିକଙ୍କ ମୃତଦେହ ଜବତ

ସମ୍ବଲପୁର,୩୦।୧୦(ବ୍ୟୁରୋ)

## ଆତ୍ମହତ୍ୟା ନା ହତ୍ୟା ସନ୍ଦେହ ଘେରରେ

ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟମରୁ ଲାଭ ଯେତିକି ବିପଦ ମଧ୍ୟ ସେତିକି। ଫେସବୁକ୍‌ରେ ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିବା ପରେ ବିବାହ ପାଇଁ ଜିଦ କରି ବିଫଳ ହେବାରୁ ଶେଷରେ ଜଣେ ଯୁବକ ଜୀବନ ହାରିଛନ୍ତି। ପ୍ରେମିକାଙ୍କ ଘରୁ ସମ୍ପୃକ୍ତ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଏହା ଆତ୍ମହତ୍ୟା ନା ହତ୍ୟାକାଣ୍ଡ ସନ୍ଦେହ ଘେରରେ ରହିଛି।

ପୋଲିସ ସୂଚନା ଅନୁଯାୟୀ, ସୋନପୁର ଜିଲା ଡୁଙ୍ଗୁରୀପାଲି ଅଞ୍ଚଳର ଚିନ୍ମୟ କୁମାର(୨୨) ଓ ହୀରାକୁଦ ଥାନା ଅଞ୍ଚଳର ଜଣେ ୨୮ବର୍ଷୀୟା ବିବାହିତା ମହିଳାଙ୍କ ମଧ୍ୟରେ ଗତ ୭ମାସ ପୂର୍ବରୁ ଫେସବୁକ୍‌ରେ ପରିଚୟ ସୃଷ୍ଟି ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହିସମୟ ମଧ୍ୟରେ ଅନେକ ଥର ଚିନ୍ମୟ ହୀରାକୁଦ ଆସି ପ୍ରେମିକାଙ୍କ ଘରେ ରହୁଥିଲେ। ପ୍ରେମିକା ମଧ୍ୟ ତାଙ୍କ ସ୍ୱାମୀଙ୍କ ପାଖରେ ପ୍ରେମିକଙ୍କୁ ସମ୍ପର୍କୀୟ ଭାଇ ବୋଲି ପରିଚୟ ଦେଉଥିଲେ। ଶନିବାର ଚିନ୍ମୟ ମହିଳାଙ୍କ ଘରକୁ ଆସିଥିଲେ। ସେ ତାଙ୍କୁ ବିବାହ କରିବା ପାଇଁ ଜିଦ ଧରିଥିଲେ। ହେଲେ ମହିଳା ଜଣକ ବାହା ହେବେ ନାହିଁ ବୋଲି କହିଥିଲେ। ସ୍ୱାମୀ ଘଟଣା ସମ୍ପର୍କରେ ଜାଣି ପାରି ଯୁବକଙ୍କୁ ଘରକୁ ଚାଲିଯିବାକୁ କହିଥିଲେ। ହେଲେ ରବିବାର ସକାଳେ ପୋଲିସ ଚିନ୍ମୟଙ୍କ ମୃତଦେହ ମହିଳାଙ୍କ ଘରୁ ଜବତ କରିଛି। ତାଙ୍କ ଶରୀରରେ ଓ ବେକରେ ସାମାନ୍ୟ କ୍ଷତ ଚିହ୍ନ ରହିଛି। ପୋଲିସର ସାଇଣ୍ଟିଫିକ ଟିମ୍ ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଛି। ଏହାକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ପ୍ରେମିକାଙ୍କୁ ପୋଲିସ ଥାନାକୁ ଆଣି ଘଟଣା ସମ୍ପର୍କରେ ପଚରାଉଚୁରା କରିଛି। ସେ ଘଟଣାକୁ ସ୍ୱୀକାର କରିଥିବା ପୋଲିସ କହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୮/୨୦୨୨)ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ସହ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି।

# ଜାତୀୟ ରାଜପଥ ମରଣଯନ୍ତା



ଜାତୀୟ ରାଜପଥର ସେରଗଡ଼ ନିକଟରେ ଗୋଟିଏ ପାର୍ଶ୍ୱ ଖୋଳାଯାଇ କାର୍ଯ୍ୟ ଜାରି ରହିଛି।

ବାଲେଶ୍ୱର ଅଫିସ,୩୦।୧୦

- ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ

ଭଦ୍ରକ-ବାଲେଶ୍ୱର ସେକ୍‌ସନ ୧୬ନଂ. ଜାତୀୟ ରାଜପଥରେ ୬ ଥାକିଆ ରାସ୍ତା ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ରାସ୍ତାର ସମ୍ପ୍ରସାରଣ କାମ ଚାଲିଛି। ଚେନ୍ନାଇଠାରୁ କୋଲକାତାକୁ ସଂଯୋଗ କରୁଥିବା ଏହି ରାଜପଥର ବାଲେଶ୍ୱର ଜିଲା ଏବେ ସବୁଠୁ ବିପଦସଙ୍କୁଳ। ପ୍ରତିଦିନ ଏକାଧିକ ଲୋକ ଛୋଟବଡ଼ ଦୁର୍ଘଟଣାର ଶିକାର ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି। କିଲୋମିଟର କିଲୋମିଟର ରାସ୍ତା ଖୋଳାଯିବା ସହ କୌଣସି ସତର୍କ ସୂଚନା ରାସ୍ତାରେ ନ ଥିବା ଦେଖାଯାଉଛି। ରାସ୍ତାରେ ବଡ଼ ବଡ଼ ହମ୍ପ ଥିବାବେଳେ ପୂର୍ବରୁ କୌଣସି ଚିହ୍ନ ଦିଆଯାଇ ନାହିଁ। ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ କୌଣସି ନିଘା ନ ଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ରାଜନେତାମାନେ ମଧ୍ୟ ସ୍ଥାଣୁ ପାଲଟି ଯାଇଛନ୍ତି।

ଭଦ୍ରକ-ବାଲେଶ୍ୱର ସେକ୍‌ସନ ୧୬ନଂ. ଜାତୀୟ ରାଜପଥ ପ୍ରକଳ୍ପ ୬୨.୬୪୧ କିମିର ୬ ଥାକିଆ ରାସ୍ତା ପାଇଁ ୧୦୫୭.୫୭ କୋଟି ଟଙ୍କାର କାର୍ଯ୍ୟାଦେଶ ୨୦୧୯ ମାର୍ଚ୍ଚ ୨୦ ତାରିଖରେ ବ୍ରିଜ ଗୋପାଳ କନଷ୍ଟ୍ରକସନ୍ କୋ. ପ୍ରାଇଭେଟ୍ ଲିମିଟେଡ୍‌କୁ ମିଳିଥିଲା। କାର୍ଯ୍ୟର ଅବଧି ୨୦୨୧ ସେପ୍ଟେମ୍ବର ୧୪ ତାରିଖରେ ଶେଷ ହେବାକୁ ଥିବାବେଳେ ମହାମାରୀ କରୋନା ପାଇଁ ୨୦୨୩ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରକଳ୍ପରେ ୫ଟି ମୁଖ୍ୟ ପୋଲ, ୧୧ଟି ଛୋଟ ପୋଲ ସହ ୫୧ଟି କଲଭର୍ଟ, ଗୋଟିଏ ଟ୍ରକ୍ ପାର୍କିଂ ଏରିଆ ସହ ଟୋଲ ପ୍ଲାଜା ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ହେଲେ ଅଧିକାଂଶ ସ୍ଥାନରେ କାମ ଅଧା ହୋଇ ପଡ଼ିରହିବା ସହ ସୂଚନାଫଳକ ନ ଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହନ୍ତି, ଜାତୀୟ ରାଜପଥରେ କାର୍ଯ୍ୟ ଶେଷ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରାସ୍ତାର ଥିବା ଟ୍ରାଫିକ୍ ସ୍ଥାନରେ ଉପଯୁକ୍ତ ବ୍ୟବସ୍ଥା ଓ ସଙ୍କେତ ସହ ଯେପରି ଲୋକେ ବିପଦମୁକ୍ତ ଯାତ୍ରା କରିପାରିବେ, ସମସ୍ତ ପଦକ୍ଷେପ ନେବା ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା ପ୍ରକାଶ କରିଛନ୍ତି।

# ୪୮ ଘଣ୍ଟା ପରେ ମୃତଦେହ ସତ୍କାର

## ଧର୍ମ ପରିବର୍ତ୍ତନ କରିଥିବାରୁ ଶ୍ମଶାନକୁ ବାରଣ କରିଥିଲେ



ମୃତଦେହ ସତ୍କାର ଚାଲିଛି।

ଉମରକୋଟ/ଧୋଡ୍ରା, ୩୦।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ଧର୍ମ ପରିବର୍ତ୍ତନ କରିଥିବା ଜଣେ ବୃଦ୍ଧଙ୍କ ମୃତଦେହ ସତ୍କାରକୁ ନେଇ ଉଠିଥିବା ବିବାଦର ୨ ଦିନ ପରେ ଅନ୍ତ ଘଟିଛି। ପୀଡ଼ିତଙ୍କ ପରିବାର, ପ୍ରଶାସନର ଚେଷ୍ଟା ପରେ ୪୮ ଘଣ୍ଟା ପରେ ଅଣହିନ୍ଦୁ ସମ୍ପ୍ରଦାୟର ଭୀମାଗୁଡ଼ାସ୍ଥିତ ଜେଏଲ୍‌ସି ମଣ୍ଡଳୀ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁଲିବଡ଼ନା ଗ୍ରାମର ଜିତରୁ ଭତ୍ରାଙ୍କ ଶୁକ୍ରବାର ମୃତ୍ୟୁ ହୋଇଥିଲା। ସେ ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମବାସୀ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଇବାକୁ ମନାକରି ଦେଇଥିଲେ। କୌଣସି ସରକାରୀ ଜାଗାରେ ମୃତଦେହ ସତ୍କାର କରାଇଦେବେନାହିଁ ବୋଲି ଗ୍ରାମବାସୀ ପ୍ରଶାସନକୁ ଜଣାଇ ଦେଇଥିଲେ। ଏପରି କି ଅଣହିନ୍ଦୁମାନେ ମଧ୍ୟ ଜିତରୁଙ୍କ ମୃତଦେହ ନିଜ ଶ୍ମଶାନରେ ସତ୍କାର କରାଇବାକୁ ମନା କରିଥିଲେ। ଏହା ଭିତରେ ଗୋଟିଏ ଦିନ ବିତିଯାଇଥିଲା। ଗାଁରେ ମୃତଦେହ ପଡ଼ିରହିଥିବାରୁ କାହାରିଘରେ ରୋଷେଇ ହୋଇ ନ ଥିଲା। ଶନିବାର ସନ୍ଧ୍ୟାରେ ପ୍ରଶାସନ ମୃତଦେହକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ଥିତ ଶବାଗାରରେ ରଖାଇଥିଲା। ରବିବାର ଜିତରୁଙ୍କ ପରିବାର ଲୋକେ ଅଣହିନ୍ଦୁ ସମ୍ପ୍ରଦାୟ ମୁଖ୍ୟମାନଙ୍କ ସହ ମୃତଦେହ ସତ୍କାର ସମ୍ବନ୍ଧରେ ଆଲୋଚନା କରିଥିଲେ। ଆଲୋଚନା ପରେ ମୃତଦେହ ସତ୍କାର ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ପୋଲିସ ଓ ପ୍ରଶାସନର ସହଯୋଗ ପରେ ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତର ଭୀମଗୁଡ଼ା ଗ୍ରାମ ଜେଏଲ୍‌ସି ମଣ୍ଡଳୀ ଶ୍ମଶାନକୁ ମୃତଦେହ ଅଣାଯାଇଥିଲା। ସେଠାରେ ରୀତିନୀତି ଅନୁଯାୟୀ ମୃତଦେହ ସତ୍କାର କରାଯାଇଥିଲା। ଏହି ସମୟରେ ଝରିଗାଁ ତହସିଲଦାର ଭୀମସେନ ମାଝି, ଅତିରିକ୍ତ ତହସିଲଦାର ଚିନ୍ମୟ ସାଗର, ଉମରକୋଟ ଥାନାଧିକାରୀ ଦୀପକ ଜେନା, ଅତିରିକ୍ତ ଥାନାଧିକାରୀ ନଟବର ସାମଲ,ଏସ୍‌ଆଇ ସୌମେନ୍ଦ୍ର ସେଠ, ଜିଲା ପାଷ୍ଟର ସଂଘ ସଭାପତି ପ୍ରଦୀପ କୁମାର ନନ୍ଦ, ସମ୍ପାଦକ ଖ୍ରୀଷ୍ଟଦାନ ନାଗ, କୋଷାଗୁମୁଡ଼ା ଖ୍ରୀଷ୍ଟିଆନ ସମାଜ ସଭାପତି ହିମାଂଶୁ ଶେଖର ବାଘ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି ସମସ୍ୟା ଯେପରି ନ ହୁଏ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ଝରିଗାଁ ତହସିଲଦାର କହିଛନ୍ତି।

# ସହରୀ ପାନୀୟ ଜଳ ସୁରକ୍ଷାକୁ ପ୍ରାଧାନ୍ୟ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ରାଜ୍ୟ ସରକାର ସହରୀ ପାନୀୟ ଜଳ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥୀ ଭାଥାନନ୍ କହିଛନ୍ତି। ଭାରତୀୟ ୱାଟର ୱାର୍କସ୍ ଆସୋସିଏଶନ (ଆଇଡବ୍ଲ୍ୟୁଡବ୍ଲ୍ୟୁଏ)ର ଓଡ଼ିଶା ଶାଖା ଏବଂ ଓଡ଼ିଶା ୱାଟର ଏକାଡେମୀ (ଓଡବ୍ଲ୍ୟୁଏ) ପକ୍ଷରୁ 'ସହରୀ ପାନୀୟ ଜଳ ସୁରକ୍ଷା' ସଂକ୍ରାନ୍ତ କର୍ମଶାଳାରେ ଯୋଗଦେଇ ସେ କହିଲେ, ୨୦୧୪-୧୫ର ଜଳସଙ୍କଟ ପରିସ୍ଥିତିରୁ ଓଡ଼ିଶାର ପାନୀୟ ଜଳ ସୁରକ୍ଷା ଯାତ୍ରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଆମେ ଶତ ପ୍ରତିଶତ ସହରୀ ଘରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ବ୍ୟାପକ ସଫଳତା ହାସଲ କଲୁ। ବିଶୁଦ୍ଧ ପାନୀୟ ଜଳଯୋଗାଣ ନିମନ୍ତେ ୨୪ଘଣ୍ଟିଆ ନିରନ୍ତର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପର୍ଯ୍ୟାୟକ୍ରମେ ସହରଗୁଡ଼ିକରେ ଆରମ୍ଭ କରାଯାଇଛି। ୨୦୨୧ରେ ପୁରୀ ଭାରତବର୍ଷର ପ୍ରଥମ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ସହର ଭାବେ ମାନ୍ୟତା ହାସଲ କରିପାରିଛି ବୋଲି ଜି. ମାଥୀ ଭାଥାନନ୍ କହିଥିଲେ। ୱାଟ୍‌କୋ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପି.କେ. ସ୍ୱାଇଁ ପୁରୀ ସହରରେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଯୋଜନାର ସଫଳ ରୂପାୟନ ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ। ଆଇଡବ୍ଲ୍ୟୁଡବ୍ଲ୍ୟୁଏ ଜାତୀୟ ସଭାପତି ପି. କେ. ସିହ୍ନା ଏବଂ ଜାତୀୟ ସାଧାରଣ ସମ୍ପାଦକ ଦୟାନନ୍ଦ ବି. ପାନ୍‌ସେ, ଆଇଡବ୍ଲ୍ୟୁଡବ୍ଲ୍ୟୁଏ ଓଡ଼ିଶା ଶାଖା ସଭାପତି ଏସ୍. ଲକ୍ଷ୍ମୀ ପତି ଓ ଉପସଭାପତି ବି.କେ. ପରିଡ଼ା, ଜଳ ପରିଚାଳନା ବିଶେଷଜ୍ଞ ଚିନ୍ମୟ ତ୍ରିପାଠୀ, ଓଡ଼ିଶା ୱାଟର ଏକାଡେମୀର ନିର୍ଦ୍ଦେଶକ ଶାନ୍ତନୁ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଜନ ସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଙ୍ଗଠନ, ୱାଟର୍ କର୍ପୋରେଶନ୍ ଅଫ୍ ଓଡ଼ିଶା, ଓଡ଼ିଶା ୱାଟର ସପ୍ଲାଇ ଆଣ୍ଡ୍ ସ୍ୱେରେଜ୍ ବୋର୍ଡ୍ ସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ଗ୍ରାମୀଣ ଜଳଯୋଗାଣ ଏବଂ ପରିମଳ ସଂସ୍ଥାର ୧୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଏହି କର୍ମଶାଳାରେ ଭାଗ ନେଇଥିଲେ। ଏହି ଅବସରରେ ନୂତନ ଆଇଡବ୍ଲ୍ୟୁଡବ୍ଲ୍ୟୁଏ ଓଡ଼ିଶା ଶାଖା ପରିଚାଳନା ପରିଷଦ ଗଠନ କରାଯାଇଥିଲା।

# ବିଷାକ୍ତ ହେଉଛି ମହାନଦୀ, ମିଳୁନି ମାଛ



ମାଛ ଅଭାବ ଯୋଗୁ ମହାନଦୀ କୂଳରେ ବନ୍ଧା ହୋଇଛି ଛୋଟ ଡଙ୍ଗା।





ମିଳୁନି ଟାଇଗର ଚିଙ୍ଗୁଡି ଓ ଅନ୍ୟ ମାଛ।

- ଚିନ୍ତାରେ ସ୍ଥାନୀୟ ପାରମ୍ପାରିକ ମତ୍ସ୍ୟଜୀବୀ
- ଚାଷ ଜମିହିଡ, ଗହୀରପାଟ, ଡିଆଁରୁ ଆସୁନାହାନ୍ତି ମାଛ

ମହାକାଳପଡ଼ା, ୩୦।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀମାନେ ପୂର୍ବରୁ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜାଲ ବସାଇ ବିପୁଳ ଦେଶୀ ମାଛ ମାରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ମହାନଦୀରେ ପାରାଦୀପ ଅଞ୍ଚଳର ଶିଳ୍ପ କାରଖାନାର ବର୍ଜ୍ୟଜଳ ପ୍ରବେଶ ଯୋଗୁ ଦେଶୀମାଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି। ମହାନଦୀରେ ବର୍ଷାଦିନେ ଇଲିଶ, ଭେକ୍ଟି (ପୋଟେଇ), ଟାଇଗର (ଚିଙ୍ଗୁଡ଼ି), କଣୀ, ମଧୁର ଜଳ ଗଜା ଚିଙ୍ଗୁଡ଼ି, ଖୁରାଣ୍ଟ ଭଳି ମୂଲ୍ୟବାନ ମାଛ ବହୁ ପରିମାଣରେ ମିଳୁଥିଲା। ନଦୀ ଜଳ ବିଷାକ୍ତ ହେବା ଯୋଗୁ ଏହି ମାଛ ବଂଶ ବା ଯାଆଁଳଗୁଡ଼ିକ ନଷ୍ଟ ହେଉଥିବା କୁହାଯାଉଛି। ପୂର୍ବରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦୈନିକ ଛୋଟ ଡଙ୍ଗାରେ ଜାଲ ବସାଇ ମହାନଦୀ ମୁହାଣଠାରୁ ଚଉମୁହାଣି ୧୫ କିମି ପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ମାଛ ଧରୁଥିଲେ। ଦୈନିକ ହାରାହାରି ହଜାରରୁ ୩ ହଜାର ଟଙ୍କା ଲେଖାଏ ରୋଜଗାର କରିଥାନ୍ତି। କିନ୍ତୁ ଏବେ ଦୈନିକ ମଜୁରି ଉଠିବା କଷ୍ଟକର ହେଉଛି ବୋଲି କେତେଜଣ ମତ୍ସ୍ୟଜୀବୀ କହିଛନ୍ତି। ବର୍ଷାଦିନ ଆସିଲେ ସ୍ଥାନୀୟ ଲୋକମାନେ ଗହୀର ପାଟ, ଚାଷ ଜମିହିଡଗୁଡ଼ିକରେ ମୁଗୁରା, ବଜା, ନାଞ୍ଜି ଜାଲ ବସାଇବା ସହ ପୋଲୁହ ମଡାଇ ଭେକ୍ଟି ମାଛ, ଟାଇଗର ଚିଙ୍ଗୁଡ଼ି, ଖଏଙ୍ଗା, ଡେମା ଆଦି ଦେଶୀ ମାଛ ଧରୁଥିଲେ। ଏବେ ତାହା ସପ୍ନ ପାଲଟିଛି। ସ୍ଥାନୀୟ ଅଞ୍ଚଳର ବହୁ ପୁରୁଖା ଲୋକ ଦୀନବନ୍ଧୁ ରାଉତ, ଦିବାକର ଗୋଛାୟତ, ହରି ଦାସ କୁହନ୍ତି, ପୂର୍ବରୁ ଧୋଇ ମରୁଡ଼ିରେ ଧାନ ଫସଲ ନଷ୍ଟ ହେଉଥିଲା। ନଦୀ, ସମୁଦ୍ର ମାଛ ହିଁ ସେମାନଙ୍କ ମୁଖ୍ୟ ଭରସା ଥିଲା। ଧାନ ଥୋଡ ବାହାରିବା ପରେ ନଦୀ, ସମୁଦ୍ରରୁ ମାଛମାନେ ଧାନ ଫୁଲ ଖାଇବାକୁ ଚାଷ କ୍ଷେତକୁ ଆସିଥାନ୍ତି। ସ୍ଥାନୀୟ ଲୋକେ ବନିଶୀ କଣ୍ଟା ଓ ଡିଆଁ କରି ସହଜରେ ମାଛ ଧରୁଥିଲେ। ସେତେବେଳେ ଗୋଟେ ଗୋଟେ ଭେକ୍ଟି, ଖଏଙ୍ଗାର ଓଜନ ୫ରୁ ୧୦ କିଲୋ ପର୍ଯ୍ୟନ୍ତ ରହୁଥିଲା। ଏବେ ଏହି ଦେଶୀ ମାଛ ନଦୀ ନାଳରେ ଆଉ ଦେଖିବାକୁ ମିଳୁନାହାନ୍ତି।

# ସ୍ପେନ୍‌ଠାରୁ ହାରିଲା ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଭୁବନେଶ୍ୱର, ୩୦।୧୦ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ୍‌ରେ ଭାରତ ୨-୩ ଗୋଲରେ ସ୍ପେନ୍‌ଠାରୁ ହାରିଯାଇଛି। ପୂରା ମ୍ୟାଚ୍‌ରେ ଭାରତ ଲଢୁଆ ପ୍ରଦର୍ଶନ କରିଥିଲା। ମାତ୍ର ସ୍ପେନ୍ ଶେଷରେ ବାଜି ମାରିଥିଲା। ଭାରତ ଏହାର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪-୩ ଗୋଲରେ ଏବଂ ସ୍ପେନ୍ ୩-୨ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ତେଣୁ ଭାରତ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଥିବାବେଳେ ସ୍ପେନ୍ ୨ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି।

ପ୍ରଥମ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ପ୍ରଭାବୀ ରହିଥିଲା ସ୍ପେନ୍। ମ୍ୟାଚ୍‌ର ୧୬ତମ ମିନିଟ୍‌ରେ ଦଳ ଏକ ପେନାଲ୍ଟି କର୍ନର ହାସଲ କରିଥିଲା। ଏହାକୁ ଗୋଲରେ ପରିଣତ କରି ସ୍ପେନ୍‌କୁ ଅଗ୍ରଣୀ କରାଇଥିଲେ ଡି ଇଗ୍ନାସିଓ-ସିମୋ ଏଡ୍‌ଆର୍ଡୋ। ପ୍ରଥମାର୍ଦ୍ଧ ଶେଷହେବାର ୧ ମିନିଟ୍ ପୂର୍ବରୁ ସ୍ପେନ୍ ଆଉ ଏକ ପେନାଲ୍ଟି କର୍ନରର ସଦୁପଯୋଗ କରି ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲା। ଏଥର ଗୋଲ ଦେଇଥିଲେ ମାର୍କ ମିରାଲେସ। ମାତ୍ର ଏହାର କିଛି ସେକେଣ୍ଡ ମଧ୍ୟରେ ଭାରତ ପାଇଥିବା ପେନାଲ୍ଟି କର୍ନରର ସଦୁପଯୋଗ କରିଥିଲା। ଅଧିନାୟକ ହରମନପ୍ରୀତ ସିଂ ଭାରତ ପକ୍ଷରୁ ଏହି ଗୋଲଟି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷରେ ସ୍ପେନ୍ ୨-୧ରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଚାଲିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ୪ର୍ଥ କ୍ୱାର୍ଟରରେ ଖେଳ ରୋମାଞ୍ଚକ ହୋଇଥିଲା। ୫୪ତମ ମିନିଟ୍‌ରେ ଅଭିଷେକ ଏକ ଫିଲ୍ଡ ଗୋଲ କରି ମ୍ୟାଚ୍‌କୁ ୨-୨ ସ୍ଥିତିକୁ ନେଇଆସିଥିଲେ। ମାତ୍ର ସ୍ପେନ୍ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଏହାର ୨ ମିନିଟ୍ ପରେ ଅର୍ଥାତ୍ ୫୬ତମ ମିନିଟ୍‌ରେ ମାର୍କ ରେନେ ଏକ ଗୋଲ ଦେଇ ସ୍ପେନ୍‌କୁ ପୁଣି ଅଗ୍ରଣୀ କରାଇଥିଲେ। ଏହି ଗୋଲ୍‌ଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା।



ରବିବାର ଭାରତ-ସ୍ପେନ୍ ହକି ପ୍ରୋ ଲିଗ୍ ମ୍ୟାଚ ଅବସରରେ ଦର୍ଶକରେ ଭରା କଳିଙ୍ଗ ଷ୍ଟାଡିୟମ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ। (ଫଟୋ: ବିକାଶ ନାୟକ)

## କୋକେନ୍ ସେବନ କରୁଥିଲେ ଆକ୍ରମ

**କରାଚି,୩୦।୧୦:** ପାକିସ୍ତାନୀ କିମ୍ବଦନ୍ତୀ ପେସ୍ ବୋଲର ୱାସିମ୍ ଆକ୍ରମ କୋକେନ୍ ସେବନ କରୁଥିବା ସ୍ୱୀକାର କରିଛନ୍ତି। ନିଶା ସେବନ ନେଇ ଆକ୍ରମ ନିଜ ଆତ୍ମଜୀବନୀ 'ସୁଲ୍‌ତାନ-ଏ ମେମୋଏର'ରେ ଏହି ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି। କ୍ରିକେଟରୁ ଅବସର ଗ୍ରହଣ କରିବା ପରେ ସେ ନିୟମିତ ଭାବେ କୋକେନ ସେବନ କରୁଥିଲେ। ପାକିସ୍ତାନୀ ଭାବରେ ସର୍ବାଧିକ ୯୧୬ ଅନ୍ତର୍ଜାତୀୟ ଉଇକେଟ ନେଇଥିବା ଆକ୍ରମ ୨୦୦୩ ଦିନିକିଆ ବିଶ୍ୱକପ୍ ପରେ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। କ୍ରିକେଟ୍‌ରୁ ଅବସର ନେବା ପରେ ଆକ୍ରମ କୋଚିଂ ଏବଂ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ତେବେ କ୍ରିକେଟର ଭାବେ ଯେଉଁ ଆଡ୍ରେନିଲିନ୍ ରସ୍ ମିଳିଥାଏ ତାହାକୁ ବଜାୟ ରଖିବା ପାଇଁ ସେ କୋକେନ୍ ନେବା ଆରମ୍ଭ କରିଥିଲେ। ପ୍ରଥମଥର ପାଇଁ ଇଂଲଣ୍ଡରେ ଏକ ପାର୍ଟିରେ ସେ ଗୋଟିଏ ଲାଇନ୍ କୋକେନ୍ ଟାଣିଥିବା ଆକ୍ରମ ନିଜ ବହିରେ ସ୍ୱୀକାର କରିଛନ୍ତି। ଏହାପରେ ଏହି ଅଭ୍ୟାସ ଧୀରେ ଧୀରେ ବଢ଼ିବାରେ ଲାଗିଥିଲା। ଏପରି କି ସମୟ ସମୟରେ ୧-୨ ଗ୍ରାମ୍‌ର କୋକେନ୍ ସେବନ କରୁଥିବା ନେଇ ଆକ୍ରମ କହିଥିଲେ। ଆକ୍ରମଙ୍କ ପକେଟରୁ କୋକେନ୍ ପ୍ୟାକେଟ ଦେଖିଥିଲେ ପ୍ରଥମ ପତ୍ନୀ ହୁମା। ଏହାପରେ ସେ ରିହାବରେ ମଧ୍ୟ ରହିଥିଲେ। ରିହାବରେ ଦିଆଯାଉଥିବା ନିର୍ଯାତନା ସମ୍ପର୍କରେ ମଧ୍ୟ ସେ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ୨୦୦୯ରେ ହୁମାଙ୍କ ସହିତ ଡିଭୋର୍ସ ହେବା ବେଳକୁ ସେ ପୁନର୍ବାର କୋକେନ୍ ସେବନ କରିବା ଆରମ୍ଭ କରିଥିଲେ ବୋଲି ଆକ୍ରମ କହିଛନ୍ତି।


ୱାସିମ ଆକ୍ରମ

# ରାଜ୍ୟସ୍ତରୀୟ ପାରା ସନ୍ତରଣ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୦ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସନ୍ତରଣାଗାରରେ ଅନୁଷ୍ଠିତ ୨ ଦିନିଆ ରାଜ୍ୟସ୍ତରୀୟ ପାରା ସୁଇମିଂ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା, ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ବଲାଙ୍ଗୀରର ଦୀନେଶ୍ ମୋହନ ମାଝି ଏବଂ ଗଞ୍ଜାମର ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରଥମ ଦୁଇ ସ୍ଥାନ ଅଧିକାର କରିଛନ୍ତି। ଏସ୍-୧୦ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦୀନେଶ ୫୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ଫ୍ରିଷ୍ଟାଇଲ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଭରଅଲ୍ ବିଜେତା ସାବ୍ୟସ୍ତ ହୋଇଛନ୍ତି। ସେହିପରି ଏସ୍-୧୦ ବର୍ଗରେ ପୂର୍ଣ୍ଣଚନ୍ଦ୍ର ୧୦୦ ମିଟର ଫ୍ରିଷ୍ଟାଇଲ, ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଓ ୫୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ଉପବିଜେତା ହୋଇଛନ୍ତି। ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜାତୀୟସ୍ତରରେ ଖେଳିବା ପାଇଁ ସୁଯୋଗ ମିଳିବ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ମୁଖ୍ୟ ଅତିଥି ଏବଂ ପାରା ଅଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ, ଅଭିନବ ବିନ୍ଦ୍ରା ସ୍ପୋର୍ଟ୍ସ ମେଡିସିନ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏବିଏସ୍ଏମ୍ଏଆର୍ଆଇ) ପ୍ରିନ୍ସିପାଲ ଚିନ୍ମୟ କୁମାର ପାତ୍ର ସମ୍ମାନ୍‌ନୀୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପାରା ସ୍ପୋର୍ଟ୍ସ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ପୁରସ୍କାର ସହ ଦୀନେଶ୍ ମୋହନ ମାଝି ଓ ପୂର୍ଣ୍ଣଚନ୍ଦ୍ର ସେଠୀ।

## ପାକିସ୍ତାନକୁ ବିଜୟ ସ୍ୱାଦ

**ପର୍ଥ,୩୦।୧୦:** ଚଳିତ ଟି ୨୦ ବିଶ୍ୱକପ୍‌ର ସୁପର୧୨ ପର୍ଯ୍ୟାୟରେ ଏହାର ପ୍ରଥମ ବିଜୟ ହାସଲ କରିଛି ପାକିସ୍ତାନ। ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତ ଓ ଜିମ୍ବାୱେ ନିକଟରୁ ହାରିବା ପରେ ନେଦରଲାଣ୍ଡସ୍‌କୁ ୬ ଉଇକେଟରେ ହରାଇ ପଏଣ୍ଟ ଖାତା ଖୋଲିଛି ପାକିସ୍ତାନ। ଟସ୍ ଜିତି ବ୍ୟାଟିଂ କରିଥିବା ନେଦରଲାଣ୍ଡସ୍ ୯ ଉଇକେଟ ହରାଇ ମାତ୍ର ୯୧ ରନ୍ କରିଥିବା ବେଳେ ୪ ଉଇକେଟ ହରାଇ ମ୍ୟାଚ୍ ଜିତିନେଇଥିଲା ପାକିସ୍ତାନ। ନେଦରଲାଣ୍ଡସ୍‌ର କଲିନ୍ ଆକରମ୍ୟାନ୍ ୨୭ ରନ୍ କରିଥିବା ବେଳେ ଦଳର ୯ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ପାକିସ୍ତାନ ପକ୍ଷରୁ ଶଦାବ ଖାଁ ୩ ଉଇକେଟ ନେଇଥିଲେ। ଜବାବରେ ମହମ୍ମଦ ରିଜ୍‌ୱାନଙ୍କ ୪୯ ରନ୍ ବଳରେ ୧୩.୫ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା ପାକିସ୍ତାନ।

**ସଂକ୍ଷିପ୍ତ ସ୍କୋର:** ନେଦରଲାଣ୍ଡସ୍ ୨୦ ଓଭରରେ ୯୧/୯ ( କଲିନ୍ ଆକରମ୍ୟାନ-୨୭, ଶଦାବ ଖାଁ-୩/୨୨, ମହମ୍ମଦ ୱାସିମ୍ ଜୁନିୟର- ୨/୧୫, ହରିଶ୍ ରୌଫ୍-୧/୧୦)। ପାକିସ୍ତାନ ୧୩.୫ ଓଭରରେ ୯୫/୪ (ମହମ୍ମଦ ରିଜୱାନ-୪୯, ଫାଖର ଜମାନ୍-୨୦, ବ୍ରାଣ୍ଡନ୍ ଗ୍ଲୋଭର -୨/୨୨, ଭାନ୍ ମିକେରାନ୍- ୧/୧୯)।

# ଡଗ୍‌ଆଉଟରୁ ଉଭୟ ଦଳକୁ ଡାକିଲେ ଅମ୍ପାୟର

ବ୍ରିସ୍‌ବେନ୍,୩୦।୧୦(ପି.ଟି.)

ବ୍ରିସ୍‌ବେନ୍‌ରେ ଜିମ୍ବାୱେ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏକ ନାଟକୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। କ୍ରିକେଟ୍ ଇତିହାସରେ ପ୍ରଥମଥର ପାଇଁ ମ୍ୟାଚ୍ ଶେଷ ହେବା ପରେ ମଧ୍ୟ ଡଗ୍‌ଆଉଟରୁ ଖେଳାଳିମାନଙ୍କୁ ଡକାଯାଇଥିଲା। ଉଭୟ ଦଳର ଖେଳାଳି ଡଗ୍‌ଆଉଟରେ ରହିଥିବା ବେଳେ ଅମ୍ପାୟରଙ୍କ ପକ୍ଷର ଖେଳାଳିଙ୍କୁ ଆଉଥରେ ପଡ଼ିଆ ମଧ୍ୟକୁ ଡକାଯାଇଥିଲା। ଅନ୍ତିମ ବଲରେ ଜିମ୍ବାୱେକୁ ବିଜୟ ପାଇଁ ୫ ରନ୍ ଆବଶ୍ୟକ ଥିଲା। ବ୍ଲେସିଂ ମୁଜାରବାନି ଷ୍ଟ୍ରାଇକ୍‌ରେ ଥିବା ବେଳେ ମୋସାଡେକ ହୋସେନ ବୋଲିଂ କରିଥିଲେ। ଅନ୍ତିମ ବଲକୁ ବଡ଼ ଶଟ୍ ଖେଳିବାକୁ ଯାଇ ମୁଜାରବାନି ଷ୍ଟମ୍ପଆଉଟ ହୋଇଥିଲେ। ଏହାପରେ ବାଂଲାଦେଶ ଖେଳାଳି ଓ ଫ୍ୟାନ୍‌ଙ୍କ ମଧ୍ୟରେ ସେଲିବ୍ରେଶନ ଆରମ୍ଭ ହୋଇଯାଇଥିଲା। ତେବେ ଉଇକେଟ୍‌କିପର ନୁରୁଲ ହସନ ଷ୍ଟମ୍ପ ଆଗରୁ ବଲ୍ ସଂଗ୍ରହ କରି ଷ୍ଟମ୍ପିଂ କରିଥିବା ଟିଭି ରିପ୍ଲେରୁ ସ୍ପଷ୍ଟ ହୋଇଥିଲା। ଫଳରେ ଏହି ବଲ୍‌ଟି ନୋ ବଲ୍ ହେବା ସହିତ ଜିମ୍ବାୱେକୁ ଫ୍ରି ହିଟ୍ ମିଳିଥିଲା। ଏହାପରେ ଉଭୟ ଦଳର ଖେଳାଳିଙ୍କୁ ଡଗ୍‌ଆଉଟରୁ ଡକାଇଥିଲେ ଅମ୍ପାୟର। ତେବେ ମୁଜାରବାନି ଏହି ବଲକୁ ମାରିବାରେ ବିଫଳ ହେବା ସହିତ ଜିମ୍ବାୱେ ମ୍ୟାଚ ହାରିଯାଇଥିଲ। ଏପରି ଘଟଣା ପ୍ରଥମଥର ଦେଖିଥିବା ବେଳେ ଆମେ ମଧ୍ୟ ନର୍ଭସ ଥିଲୁ ବୋଲି ପ୍ରତିକ୍ରିୟାରେ କହିଥିଲେ ପ୍ଲେୟର ଅଫ୍ ଦ ମ୍ୟାଚ ଟାସ୍କିନ୍ ଅହମ୍ମଦ୍। ଅପରପକ୍ଷେ ଜିମ୍ବାୱେ ଅଧିନାୟକ ସନ୍ ୱିଲିୟମ୍ସ ମଧ୍ୟ ସମାନ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତେବେ ଏହା ଟି୨୦ କ୍ରିକେଟ୍‌ର ଅସଲ ମଜା ବୋଲି ୱିଲିୟମ୍ସ କହିଥିଲେ।

# କଟକ ଜିଲା ଚେସ୍ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୦ (କ୍ରୀଡ଼ା ପ୍ରତିନିଧି)

ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷ ଗେଟ୍ ପରିସରରେ କଟକ ଜିଲା ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବର୍ଗରେ ହର୍ଷିତ ରଞ୍ଜନ ସାହୁ ଓ ଜୁନିୟରରେ କୌସ୍ତୁଭ ଦାସ ଚାମ୍ପିୟନ ହୋଇଛନ୍ତି। ସିନିୟର ବର୍ଗରେ ଅନ୍ୟମାନଙ୍କ ମଧ୍ୟରେ ବୈଭବ ସିଂ, ନିଲସୁ ପଟ୍ଟନାୟକ, ଅଂଶୁମାନ ସାମଲ, ଶ୍ରୀୟାଂଶ ଦେ, ରବୀନ୍ଦ୍ର କୁମାର ଓଝା, ସୁଧୀର କୁମାର ମହାନ୍ତି, ରାଜା ଏସ.କେ., ନାରାୟଣ ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ବିଷୋଇ ଏବଂ ଜୁନିୟରରେ ଶ୍ରୀୟାଂଶ ଦାସ, ପ୍ରିୟାଂଶ ଦାସ, ବିକାଶ କୁମାର ଲେଙ୍କା, ଆର୍ଯ୍ୟନ ଆୟୁଷ ମହାପାତ୍ର, ପ୍ରତ୍ୟୁଷ ନାୟକ, ଜୟଲକ୍ଷ୍ମୀ ସାହୁ, ଦେବପ୍ରୀତ ମିଶ୍ର, ଆଦିତ୍ୟ ବିକ୍ରମ ମିଶ୍ର ଓ ଅଦ୍ୱୈତ ଅନିକେତ ମହାପାତ୍ର ଟପ୍-୧୦ ଫିନିଶ୍ କରିଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବୈଜ୍ଞାନିକ ନିହାର ସାମନ୍ତରା ମୁଖ୍ୟ ଅତିଥି ଏବଂ ଶିଳ୍ପପତି ପ୍ରଦୀପ ସିଂ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ କଟକ ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଏହି ଦୁଇ ଅତିଥିଙ୍କ ବ୍ୟତୀତ ସିନିୟର ଉପସଭାପତି ସନ୍ତୋଷ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନ ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି ପ୍ରଶାନ୍ତ କୁମାର, ପରାମର୍ଶଦାତା ରଞ୍ଜନ ମହାନ୍ତି, ସଭାପତି ବିବେକ କୁମାର ତିବରୱାଲ, ଏସ.ଆର. ପଟ୍ଟନାୟକ, ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବାଂଲାଦେଶର ନାଟକୀୟ ବିଜୟ

ବ୍ରିସ୍‌ବେନ୍,୩୦।୧୦

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି ୨୦ ବିଶ୍ୱକପ୍‌ର ସୁପର୧୨ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଜିମ୍ବାୱେକୁ ୩ ରନ୍‌ରେ ପରାସ୍ତ କରିଛି ବାଂଲାଦେଶ। ବ୍ରିସ୍‌ବେନ୍‌ରେ ଖେଳା ଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦଳ ୭ ଉଇକେଟରେ ୧୫୦ ରନ୍ କରିଥିଲା। ୧୫୧ ରନ୍‌ର ପିଛା କରୁଥିବା ଜିମ୍ବାୱେକୁ ଅନ୍ତିମ ବଲରେ ବିଜୟ ପାଇଁ ୫ ରନ୍ ଆବଶ୍ୟକ ଥିଲା। ମୋସାଡେକ ହୋସେନ ବୋଲିଂ କରିଥିବା ଓଭରର ଅନ୍ତିମ ବଲକୁ ଉଇକେଟ କିପର ଷ୍ଟମ୍ପ ଆଗରୁ ସଂଗ୍ରହ କରି ଷ୍ଟମ୍ପିଂ କରିଥିବା ଟିଭି ରିପ୍ଲେରୁ ସ୍ପଷ୍ଟ ହୋଇଥିଲା। ଫଳରେ ଏହି ବଲ୍‌ଟି ନୋ ବଲ୍ ହେବା ସହିତ ଜିମ୍ବାୱେକୁକୁ ଫ୍ରି ହିଟ୍ ମିଳିଥିଲା। ତେବେ ବ୍ଲେସିଂ ମୁଜାରବାନି ଏହି ବଲ୍‌କୁ ମାରିବାରେ ବିଫଳ ହେବା ସହିତ ନାଟକୀୟ ଢଙ୍ଗରେ ୩ ରନ୍‌ରେ ମ୍ୟାଚ୍‌କୁ ଜିତି ନେଇଥିଲା ବାଂଲାଦେଶ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୫୦/୭ (ନଜମୋଲ ହସନ ଶାନ୍ତୋ-୭୧, ଆଫିଫ ହୋସେନ୍-୨୯, ସାକିବ ଅଲ ହସନ-୨୩, ରିଚାର୍ଡ ଏନ୍‌ଗାରଭା-୨/୨୪, ବ୍ଲେସିଂ ମୁଜାରବାନି-୨/୧୩, ସନ୍ ୱିଲିୟମ୍ସ- ୧/୧୦) ଜିମ୍ବାୱେ ୨୦ ଓଭରରେ ୧୪୭/୮ (ସନ୍ ୱିଲିୟମ୍ସ-୬୪, ର୍ୟାନ୍ ବର୍ଲ- ୨୭*, ରେଗିସ୍ ଚାକାଭା-୧୫, ଟାସ୍କିନ୍ ଅହମ୍ମଦ-୩/୧୯, ମୁସ୍ତାଫିଜୁର ରହମନ-୨/୧୫, ମୋସାଡେକ୍ ହୋସେନ୍-୨/୩୪)।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
TARIFF
for Booking Contact 0674-2580385, 8637280816, 7894447167, 9338226625

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଜୋଦୀପ୍, ଜେସିକାଙ୍କୁ ସିଙ୍ଗଲ୍ସ ଟାଇଟଲ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ଭୁବନେଶ୍ୱର,୩୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୧୩ ବର୍ଷରୁ କମ୍ ରାଜ୍ୟସ୍ତରୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଆସୋସିଏଶନ ଓ ବ୍ୟାଡ୍‌ମିଣ୍ଟନ ଡେଭେଲପମେଣ୍ଟ କମିଟିର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଛି। ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୧୨୦ରୁ ଅଧିକ ପ୍ରତିଯୋଗୀ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବାଳକ ସିଙ୍ଗଲ୍ସରେ ବାଲେଶ୍ୱରର ଓଜୋଦୀପ୍ ମାଝୀ ଚାମ୍ପିୟନ, ସମ୍ବଲପୁରର ଅୟଙ୍କ କୁମାର ସାହୁ ରନର୍ସଅପ୍ ହୋଇଥିଲେ। ବାଳିକା ସିଙ୍ଗଲ୍ସରେ ଭଦ୍ରକର ଜେସିକା ସାହୁ ଚାମ୍ପିୟନ୍ ଓ କଟକର ସ୍ୱାତୀ ନାୟକ ରନର୍ସଅପ୍ ରହିଥିଲେ। ବାଳକ ଡବଲ୍ସରେ ଓଜୋଦୀପ୍ ଓ ଖୋର୍ଦ୍ଧାର ନାଥାନିଲ ମାରିଓ ଚିଡିମ ଚାମ୍ପିୟନ, ସମ୍ବଲପୁରର ଅୟଙ୍କ କୁମାର ସାହୁ ଓ କଟକର ହର୍ଷିତ ବେହେରା ରନର୍ସଅପ୍ ରହିଥିଲେ। ବାଳିକା ଡବଲ୍ସରେ କଟକର ସ୍ୱାତୀ ନାୟକ ଓ ଭୁବନେଶ୍ୱରର ନିମିଷା ଓଝା ଚାମ୍ପିୟନ ଏବଂ ଭୁବନେଶ୍ୱରର ନିର୍ଭି ଦାଶ ଓ ସିଦ୍ଧୀକ୍ଷା ପିନ୍ଟିଟି ରନର୍ସଅପ୍ ହୋଇଥିଲେ। ମିକ୍ସଡ ଡବଲ୍ସରେ ଓଜୋଦୀପ ଓ ଅକ୍ଷିତା ମହାନ୍ତିଙ୍କ ଯୋଡ଼ି ଭଦ୍ରକର ବି. ପ୍ରଣୀତ୍ ରେଡ୍ଡୀ ଓ ଜେସିକା ସାହୁଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ବର୍ଗରେ ଟାଇଟଲ ହାସଲ କରିଛନ୍ତି ବାଲେଶ୍ୱରର ଓଜୋଦୀପ୍ ମାଝି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓଏସ୍‌ବିଏ) ସଭାପତି ମିହିର ରାୟ, ଉପସଭାପତି ପ୍ରଦୀପ ପଟ୍ଟନାୟକ, ଗଭର୍ଣ୍ଣିଂ ବଡି ସଦସ୍ୟ ପ୍ରୀତପାଲ ସିଂ, ଶୁଭମ ଶର୍ମା, ସମ୍ପାଦକ ନିଲିନ୍ କୁମାର, ପରିଚାଳନା ପରିଷଦ ସଦସ୍ୟ ଶୁଭମ୍ ଶେଖରଙ୍କ ସହିତ ଓଏସ୍‌ବିଏ ଡେଭେଲପମେଣ୍ଟ କମିଟି ପକ୍ଷରୁ କାର୍ତ୍ତିକ ଦାସ, କମଲ ଦାସ, ଅନନ୍ତ ନାରାୟଣ ପଟ୍ଟନାୟକ ଓ ଚନ୍ଦନ ଦାସ ଯୋଗଦେଇଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଶ୍ରଦ୍ଧାଞ୍ଜଳି

୰ପ୍ରଶାନ୍ତ କୁମାର ସାହୁ
ସ୍ଥାନ: ବଇଣ୍ଡା ଛକ, ଅନୁଗୋଳ
ଆବିର୍ଭାବ: ୧୪।୦୭।୧୯୬୪
ତିରୋଧାନ: ୨୧।୧୦।୨୦୨୨
ହଠାତ୍ ତମେ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ। ତମେ ଯେଉଁଠି ବି ଥାଅ ତମକୁ ଭଲରେ ରଖିଥାନ୍ତୁ। ତମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ତମର ହତଭାଗ୍ୟ ସ୍ତ୍ରୀ- ଜ୍ୟୋତି ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୮୮୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ରତ୍ନାକର ପଣ୍ଡା
ପ୍ଲଟ୍ ନଂ.-୧୨୧୫/ ୧୪୩୯, ଖଣ୍ଡଗିରିବାରି, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ-୨୧।୦୫।୧୯୩୭
ତିରୋଧାନ- ୧୦।୧୧।୨୦୨୧
'ପରିବର୍ତ୍ତିନୀ ସଂସାରେ ମୃତଃ କୋ ବା ନ ଜାୟତେ। ସଜାତୋ ଯେନ ଜାତେନ ଜାତି ବଂଶ ସମୁନ୍ନତିମ୍'।।
ତୁମ୍ଭର ଅନାବିଳ ତ୍ୟାଗ, ସ୍ନେହ, ଶ୍ରଦ୍ଧା ଆମ୍ଭେମାନେ ଭୁଲି ପାରୁନାହୁଁ। ଆପଣ ନିତ୍ୟ ବୈକୁଣ୍ଠରେ ବାସ କରି ଆମ୍ଭମାନଙ୍କୁ ଆପଣଙ୍କ ସ୍ନେହାଶୀର୍ବାଦ ପ୍ରଦାନ କରୁଥାଆନ୍ତୁ।
ତପନ, ଦୀପକ, ଅଶୋକ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୮୮୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ଇଂ.ବିଜୟ କୁମାର ମହାନ୍ତି
ତିରୋଧାନ : ୧୦.୧୧.୨୦୨୧ (କାର୍ତ୍ତିକ ଶୁକ୍ଳ ସପ୍ତମୀ)
ଚାହୁଁ ଚାହୁଁ ଏକବର୍ଷ ପୂରିଗଲା ତୁମେ ବାହୁଡ଼ିଯିବାର। ମାତ୍ର ପ୍ରତି ମୁହୂର୍ତ୍ତରେ ତୁମର ଅତୁଲା ସ୍ମୃତି ଆମ ଆଖି ଆଗରେ ଭାସି ଉଠୁଛି। ତୁମ ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ଶୃଙ୍ଖଳା ଆମ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହିବ। ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାବିନ୍ଦରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ ଓ ପରିବାରବର୍ଗ
ଧ-୭୧୦୪୫

# ଥାଇରଏଡ୍ ପାଇଁ ଉପକାରୀ ଭିଟାମିନ୍ 'ଇ'



**ଆ**ମ ଶରୀର ପାଇଁ ଭିଟାମିନ୍ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଠିକ୍ ସେହିପରି ଥାଇରଏଡ ରୋଗୀଙ୍କ ପାଇଁ ଏକ ପ୍ରକାର ଭିଟାମିନ୍ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ତାହା ହେଲା ଭିଟାମିନ୍ 'ଇ'। ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏପରି ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ମଧ୍ୟ ହୋଇଥାଏ। ଭିଟାମିନ୍ 'ଇ'ର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ଆଲର୍ଜି ଭଳି ସମସ୍ୟାରୁ ରକ୍ଷା କରିଥାଏ। ଖାସ୍ କଥା ହେଲା ନିୟମିତ ଏପରି ଖାଦ୍ୟ ଖାଇଲେ ତାହା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ 'ଇ' ଯୁକ୍ତ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟପରି କାମ କରେ। ଏହା ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରୁ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ମିଳିଥାଏ।

# ସକ୍ରିୟ ରହିବ ମସ୍ତିଷ୍କ କାର୍ଯ୍ୟଧାରା



**ଆ**ମ ଶରୀର ପ୍ରମୁଖ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ମସ୍ତିଷ୍କ ଅନ୍ୟତମ। ଏହାର କାର୍ଯ୍ୟ ଯଦି ବାଧାପ୍ରାପ୍ତ ହୁଏ ତେବେ ଆମେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଏପରି କି ଅକାଳରେ ଜୀବନ ଚାଲିଯିବା ଆଶଙ୍କା ରହିଛି। ତେଣୁ ମସ୍ତିଷ୍କ କିପରି ଠିକ୍ ଭାବରେ କାମ କରିବ ସେ ନେଇ ଆମେ ସଚେତନ ରହିବା ନିହାତି ଦରକାର। ତେବେ ଏହାର କାର୍ଯ୍ୟ କିପରି ଆହୁରି ସକ୍ରିୟ ରହିବ ତାହା ପଛରେ ସନ୍ତୁଳିତ ଖାଦ୍ୟର ଭୂମିକା ରହିଛି ବୋଲି ୟୁନିଭର୍ସିଟି ଅଫ ବର୍ଲିନର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଯେଉଁମାନେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିଲେ ସେମାନଙ୍କ ମସ୍ତିଷ୍କର କାର୍ଯ୍ୟଧାରା ଅନ୍ୟମାନଙ୍କ ତୁଳନାରେ ପ୍ରଖର ରହିଥାଏ ବୋଲି ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ତେଣୁ ନିଜର ପ୍ରତିଦିନର ଖାଦ୍ୟ ତାଲିକାରେ ତଟକା ପନିପରିବା ଏବଂ ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

# ଦୀର୍ଘାୟୁ ଜୀବନ ଅନ୍ତରାଳେ...



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଆମେ ପ୍ରତିଦିନ ଜଳଖିଆ କିମ୍ବା ଭାତ, ରୁଟି ଆଦି ଖାଦ୍ୟ ଖାଇଥାଉ। ବେଳେବେଳେ କାଗଜ, କାଗଜ ପ୍ଲେଟ, ଯେକୌଣସି ପତ୍ର ଆଦିରେ ଖାଇଥାଉ। ବହୁତ ଲୋକ ଷ୍ଟିଲ କିମ୍ବା ରସ ପାତ୍ରରେ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି, କାରଣ ଏହି ପାତ୍ରଗୁଡ଼ିକୁ ସଫା କରିବା ସହଜ। କିନ୍ତୁ ଏହି ପାତ୍ର ଦ୍ୱାରା ଖାଦ୍ୟ ଖାଇବା ଆମ ପାଇଁ ସମ୍ପୂର୍ଣ୍ଣ ଅହିତକର। ଆମେ ସର୍ବଦା ସୁସ୍ଥ ରହିବା ପାଇଁ ସୁସ୍ୱାଦୁ ଓ ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ। ମନୁଷ୍ୟ କେଉଁ ପାତ୍ରରେ ଖାଦ୍ୟ ଖାଇଲେ ସୁସ୍ଥ ରହିବା ସହ ନୀରୋଗ ଓ ଦୀର୍ଘାୟୁ ହୋଇପାରିବ ତାହା ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣନା କରାଯାଇଛି।''

**ସ୍ୱ**ଦେଶୀ ଚିକିତ୍ସା ବିଜ୍ଞାନ ମଧ୍ୟରେ ଆମ ଭାରତୀୟ ପାରମ୍ପରିକ ତଥା ମୌଳିକ ଚିକିତ୍ସା ବିଜ୍ଞାନ ବା ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅନ୍ୟତମ। ଏହି ଚିକିତ୍ସା ବିଜ୍ଞାନରେ ଆୟୁର୍ବେଦ ବିଶାରଦ ଚରକ ଓ ଶୁଶ୍ରୁତଙ୍କ ସ୍ୱଲିଖିତ ଚିକିତ୍ସା ବିଜ୍ଞାନରେ ନୀରୋଗ ଓ ଦୀର୍ଘାୟୁ ନିମନ୍ତେ ବିଭିନ୍ନ ନିୟମାବଳୀ ବର୍ଣ୍ଣିତ ରହିଛି। ଏହାକୁ ପାଳନ କଲେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ପ୍ରାୟ ସୁସ୍ଥ ଓ ନୀରୋଗ ରହିପାରିବ।

ଜନ୍ମ ମାତ୍ରକେ ମୃତ୍ୟୁ ନିଶ୍ଚିତ। ମନୁଷ୍ୟ ବିଭିନ୍ନ କଷ୍ଟସାଧ୍ୟ, ଦୁଃସାଧ୍ୟ ରୋଗରେ ପୀଡ଼ିତ ହେଲେ ଦୁଃଖ, କ୍ଲେଶ, ଯନ୍ତ୍ରଣା ଓ ଅର୍ଥହାନି ହେବାର ସମ୍ଭାବନା ରହିଥାଏ। ଭାରତୀୟ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣିତ ତଥା ଆମ ହାତ ପାହାନ୍ତାରେ ଉପଲବ୍ଧି ହେଉଥିବା ଏପରି କେତେକ ଉପାୟ ରହିଛି ଯାହାକୁ ଜଣେ ସାଧାରଣ ମଣିଷ ତାହାର ଜୀବନରେ ଉପଯୋଗ କରିପାରିବ। ଏହା ସୁସ୍ଥ ଜୀବନଯାପନରେ ସହାୟକ ହୋଇପାରିବ। ଜୀବନର ମୁଖ୍ୟ ଲକ୍ଷ୍ୟ ହେଲା ଧର୍ମ, ଅର୍ଥ, କାମ, ମୋକ୍ଷ– ଯାହାକୁ 'ଚତୁରବର୍ଗ ଫଳ ପ୍ରାପ୍ତି' ବୋଲି କୁହାଯାଏ। ଆମ ଭାରତୀୟ ଚିକିତ୍ସା ଶାସ୍ତ୍ରରେ କିଛି ନିର୍ଦ୍ଦିଷ୍ଟ ରୋଗ ପାଇଁ କିଛି ନିର୍ଦ୍ଦିଷ୍ଟ ଔଷଧୀୟ ବୃକ୍ଷଲତା ରହିଛି, ଯାହାକି ଆମ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।









ଯେପରି ନୀରୋଗ ସ୍ୱାସ୍ଥ୍ୟ ନିମନ୍ତେ ଗାଈ କ୍ଷୀର ସେବନ, ଉତ୍ତମ ପାକ କ୍ରିୟା ପେଟରେ ବାୟୁ ବୃଦ୍ଧିକୁ ହ୍ରାସ ପାଇଁ ଜୁଆଣି ଖାଇବା, ରକ୍ତ ପରିଷ୍କାର ଓ ଚର୍ମ ରୋଗ ପାଇଁ ନିମପତ୍ର ଓ ହଳଦୀ, ଶରୀରରେ ରକ୍ତ ଚାପ ନିୟନ୍ତ୍ରଣ ପାଇଁ ସଜନା ଶାଗ, ଶରୀର ପୀଡା କିମ୍ବା ଜଏଣ୍ଟ ପେନ୍ ପାଇଁ ପ୍ରସାରଣୀ ପତ୍ରକୁ ବାଟି ସିଝାଇ ପିଇବା, ହଜମ ପାଇଁ ପୋଦିନା ଚଟଣି, ଥଣ୍ଡା କାଶ ପାଇଁ ମହୁ ଓ କୃଷ୍ଣ ତୁଳସୀ ରସ, ଦାନ୍ତ ବିନ୍ଧା ହେଲେ ଗୋଟା ଲବଙ୍ଗ କିମ୍ବା ଲବଙ୍ଗ ତୈଳ ଆଦିର ପ୍ରୟୋଗ ତତ୍‌କ୍ଷଣାତ ଉପଶମ ଦେଇଥାଏ। ଉକ୍ତ ଉପାଦାନଗୁଡ଼ିକ ବ୍ୟବହାର ଦ୍ୱାରା ଶରୀରରେ ତୁରନ୍ତ ରୋଗ ଉପଶମ ହେବା ସହ ଆମ ଶରୀର ରୋଗ ପ୍ରତିରୋଧକ ଶକ୍ତି ପାଇଥାଏ। ଆମେ ପ୍ରତିଦିନ ଜଳଖିଆ କିମ୍ବା ଭାତ, ରୁଟି ଆଦି ଖାଦ୍ୟ ଖାଇଥାଉ। ବେଳେବେଳେ କାଗଜ, କାଗଜ ପ୍ଲେଟ, ଯେକୌଣସି ପତ୍ର ଆଦିରେ ଖାଇଥାଉ। ବହୁତ ଲୋକ ଷ୍ଟିଲ କିମ୍ବା ରସ ପାତ୍ରରେ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି, କାରଣ ଏହି ପାତ୍ରଗୁଡ଼ିକୁ ସଫା କରିବା ସହଜ। କିନ୍ତୁ ଏହି ପାତ୍ର ଦ୍ୱାରା ଖାଦ୍ୟ ଖାଇବା ଆମ ପାଇଁ ସମ୍ପୂର୍ଣ୍ଣ ଅହିତକର। ଆମେ ସର୍ବଦା ସୁସ୍ଥ ରହିବା ପାଇଁ ସୁସ୍ୱାଦୁ ଓ ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ। ମନୁଷ୍ୟ କେଉଁ ପାତ୍ରରେ ଖାଦ୍ୟ ଖାଇଲେ ସୁସ୍ଥ ରହିବା ସହ ନୀରୋଗ ଓ ଦୀର୍ଘାୟୁ ହୋଇପାରିବ ତାହା ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣନା କରାଯାଇଛି। ସେ ସମ୍ପର୍କରେ ନିମ୍ନରେ ସୂଚନା ଦିଆଗଲା।

**ମାଟି ପାତ୍ର :** ମାଟି ପାତ୍ରରେ ଖାଦ୍ୟ ରୋଷେଇ କଲେ ଏହା ଅଧିକ ସ୍ୱାଦିଷ୍ଟ ହୋଇଥାଏ। ଏପରି ପାତ୍ରରେ ଖାଦ୍ୟ ଖାଇଲେ ରୋଗ ହେବାର ଆଶଙ୍କା କମ୍ ଥାଏ।

**ସୁନା ପାତ୍ର:** ସୁନାଥାଳି କିମ୍ବା ପାତ୍ରରେ ଖାଦ୍ୟ ଖାଇବା ଦ୍ୱାରା ବିଦ୍ୟା, ବୁଦ୍ଧି ଓ ଆୟୁ ବୃଦ୍ଧି ହୋଇଥାଏ ବୋଲି ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣିତ ଅଛି।

**ରୁପା ପାତ୍ର :** ରୁପା ଥାଳି କିମ୍ବା ପାତ୍ର ରେ ଖାଦ୍ୟ ଖାଇଲେ ବୁଦ୍ଧିମାନ ଓ ଦୀର୍ଘାୟୁ ହୋଇଥାଏ।

**କଂସା ପାତ୍ର :** କଂସା ପାତ୍ରରେ ଖାଦ୍ୟ ଖାଇବା ଦ୍ୱାରା ନୀରୋଗ ତଥା ଆୟୁ ବୃଦ୍ଧିରେ ସହାୟକ ହୋଇଥାଏ।

**ତମ୍ବା ପାତ୍ର :** ତମ୍ବା ପାତ୍ରରେ କିଛି ଘଣ୍ଟା ପାଣି ରଖି ସେବନ କରିବା ଦ୍ୱାରା ସମସ୍ତ ପ୍ରକାର ଚର୍ମ ରୋଗ, ପେଟରେ ଏସିଡିଟିକୁ ନିୟନ୍ତ୍ରିତ ରଖିଥାଏ। ତା'ସହ ଏପରି ପାତ୍ରରେ ଖାଇବା ଦ୍ୱାରା ମନ ପବିତ୍ର ରହିବା ସହ ଆୟୁ ବୃଦ୍ଧି ହୋଇଥାଏ।

**ପିତ୍ତଳ ପାତ୍ର :** ପିତ୍ତଳ ପାତ୍ରରେ ଖାଦ୍ୟ ଖାଇଲେ ମନ ଶରୀର ଶାନ୍ତ ପବିତ୍ର ରହିବା ସହ ଆୟୁ ବୃଦ୍ଧି ହୋଇଥାଏ।

**ରସ ପାତ୍ର :** ରସ ପାତ୍ରରେ ଖାଦ୍ୟ ଖାଇବା ଦ୍ୱାରା ମନରେ ମାନସିକ ଚିନ୍ତା ବୃଦ୍ଧି ସହ ମନୁଷ୍ୟ ଚିଡ଼ିଚିଡ଼ା ସ୍ୱଭାବର ହୋଇଥାଏ।

**ଷ୍ଟିଲ କିମ୍ବା ଲୌହ ପାତ୍ର :** ଲୌହ କିମ୍ବା ଷ୍ଟିଲ ପାତ୍ରରେ ପ୍ରତିଦିନ ଖାଦ୍ୟ ଖାଇଲେ ମନ ଅସ୍ଥିର, ପେଟରେ ବାୟୁ ବୃଦ୍ଧି ହେବାର ସମ୍ଭାବନା ଅଧିକ ଥାଏ।

**କଦଳୀ ପତ୍ର :** କଦଳୀ ପତ୍ରରେ ଖାଦ୍ୟ ଖାଇଲେ ମନ ଶାନ୍ତ, ପବିତ୍ର ରହିବା ସହ ଆୟୁଷ ବୃଦ୍ଧି ହୋଇଥାଏ ବୋଲି ଏଥିରେ ଉଲ୍ଲେଖ ରହିଛି।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବିଭିନ୍ନ ଧାତୁ ଦ୍ୱାରା ନିର୍ମିତ ପାତ୍ରର ମଧ୍ୟ ଆମ ଶରୀର ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ। ସୁସ୍ଥ ରଖିବା ଲାଗି ସରଳ ନିରାଡ଼ମ୍ବର ଜୀବନଯାପନର ଆବଶ୍ୟକତା ରହିଛି। ଏହାଦ୍ୱାରା ଆମ ଶରୀର ସୁସ୍ଥ, ନୀରୋଗ ହେବା ସହ ତାହା ଆମକୁ ଦୀର୍ଘାୟୁ ହେବାରେ ସହାୟକ ହୋଇପାରିବ।

–ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ସ୍ୱାସ୍ଥ୍ୟପ୍ରଦ ଲେମ୍ବୁପାଣି



**ଲେ**ମ୍ବୁ ପାଣିରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ଏହାକୁ ନିୟମିତ ପିଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏହି ପାଣିରେ ଭିଟାମିନ୍ 'ସି' ସହ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଲେମ୍ବୁପାଣି ପିଇଲେ ତାହା ସଂକ୍ରମଣ (ଇନ୍‌ଫେକଶନ) ଆଶଙ୍କା କେତେକାଂଶରେ କମାଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହି ପାଣି ପେଟଜନିତ ସମସ୍ୟା ପାଇଁ ବେଶ୍ ଉପକାରୀ। ଏଥିରେ ଫ୍ଲେଭୋନାଏଡ୍ ନାମକ ତତ୍ତ୍ୱ ରହିଛି, ଯାହା ପେଟଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ପ୍ରତିଦିନ ଗ୍ଲାସେ ଉଷୁମ ପାଣିରେ ଲେମ୍ବୁ ଚିପୁଡି ସେଥିରେ ମହୁ ମିଶାଇ ପିଅନ୍ତୁ। ଏହା ଶରୀରରେ ଚର୍ବି ଅଂଶକୁ ସନ୍ତୁଳିତ ରଖିଥାଏ। ତା'ସହ ଉଚ୍ଚ ରକ୍ତଚାପ ରୋଗୀ ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖେ। ଲେମ୍ବୁ ପାଣିରେ ଥିବା ସାଇଟ୍ରିକ ଏସିଡ୍ ଏବଂ ଭିଟାମିନ୍ 'ସି' ଅସ୍ଥିକୁ ମଜଭୂତ ରଖିଥାଏ। ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ଲେମ୍ବୁପାଣି।

## ପ୍ରଖର ଦୃଷ୍ଟିଶକ୍ତି ଲାଗି..



**ଆ**ମର ଦୃଷ୍ଟିଶକ୍ତି କିପରି ପ୍ରଖର ରହିବ ସେ ନେଇ ଆମେ ସଚେତନ ରହିବା ନିହାତି ଦରକାର। ସେ ନେଇ ସବୁଜ ତଥା ଭିଟାମିନ୍‌ଯୁକ୍ତ ପନିପରିବା ଖାଇବା ଆବଶ୍ୟକ। ତା'ସହ ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ହେଲେ ଏହାକୁ ପ୍ରଖର ରଖିବା କ୍ଷେତ୍ରରେ ଅଲିଭ ତେଲର ଭୂମିକା ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ପ୍ରଖର ଦୃଷ୍ଟି ଶକ୍ତି ଏବଂ ଅଲିଭ ତେଲ' ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣାରୁ ଏକଥା ଜାଣିପାରିଛନ୍ତି। ଅଲିଭ ତେଲରେ ଭିଟାମିନ୍ 'ଏ' ଭରି ରହିଛି, ଯାହା ଦୃଷ୍ଟି ଶକ୍ତିକୁ ପ୍ରଖର କରିଥାଏ। ତେଣୁ ଏଭଳି ଖାଦ୍ୟ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହି ଗବେଷଣା ସମୟରେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିବା କିଛି ବ୍ୟକ୍ତିଙ୍କୁ ନିୟମିତ ଅଲିଭ ତେଲରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ଦୃଷ୍ଟିଶକ୍ତି ପୂର୍ବାପେକ୍ଷା ପ୍ରଖର ଥିବାର ଜଣାପଡିଥିଲା। ଏହାପଛରେ ଅଲିଭ ତେଲରେ ଥିବା ଉପକାରୀ ତତ୍ତ୍ୱର ଭୂମିକା ରହିଛି ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଅଣ୍ଟା ବିନ୍ଧା ଓ ମୋବାଇଲ୍



**ମୋ**ବାଇଲ ବ୍ୟବହାର ଆଜିକାଲି ପ୍ରାୟ ସମସ୍ତଙ୍କର ଜୀବନର ଏକ ଅଙ୍ଗ ପାଲଟି ଗଲାଣି। ହେଲେ ଆବଶ୍ୟକତାଠାରୁ ଏଥିସହ ଅଧିକ ସମୟ ଜଡିତ ରହିଲେ ତାହା କେତେକ ସମସ୍ୟାକୁ ଡାକି ଆଣିଥାଏ। ଏହି ତାଲିକାରେ ନିକଟରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି। ତାହା ହେଲା ଅଣ୍ଟା ବିନ୍ଧା। ନିକଟରେ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଏଭଳି ତଥ୍ୟ ଲୋକଲୋଚନକୁ ଆସିଛି। ଅଧିକାଂଶ ସମୟ ମୋବାଇଲ ବ୍ୟବହାର କରୁଥିବା କେତେକ ବ୍ୟକ୍ତିଙ୍କର ଅଣ୍ଟାଜନିତ ସମସ୍ୟା ରହିଛି କି ନାହିଁ ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଅଣ୍ଟାଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯେଉଁମାନେ ଅଧିକାଂଶ ସମୟ ମୋବାଇଲ ସହ ଜଡ଼ିତ ରହନ୍ତି ସେମାନେ ପ୍ରାୟ ଗୋଟିଏ ସ୍ଥାନରେ ବସି ରହିଥାଆନ୍ତି। ଏହାର ପ୍ରଭାବ ଅଣ୍ଟା ଉପରେ ପଡ଼ିଥାଏ ଏବଂ ପରବର୍ତ୍ତୀ ସମୟରେ ସେମାନେ ଅଣ୍ଟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଯଦି ଆପଣ କିଛି ସମୟ ଗୋଟିଏ ସ୍ଥାନରେ ବସିରହି ମୋବାଇଲ ଦେଖୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଉଠି ଟିକେ ଚଲାବୁଲା କଲେ ଅଣ୍ଟାକୁ ଆରାମ ଲାଗିଥାଏ।

# ଲୋ ବ୍ଲଡପ୍ରେସର



**ସା**ଧାରଣତଃ ବ୍ଲଡ ପ୍ରେସର ବା ରକ୍ତଚାପ ଦୁଇ ଭାଗରେ ବିଭକ୍ତ–ଲୋ ବ୍ଲଡପ୍ରେସର ଏବଂ ହାଇ ବ୍ଲଡ ପ୍ରେସର। ତେବେ ଏପରି ସ୍ୱାସ୍ଥ୍ୟ ସମସ୍ୟାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ। ନିୟମିତ ସମୟ ଅନ୍ତରାଳରେ ଏହାକୁ ମାପି ନେବା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଦରକାର। ତେବେ ଲୋ ବ୍ଲଡପ୍ରେସର ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିଥାଏ। ଏହାଠାରୁ ନିଜକୁ ଦୂରେଇ ରଖିବା ଲାଗି ଆଇରନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହାବ୍ୟତୀତ ଫାଇବରଯୁକ୍ତ ଖାଦ୍ୟ ଏବଂ ଓଟସ୍ ଏପରି ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ଡାର୍କ ଚକୋଲେଟ୍ ଲୋ ପ୍ରେସରକୁ ଅନେକାଂଶରେ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ। ପ୍ରତିଦିନ ଯଦି ଦୁଇ ପାଖୁଡା ରସୁଣ ଖାଆନ୍ତି ତେବେ ଏହି ପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ।

(ଶେଷ ଭାଗ)

# କ୍ଲିକ୍ କେମେଷ୍ଟ୍ରି

**ବେର୍‌ଟୋଜି :** ବେର୍‌ଟୋଜି ଅକ୍ଟୋବର ୧୦, ୧୯୬୬ରେ ଆମେରିକାର ବୋଷ୍ଟନ୍‌ଠାରେ ଜନ୍ମଲାଭ କରିଥିଲେ ଏବଂ ୧୯୯୩ରେ ବରକେଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ ପିଏଚ.ଡି ଲାଭ କରିଥିଲେ। ତାଙ୍କର ଗବେଷଣା କ୍ଷେତ୍ର ଥିଲା 'ଅଙ୍ଗାର ସହିତ ସଂପୃକ୍ତ ଗ୍ଲାଇକୋସାଇଡ୍‌ଗୁଡ଼ିକର ସଂଶ୍ଳେଷଣ ଏବଂ କ୍ରିୟାବିଧି ଅଧ୍ୟୟନ'। ଏଥିରେ ସମ୍ମିଳିତ ହୋଇଥିଲା ରସାୟନ ବିଜ୍ଞାନ ଏବଂ ଜୈବ ବିଜ୍ଞାନ। ସେ ଏହାର ନାମ ଦେଲେ 'ବାଇଓଅର୍ଥଗୋନାଲକେମେଷ୍ଟ୍ରି'। ଏହାପରେ ବେର୍‌ଟୋଜି ଜୀବକୋଷମାନଙ୍କ ପୃଷ୍ଠଦେଶରେ ଥିବା 'ଗ୍ଲାଇକାନ୍' ନାମକ ଶର୍କରାକୁ ଅଧ୍ୟୟନ କରିବା ପାଇଁ ରାସାୟନିକ ବ୍ୟବସ୍ଥା ସଂଶ୍ଳେଷର କରିବାକୁ ଲାଗିଲେ। ଏହି ପଦାର୍ଥଟି କର୍କଟ ରୋଗଠାରୁ କୋଭିଡ୍–୧୯ ପର୍ଯ୍ୟନ୍ତ ନାନାଦି ରୋଗ ଉପରେ ପ୍ରଭାବ ରହିଛି। ଥରେ ସେ ଏକ ସେମିନାରରେ ଜଣେ ଜର୍ମାନ୍ ବୈଜ୍ଞାନିକ କିପରି ଜୀବକୋଷମାନଙ୍କୁ 'ସିଆଲିକ୍ ଅମ୍ଳ'ର ଏକ ଅପ୍ରାକୃତିକ ତଥା ଭିନ୍ନତା ଥିବା ରୂପ ପ୍ରସ୍ତୁତ ଲାଗି ପ୍ରରୋଚିତ କରୁଥିଲେ ତାହା ଶୁଣିଲେ। ଏହି ଅମ୍ଳଟିରୁ 'ଗ୍ଲାଇକାନ୍' ତିଆରି କରେ। ତେଣୁ ସେହି ପଦ୍ଧତି ଅନୁସରଣ କରି ଏକ ରାସାୟନିକ ହ୍ୟାଣ୍ଡେଲ ଥିବା 'ସିଆଲିକ୍ ଅମ୍ଳ' ପ୍ରସ୍ତୁତ କରିବା ଲାଗି ଜୀବକୋଷମାନଙ୍କୁ ପ୍ରରୋଚିତ କଲେ। ସେ ଏହାର ହ୍ୟାଣ୍ଡେଲ ସହିତ ଯୋଡିଦେଲେ ପ୍ରତିଦୀପ୍ତଶୀଳ ଅଣୁ। ତାହା ଜୀବକୋଷ ମଧ୍ୟରେ ଯେଉଁଠି ଲୁକ୍କାୟିତ ରହିଲା ସେଠାରୁ ନିର୍ଗତ ହେଲା ଆଲୋକ। ଅତଏବ ତାହାକୁ ଅଧ୍ୟୟନ କରିବାର ବାଟ ଖୋଲିଗଲା। ଏହି ପ୍ରକ୍ରିୟା ଥିଲା 'କ୍ଲିକ୍ କେମେଷ୍ଟ୍ରି'ର ଏକ ଭିନ୍ନ ରୂପ। ସେ ଏହାକୁ 'ବାଇଓ–ଅର୍ଥଗୋନାଲ୍' ପ୍ରତିକ୍ରିୟା ବୋଲି କହିଲେ। ଏହା ହିଁ ତାଙ୍କୁ ଇତିହାସରେ ଅଷ୍ଟମ ମହିଳା ରୂପରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଜିତିବାରେ ସାହାଯ୍ୟ କଲା। ଏଥିପୂର୍ବରୁ ସେ ମଧ୍ୟ ୨୦୧୦ରେ ଲାଭ କରିଥିଲେ ପ୍ରଥମ ମହିଳା ଭାବେ ସମ୍ମାନଜନକ 'ଲେମଲସନ୍ ଏମଟିଆଇ' ପୁରସ୍କାର।

–ପ୍ର. ରମେଶ ଚନ୍ଦ୍ର ପରିଡା
ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର–୩୦

## ସ୍ୱାସ୍ଥ୍ୟ ସୂଚନା

- ଆଜିକାଲି ଅନେକ କିଛି ରୋଗର ପ୍ରାଥମିକ ଉପଚାର ପାଇଁ ଘରେ କିଛି ମେଡିସିନ୍ ରଖିଥାଆନ୍ତି। ହେଲେ ଏହାପୂର୍ବରୁ ଡାକ୍ତରଙ୍କ ସହ ଭଲ ଭାବରେ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- କେତେକ ରୋଗର ଚିକିତ୍ସା ସମୟରେ ଡାକ୍ତର ଖାଦ୍ୟପେୟ ଏପରି କି ଜୀବନଶୈଳୀ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥାଆନ୍ତି। ଏହାକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ନ ହେଲେ ତାହା ଆରୋଗ୍ୟ ହେବାରେ ବାଧକ ସାଜିପାରେ।
- ରାତ୍ରଭୋଜନରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। କାରଣ ଏହା ସହଜରେ ହଜମ ହୋଇଥାଏ।
- ବେଳେବେଳେ କେତେକ ବ୍ୟକ୍ତି ଡାକ୍ତରଙ୍କ ସହ ରୋଗ ବିଷୟରେ ପରାମର୍ଶ କରିବା ପରେ ମଧ୍ୟ କିଛି କଥାକୁ ଅନୁସରଣ କରିନଥାନ୍ତି। ଏଭଳି ଅଭ୍ୟାସ ପରିବର୍ତ୍ତନ କରନ୍ତୁ।
- କେତେକ ଖାଦ୍ୟ ପେଟଜନିତ ରୋଗ ସୃଷ୍ଟି କରିଥାଏ। ତେଣୁ ବିଶେଷଭାବରେ ଏଭଳି ଖାଦ୍ୟଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ସବୁବେଳେ ସୁସ୍ଥ ପରିବେଶରେ ବ୍ୟାୟାମ କରନ୍ତୁ।
- ପ୍ରତିଦିନ କିଛି ଶାଗଜାତୀୟ ଖାଦ୍ୟ ଖାଆନ୍ତୁ। କାରଣ ଏଗୁଡିକରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରିରହିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩୧/୨୦୨୨ Bhubaneswar, Monday, October 31/ 2022

# ସ୍ପେନ୍‌କୁ ସ୍ୱର୍ଣ୍ଣ, କଲମ୍ବିଆ ରୌପ୍ୟ

ଭୁବନେଶ୍ୱର, ୩୦।୧୦
(କ୍ରୀଡ଼ା ପ୍ରତିନିଧି)

ଗତଥରର ଚାମ୍ପିୟନ ସ୍ପେନ୍ ଏଥର ମଧ୍ୟ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଚାମ୍ପିୟନ ହୋଇଛି। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ କଡ଼ା ଟକ୍କର ଦେଇଥିଲା କଲମ୍ବିଆ। ପୂରା ମ୍ୟାଚ୍‌ରେ ଲଢୁଆ ପ୍ରଦର୍ଶନ କରିଥିଲା। ମାତ୍ର ଭାଗ୍ୟ ସାଥ୍ ଦେଲାନି। ସ୍ପେନ୍‌ର କୌଣସି ଖେଳାଳିଙ୍କ ଗୋଲ ପାଇଁ ନୁହେଁ ବରଂ ୮୨ତମ ମିନିଟରେ ନିଜ ଦଳର ଆନା ମାରିଆ ଗୁଜମାନ ଜାପଟାଙ୍କ ଆତ୍ମଘାତୀ ଗୋଲ ମହଙ୍ଗା ପଡ଼ିଲା। ୧-୦ ଗୋଲରେ ବିଜୟ ସହ ସ୍ପେନ୍ ଚାମ୍ପିୟନ ଟ୍ରଫି ହାସଲ କଲା। ରନର ଅପ୍‌ରେ ସନ୍ତୁଷ୍ଟ ରହିଲା କଲମ୍ବିଆ। ଫଳରେ ସ୍ପେନ୍ ସ୍ୱର୍ଣ୍ଣ ଏବଂ କଲମ୍ବିଆ ରୌପ୍ୟ ପଦକ ହାସଲ କଲା। ପ୍ଲେ-ଅଫ୍‌ରେ ଜର୍ମାନୀକୁ ହରାଇ ନାଇଜେରିଆ ହାସଲ କଲା ବ୍ରୋଞ୍ଜ ପଦକ। ତେବେ ଟୁର୍ନାମେଣ୍ଟରେ କଲମ୍ବିଆର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୪ଥର ଟୁର୍ନାମେଣ୍ଟ ଖେଳିଥିଲେ ହେଁ ସବୁଥର ଅର୍ଥାତ୍ ୨୦୦୮, ୨୦୧୨, ୨୦୧୪ ଓ ୨୦୧୮ରେ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ବିଦାୟ ନେଇଥିଲା। ପୂରା ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ସ୍ପେନ୍‌ର ସାଣ୍ଡ୍ରା ଭିଲାଫାନେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଏବଂ ଏସିଆନ ଫୁଟବଲ ଫେଡେରେଶନ (ଏଏଫ୍‌ସି) ଓ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଭାରତରେ ପ୍ରଥମଥର ପାଇଁ ଆୟୋଜନ ହୋଇଥିବା ଏହି ପ୍ରତିଯୋଗିତାର ସଫଳ ପରିସମାପ୍ତି ଘଟିଛି। ମ୍ୟାଚ୍‌ଗୁଡ଼ିକ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, ମାର୍ଗାଓର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯାଇଥିଲା। ଟୁର୍ନାମେଣ୍ଟ ଅକ୍ଟୋବର ୧୧ରେ ଆରମ୍ଭ ହୋଇଥିଲା। ଟୁର୍ନାମେଣ୍ଟରେ ମୋଟ ୩୨ଟି ମ୍ୟାଚ ଖେଳାଯାଇଥିବାବେଳେ ୯୫ଟି ଗୋଲ ସ୍କୋର ହୋଇଛି। କଲମ୍ବିଆର ଲିଣ୍ଡା କାଇସେଡୋ, ଜର୍ମାନୀର ଲୋରେନ ବେଣ୍ଡେର ଓ ଜାପାନର ମୋମୋକା ତାନିକାୱା ୪ଟି ଲେଖାଏ ଗୋଲ ଦେଇ ମିଳିତଭାବେ ଟପ୍ ସ୍କୋରର ହୋଇଥିଲେ। ତେବେ ବେଣ୍ଡେରଙ୍କୁ ଗୋଲ୍ଡେନ ବୁଟ୍, ତାନିକାୱାଙ୍କୁ ସିଲ୍‌ଭର ବୁଟ୍ ଏବଂ କାଇସେଡୋଙ୍କୁ ବ୍ରୋଞ୍ଜ ବୁଟ୍ ପ୍ରଦାନ କରାଯାଇଥିଲା। ସ୍ପେନ୍‌ର ଭିକି ଲୋପେଜ, କଲମ୍ବିଆର କାଇସେଡୋ ଓ ଜର୍ମାନୀର ମାରା ଆଲବର ଯଥାକ୍ରମେ ଗୋଲ୍ଡେନ, ସିଲ୍‌ଭର ଓ ବ୍ରୋଞ୍ଜ ବଲ୍ ପାଇଥିଲେ। ସ୍ପେନ୍‌ର ସୋଫିଆ ଫୁଏଣ୍ଟେ ଗୋଲ୍ଡେନ ଗ୍ଲୋଭ୍ସ ହାସଲ କରିଥିବାବେଳେ ଫେୟାର ପ୍ଲେ ଟ୍ରଫି ହାସଲ କରିଥିଲା ଜାପାନ। ଆୟୋଜକ ଦେଶ ଭାବେ ଭାରତ ପ୍ରଥମଥର ପାଇଁ ଏହି ମେଗା ଟୁର୍ନାମେଣ୍ଟରେ ଅଂଶଗ୍ରହଣର ସୁଯୋଗ ପାଇଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ୩ଟି ଯାକ ମ୍ୟାଚ ହାରି ବିଦାୟ ନେଇଥିଲା। ୧୬ ଦଳବିଶିଷ୍ଟ ପ୍ରତିଯୋଗିତାର ଷ୍ଟାଣ୍ଡିଂରେ ଭାରତ ନିମ୍ନରେ ସ୍ଥାନ ପାଇଥିଲା।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

**ପୁରସ୍କାର**

**ସ୍ୱର୍ଣ୍ଣ ପଦକ:** ସ୍ପେନ୍
**ରୌପ୍ୟ ପଦକ:** କଲମ୍ବିଆ
**ବ୍ରୋଞ୍ଜ ପଦକ:** ନାଇଜେରିଆ
- ଲୋରେନ ବେଣ୍ଡେରଙ୍କୁ ଗୋଲ୍ଡେନ ବୁଟ୍
- ଭିକି ଲୋପେଜଙ୍କୁ ଗୋଲ୍ଡେନ ବଲ୍
- ସୋଫିଆ ଫୁଏଣ୍ଟେଙ୍କୁ ଗୋଲ୍ଡେନ ଗ୍ଲୋଭ୍ସ
- ଜାପାନକୁ ଫେୟାର ପ୍ଲେ ଟ୍ରଫି


୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଚାମ୍ପିୟନ ସ୍ପେନ୍ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।


ପ୍ଲେ-ଅଫ୍‌ରେ ଜର୍ମାନୀକୁ ହରାଇବାପରେ ନାଇଜେରିଆ ଖେଳାଳିଙ୍କ ବିଜୟ ଉଲ୍ଲାସ।

## ନାଇଜେରିଆ ତୃତୀୟ

ଭୁବନେଶ୍ୱର, ୩୦।୧୦
(କ୍ରୀଡ଼ା ପ୍ରତିନିଧି)

ଆଫ୍ରିକୀୟ ଦେଶ ନାଇଜେରିଆ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ଆଉ ଏକ ବିପର୍ଯ୍ୟୟ ଘଟାଇ ଶ୍ରେଷ୍ଠ ସଫଳତା ଲାଭ କରିଛି। ରବିବାର ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଏହି ଦଳ ଶକ୍ତିଶାଳୀ ଜର୍ମାନୀକୁ ପେନାଲ୍ଟି ଶୁଟ୍‌ଆଉଟ ୬-୫ ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଛି। ପୂର୍ବରୁ ୨୦୧୦, ୨୦୧୨ ଓ ୨୦୧୪ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିବା ନାଇଜେରିଆ ଏଥର କିନ୍ତୁ ତୃତୀୟ ସ୍ଥାନ ଅଧିକାର କରି ଦକ୍ଷତା ପ୍ରତିପାଦନ କରିଛି। ଅନ୍ୟପକ୍ଷରେ ୨୦୦୮ରେ ତୃତୀୟ ସ୍ଥାନ ପାଇଥିବା ଜର୍ମାନୀ ଏଥର ୪ର୍ଥରେ ସନ୍ତୁଷ୍ଟ ରହିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଭାବେ ଶେଷ ହୋଇଥିବା ଏହି ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟରେ ୩-୩ ଗୋଲରେ ବରାବର ରହିଥିଲା। ନାଇଜେରିଆ ପକ୍ଷରୁ ଓପେୟେମି ଆଜାକାୟେ ୨୦, ଅମିନା ବେଲୋ ୪୮ ଓ ଇଡିଡଙ୍ଗ ଇଟିମ୍ ୬୩ ଏବଂ ଜର୍ମାନୀର ଜେଲା ଭେଇଟ ୭୩, ପାଉଲିନା ବର୍ଜ ୮୪ ଓ ଲୋରେନ ବେଣ୍ଡେର ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ନାଇଜେରିଆ ପକ୍ଷରୁ ବ୍ଲେସିଂ ସଣ୍ଡେ, ଇଡିଡଙ୍ଗ ଇଟିମ ଓ ଓପେୟେମି ଆଜାକାୟେ ଗୋଲ ଦେଇଥିବାବେଳେ ଟୁମିନିନୁ ଆଡେଶିନା ମିସ୍ କରିଥିଲେ। ଅନ୍ୟପକ୍ଷରେ ଜର୍ମାନୀର ଜେଲା ଭେଟ ଓ ମାଥିଲ୍‌ଡେ ଜାନଜେନ ଗୋଲ ଦେଇଥିବାବେଳେ ପାଉଲିନା ପ୍ଲାଟନେର ଓ ପାଉଲିନା ବର୍ଜ ବିଫଳ ହୋଇଥିଲେ। ଅର୍ଥାତ୍ ଏହି ପର୍ଯ୍ୟାୟରେ ନାଇଜେରିଆ ୩ଟି ଗୋଲ ଦେଇଥିବାବେଳେ ଜର୍ମାନୀ ମାତ୍ର ୨ଟି ଗୋଲ ସ୍କୋର କରିପାରିଥିଲା। ନାଇଜେରିଆର ଓପେୟେମି ଆଜାକାୟେ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ।


ଗୋଲ୍ଡେନ ବୁଟ୍ ବିଜୟିନୀ ଜର୍ମାନୀର ଲୋରେନ ବେଣ୍ଡେର।


ଗୋଲ୍ଡେନ ବଲ୍ ପୁରସ୍କାର ସହ ସ୍ପେନ୍‌ର ଭିକି ଲୋପେଜ।

## ଭାରତର ପ୍ରଥମ ପରାଜୟ

ପର୍ଥ, ୩୦।୧୦

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ପ୍ରଥମ ପରାଜୟ ବରଣ କରିଛି ଟିମ୍ ଇଣ୍ଡିଆ। ପୂର୍ବ ୨ଟି ମ୍ୟାଚ୍‌ରେ ପାକିସ୍ତାନ ଓ ନେଦରଲାଣ୍ଡ୍ସକୁ ହରାଇଥିବା ଭାରତ ଏଠାରେ ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ୫ ଉଇକେଟରେ ପରାସ୍ତ ହୋଇଛି। ପର୍ଥର ବାଉନ୍ସି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୩ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ମାତ୍ର ୩ ରନ୍‌ରେ ୨ଟି ଏବଂ ୨୪ ରନ୍‌ରେ ତୃତୀୟ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଏଡେନ ମାରକ୍ରାମ ଓ ଡେଭିଡ୍ ମିଲରଙ୍କ ଅର୍ଦ୍ଧଶତକ ବଳରେ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୩୭ ରନ୍ ସଂଗ୍ରହ କରିନେଇଥିଲା। ମାରକ୍ରାମ ୪୧ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୫୨ ରନ୍ କରି ଆଉଟ ହୋଇଥିବାବେଳେ ମିଲର ୪୬ ବଲ୍‌ରୁ ୫୯ (୪ ଚୌକା, ୩ ଛକା) ରନ୍‌ରେ ଅପରାଜିତ ରହିଥିଲେ। ବୋଲିଂରେ ଭାରତକୁ ଚମତ୍କାର ଆରମ୍ଭ ଦେଇଥିବା ଅର୍ଶଦୀପ ସିଂ ୨୫ ରନ୍ ବିନିମୟରେ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ସବୁଠାରୁ ମହଙ୍ଗା ରହିଥିଲେ ରବିଚନ୍ଦ୍ରନ ଅଶ୍ୱିନ। ସେ ୪ ଓଭରରେ ୪୩ ରନ୍ ବ୍ୟୟ କରି ଗୋଟିଏ ଉଇକେଟ ନେଇଥିଲେ। ମହମ୍ମଦ ଶାମି ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅନ୍ୟ ୨ଟି ଉଇକେଟ ମିଳିଥିଲା।

**ଟି୨୦ ବିଶ୍ୱକପ**

### ସୂର୍ଯ୍ୟ ରଖିଲେ ସମ୍ମାନ

ପର୍ଥର ବାଉନ୍ସି ପିଚ୍‌ରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭାରତ ଏକଦା ୪୯ ରନ୍‌ରେ ୫ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟପ୍ ଅର୍ଡରରେ ଲୋକେଶ ରାହୁଲ ୯ ଓ ଅଧିନାୟକ ରୋହିତ ଶର୍ମା ୧୫ ରନ୍ କରି ଆଉଟ ହେବା ଯେତେ ଚିନ୍ତାରେ ପକାଇ ନ ଥିଲା ଫର୍ମରେ ଥିବା ବିରାଟ କୋହଲି ମାତ୍ର ୧୨ ରନ୍‌ରେ ପାଭିଲିୟନ ଫେରିବା ଦଳକୁ ସମସ୍ୟାଘେରକୁ ନେଇଆସିଥିଲା। ଅକ୍ଷର ପଟେଲଙ୍କ ସ୍ଥାନରେ ସୁଯୋଗ ପାଇଥିବା ଦୀପକ ହୁଦା ଖାତା ଖୋଲିପାରି ନ ଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଘାତକ ବୋଲିଂ କରିଥିଲେ ଦକ୍ଷିଣ ଆଫ୍ରିକା ସ୍ୱିଡ୍ଷ୍ଟର ଲୁନ୍‌ଗି ଏନ୍‌ଗିଡି। ସେ ରାହୁଲ, ରୋହିତ, କୋହଲି ଓ ହାର୍ଦ୍ଦିକଙ୍କୁ ଆଉଟ୍ କରି ଭାରତର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ତେବେ ଚାପ ସ୍ଥିତିରେ ଟେମ୍ପରାମେଣ୍ଟ ଦେଖାଇଥିଲେ ସୂର୍ଯ୍ୟକୁମାର ଯାଦବ। ସେ ପ୍ରତିପକ୍ଷ ବୋଲରଙ୍କୁ ଦକ୍ଷତାର ସହ ମୁକାବିଲା କରି କେବଳ ଅର୍ଦ୍ଧଶତକ ହାସଲ କରି ନ ଥିଲେ ବରଂ ଭାରତକୁ ଏକ ସମ୍ମାନ୍‌ଜନକ ସ୍କୋରରେ ମଧ୍ୟ ପହଞ୍ଚାଇ ଦେଇଥିଲେ। ଦୀନେଶ ମାତ୍ର ୬ ରନ୍ କରି ଆଉଟ୍ ହୋଇଥିଲେ ହେଁ ତାଙ୍କ ସହ ସୂର୍ଯ୍ୟକୁମାର ୬ଷ୍ଠ ଉଇକେଟରେ ୪୦ ବଲ୍‌ରୁ ୫୨ ରନ୍‌ର ଭାଗୀଦାରି ଗଢ଼ିଥିଲେ। ଟପ୍ ଅର୍ଡର ପରି ଟେଲ୍ ଏଣ୍ଡରଙ୍କ ବିଫଳତା ଯୋଗୁ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୩ ରନ୍‌ରେ ସୀମିତ ରହିଯାଇଥିଲା। ସୂର୍ଯ୍ୟ, ରୋହିତ ଓ କୋହଲିଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଭାରତୀୟ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ୪୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୂର୍ଯ୍ୟ ୬ ଚୌକା ଓ ୩ ଛକା ସହାୟତାରେ ଦଳ ପାଇଁ ସର୍ବାଧିକ ୬୮ ରନ୍ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଏନ୍‌ଗିଡି ୪ଟି, ୱେନ୍ ପାର୍ନେଲ ୩ଟି ଓ ଏନ୍‌ରିଚ୍ ନର୍ଜେ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୩/୯ (ସୂର୍ଯ୍ୟକୁମାର ଯାଦବ-୬୮, ରୋହିତ୍ ଶର୍ମା-୧୫, ଲୁନ୍‌ଗି ଏନ୍‌ଗିଡି-୪/୨୯, ୱେନ୍ ପାର୍ନେଲ-୩/୧୫, ଏନ୍‌ରିଚ୍ ନର୍ଜେ-୧/୨୩)। ଦକ୍ଷିଣ ଆଫ୍ରିକା ୧୯.୪ ଓଭରରେ ୧୩୭/୫ (ଡେଭିଡ ମିଲର-୫୯*, ଏଡେନ ମାରକ୍ରାମ-୫୨, ଅର୍ଶଦୀପ ସିଂ-୨/୨୫, ମହମ୍ମଦ ଶାମି-୧/୧୩, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୯, ରବିଚନ୍ଦ୍ରନ ଅଶ୍ୱିନ-୧/୪୩)।



ପ୍ଲେୟର ଅଫ୍ ଦି ମ୍ୟାଚ ଲୁନ୍‌ଗି ଏନ୍‌ଗିଡି।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଟ୍ରେନ୍ ଲାଇନ୍‌ରୁ ପ୍ଲେଟ୍ ଚୋରି, ୩ ଗିରଫ

**କଟକ ଅଫିସ:** ଟ୍ରେନ୍ ଲାଇନ୍‌ରୁ ପ୍ଲେଟ୍ ଚୋରି କରିବା ଘଟଣାରେ କଟକ ରେଲ ସୁରକ୍ଷା ବଳ (ଆରପିଏଫ୍) ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସନ୍ତୋଷ କୁମାର ସାହୁ, ଅଭୟ ସାମଲ ଓ ହୃଷୀକେଶ ବେହେରା। ଚୌଦ୍ୱାର ନିକଟ ବିରୂପା ନଦୀ ରେଳପୋଲରେ ଲାଗିଥିବା ରେଲୱେ ଚେକର ପ୍ଲେଟ୍‌କୁ ଶନିବାର ରାତିରେ କେହି ଦୁର୍ବୃତ୍ତ ଖୋଲୁଥିବା ନେଇ କଟକ ଆର୍‌ପିଏଫ୍‌କୁ ଖବର ମିଳିଥିଲା। ଆଇଆଇସି ଅନିଲ ସିଂହଙ୍କ ନେତୃତ୍ୱରେ ଆର୍‌ପିଏଫ୍ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ପ୍ରାୟ ୨୦୦ କେଜି ଓଜନର ୨ଟି ଚେକର ପ୍ଲେଟ୍, ଗୋଟିଏ ବାଇକ୍, ଟ୍ରଲି ରିକ୍ସା ଆଦିକୁ ଜବତ କରାଯାଇଛି। ଏନେଇ ଆରପିଏଫ୍ ଥାନାରେ ଏକ ମାମଲା(ନଂ.୧୧/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### 'ଅଧାପକ ରତ୍ନାକର ପତି ଥିଲେ ଆଜୀବନ ଜ୍ଞାନ ତପସ୍ୱୀ'

**କଟକ ଅଫିସ, ୩୦।୧୦:** ସାଂସ୍କୃତିକ ସଙ୍ଗଠନ ସମନ୍ୱୟ ଓ ଦୋଲଗୋବିନ୍ଦ ପତି ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କଟକ ବିରିବାଟୀସ୍ଥିତ ରତ୍ନାକର ବିଦ୍ୟାମନ୍ଦିର ସଭାଗୃହରେ ଅଧାପକ ରତ୍ନାକର ପତିଙ୍କ କୃତୀ ଓ କୃତିତ୍ୱ ଉପରେ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୁରେନ୍ଦ୍ର କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ସାହିତ୍ୟିକ ଦୁଃଖୀଶ୍ୟାମ ଦାସ ସଭାପତିତ୍ୱ କରି କହିଥିଲେ, ଅଧାପକ ରତ୍ନାକର ପତି ପ୍ରଥମ ଓଡ଼ିଆ ଅଧାପକ ଭାବେ ଯେଉଁ ଗୌରବ ଲାଭ କରିଥିଲେ, ତାହାର ପଟାନ୍ତର ନାହିଁ। ସେ ଜଣେ ସଫଳ ପ୍ରାବନ୍ଧିକ, ଜ୍ଞାନ ତପସ୍ୱୀ, ଦାର୍ଶନିକ ଓ ଆଦର୍ଶବାଦୀ ସୁସାହିତ୍ୟିକ ବ୍ୟକ୍ତିତ୍ୱଧାରୀ ବ୍ୟକ୍ତି ଥିଲେ ବୋଲି ଦାସ କହିଥିଲେ। ସେହିପରି ସାମାଜିକ କର୍ମୀ ପ୍ରଶାନ୍ତ ଦାସ କହିଥିଲେ, ଅଧାପକ ରତ୍ନାକର ପତି ଥିଲେ ଆଜୀବନ ଜ୍ଞାନ ତପସ୍ୱୀ। ଡ. ବୈଜୟନ୍ତୀ ମିଶ୍ର, କଲ୍ୟାଣ କୁମାର ପତି, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପରିଡ଼ା ପ୍ରାରମ୍ଭିକ ସୂଚନା, ସ୍ମୃତି ସଂସଦ ସମ୍ପାଦକ ଆଶିଷ କୁମାର ପତି ଅତିଥି ପରିଚୟ, ମୁରଲୀଧର ଶତପଥୀ ପ୍ରାରମ୍ଭିକ ସଙ୍ଗୀତ, ସମନ୍ୱୟ କାର୍ଯ୍ୟକାରୀ ସମ୍ପାଦକ ତଥା ଅଧାପକ ଅଶୋକ ବାରିକ ପ୍ରବନ୍ଧ ପାଠ କରିଥିଲେ। ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଜେଲ ନା ଜାମିନ ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୩୦।୧୦:** ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ୩୫୮ତମ ପାଠଚକ୍ର ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଚାରପତି ଏ.ଏସ୍. ନାଇଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜେଲ ନା ଜାମିନ ଶୀର୍ଷକ ଆଲୋଚନାଚକ୍ରରେ ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିବା ବ୍ୟତୀତ ଅଧିକାଂଶ ଅପରାଧରେ ପୋଲିସ ଚାହିଁଲେ ଗିରଫ ବଦଳରେ ନୋଟିସ୍ ଦେଇପାରିବା ନିମନ୍ତେ ଆଇନର ବ୍ୟବସ୍ଥା ରହିଛି। ଆର୍ଥିକ ଦୁଃସ୍ଥିତି ଯୋଗୁ ଆଦିବାସୀ, ସଂଖ୍ୟାଲଘୁ, ହରିଜନ ଓ ସମାଜର ତଳ ସ୍ତରରେ ଥିବା ବ୍ୟକ୍ତିମାନେ ତାଡ଼ନାର ଶିକାର ହେଉଛନ୍ତି। କେତେକ ସ୍ଥଳରେ ଆର୍ଥିକ ଅନଟନ ଯୋଗୁ ନ୍ୟାୟ ପାଇପାରୁ ନାହାନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏଥିରେ ଓଡ଼ିଶା ଲୋକସେବା ଆୟୋଗର ଅଧକ୍ଷ ଡ. ସତ୍ୟଜିତ୍ ମହାନ୍ତି, ଆଇନଜୀବୀ ଧରଣୀଧର ନାୟକ ଓ ଗୁରୁ ମହାନ୍ତି ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସଂଯୋଜକ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**କଟକ ଅଫିସ, ୩୦।୧୦:** କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ୯ ନମ୍ବର ୱାର୍ଡରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଦେଉଳସାହିଠାରୁ ଆରମ୍ଭ ହୋଇ ଶେଲ୍‌ଟର ଛକ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରା ସମୟରେ ଦଳର ଯୁବ, ଛାତ୍ର ଏବଂ ମହିଳା ନେତ୍ରୀ ଓ କର୍ମୀମାନେ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ୱାର୍ଡ ସଭାପତି ପ୍ରକାଶ ରାଉତ, କଟକ ଜୋନ୍ ଛାତ୍ର ସଭାପତି ସ୍ମୃତି ରଞ୍ଜନ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଡିଜିଟାଲ କୋଅର୍ଡିନେଟର ଅର୍ପିତା ଦାସ, ୱାର୍ଡ ଯୁବ ସଭାପତି ସଞ୍ଜୟ ଦାସ, ମହିଳା ସଭାନେତ୍ରୀ ଶ୍ରୀମନସ୍ୱିନି ଶତପଥୀ, ଇତିଶ୍ରୀ ବେହେରା, ସୁବାଶିଷ ସାହା, ପ୍ରକାଶ ସେଠୀ, ସୌମ୍ୟ ରଞ୍ଜନ ଦାସ, ଅମିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଆର୍ଥିକ ସଙ୍କଟରେ ପରମହଂସନାଥ ମନ୍ଦିର ପ୍ରଶାସନ

**କଟକ ସଦର, ୩୦।୧୦(ଡି.ଏନ୍.ଏ.)**

- ନୀତିକାନ୍ତିରେ ସମସ୍ୟା
- ହ୍ରାସ ପାଉଛି ଭୂରାଜସ୍ୱ




କଟକ ସଦର ବ୍ଲକ ଅଞ୍ଚଳର ପ୍ରାଚୀନ ଶୈବପୀଠ ପରମହଂସନାଥ ଦେବଙ୍କ ମନ୍ଦିର ପରିଚାଳନା କମିଟି(ଟ୍ରଷ୍ଟ ବୋର୍ଡ) ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଫଳରେ ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତିରେ ସମସ୍ୟା ଉପୁଜିଛି। ଠାକୁରଙ୍କ ଭୂରାଜସ୍ୱ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ବୋଲି ପରମହଂସ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ କଟକ ଜିଲାପାଳଙ୍କ ନିକଟରେ ଶନିବାର ଅଭିଯୋଗ କରି ପ୍ରଶାସନିକ ନିୟନ୍ତ୍ରଣକୁ ସୁସଂଗଠିତ କରିବାକୁ ଦାବି କରିଛନ୍ତି। ଦରକାର ପଡିଲେ ମନ୍ଦିରର ବାସ୍ତବ ଚିତ୍ରକୁ ଜନସ୍ୱାର୍ଥ ମାମଲା ଭାବେ ଓଡ଼ିଶା ହାଇକୋର୍ଟରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

ରାଉଳଙ୍କ କହିବାନୁଯାୟୀ, ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ମନ୍ଦିର ପରିସରକୁ ନ ଆସି ସବୁକିଛି ଟେଲିଫୋନ ଦ୍ୱାରା ନିୟନ୍ତ୍ରଣ କରିବାରୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। କେବଳ ଭୋଗ ଓ ଦୀପ ଦୋକାନ, ସାଇକେଲ ଷ୍ଟାଣ୍ଡ ନିଲାମ ଅର୍ଥରୁ ମନ୍ଦିରର ବାର୍ଷିକ ଖର୍ଚ୍ଚ ଭରଣା କରିବା ସମ୍ଭବ ହେଉନାହିଁ। ଠାକୁରଙ୍କ ବିଭିନ୍ନ ସେବା ପାଇଁ ନିୟୋଜିତ ସେବକମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ଦାୟିତ୍ୱରୁ ଓହରି ଯାଇଛନ୍ତି। କିନ୍ତୁ ସେବା ବଦଳରେ ଦଖଲ କରିଥିବା ଠାକୁର ଜମି ଛାଡୁନାହାନ୍ତି। ସେବାୟତମାନେ ଅଧିକାରୀମାନଙ୍କ ଉପରେ ଅସନ୍ତୁଷ୍ଟ ରହିଛନ୍ତି। ଅନେକ ଲୋକ ଠାକୁରଙ୍କ ଜମି ଜବରଦଖଲରେ ରଖିଥିଲେ ମଧ୍ୟ ରାଜନୈତିକ କାରଣ ଯୋଗୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ପ୍ରାୟ ୫୦ ବର୍ଷ ହେବ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ଆୟୁକ୍ତ ନେବା ପରେ ପ୍ରଶାସନିକ କ୍ଷମତା ସରକାରୀ ଅଧିକାରୀଙ୍କ ହାତକୁ ଚାଲିଯାଇଛି। ସମ୍ପୃକ୍ତ ଅଧିକାରୀ ନିଜର ମୂଳ ଦାୟିତ୍ୱ ତୁଲାଇବା ସହ ମନ୍ଦିରର ଭଲମନ୍ଦ ବୁଝିବା ପାଇଁ ସମୟ ଦେଇପାରୁନାହାନ୍ତି। ଦେବୋତ୍ତର ଆୟୁକ୍ତଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୮ରେ ଠାକୁରଙ୍କ ନୀତିକାନ୍ତି ପାଇଁ ୨୦ ହଜାର ଟଙ୍କା, ୨୦୧୪ରେ ଶୀତଳଷଷ୍ଠୀ ପାଇଁ ୩୦ ହଜାର ଟଙ୍କା ସରକାରୀ ସହାୟତା ଦିଆଯାଇଥିଲା।

ଅପରପକ୍ଷେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ୧୯୯୮ରୁ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପରେ ମୋଟ ୩୧ ଲକ୍ଷ ୫୦ ହଜାର ଟଙ୍କା ଉନ୍ନତି ପାଇଁ ଖର୍ଚ୍ଚ କରିଛି। ଏହାଛଡା ମୁଖ୍ୟ ମନ୍ଦିରର ପ୍ରାଚୀରଠାରୁ ୧୦୦ ମିଟର ବ୍ୟବଧାନରେ କୌଣସି ନିର୍ମାଣ କାମ କରାଯାଇପାରିବ ନାହିଁ ବୋଲି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପତ୍ରସଂଖ୍ୟା ୩୩୭୬/୧୧।୧୧।୨୦୨୧ରେ ବିଜ୍ଞପ୍ତି ଜାରି କରିଥିଲା। ସମସ୍ୟା ସମ୍ପର୍କରେ ମନ୍ଦିର ପରିଚାଳନା କମିଟିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ମଲ୍ଲଙ୍କୁ ପଚାରିବାରୁ କରୋନା ପାଇଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ସ୍ୱୀକାର କରିଥିଲେ। ତେଣୁ ମନ୍ଦିରର କିଛି ଜମିଜମା ଓ ନିଲାମ ଅର୍ଥରୁ ବିଭିନ୍ନ ଖର୍ଚ୍ଚ ଭରଣା କରାଯାଉଛି। ପ୍ରତ୍ନତତ୍ତ୍ୱ ବିଭାଗର ନିୟମ ସମ୍ପର୍କିତ ବିଜ୍ଞପ୍ତି ଜାଣିନି ବୋଲି ସେ କହିଥିଲେ।

## ବାଲିଯାତ୍ରାରେ ଦେଖିବାକୁ ମିଳିବ କୱାଲି

**କଟକ ଅଫିସ,୩୦।୧୦**

କଟକ ବାଲିଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଚଳିତବର୍ଷ ସାଜସଜ୍ଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଏଥର ପ୍ରଥମଥର ପାଇଁ କୱାଲି ଶୋ ଦେଖିବାକୁ ମିଳିବ। ଅଜମେର ଦରଘାରୁ ସ୍ୱତନ୍ତ୍ର ଗ୍ରୁପ ବାଲିଯାତ୍ରାରେ ସେମାନଙ୍କ କଳା ପ୍ରଦର୍ଶନ କରିବେ ବୋଲି ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କହିଛନ୍ତି । ଏଥିସହ ବାଲିଯାତ୍ରାରେ କଣ୍ଠଶିଳ୍ପୀ ଉଦିତ୍ ନାରାୟଣ, ଜାବେଦ ଅଲ୍ଲୀ, କୈଳାସ ଖେର, କ୍ରୀଷ୍ଣା ବେଉରା ପ୍ରମୁଖ ନାମୀଦାମୀ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ବାଲିଯାତ୍ରାରେ ଦୁଇଟି ମଞ୍ଚ ନିର୍ମାଣ ହେବ। ପୂର୍ବରୁ ଗଣକବି ବୈଷ୍ଣବ ପାଣିଙ୍କ ନାଁରେ ମଞ୍ଚ ରହିଥିବାବେଳେ ଏଥର ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ନାମରେ ଆଉ ଏକ ମଞ୍ଚ କରାଯାଉଛି। ତେବେ ଉଭୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡିଛି।

## ଠକାମିରୁ ବର୍ତ୍ତିବାର ଏକମାତ୍ର ଉପାୟ ସୁରକ୍ଷିତ ସଞ୍ଚୟ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ସଞ୍ଚୟ ରଥ।

**କଟକ ଅଫିସ, ୩୦।୧୦**

### ସଞ୍ଚୟ ରଥ ଉଦ୍‌ଘାଟିତ

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ କ୍ୟାମ୍ପସ୍ ନିକଟରେ ସଞ୍ଚୟ ରଥ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଉଦ୍‌ଘାଟନ କରି କହିଥିଲେ, ସୁରକ୍ଷିତ ସଞ୍ଚୟ, ଠକାମିରୁ ବର୍ତ୍ତିବାର ଏକମାତ୍ର ଉପାୟ। ଜନସାଧାରଣଙ୍କ ନିକଟରେ ଉକ୍ତ ବାର୍ତ୍ତା ପହଞ୍ଚାଇ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସୁଫଳ ପାଇବା ନିମନ୍ତେ ସଚେତନତା ସୃଷ୍ଟି କରାଯିବ। ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବନିମ୍ନ ୨ ହଜାର ଟଙ୍କା ସଞ୍ଚୟ କରି ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଉଠାଣରେ ଡାକଘର କିମ୍ବା ବ୍ୟାଙ୍କ ମାଧ୍ୟମରେ ଅଂଶଗ୍ରହଣ ପୂର୍ବକ ଭାଗ୍ୟଶାଳୀ ବିଜେତା ହେବାର ସୁଯୋଗ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ ଦାସ ଯୋଗଦେଇ କହିଥିଲେ, ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ସର୍ବୋଚ୍ଚ ୫ ଲକ୍ଷ ଟଙ୍କା ଓ ସର୍ବନିମ୍ନ ୨ ହଜାର ଟଙ୍କା ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ଲଟିରୀ ମାଧ୍ୟମରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। କେବଳ ଡାକଘର, ବ୍ୟାଙ୍କ ଭଳି ପ୍ରତିଷ୍ଠିତ ଓ ନିର୍ଭରଯୋଗ୍ୟ ପ୍ରତିଷ୍ଠାନରେ ଅର୍ଥ ସଞ୍ଚୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଭୁବନାନନ୍ଦ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଡାକଘର ଅଧୀକ୍ଷକ ଗଜେନ୍ଦ୍ର କର, ଶୁଭଶ୍ରୀ ସୁସ୍ମିତା ନନ୍ଦ, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ପଣ୍ଡିତ ଗୋବିନ୍ଦ ରଥ ସ୍ମୃତି ସମାରୋହରେ ଅଧାପିକା ଅପର୍ଣ୍ଣା ମିଶ୍ରଙ୍କ ରଚିତ ପୁସ୍ତକ ଦାରୁବ୍ରହ୍ମ ଓ ଅସ୍ତରାଗକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଏଣିକି ଗୁହାଳ ମାଲିକଙ୍କୁ ୟୁଜର୍ସ ଫି' ଦେବାକୁ ପଡ଼ିବ

**କଟକ ଅଫିସ,୩୦।୧୦**

### ସିଏମ୍‌ସିର ନୂତନ ଯୋଜନା

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଗୁହାଳ ଥିଲେ ମାଲିକଙ୍କୁ ୟୁଜର୍ସ ଫି' ଦେବାକୁ ପଡିବ। ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଭଳି ଗୁହାଳ ମାଲିକଙ୍କଠାରୁ ଫି' ଆଦାୟ କରିବାକୁ ସିଏମ୍‌ସି ଯୋଜନା ପ୍ରସ୍ତୁତ କରିଛି। ସିଏମ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସହରରେ ୩ ହଜାରରୁ ଊର୍ଦ୍ଧ୍ୱ ଗୁହାଳ ରହିଛି। ସେଠାରୁ ଗୋବର ସହ ଅନ୍ୟ ବର୍ଜ୍ୟବସ୍ତୁ ବାହାରୁଛି। ତାହାକୁ ସିଧାସଳଖ ଡ୍ରେନ୍‌କୁ ଛଡାଯାଉଛି। କିଛି ସ୍ଥାନରେ ରାସ୍ତାରେ ବର୍ଜ୍ୟବସ୍ତୁ ପଡି ରହିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଗୁହାଳରୁ ବାହାରୁଥିବା ବର୍ଜବସ୍ତୁ ସିଏମ୍‌ସି ବିନା ମୂଲ୍ୟରେ ନେଉଛି। ସହରରେ କେତେ ଗୁହାଳ ରହିଛି, ସେଠାରେ କେତେ ଗୋରୁ ଅଛନ୍ତି, ସେଠାରୁ ପ୍ରତିଦିନ କେତେ ଗୋବର ବା ବର୍ଜବସ୍ତୁ ବାହାରୁଛି, ସେ ସମ୍ପର୍କରେ ସିଏମ୍‌ସି ଅନୁଧ୍ୟାନ କରିବ। ଏହାପରେ ଗୁହାଳଗୁଡ଼ିକୁ ପଞ୍ଜୀକରଣ କରାଯାଇ ମାଲିକମାନଙ୍କଠାରୁ ୟୁଜର୍ସ ଫି' ଆଦାୟ କରାଯିବ। କେବଳ ୟୁଜର୍ସ ଫି' ନୁହେଁ ଗୁହାଳରୁ ବାହାରୁଥିବା ଗୋବର ନେବ ସିଏମ୍‌ସି। ସେଥିରେ ଖତ ପ୍ରସ୍ତୁତ କରି ବିକ୍ରି କରାଯିବ। ସୂଚନାଯୋଗ୍ୟ, ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲଠାରୁ ସିଏମ୍‌ସି ୟୁଜର୍ସ ଫି' ଆଦାୟ କରି ସେବା ଯୋଗାଉଛି। ହେଲେ ଘରୋଇ ସଂସ୍ଥା ଫି' ନ ଦେଇ ବର୍ଷ ବର୍ଷ ଧରି ସିଏମ୍‌ସିଠାରୁ ସୁବିଧା ପାଉଛି। ତେଣୁ ଏବେ ଗୁହାଳ ମାଲିକମାନଙ୍କଠାରୁ ୟୁଜର୍ସ ଫି' ଆଦାୟ କରିବାକୁ ଯୋଜନା କରାଯାଇଛି।

## ଭାଙ୍ଗ, ଗଞ୍ଜେଇ ଜବତ: ୨ ଗିରଫ

**କଟକ ଅଫିସ,୩୦।୧୦**

ଅବକାରୀ ବିଭାଗ ପକ୍ଷରୁ ରବିବାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଭାଙ୍ଗ ଓ ଗଞ୍ଜେଇ କରାଯାଇଛି। ଅବକାରୀ ବିଭାଗର ସକାଳ ପାଟ୍ରୋଲିଂ ବେଳେ ବାଦାମବାଡ଼ି ଆହାର କେନ୍ଦ୍ର ନିକଟରୁ ବୌଦ୍ଧର ସିଦ୍ଧେଶ୍ୱର ମେହେରଙ୍କୁ ଗିରଫ କରାଯାଇ ୨୧ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେହିପରି ମଙ୍ଗଳାବାଗ ହନୁମାନ ମନ୍ଦିର ନିକଟରୁ ପୁରୀ ଜିଲା ସାକ୍ଷୀଗୋପାଳର ପ୍ରମୋଦ ପରିଡ଼ାଙ୍କୁ ଗିରଫ କରାଯାଇ ୪୦ କେଜି ଭାଙ୍ଗ ଜବତ କରାଯାଇଛି।

## ଭିକାରୀ ବଳ ଭଜନ ପ୍ରତିଯୋଗିତା

**କଟକ ଅଫିସ, ୩୦।୧୦**

ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭିକାରୀ ବଳ ଭଜନ ପ୍ରତିଯୋଗିତା ପୁରୀଘାଟସ୍ଥିତ ରାସବିହାରୀ ମଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ମୋନାଲିସା ବେହେରା ପ୍ରଥମ, ଶ୍ରୀୟା ମହାନ୍ତି ଦ୍ୱିତୀୟ, ସାଇକ୍ରିଷ୍ଟା ସାହୁ ତୃତୀୟ ହୋଇଥିବାବେଳେ ଜସ୍ମିନ ରାଉତ ଓ ମଲ୍ଲିକା ପ୍ରଧାନ ସାନ୍ତ୍ୱନାମୂଳକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି କନିଷ୍ଠ ବର୍ଗରେ ଅଙ୍କିତା ଦାସ ପ୍ରଥମ, ଶୁଭଶ୍ରୀ ପୋଦାର ଦ୍ୱିତୀୟ, ହର୍ଷିତ ଦାଶ ତୃତୀୟ ହୋଇଥିବାବେଳେ ପି. ସାଇଶୁଭମ୍ ସାନ୍ତ୍ୱନାମୂଳକ ପୁରସ୍କାର ପାଇବେ। ଅନୁଷ୍ଠାନର ସଭାପତି ଅରୁଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରସେନଜିତ୍ ମହାନ୍ତି, ରବୀନ୍ଦ୍ର ମହାପାତ୍ର ଓ ଅଶୋକ ବଳ ବିଚାରକ ଭାବେ ଯୋଗ ଦେଇଥିଲେ। ଉକ୍ତ ପ୍ରତିଯୋଗିତାକୁ କଳ୍ପନା ବଳ, ସ୍ୱାଗତ ରାଉତ ଓ ଶୁଭମ୍ ରାଉତ ପରିଚାଳନା କରିଥିଲେ। ଆସନ୍ତା ୨ ତାରିଖରେ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ଭିକାରୀ ବଳଙ୍କ ପୁଣ୍ୟତିଥି ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଡ. ସୁନାମଣି ରାଉତ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ରାଜମିସ୍ତ୍ରି ଗୁରୁତର, ରାସ୍ତାରୋକୋ

**ଖୁଣ୍ଟୁଣୀ, ୩୦।୧୦(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ପୁରୁଷୋତ୍ତମପୁର ଗ୍ରାମଠାରେ ରବିବାର ସନ୍ଧ୍ୟାରେ ଏକ ଟ୍ରେଲର ଧକ୍କାରେ ଜଣେ ରାଜମିସ୍ତ୍ରି ଗୁରୁତର ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ସରଦେଇପୁର ଗ୍ରାମର ସଞ୍ଜୟ ରାଉତ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସଞ୍ଜୟ ରାଜମିସ୍ତ୍ରି ଭାବେ କଟକରେ କାମ କରନ୍ତି। ତାଙ୍କ ସମ୍ପର୍କୀୟଙ୍କ ଦେହାନ୍ତ ଖବର ଶୁଣି ସନ୍ଧ୍ୟା ପ୍ରାୟ ୭ଟାରେ ବାଇକ୍‌ରେ କଟକରୁ ସରଦେଇପୁର ଗ୍ରାମକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଟ୍ରେଲର ଦ୍ରୁତ ଗତିରେ ପଳାଇ ଯାଉଥିବାବେଳେ ଖୁଣ୍ଟୁଣୀ ପୋଲିସ ତାହାକୁ ଜବତ କରିଥିଲା। ଏଥିସହ ଚାଳକଙ୍କୁ ଅଟକ ରଖିଛି। ଦୁର୍ଘଟଣା ପରେ ପାନିଆମାଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଉକ୍ତ ସ୍ଥାନରେ ଥିବା ୨ଟି ରାସ୍ତା ମଧ୍ୟରୁ ଗୋଟିଏକୁ ପ୍ରାୟ ୨ ବର୍ଷ ହେବ ଖୋଳି ଦିଆଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ତାହା ମରାମତି ହୋଇପାରୁନାହିଁ। ଫଳରେ ଗୋଟିଏ ରାସ୍ତାରେ ବହୁ ସଂଖ୍ୟକ ଗାଡ଼ି ଚଳାଚଳ କରୁଥିବାରୁ ଏକାଧିକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତୁରନ୍ତ ଉକ୍ତ ରାସ୍ତା ପୁନଃ ନିର୍ମାଣ ଦାବିରେ ଲୋକମାନେ ରାସ୍ତାରୋକୋ କରିଥିଲେ। ଖୁଣ୍ଟୁଣୀ ଥାନା ଏସ୍‌ଆଇ ବିକାଶ ସେଠୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

## ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ

**କଟକ ଅଫିସ, ୩୦।୧୦**

### ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ




ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବକ୍ତବ୍ୟ ଦେଉଛନ୍ତି।

ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସର୍କିଟ ହାଉସଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷର ଦାବିକୁ ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ କରି କର୍ମଚାରୀମାନେ ଉକ୍ତ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ କ୍ଷେତ୍ରରେ କାର୍ଯ୍ୟରତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀମାନଙ୍କ ଦାବି ପୂରଣ ନ ହେଲେ ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରେ ବିଧାନସଭା ଘେରାଉ କରାଯିବ। ଏହାପରେ ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ଅସହଯୋଗ ଆନ୍ଦୋଳନ ହେବ। ୧୯୯୩ ଏପ୍ରିଲ ୧୨ ତାରିଖ ପରେ ନିଯୁକ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ହୃଷୀକେଶ ସେଠୀ ଯୋଗଦେଇ କହିଥିଲେ, ଜଳଯୋଗାଣ ଏକ ଅତ୍ୟାବଶ୍ୟକ ସେବା। ଏହି ସଂସ୍ଥାରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟାକୁ ସମାଧାନ କରାଯାଉ ନାହିଁ। ଏଥିପାଇଁ ସଂଘ ଆନ୍ଦୋଳନ ନିଷ୍ପତ୍ତି ନେଇଛି ବୋଲି ସେ କହିଥିଲେ। ଉକ୍ତ ବୈଠକରେ ରାଜ୍ୟ ସଂଘ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ଶେଷଦେବ କାଣ୍ଡ, କବିରାଜ ସାହୁ, ଉପସଭାପତି ଉମ୍ବରୁଧର ସାହୁ, ସାଙ୍ଗଠନିକ ସଭାପତି ସୀମାଞ୍ଚଳ ପଣ୍ଡା, ସଙ୍ଗଠନ ସମ୍ପାଦକ ଅକ୍ଷୟ ବେହେରା, ନଗେନ୍ ପାତ୍ରୀ, କାର୍ଯ୍ୟାଳୟ ସମ୍ପାଦକ ଯଯାତି କେଶରୀ ନାୟକଙ୍କ ସମେତ ୩୦ଟି ଜିଲାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




କଟକ ମହାନଗର ନିଗମ ୯ନଂ. ୱାର୍ଡର ଦେଉଳସାହି ଛକରୁ ରବିବାର ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।



କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ଖବରକାଗଜ ଜାତିର ସ୍ୱର ଓ ମିରର ଅଫ ଦି ସୋସାଇଟିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।



ଆସୁଛି କାର୍ତ୍ତିକ ପୂର୍ଣ୍ଣମୀ: କଟକ ଚୌଧୁରୀ ବଜାର ଅଞ୍ଚଳରେ ଜଣେ କାରିଗର କାଗଜ ଡଙ୍ଗା ତିଆରି କରୁଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩୦।୧୦।୨୦୨୨

| | |
|---|---|
| ୯, ୫୪, ୨୭୦ ଟଙ୍କା | |
| ସୁନା | ୮.୪୦୦ ଗ୍ରାମ |
| ରୁପା | ୪୫ ଗ୍ରାମ |

# ଜୀବନରେ ଖୁସି ଆଣିଥାଏ ସ୍ୱଳ୍ପ ସଞ୍ଚୟ

ପୁରୀ ଅଫିସ, ୩୦।୧୦

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ରବିବାର ପୁରୀ ଜିଲା ପ୍ରଶାସନ ଓ ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ରବିବାର ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିବା ସହ ସ୍ୱଳ୍ପ ସଞ୍ଚୟ ସମସ୍ତଙ୍କ ଜୀବନରେ ଖୁସି ଆଣିଥାଏ ବୋଲି କହିଥିଲେ। ବିନ୍ଦୁ ବିନ୍ଦୁରୁ ସିନ୍ଧୁ ହେଲା ଭଳି ଛୋଟ ଛୋଟ ସଞ୍ଚୟ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ, କ୍ୟାରିଅର ଗଠନ ଇତ୍ୟାଦି ପାଇଁ ବିଶେଷ ଉପଯୋଗୀ ହୋଇଥାଏ। ତେଣୁ ପିଲାବେଳୁ ସ୍ୱଳ୍ପ ସଞ୍ଚୟ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପ୍ରତ୍ୟେକ ପରିବାର ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ ସ୍ୱଳ୍ପ ସଞ୍ଚୟ ପ୍ରତ୍ୟେକ ମଣିଷ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବାରୁ ଏହାକୁ ଅଧିକ ଲୋକାଭିମୁଖୀ ଏବଂ ଅଭିଯାନରେ ପରିଣତ କରିବାକୁ ଏହି ସଞ୍ଚୟ ରଥ ସଚେତନତା ଲକ୍ଷ୍ୟରେ ଜିଲା ପରିକ୍ରମା କରିବାର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ସ୍ୱଳ୍ପ ସଞ୍ଚୟ ବିଭାଗର ଏଜେଣ୍ଟମାନେ ଯୋଗ ଦେଇଥିଲେ।



ସ୍ୱଳ୍ପ ସଞ୍ଚୟ ରଥକୁ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

### ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

## ହରିଣ ମାଂସ ଜବତ, ୩ ଶିକାରୀ ଗିରଫ

ପୁରୀ ଅଫିସ ୩୦।୧୦: ହରିଣ ଶିକାର କରି ମାଂସ ବିକ୍ରି କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ପୁରୀ ସଦର ବ୍ଲକ ଅଧୀନ ଆଲବାରେ ହରିଣ ଶିକାର ପରେ ଏହାର ମାଂସ ବିକ୍ରି ହେଉଥିବା ଭିଡିଓ ଦେଖିବାକୁ ମିଳିଥିଲା। ତେବେ ଅଭିଯୋଗ ପରେ ରବିବାର ବନ ବିଭାଗର କର୍ମଚାରୀମାନେ ଗାଁରେ ଚଢ଼ାଉ କରି ମାଂସ ଜବତ କରିବା ସହ ୩ ଶିକାରୀଙ୍କୁ ଗିରଫ କରିଥିଲେ। ସୂଚନା ଅନୁଯାୟୀ କିଛିଦିନ ତଳେ କେତେଜଣ ଶିକାରୀ ଯୋଡ଼ାଲିଙ୍ଗ ନିକଟ ଅଞ୍ଚଳରେ ବିଦ୍ୟୁତ ତାର ଗୁଡ଼ାଇ ଫାଶ ବସାଇଥିଲେ। ଫାଶରେ ଏକ ହରିଣ ପଡ଼ିଥିଲା। ତାକୁ ହତ୍ୟା କରି ମାଂସ ପ୍ରସ୍ତୁତ କରି ଶିକାରୀମାନେ ନିଜ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ତେବେ ଏକ ବ୍ୟାଗ୍‌ରେ ମାଂସ ନେବାର ଭିଡିଓ ଦେଖିବାକୁ ମିଳିଥିଲା। ଏହାପରେ ବନ ବିଭାଗ କର୍ମଚାରୀମାନେ ସେଠାରେ ଚଢ଼ାଉ କରି ମାଂସ ଜବତ କରିବା ସହ ୩ ଶିକାରୀଙ୍କୁ ଧରିଥିଲେ।

## ବାଳାଶ୍ରମ, ଜରାନିବାସ କାଗଜପତ୍ର ଯାଞ୍ଚ କଲେ ଏଡିଏମ୍

କଣାସ, ୩୦।୧୦(ସ୍ୱ.ପ୍ର)

କଣାସ ବ୍ଲକର ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବାଳାଶ୍ରମ, ଶିଶୁଗୃହ, ଜରାନିବାସ, ମାନସିକ ଅନଗ୍ରସର ୟୁନିଟ୍ ଏବଂ ଅନ୍ଧ, ମୂକ, ବଧିର ବିଦ୍ୟାଳୟକୁ ରବିବାର ଅତିରିକ୍ତ ଜିଲାପାଳ (ଏଡିଏମ୍) ପ୍ରଦୀପ କୁମାର ସାହୁ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲାପାଳ ସାହୁ ନୀଳାଚଳ ସେବା ପ୍ରତିଷ୍ଠାନରେ ପହଞ୍ଚି ପ୍ରଥମେ ବାଳାଶ୍ରମକୁ ଯାଇ କାଗଜପତ୍ର ତନଖି କରିବା ସହିତ ପିଲାଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରିଥିଲେ। କ'ଣ ଖାଇଛ, କିପରି ଅଛ, ଠିକ୍ ଭାବେ ପୋଷାକପତ୍ର ଓ ଖାଦ୍ୟ ଦିଆଯାଉଛି କି ନାହିଁ, ଖଟରେ ମଶାରି, ବେଡ୍‌ଶିଟ୍ ଅଛିକି ନାହିଁ, କିପରି ପାଠ ପଢୁଛ, ଦେହ ଖରାପ ହେଲେ କେଉଁଠିକୁ ଯାଇ ଔଷଧ ଆଣୁଛ ପ୍ରଭୃତି ଟିକିନିଖି ପଚାରି ବୁଝିଥିଲେ। ପରେ ଶିଶୁଗୃହ, ଜରାନିବାସ, ମାନସିକ ଅନଗ୍ରସର ୟୁନିଟ୍ ଏବଂ ଅନ୍ଧ, ମୂକ, ବଧିର ବିଦ୍ୟାଳୟକୁ ଯାଇ କାଗଜପତ୍ର ଯାଞ୍ଚ କରିବା ସହ ସମସ୍ତ ତଥ୍ୟ ପଚାରି ବୁଝିଥିଲେ।


ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ବାଳାଶ୍ରମ ପରିଦର୍ଶନ କରୁଛନ୍ତି।

# ୨୧ତମ ଶିଶୁ ପ୍ରତିଭା ସମାରୋହ



ସମାରୋହରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ କୃତୀ ପିଲାମାନେ।

ନିମାପଡ଼ା,୩୦।୧୦(ଡି.ଏନ୍.ଏ.)

ନିମାପଡ଼ା ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍‌ଷ୍ଟାର ଗ୍ରୁପ ପକ୍ଷରୁ ୨୧ତମ ଶିଶୁ ପ୍ରତିଭା ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଟପୁର ଗ୍ରାମ ବାବା ଲୋକନାଥ ପୀଠରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା କଲେଜ ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢୀ, ସାମାଜିକ କର୍ମୀ ଅଶୋକ ପଣ୍ଡା, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ବସନ୍ତ ସ୍ୱାଇଁ, ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ ସଭାପତି ବିଚିତ୍ରାନନ୍ଦ ଖଟୋଇ, ଲିଟିଲ୍‌ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା, ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ବିଭିନ୍ନ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ହସ୍ତାକ୍ଷର, ପ୍ରବନ୍ଧ, ସାଧାରଣ ଜ୍ଞାନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ହାସଲ କରିଥିବା କୃତୀ ଶିଶୁ ପ୍ରତିଭାଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ସମାରୋହରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷାବିତ୍, ସାମାଜିକ କର୍ମୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ଅଭିଭାବକ ଯୋଗଦେଇଥିଲେ।

## ୟୁଥ୍ ହଷ୍ଟେଲ ମ୍ୟାନେଜର କର୍ମଶାଳା

ପୁରୀ ଅଫିସ, ୩୦।୧୦

ପୁରୀ ୟୁଥ୍ ହଷ୍ଟେଲ ପରିସରରେ ରବିବାର ପୂର୍ବାଞ୍ଚଳସ୍ତରୀୟ ଦୁଇଦିନିଆ ୟୁଥ୍ ହଷ୍ଟେଲ ମ୍ୟାନେଜର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା କହିଥିଲେ, ଯୁବବର୍ଗଙ୍କ ବିକାଶ ପାଇଁ ଯୁବ ବ୍ୟାପାର ବିଭାଗ ଅନେକ ପଦକ୍ଷେପ ନେଉଛି। ବିଭିନ୍ନ ଜିଲାରେ ପ୍ରତିଷ୍ଠିତ ୟୁଥ ହଷ୍ଟେଲଗୁଡ଼ିକ ସେବା ଯୋଗାଇବା ସହ ଯୁବବର୍ଗଙ୍କ ପ୍ରତିଭା ଓ ଦକ୍ଷତାକୁ ପ୍ରତିପାଦିତ କରିବାରେ ସହାୟକ ହେଉଛି ବୋଲି ସେ ପ୍ରକାଶ କରିଥିଲେ। ପୂର୍ବତନ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ସେନାପତି ଯୁବବର୍ଗର ଦାୟିତ୍ୱ, କର୍ତ୍ତବ୍ୟ ଓ ୟୁଥ୍ ହଷ୍ଟେଲର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ୟୁଥ୍ ହଷ୍ଟେଲର ଆବଶ୍ୟକତା ଓ ମ୍ୟାନେଜରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପୁରୀ ୟୁଥ୍ ହଷ୍ଟେଲର ମ୍ୟାନେଜର ତଥା ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଚେନ୍ନାଇ ୟୁଥ୍ ହଷ୍ଟେଲର ମ୍ୟାନେଜର ଜେ. ସମ୍ପଥ କୁମାର, ପଣ୍ଡିଚେରୀ ୟୁଥ୍ ହଷ୍ଟେଲର ମ୍ୟାନେଜର ଡି. ଦେବାଶି ଗମାନୀ, କୋରାପୁଟ ୟୁଥ୍ ହଷ୍ଟେଲର ମ୍ୟାନେଜର ହରିଶ ରୂପାଲ, ଗୋପାଳପୁର ୟୁଥ୍ ହଷ୍ଟେଲର ମ୍ୟାନେଜର ବିଦେଶୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ପରିବାରର ମଙ୍ଗଳ ମନାସି ଛଟ୍ ପର୍ବ ପାଳିଲେ

ପୁରୀ ଅଫିସ, ୩୦।୧୦

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିକୁ ଛଟ୍ ପର୍ବ ଭାବେ ପାଳନ କରାଯାଇଥାଏ। ଛଟ୍‌କୁ ବିଶେଷକରି ମାରୱାଡ଼ି, ବିହାରୀ ସମ୍ପ୍ରଦାୟର ମୁଖ୍ୟ ପର୍ବ ଭାବେ ବିବେଚନା କରାଯାଏ। ଏହି ପୂଜାରେ ଅସ୍ତଗାମୀ ସୂର୍ଯ୍ୟ ଓ ଛଟ୍ ମାତାଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥାଏ। କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରୁ ଛଟ୍ ପର୍ବ ଆରମ୍ଭ ହୋଇ ସପ୍ତମୀ ତିଥିରେ ସମ୍ପନ୍ନ ହୋଇଥାଏ। ଏହି ଅବସରରେ ପୁରୀରେ ବାସ କରୁଥିବା ମାରୱାଡ଼ି ଓ ବିହାରୀ ସମ୍ପ୍ରଦାୟର ନାରୀମାନେ ଛଟ୍ ପର୍ବ ପାଳନ କରିଛନ୍ତି। ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ବ୍ରତଧାରିଣୀମାନେ ଛଟ୍ ପୂଜା କରିଥିଲେ। ସେମାନେ ସୂର୍ଯ୍ୟାସ୍ତ ପୂର୍ବରୁ ନରେନ୍ଦ୍ର ପୁଷ୍କରିଣୀରେ ଛିଡ଼ା ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରିଥିଲେ। ବିଭିନ୍ନ ଫଳମୂଳ, ପନିପରିବା, ନଡ଼ିଆ, ଗୁଆ, କଦଳୀ ଆଦି କୁଲାରେ ରଖି ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ପରିବାରର ମଙ୍ଗଳ ତଥା ସୁଖଶାନ୍ତି ମନାସି ଏବଂ ମନସ୍କାମନା ପୂର୍ଣ୍ଣ କରିବା ଆଶାରେ ଏହି ପୂଜା କରାଯାଇଥାଏ। ସପ୍ତମୀ ତିଥିରେ ବ୍ରତଧାରିଣୀମାନେ ଛଟ୍ ମାତାଙ୍କୁ ପୂଜା କରିବା ସହ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ବ୍ରତ ସମାପନ କରିବେ।


ମହିଳାମାନେ ଛଟ୍ ପର୍ବ ପାଳନ ଅବସରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରୁଛନ୍ତି।

## ମେଧାବୃତ୍ତି ପରୀକ୍ଷା ଦେଲେ ୨୫୬ ପିଲା

କଣାସ, ୩୦।୧୦(ସ୍ୱ.ପ୍ର): କଣାସ ବ୍ଲକର ଦୁଇଟି ପରୀକ୍ଷା କେନ୍ଦ୍ରରେ ରବିବାର ପ୍ରାଥମିକ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଦୁଇଟି କେନ୍ଦ୍ରରେ ମୋଟ ୨୫୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪ଜଣ ଅନୁପସ୍ଥିତ ଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୯ ଓ ଗ୍ରାମେଶ୍ୱର ବିଶ୍ୱନାଥ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଓଲ୍ହାଣରେ ୯୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ଓ ସହଶିକ୍ଷାଧିକାରୀ ସୂର୍ଯ୍ୟ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହୋଇଥିଲା। ପରୀକ୍ଷା ଉତ୍ତରଖାତା ବଡାସ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୂଲ୍ୟାୟନ ଚାଲିଥିବା ଜଣାପଡ଼ିଛି। ଶିକ୍ଷକ ପ୍ରକାଶ ଚନ୍ଦ୍ର ବାରିକ ପରୀକ୍ଷା ଓ ମୂଲ୍ୟାୟନରେ ସହଯୋଗ କରିଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱନାଥ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହଯୋଗରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

# ପ୍ରତି ଗାଁରେ ଜଳ ପରିମଳ କମିଟି ଗଠିତ

ପୁରୀ ଅଫିସ, ୩୦।୧୦

ଜଳ ଜୀବନ ମିଶନ, ପୁରୀ ଆନୁକୂଲ୍ୟରେ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଗ୍ରାମ୍ୟ ଜଳ ପରିମଳ କମିଟିଗୁଡ଼ିକର ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ସଂକ୍ରାନ୍ତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଗିରି ବ୍ଲକର ବିଭିନ୍ନ ପଞ୍ଚାୟତରୁ କମିଟି ସମ୍ପାଦକ, ସଭାପତି ଓ କୋଷାଧ୍ୟକ୍ଷ ପ୍ରମୁଖ ଯୋଗଦେଇଥିଲେ। ଜଳଜୀବନ ମିଶନ ଦ୍ୱାରା ପ୍ରତି ଗ୍ରାମରେ ଗ୍ରାମ୍ୟ ଜଳ ପରିମଳ କମିଟି ଗଠନ ହୋଇଛି। ପ୍ରତି ଘରକୁ ପାଇପ ପାଣି ଯୋଜନା ଅଧୀନରେ ଗାଁ ଲୋକଙ୍କୁ ପ୍ରମୁଖ ଭୂମିକା ନେବା ପାଇଁ ଉତ୍ସାହିତ କରାଯାଉଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହି ମେଗା ପ୍ରକଳ୍ପକୁ ପ୍ରତି ଗ୍ରାମରେ ପରିଚାଳନା କରିବା ଲାଗି ଗ୍ରାମ୍ୟ ଜଳ ପରିମଳ କମିଟି ଗଠନ କରାଯାଇଛି। ଗୋପୀନାଥ ଯୁବକ ସଂଘର ପ୍ରୟାସରେ ବ୍ରହ୍ମଗିରି ବ୍ଲକରେ ମଣିପଡ଼ା, ଆମ୍ବପଡ଼ା, ବ୍ରହ୍ମଗିରି, ଚାପମାଣିକ, ଗୋରୁଆଳ, ରାଇବିଧାର, କୁସୁବେଣ୍ଟି ଆଦି ପଞ୍ଚାୟତରେ ଗ୍ରାମ୍ୟ ଜଳ ପରିମଳ କମିଟି ଗଠିତ ହୋଇଛି। ଏହି ଶିବିରରେ ଗଡ଼ରୋଡ଼ଙ୍ଗ, ଚାପମାଣିକ, ଭୁବନପୁର, ନିଆଳପୁର, ବ୍ରହ୍ମଗିରି, ଆମ୍ବପଡ଼ା, ମଣିପଡ଼ା, ଡିମିରିଶେଣା, ବାଲିକେରା ପଛିପାଳ, ପଲଙ୍କ, କଡ଼ାଜିତ୍, ଗୋରୁଆଳ ଆଦି ପଞ୍ଚାୟତର ୪୨ଟି ଗ୍ରାମର ଗ୍ରାମ ଜଳ ପରିମଳ କମିଟି କର୍ମକର୍ତ୍ତା ଉପସ୍ଥିତ ରହି ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ। ଆମ୍ବପଡ଼ା ସରପଞ୍ଚ ସୁଜାତା ନାୟକ, ମଣିପଡ଼ା ସରପଞ୍ଚ ଗୀତାଞ୍ଜଳି ଜେନା, କଡ଼ାଜିତ୍ ସରପଞ୍ଚ ସ୍ୱର୍ଣ୍ଣଲତା ବେହେରା ଉପସ୍ଥିତ ଥିଲେ। ସମ୍ମିଳିତ ପୁରୀ-ନିମାପଡ଼ା ବ୍ୟାଙ୍କ ଶାଖା ପରିଚାଳକ କାଳିପ୍ରସାଦ ସାମନ୍ତରାୟ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୮ଟି ଗ୍ରାମ ଜଳ ପରିମଳ କମିଟିର ତତ୍କାଳ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ବ୍ୟାଙ୍କ ପାସ୍‌ବୁକ୍ ବ୍ରହ୍ମଗିରି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ସିଇଡି ପଦାଧିକାରୀ ନିଶିତ୍ ରଞ୍ଜନ ସାହୁଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ସଙ୍ଗଠିକା ସଂଯୁକ୍ତା ସ୍ୱାଇଁ, ପୂର୍ଣ୍ଣିମା ଦଳାଇ, ଗୀତାରାଣୀ କାଣ୍ଡି, ଶୁଭଲକ୍ଷ୍ମୀ ମହାପାତ୍ର, ହେମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଗୋପୀନାଥ ଯୁବକ ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ ସଭାକାର୍ଯ୍ୟ ପରିଚାଳନା କରିବା ସହିତ ବିବରଣୀ ଉପସ୍ଥାପନା କରିଥିଲେ। ବ୍ଲକ ସଂଯୋଜକ ହେମନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ଗ୍ରାମ୍ୟ ଜଳ ପରିମଳ କମିଟି ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ଶିବିର

## ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

ଅସ୍ତରଙ୍ଗ,୩୦।୧୦(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ ଅଧୀନ କଣମଣ ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରେନ୍ଦ୍ର କାଣ୍ଡି। ପୂର୍ବାହ୍ନ ୧୦ଟାରେ ନରେନ୍ଦ୍ର ଧାନ ବିଲରେ ପାଣି ମଡ଼ାଇବାକୁ ଯାଇଥିଲେ। ମୋଟରରେ ପାଣି ଦେବା ପାଇଁ ବିଦ୍ୟୁତ୍ ସଂଯୋଗ କରିଥିଲେ। କୌଣସି କାରଣ ଯୋଗୁ ମୋଟରକୁ ଧରିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ପାଟି ଶୁଣି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅସ୍ତରଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଭଡ଼ା ବୃଦ୍ଧି ପ୍ରତ୍ୟାହାର ଦାବିରେ ଏଏପିର ବିକ୍ଷୋଭ

ପୁରୀ ଅଫିସ, ୩୦।୧୦: ପୁରୀ ରେଳଷ୍ଟେଶନ ଅଧୀନ ବାଇକ ଓ ସାଇକେଲ ଷ୍ଟାଣ୍ଡ୍ ପକ୍ଷରୁ ହୋଇଥିବା ଭଡ଼ା ବୃଦ୍ଧିକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏହି ଭଡ଼ା ବୃଦ୍ଧିକୁ ପ୍ରତ୍ୟାହାର କରାଯିବା ଦାବିରେ ଏଏପି ପକ୍ଷରୁ ରବିବାର ପୁରୀ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଏପି ଅଭିଯୋଗ କରିଛି ଯେ, ବାଇକ୍ ଓ ସାଇକେଲ ଷ୍ଟାଣ୍ଡରେ ପ୍ରତିଦିନ ସହସ୍ରାଧିକ ବ୍ୟକ୍ତି ନିଜ ବାଇକ୍ ଓ ସାଇକେଲ ରଖି କାର୍ଯ୍ୟକ୍ଷେତ୍ରକୁ ଯାଇଥାନ୍ତି। ତେବେ ପୂର୍ବରୁ ୧୨ ଘଣ୍ଟା ପାଇଁ ୬ ଟଙ୍କା ଭଡ଼ା ଥିବାବେଳେ ତାହା ୬ଗୁଣ ବଢି ଏବେ ୩୬ ଟଙ୍କା ହୋଇଛି। ଏହା ସମସ୍ତଙ୍କ ପାଇଁ ଆର୍ଥିକ ବୋଝ। ତେଣୁ ଏହି ବର୍ଦ୍ଧିତ ଭଡ଼ାକୁ ପ୍ରତ୍ୟାହାର କରାଯାଉ ବୋଲି ଏଏପି ଦାବି କରିଛି। ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଏଏପିର ଜିଲା ଆବାହକ ସଞ୍ଜୀବ ମହାନ୍ତି କହିଛନ୍ତି। ବିକ୍ଷୋଭରେ ଜିଲା ଆବାହକଙ୍କ ସମେତ ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲା ଯୁବ ସମ୍ପାଦକ ସୁନିଲ ଜେନା, ସମୀର ସାମନ୍ତରାୟ, ପ୍ରକାଶ ପ୍ରଧାନ, ଯୁବ ସଙ୍ଗଠକ ସୁଧାଂଶୁ ଶେଖର, ରଶ୍ମିରଞ୍ଜନ ରାଉତରାୟ, ଅନିଲ କୁମାର ସେନାପତି, ରାଜେଶ ପଣ୍ଡା, ପାର୍ବତୀ ପ୍ରଧାନ, ଜୟନ୍ତୀ ଜେନା, ତ୍ରିଲୋଚନ ଦାସ ଏବଂ ରାକେଶ ନନ୍ଦ ପ୍ରମୁଖ ସାମିଲ ଥିଲେ। ଗତ ୨୭ତାରିଖରେ ଏ ନେଇ ପୁରୀ ରେଳଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଥିଲା।

## ହେତୁବାଦୀଙ୍କ ବିରୋଧରେ ଏତଲା

### ସୂର୍ଯ୍ୟୋପରାଗ ବେଳେ ଚିକେନ୍ ବିରିୟାନୀ ଖାଇବା ଘଟଣା


ଏତଲା ଦେବାକୁ ଆସିଥିବା ରାଜ୍ୟ ଶାକଦ୍ୱୀପୀ ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତା।

ପୁରୀ ଅଫିସ, ୩୦।୧୦

ଗତ ୨୫ତାରିଖରେ ହୋଇଥିବା ସୂର୍ଯ୍ୟୋପରାଗ ସମୟରେ ହେତୁବାଦୀ ପରିଚୟ ଦେଇ କେତେଜଣ ବ୍ୟକ୍ତି ଚିକେନ୍ ବିରିୟାନୀ ଖାଇବା ସହ ବ୍ରାହ୍ମଣ ସମାଜକୁ ଆକ୍ଷେପ କରି ଅପମାନିତ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ରାଜ୍ୟ ଶାକଦ୍ୱୀପୀ ବ୍ରାହ୍ମଣ ମହାସଂଘ ପୁରୀ ଜିଲା ଶାଖା ପକ୍ଷରୁ ରବିବାର ହେତୁବାଦୀ ସଙ୍ଗଠନ ବିରୋଧରେ ଟାଉନ ଥାନା ଅଧିକାରୀଙ୍କୁ ଏତଲା ଦିଆଯାଇଛି। ମହାସଂଘ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ଗତ ୨୫ତାରିଖରେ ସୂର୍ଯ୍ୟୋପରାଗ ହୋଇଥିଲା। ଏହି ଦିନ ପରାଗ ସମୟରେ ଓଡ଼ିଶାର ସନାତନ ଧର୍ମର ଲୋକେ ହିନ୍ଦୁ ଶାସ୍ତ୍ର ଏବଂ ଜ୍ୟୋତିର୍ବିଦ୍‌ଙ୍କ ଦ୍ୱାରା ସ୍ଥିରୀକୃତ ସମୟ ଅନୁସାରେ ଦେବନୀତି ଓ ପାକନୀତି ପାଳନ କରିଥିଲେ। କିନ୍ତୁ ହେତୁବାଦୀ ସଙ୍ଗଠନର ସଦସ୍ୟମାନେ ଜ୍ୟୋତିଷ ଶାସ୍ତ୍ର, ବ୍ରାହ୍ମଣ ଓ ହିନ୍ଦୁ ସମାଜକୁ ଆକ୍ଷେପ କରି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେହିପରି ଉକ୍ତ ଦିନ ସର୍ବସାଧାରଣ ସ୍ଥାନରେ ଚିକେନ ବିରିୟାନୀ ଖାଇ ଗଣମାଧ୍ୟମରେ ଧର୍ମ ବିରୋଧରେ ଅପପ୍ରଚାର କରିଥିଲେ। ଆଗାମୀ ଚନ୍ଦ୍ରଗ୍ରହଣ ଦିନ ସେମାନେ ଏହାର ପୁନରାବୃତ୍ତି କରିବେ ବୋଲି ଧମକପୂର୍ଣ୍ଣ ମନ୍ତବ୍ୟ ଦେଇ ଗଣମାଧ୍ୟମରେ ପ୍ରଚାର କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ ତୁରନ୍ତ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମହାସଂଘ ଦାବି କରିଛି। ଏତଲା ଦେବା ସମୟରେ ମହାସଂଘର ସଭାପତି କବିରାଜ ମହାପାତ୍ର ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

## 'ଅଲିଭା ସ୍ମୃତି' ପୁସ୍ତିକା ଉନ୍ମୋଚିତ

ପିପିଲି,୩୦।୧୦(ଡି.ଏନ୍.ଏ

ଶିକ୍ଷୟିତ୍ରୀ ସ୍ୱର୍ଗତା ବିଷ୍ଣୁପ୍ରିୟା ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ସଙ୍ଗଲେଇ ଶାସନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କୃତ୍ତିବାସ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ରବିନାରାୟଣ ନନ୍ଦ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରମୋଦ ଶତପଥୀ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଡ. ଚପଳା ପଣ୍ଡା, ମଞ୍ଜୁଲତା ପାଟଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଷ୍ଣୁପ୍ରିୟାଙ୍କ ସ୍ମୃତିରେ 'ଅଲିଭା ସ୍ମୃତି' ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସର୍ବେଶ୍ୱର ରଥ, ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା, ଚରଣ ନାୟକ, ସିଆର୍‌ସିସି ଚିନ୍ତାମଣି ଓଝା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଲକ୍ଷ୍ମୀନାରାୟଣପୁର ସିଆର୍‌ସିସି ଏବଂ ସଙ୍ଗଲେଇ ଗ୍ରାମ ପକ୍ଷରୁ ବିଷ୍ଣୁପ୍ରିୟାଙ୍କ ପରିବାରକୁ ମାନପତ୍ର ଦିଆଯାଇଥିଲା। କୁନି ଝିଅ ଆଦ୍ୟାଶ୍ରୀ କର ବେଦପାଠ କରିଥିଲେ।

# ଏସ୍‌ପି କାର୍ଯ୍ୟାଳୟ ଘେରିଲା ଭାଜପା

ପୁରୀ ଅଫିସ, ୩୦।୧୦

ପୁରୀ ଜିଲାର ୧୧ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଏବଂ ଅର୍ଚ୍ଚନା ନାଗ କେଳେଙ୍କାରୀ ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ପକ୍ଷରୁ ରବିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ଅଭିଯୋଗ କରିଛି ଯେ, ରାଜ୍ୟରେ ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଗଲାଣି। ତାହାର ଉଦାହରଣ ହେଉଛି ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କୁ ନ୍ୟାୟ ନ ମିଳିବା। ସେ କାହିଁକି ଆତ୍ମହତ୍ୟା କଲେ, ଏହି ଘଟଣା ପଛରେ କିଏ ରହିଛି ପ୍ରଭୃତିର ତଦନ୍ତ ଦାବି କରାଯାଇଛି। ତେବେ ରାଜ୍ୟ ସରକାର ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଛନ୍ତି। ସେହିପରି ବହୁ ଚର୍ଚ୍ଚିତ ଅର୍ଚ୍ଚନା ନାଗ କେଳେଙ୍କାରୀର ଉପଯୁକ୍ତ ତଦନ୍ତ ପାଇଁ ମଧ୍ୟ ଦଳ ଦାବି କରିଛି। ଏହି ଦୁଇଟି ଘଟଣାରେ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଉ ନ ଥିବାରୁ ଦଳ ପକ୍ଷରୁ ସୋମବାର ନବୀନ ନିବାସ ଘେରାଉ କରାଯିବ ବୋଲି ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଏସ୍‌ପି ଅଫିସ ଘେରାଉରେ ବିଧାୟକ ଷଡ଼ଙ୍ଗୀଙ୍କ ସମେତ ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଉମାକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ।



ଭାଜପା ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ସଂକ୍ଷେପରେ

### ଆନ୍ଦୋଳନକୁ ଓହ୍ଲାଇବ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ

**ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ):** ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକା ନିଯୁକ୍ତିକୁ ଉଚ୍ଛେଦ କରିଥିବାବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ବିଶେଷକରି ଏନ୍‌ପିଏସ୍ ବର୍ଗର ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିକ୍ଷକମାନଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି, ଯାହାକୁ ନେଇ ପ୍ରାଥମିକ ଶିକ୍ଷକମାନେ ଅସନ୍ତୋଷ ଜାହିର କରିଛନ୍ତି। ସରକାରଙ୍କ ପାଖରେ ସମସ୍ତ ଜନସାଧାରଣ ସମାନ ରହିବା କଥା। ମାତ୍ର ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକ ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଅମିୟ କୁମାର ଦାସ ଅଭିଯୋଗ କରିଛନ୍ତି। ରବିବାର ସଂଘ ପକ୍ଷରୁ ଶିକ୍ଷକ ଭବନଠାରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ସରକାର ତୁରନ୍ତ ଠିକା ନିଯୁକ୍ତି ଉଚ୍ଛେଦ ନ କଲେ ଆଗାମୀ ଦିନରେ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ସରକାର ତୁରନ୍ତ ୬ ବର୍ଷର ଠିକା ନିଯୁକ୍ତି ସମୟକୁ ମୂଳ ଚାକିରିରେ ଗଣନା କରିବା, ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ହୃଦାନନ୍ଦ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂଯୋଜିକା ଚାରୁଲତା ମହପାତ୍ର, ପ୍ରାଥମିକ ବିଏଡ୍ ଶିକ୍ଷକ ସଂଘର ସଭାପତି ଅଜୟ ଧଳ, ଆଟ୍ରିବୁଜ ସଂଘର ସନ୍ତୋଷ ପ୍ରଧାନ, କନିଷ୍ଠ ଶିକ୍ଷକ ସଂଘର ଆଦିତ୍ୟ ସ୍ୱାଇଁ ଏବଂ ଏନ୍‌ପିଏସ୍ ସଂଘର ସୁନିଲ ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

### ମଦ ଜବତ, ଜଣେ ଗିରଫ

**ନିରାକାରପୁର,୩୦।୧୦(ଡି.ଏନ୍.ଏ.):** ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ଜଙ୍କିଆ ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଓଳସିଂହ ପଞ୍ଚାୟତ ଡମଣଭୂମୀ ଗ୍ରାମର ବିପିନ ପ୍ରଧାନ(୨୮)। ତାଙ୍କ ନିକଟରୁ ୨୦ଲିଟର ଆସକା ୪୦ ମଦ ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୩୬୭/୨୨) ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଆଇ ବେଣୁଧର ରାୟ କହିଛନ୍ତି। ସୂଚନାଯୋଗ୍ୟ, ଜଙ୍କିଆ ଥାନା ଅଞ୍ଚଳରେ ପେଟ୍ରୋଲିଂ ଅଭାବରୁ ଚୋରାରେ ମଦ କାରବାର ବଢ଼ିଚାଲିଛି।

### ୩୫ଜଣଙ୍କୁ 'ସ୍ମାଇଲ୍ ୱାର୍ଲ୍ଡ' ସମ୍ମାନ

**ଭୁବନେଶ୍ୱର,୩୦।୧୦(ବ୍ୟୁରୋ):** ସାମାଜିକ ଅନୁଷ୍ଠାନ 'ସ୍ମାଇଲ୍ ୱାର୍ଲ୍ଡ'ର ୧୩ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରୋଟାରୀ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଜସ୍ଥାନର ପ୍ରସିଦ୍ଧ ଯୁବ ସାମାଜିକ କର୍ମୀ ଓମ ପ୍ରକାଶ ଶର୍ମାଙ୍କୁ ସ୍ମାଇଲ୍ ୱାର୍ଲ୍ଡର 'ଜାତୀୟ ଯୁବ ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି କବି ତଥା ରାଜନେତା ପ୍ରବୀର ମହାନ୍ତି, ଶିକ୍ଷାବିତ ତଥା ଲେଖିକା ମୀନାକ୍ଷୀ ଦାସ ଓ ଜାତୀୟସ୍ତରରେ ଖ୍ୟାତିସମ୍ପନ୍ନ ଶେଖ୍ ସାମସୁଲ୍ ହକଙ୍କୁ ସ୍ମାଇଲ୍ ୱାର୍ଲ୍ଡ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ସାହୁ, କମଲ ରାଉତ, ପ୍ରଦୀପ କୁମାର ମହାପାତ୍ର, ସନ୍ତୋଷ ଗୌଡ଼ଙ୍କ ସମେତ ୩୫ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପାଇଁ 'ସ୍ମାଇଲ୍ ୱାର୍ଲ୍ଡ' ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତଥା ରାଜ୍ୟ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଯୋଗ ଦେଇଥିଲେ। ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଆଇଏସ୍ ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟନାରାୟଣ ଗୌଡ଼ ସଭାପତିତ୍ୱ କରିଥିଲେ। ବିଶ୍ୱର ଶାନ୍ତି ଓ ସଦଭାବ ପ୍ରତିଷ୍ଠା ପାଇଁ ଏହି ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା 'ସୁନୀତି ଜାଗରଣ' ଅଭିଯାନ ୫ଟି ରାଜ୍ୟରେ ପହଞ୍ଚିପାରିଛି। ଆଗାମୀ ଦିନରେ ୧ କୋଟି ଯୁବକ ଓ ବୟୋଜ୍ୟୋଷ୍ଠଙ୍କୁ ସାମିଲ ପାଇଁ ଲକ୍ଷ୍ୟ ରଖାଯାଇଛି।

### ହରିଣ ମାଂସ ଜବତ, ୩ ଗିରଫ

**ପୁରୀ ଅଫିସ ୩୦।୧୦:** ହରିଣ ଶିକାର କରି ମାଂସ ବିକ୍ରି କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ପୁରୀ ସଦର ବ୍ଲକ ଅଧୀନ ଆଳବାରେ ହରିଣ ଶିକାର ପରେ ଏହାର ମାଂସ ବିକ୍ରି ହେଉଥିବା ଭିଡିଓ ଦେଖିବାକୁ ମିଳିଥିଲା। ତେବେ ଅଭିଯୋଗ ପରେ ରବିବାର ବନ ବିଭାଗର କର୍ମଚାରୀମାନେ ଗାଁରେ ଚଢାଉ କରି ମାଂସ ଜବତ କରିବା ସହ ୩ ଶିକାରୀଙ୍କୁ ଗିରଫ କରିଥିଲେ। ସୂଚନା ଅନୁଯାୟୀ କିଛିଦିନ ତଳେ କେତେଜଣ ଶିକାରୀ ଯୋଡ଼ାଲିଙ୍ଗ ନିକଟ ଅଞ୍ଚଳରେ ବିଦ୍ୟୁତ ତାର ଗୁଡ଼ାଇ ଫାଶ ବସାଇଥିଲେ।

# ମହିଳାଙ୍କ ସମେତ ୧୧ ନିର୍ଦ୍ଦେଶକ ନିର୍ବାଚିତ

## କେସିସିବି ପରିଚାଳନା ପରିଷଦ ନିର୍ବାଚନ

**ଖୋର୍ଦ୍ଧା ଅଫିସ, ୩୦।୧୦**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦର ୧୧ଟି ଜୋନ ନିର୍ଦ୍ଦେଶକ ପଦବୀ ପାଇଁ ମତଦାନ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଜେବି ହାଇସ୍କୁଲ କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିଲା। ପରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଛି। ମୋଟ ୧୫ଟି ଜୋନରେ ୨୯୯୬ ଭୋଟର ରହିଛନ୍ତି। ସେଥିମଧ୍ୟରୁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଥିବା ୪ଟି ଜୋନରେ ୭୯୬ ଭୋଟର ଅଛନ୍ତି। ୧୧ଟି ଜୋନ୍‌ରେ ୨୨ଶହ ଭୋଟରଙ୍କ ମଧ୍ୟରୁ ୨୧୨୭ ଜଣ ଭୋଟ ଦେଇଥିଲେ। ୧୫ ଭୋଟ ନାକଚ ହୋଇଥିବାବେଳେ ୨୧୧୨ଟି ଭୋଟ ବୈଧ ରହିଥିଲା।

୬ନମ୍ବର ଜୋନରୁ ପ୍ରସନ୍ନ କୁମାର ଜାଲି, ୭ରୁ ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ରୁ ଜୟଶ୍ରୀ ଗଡ଼ନାୟକ ଏବଂ ୧୪ ନଂ. ଜୋନ୍‌ରୁ ଅଭିଷେକ ସିଂ ସାମନ୍ତ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଅନ୍ୟ ୧୧ଟି ଜୋନରୁ ନିର୍ବାଚିତ ନିର୍ଦ୍ଦେଶକଙ୍କ ନାମ ଘୋଷଣା କରାଯାଇଛି। ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି।



ନିର୍ବାଚିତ ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

ସୂଚନା ଅନୁଯାୟୀ, ୧ନମ୍ବର ଜୋନ୍‌ରେ ୧୮୯ ବୈଧ ଭୋଟ ରହିଥିବା ବେଳେ ୪ଟି ନାକଚ ହୋଇଥିଲା। ସୁଧାଂଶୁ ଶେଖର ବଡ଼ଜେନା ୧୨୦ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୃଷ୍ଣଚନ୍ଦ୍ର ବାରିକ (୬୮)ଙ୍କଠାରୁ ୫୨ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୨ନଂ ଜୋନରେ ୧୯୩ ବୈଧ ଭୋଟ ଥିବାବେଳେ ୨ଟି ନାକଚ ହୋଇଥିଲା। ପ୍ରକାଶ ଚନ୍ଦ୍ର ରାଉତରାୟ ୧୨୯ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୌରୀ ସାହୁ(୬୪)ଙ୍କଠାରୁ ୬୫ଖଣ୍ଡ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୩ନଂ ଜୋନରେ ୧୯୧ ବୈଧ ଭୋଟ ଥିବା ବେଳେ ଗୋଟିଏ ନାକଚ ହୋଇଛି। ପବିତ୍ର ମୋହନ ମାଝି ୧୧୫ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱପ୍ନେଶ୍ୱର ଜୟସିଂହ(୭୬)ଙ୍କ ଠାରୁ ୩୯ଖଣ୍ଡ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ୪ନଂ ଜୋନରେ ୧୯୫ ବୈଧ ଭୋଟ ଥିବା ବଳେ ଗୋଟିଏ ନାକଚ ହୋଇଛି। ପ୍ରଦୀପ୍ତ କୁମାର ବାରିକ ୧୦୫ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରମେଶ ଶ୍ରୀଚନ୍ଦନ(୮୮)ଙ୍କ ଠାରୁ ୧୭ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ୫ନଂ ଜୋନ୍‌ରେ ୧୯୬ ବୈଧ ଭୋଟ ଥିବାବେଳେ ଗୋଟିଏ ନାକଚ ହୋଇଛି। ରଞ୍ଜନ କୁମାର ଛୋଟରାୟ ୭୨ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରିହର ସାହୁ(୪୮)ଙ୍କ ଠାରୁ ୨୪ ଖଣ୍ଡ ବ୍ୟବଧାନରେ ଜିତିଛନ୍ତି। ୮ନଂ ଜୋନରେ ୧୯୬ ବୈଧ ଭୋଟ ଥିବାବେଳେ ଗୋଟିଏ ନାକଚ ହୋଇଛି। ବିପିନ କୁମାର ପାତ୍ର ୧୪୭ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାରୀ ଦାସ(୪୯)ଙ୍କଠାରୁ ୯୮ଖଣ୍ଡ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ୯ନଂ. ଜୋନରେ ୧୯୧ ବୈଧ ଭୋଟ ଥିବାବେଳେ ୩ଟି ନାକଚ ହୋଇଛି। କୃଷ୍ଣଚନ୍ଦ୍ର ପୃଷ୍ଟି ୧୧୭ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ଆଦିତ୍ୟ(୩୮)ଙ୍କଠାରୁ ୭୯ ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୧୦ନଂ. ଜୋନରେ ୧୯୭ ଭୋଟ ମିଳିଥିଲା। ଭାବଗ୍ରାହୀ ସାହୁ ୧୦୧ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପଦ୍ମଚରଣ ମହାନ୍ତି(୯୬)ଙ୍କଠାରୁ ୪ଖଣ୍ଡ ବ୍ୟବଧାନରେ ଜିତିଛନ୍ତି। ୧୨ନଂ ଜୋନରେ ୧୯୬ ବୈଧ ଭୋଟ ଥିବା ବଳେ ଗୋଟିଏ ନାକଚ ହୋଇଛି। ସୁକାନ୍ତ ଚନ୍ଦ୍ର ସାମନ୍ତରାୟ ୮୨ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀରଞ୍ଜନ ମଙ୍ଗରାଜ (୬୦)ଙ୍କଠାରୁ ୨୨ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୧୩ନଂ. ଜୋନରେ ୧୭୪ ବୈଧ ଭୋଟ ଥିବାବେଳେ ଗୋଟିଏ ନାକଚ ହୋଇଛି। ସୁମତି ଶତ୍ରୁଶଲ୍ୟ ୧୨୬ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଝୁନି ପ୍ରଧାନ(୪୮)ଙ୍କଠାରୁ ୭୮ଖଣ୍ଡ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୧୫ନଂ. ଜୋନରେ ୧୯୪ ଜଣ ଭୋଟ ଦେଇଥିଲେ। ସୁରେଶ ଚନ୍ଦ୍ର ପ୍ରଧାନ ୧୨୬ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜୟ କୁମାର ମଙ୍ଗରାଜ (୬୮)ଙ୍କଠାରୁ ୪୮ ଭୋଟ ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ, ସଦର ଏସ୍‌ଡିପିଓ ଦିଲୀପ ଦାସ ଏବଂ ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।

### ଜେନେରେଟର ଚୋରି ଅଭିଯୋଗରେ ଜଣେ ଗିରଫ



**ନିରାକାରପୁର,୩୦।୧୦(ଡି.ଏନ୍.ଏ.)**

ଜେନେରେଟର ଚୋରି ଅଭିଯୋଗରେ ନିରାକାରପୁର ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ନିରାକାରପୁର ସାହିର ସୁଲା ଓରଫ ହେମନ୍ତ ପ୍ରଧାନ। ଏଥିସହ ପୋଲିସ ଏକ ଜେନେରେଟର ଜବତ କରିଛି। ସୂଚନାଥାଉ କି, ୨୦୨୧ ମେ' ୧୫ରେ କେହି ଦୁର୍ବୃତ୍ତ ନିରାକରପୁର ହାଇସ୍କୁଲ କମ୍ପ୍ୟୁଟର ଶ୍ରେଣୀଗୃହର ଗ୍ରୀଲ୍ ଭାଙ୍ଗି ମନିଟର ଓ ଜେନେରେଟର ଚୋରି କରିନେଇଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ଚଳିତ ବର୍ଷ ଜାନୁୟାରୀରେ ମଧ୍ୟ ଜଣେ ଟେଣ୍ଟ ମାଲିକଙ୍କ ଜେନେରେଟର ଚୋରି ନେଇ ଅଭିଯୋଗ ହୋଇଥିଲା। ଦୁଇଟି ଅଭିଯୋଗକୁ ଭିତ୍ତିକରି ପୋଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଭୂଷଣ୍ଡପୁର ସ୍ଥିତ ଜଣେ ଟେଣ୍ଟ ହାଉସ୍ ମାଲିକଙ୍କୁ ହେମନ୍ତ ଜେନେରେଟର ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ସୋମବାର ଉକ୍ତ ଜେନେରେଟରକୁ ସ୍କୁଲକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।



ଜଟଣୀ:ଛଟ୍ ପର୍ବ ଅବସରରେ ହାଟବଜାର ପୋଖରୀ କୂଳରେ ବ୍ରତଧାରୀ ମହିଳା ପୂଜାର୍ଚ୍ଚନା କରିବା ସହିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରୁଛନ୍ତି।

### ଛଟ ପର୍ବ ପାଳିତ

**ଜଟଣୀ,୩୦।୧୦(ଡି.ଏନ୍.ଏ.)**

ଜଟଣୀ ସହରରେ ବସବାସ କରୁଥିବା ବିହାରୀ ଏବଂ ମାରୱାଡି ସମ୍ପ୍ରଦାୟ ପକ୍ଷରୁ ରବିବାର ଛଟ ପର୍ବ ପାଳିତ ହୋଇଯାଇଛି। ହାଟବଜାର ପୋଖରୀ କୂଳରେ ବ୍ରତଧାରୀ ମହିଳା ପୂଜାର୍ଚ୍ଚନା କରିବା ସହିତ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପରିବାର, ପିଲା ଏବଂ ସ୍ୱାମୀଙ୍କ ମଙ୍ଗଳ ମନାସି ଉକ୍ତ ପର୍ବ ପାଳନ କରାଯାଇଥାଏ। ବିଶେଷକରି ନିଷ୍ଠାର ସହିତ ବ୍ରତ ଧାରଣ କରି ଛଟ ମା'ଙ୍କ ପୂଜା କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ବିହାରୀ ଏବଂ ମାରୱାଡି ସମ୍ପ୍ରଦାୟର ମହିଳାମାନେ ଉକ୍ତ ପୂଜାକୁ ଉପବାସ ରହି ନିଷ୍ଠାର ସହିତ ପାଳନ କରିଥାନ୍ତି ବୋଲି ବରିଷ୍ଠ ରେଲୱେ ଯନ୍ତ୍ରୀ ଏସ.ଏନ. ବର୍ମା କହିଛନ୍ତି। ବ୍ରତର ପ୍ରଥମ ଦିବସ ନାହାୱା ଖାନା ପୂଜାରେ ବ୍ରତଧାରୀ ସ୍ନାନକରି ଫଳ ଗ୍ରହଣ କରିଥାନ୍ତି। ଦ୍ୱିତୀୟ ଦିବସରେ ଖରଣା ପୂଜା ଅବସରରେ ବ୍ରତଧାରୀ ଘରେ ଖିରୀ, ପୁରୀ ଭୋଗ ଲାଗି କରିବା ସହ ଗ୍ରହଣ କରିଥାନ୍ତି। ତୃତୀୟ ଦିବସର ବ୍ରତଧାରୀ ମହିଳା ଏବଂ ପୁରୁଷ ବିଭିନ୍ନ ନଦୀ ଏବଂ ପୋଖରୀ କୂଳରେ ଏକତ୍ରିତ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିବା ବେଳେ ଶେଷ ଦିବସରେ ପ୍ରାତଃରେ ପୋଖରୀ ଏବଂ ନଦୀ କୂଳରେ ଯଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପ୍ରସାଦ ସେବନ କରିଥାନ୍ତି।

### ସ୍ମୃତିରେ ଶିକ୍ଷାଜ୍ୟୋତି ଗଣଦୌଡ଼




ଶିକ୍ଷାଜ୍ୟୋତି ଗଣଦୌଡ଼ ଅବସରରେ ବିଧାୟକ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୩୦।୧୦**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଗ୍ରାମର ଶିକ୍ଷାବିତ୍, ସାମାଜିକ କର୍ମୀ ଓ ରାଜନେତା ବିଚିତ୍ରାନନ୍ଦ ଚମ୍ପତିରାୟଙ୍କ ଏକାଦଶାହ ଅବସରରେ ବିଚିତ୍ରାନନ୍ଦ ଚମ୍ପତିରାୟ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଶିକ୍ଷାର ପ୍ରସାର ପାଇଁ ଶିକ୍ଷାଜ୍ୟୋତି ଗଣଦୌଡ଼, ଶୋଭାଯାତ୍ରା, ଚାରାରୋପଣ, ଦରିଦ୍ର ନାରାୟଣ ସେବା ଓ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ.ପ୍ରକାଶ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରୋଜାଲିନ୍ ପାଟ୍ଟଶାଣୀ, ଡ.ପ୍ରମୋଦ ଦାସ, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ପୃଥ୍ୱିବଲ୍ଲଭ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ମହାପାତ୍ର, ବିଶ୍ୱଭୂଷଣ ଛୋଟରାୟ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଜମ୍ମେଶ୍ୱର କହଳସିଂହ, ଶରତ ଚନ୍ଦ୍ର ମିଶ୍ର, ଶୁଭଶ୍ରୀ ଲେଙ୍କା, ରାଜନେତା ପଦ୍ମଚରଣ ରାୟ, ସୁବାସ ପାତ୍ର , କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ.ମନୋଜ ସମାନ୍ତରାୟ, ଅଶୋକ ରାୟସିଂହ, ତରୁଣକାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭାପତି ତଥା ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଚମ୍ପତିରାୟଙ୍କ ପୁଅ ଶୁଭ୍ରାଂଶୁ, ସୁଧାଂଶୁ ହିମାଂଶୁ ପ୍ରମୁଖ ସହଯୋଗ କରିଥିଲେ।

## ଆଦିବାସୀ ଜାଗରଣ କ୍ଲବ ବିଜୟୀ

**ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ**

**ଖୋର୍ଦ୍ଧା ଅଫିସ,୩୦।୧୦**

ଖୋର୍ଦ୍ଧା କ୍ରୀଡା ସଂସଦ ଓ ଜୟଦୁର୍ଗା କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ରବିବାର ପାଇକ ଟିଗିରିଆର ଆଦିବାସୀ ଜାଗରଣ କ୍ଲବ ଓ ମୁକୁନ୍ଦପ୍ରସାଦର ମିଳନ ୟୁଥ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଦ୍ୱିତୀୟାର୍ଦ୍ଧର ଆଦିବାସୀ ଜାଗରଣ କ୍ଲବ ପକ୍ଷରୁ ପଙ୍କଜ ସ୍ୱାଇଁ ପ୍ରଥମ ଗୋଲ କରିଥିବା ବେଳେ ସୌମ୍ୟରଞ୍ଜନ ସ୍ୱାଇଁ ଆଉ ଏକ ଗୋଲ ଦେଇଥିଲେ। ତେବେ ମିଳନ ୟୁଥ୍ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ମନୋରଞ୍ଜନ ଖୁଣ୍ଟିଆ, ପ୍ରଶାନ୍ତ କୁମାର ସାହୁ, ଯୋଗେନ୍ଦ୍ର ନାୟକ, ଗୋକୁଳାନନ୍ଦ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ଏବଂ କୁସୁପଲା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଟାଙ୍ଗୀ(ଖୋର୍ଦ୍ଧା), ୩୦।୧୦(ଡି.ଏନ୍.ଏ.)**

ଟାଙ୍ଗୀ ଗ୍ରାମର ପ୍ରସିଦ୍ଧ ଶୈବପୀଠ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୩ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଗୋଧୂଳି ଲଗ୍ନରେ ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

**ଅସ୍ତରଙ୍ଗ,୩୦।୧୦(ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକ ଅଧୀନ କଣମଣ ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରେନ୍ଦ୍ର କାଣ୍ଡି। ପୂର୍ବାହ୍ନ ୧୦ଟାରେ ନରେନ୍ଦ୍ର ଧାନ ବିଲରେ ପାଣି ମଡ଼ାଇବାକୁ ଯାଇଥିଲେ। ମଟରରେ ପାଣି ଦେବା ପାଇଁ ବିଦ୍ୟୁତ୍ ସଂଯୋଗ କରିଥିଲେ। କୌଣସି କାରଣ ଯୋଗୁ ମଟରକୁ ଧରିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ପାଟି ଶୁଣି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅସ୍ତରଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସୁସ୍ଥ ଗ୍ରାମ ହେବ ଡଙ୍ଗରପଡ଼ା ଗାଁ

**ବେଗୁନିଆ,୩୦।୧୦(ଡି.ଏନ୍.ଏ.)**

ଗ୍ରାମର ବିକାଶ ପାଇଁ ସରକାର ବହୁ ଯୋଜନା କରିଛନ୍ତି। ଏବେବି ଅନେକ ଗାଁର ବିକାଶ କିମ୍ବା ପରିମଳରେ ସ୍ୱଚ୍ଛତା ଆସିପାରୁ ନାହିଁ। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ବେଗୁନିଆ ବ୍ଲକ ଡଙ୍ଗରପଡା ଗାଁରେ। ଗ୍ରାମବାସୀ ସରକାରୀ ଯୋଜନାକୁ ପଛରେ ପକାଇ ଗ୍ରାମ୍ୟ କମିଟି ଓ ସାମାଜିକ କର୍ମୀଙ୍କ ଉଦ୍ୟମରେ ଗାଁର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି। ରବିବାର ପୂର୍ବାହ୍ନରେ ସୁସ୍ଥ ବାତାବରଣ ନେଇ ନିଧିବୁଢାଙ୍କ ସ୍ୱଚ୍ଛତା ନୀତିକୁ ଆପଣେଇଥିଲେ। ଗ୍ରାମ ଚତୁଃପାର୍ଶ୍ୱରେ ଥିବା ଅନାବନା ଗଛଲତା କାଟି ସଫା କରିଥିଲେ। ଏଥିସହ ଆବର୍ଜନାମୟ ପୋଖରୀ କୂଳ, ମନ୍ଦିର ପରିସରକୁ ସଫେଇ କରିଥିଲେ। ଗାଁରେ ଆଲୋକୀକରଣ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କମିଟି ପାଣ୍ଠିରୁ ଅର୍ଥ ବ୍ୟୟ ବରାଦରେ ଗାଁ ଚତୁଃପାର୍ଶରେ ୧୦ଟି ଷ୍ଟ୍ରିଟ ଲାଇଟ ଲଗାଇଛନ୍ତି। ବରିଷ୍ଠ ନାଗରିକ କେଦାର ନାଥ ରାଉତରାୟ କୁହନ୍ତି, ଗ୍ରାମବାସୀଙ୍କ ଭାଇଚାରାର ଭାବଧାରା ବଜାୟ ରହିଛି। ସରକାରଙ୍କ ଯୋଜନାକୁ ପଛରେ ପକାଇ ସୁସ୍ଥ ଗ୍ରାମ ଗଠନ ଦିଗରେ ମୁଳଦୁଆ ପକାଇଛୁ। ଆଗକୁ କିଭଳି କାର୍ଯ୍ୟ ଜାରି ରହିବ। ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ବିଶ୍ୱାଳଙ୍କ ନେତୃତ୍ୱରେ ଶରତ ଚନ୍ଦ୍ର ବିଶ୍ୱାଳ, ମହେଶ୍ୱର ବିଶ୍ୱାଳ, ବିଜୟ ରାଉତରାୟ,ଦାଶରଥି ବିଶ୍ୱାଳ, ବଗୁଲି ରାଉତରାୟ, ଜ୍ୟୋତି ରଞ୍ଜନ ବିଶ୍ୱାଳ, ବିଜୟ ରାଉତରାୟ, ବିକ୍ରମ ବିଶ୍ୱାଳ, ବାବୁଲା ବିଶ୍ୱାଳ, ମଙ୍ଗୁଳି ଭାରିମଲ୍ଲ, ଭଗବାନ ବିଶ୍ୱାଳ, ଆଲୋକ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ମଠ ପୋଖରୀର ପୁନରୁଦ୍ଧାର କରାଯାଉ

**ବୋଲଗଡ଼,୩୦।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସଦର ମହକୁମାରେ ଥିବା ୧୨ଟି ପୋଖରୀରୁ ମଠ ପୋଖରୀଟି ପରିତ୍ୟକ୍ତ ହୋଇପଡିଛି। ଏହି ପୋଖରୀ ନିକଟରେ ଥିବା ତିନି ସାହିର ବାସିନ୍ଦାଙ୍କ ସହ ଗଣେଶ ବଜାର ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଦୁର୍ଦ୍ଦଶା ଭୋଗୁଥିବା କହିଛନ୍ତି। ତୁରନ୍ତ ଏହି ପୋଖରୀର ପୁନରୁଦ୍ଧାର ପାଇଁ ଦାବି ହୋଇଛି।

ସୂଚନାଯୋଗ୍ୟ, ୧୮୦୦ ମସିହାରେ ବ୍ରଜମୋହନ ଦେବ ମଠର ତୃତୀୟ ମହନ୍ତ ପର୍ଶୁରାମ ଦାସ ଏକ ପୋଖରୀ ଖନନ କରାଇଥିଲେ। ଗ୍ରାମବାସୀ ପୋଖରୀର ପାଣି ବ୍ୟବହାର କରିବା ସହ ବ୍ରଜମୋହନ ଦେବଙ୍କ ଚାପ ଖେଳ ଅନୁଷ୍ଠିତ ହୋଇଥାଏ। ଏପରିକି ଏହି ପୋଖରୀଟି ବୋଲଗଡ କଳାଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରେ ଥିବାରୁ ପଥିକମାନେ ମଧ୍ୟ ବ୍ୟବହାର କରିଥାନ୍ତି। କିଛି ବର୍ଷ ହେବ ଉକ୍ତ ପୋଖରୀକୁ ଅଣଦେଖା କରାଯିବା ସହ ଦୀର୍ଘ ବର୍ଷ ଧରି ପାଣି ନିଷ୍କାସନ ହୋଇ ନ ପାରି ଜଳ ଦୂଷିତ ହେବାକୁ ଲାଗିଲା। ପୋଖରୀଟି ସମ୍ପୂର୍ଣ୍ଣ ଦଳରେ ପରିପୂର୍ଣ୍ଣ ହୋଇଛି। ଫଳରେ ମଶାଙ୍କ ଉପଦ୍ରବ ବୃଦ୍ଧି ପାଇଛି।ଏହାର ପାଣି ଦୂଷିତ ହୋଇଯାଇଥିବା ବେଳେ ଗ୍ରାମବାସୀ ବ୍ୟବହାର କରିପାରୁ ନାହାନ୍ତି। ପୋଖରୀର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। କିଛି ବର୍ଷ ପୂର୍ବେ ସ୍ଥାନୀୟ ଯୁବକ ଦଳ ସଫା କରିଥିଲେ ମଧ୍ୟ ପୁଣି ଦଳରେ ଭର୍ତ୍ତି ହୋଇପଡିଛି। ଜଳ ନିଷ୍କାସନ ବ୍ୟବସ୍ଥା ସହ ରାସାୟନିକ ପ୍ରୟୋଗ ବ୍ୟବସ୍ଥା କରାଇ କାର୍ତ୍ତିକ ପୂର୍ଣ୍ଣମୀ ପୂର୍ବରୁ ପଞ୍ଚାୟତ କର୍ତ୍ତୃପକ୍ଷ ପୋଖରୀକୁ ପୁନରୁଦ୍ଧାର କରିବାକୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ସରପଞ୍ଚ ଗୀତାଞ୍ଜଳି ସାହୁ କୁହନ୍ତି, ନିକଟରେ ଏହାର ଗାର୍ଡୱାଲ କାମ କରାଯାଇଛି। ଏହାର ପୁନରୁଦ୍ଧାର ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ।



## ସଂକ୍ଷେପରେ

### ବାଇକ୍, ସାଇକେଲପୋଡ଼ାକୁ ନେଇ ଥାନାରେ ଅଭିଯୋଗ, ଜଣେ ଅଟକ



ପିପିଲି,୩୦ା୧୦(ଡି.ଏନ୍.ଏ./ସ୍ୱ.ପ୍ର.)- ପିପିଲି ଏନ୍ଏସି ଦର୍ଜି ସାହିର ଜଣଙ୍କ ବାଇକ୍ ଏବଂ ସାଇକେଲ ଦୁର୍ବୃତ୍ତମାନେ ପୋଡିଦେଇଥିବା ନେଇ ରବିବାର ପିପିଲି ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୫୮୦/୨୨) ରୁଜୁ କରି ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଉକ୍ତ ସାହିର କାନୁନ୍ ମହାପାତ୍ର ତାଙ୍କ କାମ ସାରି ଶନିବାର ୧୧ଟା ରାତିରେ ଘରକୁ ଫେରିଥିଲେ। ସବୁଦିନ ପରି ସେ ତାଙ୍କ ବାଇକ୍ ଏବଂ ସାଇକେଲକୁ ଘର ସମ୍ମୁଖରେ ଝଞ୍ଜିରରେ ବାନ୍ଧି ଶୋଇଥିଲେ। ବିଳମ୍ବିତ ରାତିରେ ଗାଁ ଲୋକଙ୍କ ପାଟି ଶୁଣି ବାହାରକୁ ଆସିବାରୁ ତାଙ୍କ ଗାଡି ଓ ସାଇକେଲରେ କେହି ନିଆଁ ଲଗାଇ ଦେଇଥିବା ସେ ଦେଖିଥିଲେ। ସେ ଜଣେ ସରଳ ବ୍ୟକ୍ତି ହୋଇଥିବାବେଳେ ତାଙ୍କର କାହା ସହିତ ଶତ୍ରୁତା ନ ଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଖବରପାଇ ପୁରୀ ଅତିରିକ୍ତ ଏସ୍ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିପିଲି ଏସଡିପିଓ ଦେବଦତ୍ତ ବରାଳ, ପିପିଲି ଆଇଆଇସି ଅଭିମନ୍ୟୁ ନାୟକ ପ୍ରମୁଖ ଘଟଣାସ୍ଥଳ ତଦନ୍ତ କରିଥିଲେ। ଆଇଆଇସି ନାୟକଙ୍କୁ ପଚାରିବାରେ, ଘଟଣାର ସବୁଦିଗକୁ ତଦନ୍ତ କରାଯିବା ସହିତ ଉକ୍ତ ସାହିରେ ସିସିଟିଭି ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ ବୋମା ମାଡ ଓ ଗୁଳିକାଣ୍ଡକୁ ନେଇ ପିପିଲି ଅଶାନ୍ତ ଥିବାବେଳେ ଏପରି ଘଟଣା ପୋଲିସକୁ ଅଡୁଆରେ ପକାଉଛି।

# ମହିଳାଙ୍କ ସମେତ ୧୧ ନିର୍ଦ୍ଦେଶକ ନିର୍ବାଚିତ

ଖୋର୍ଦ୍ଧା ଅଫିସ, ୩୦ା୧୦

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦର ୧୧ଟି ଜୋନ ନିର୍ଦ୍ଦେଶକ ପଦବୀ ପାଇଁ ମତଦାନ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଜେବି ହାଇସ୍କୁଲ କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିଲା। ପରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଛି। ମୋଟ ୧୫ଟି ଜୋନରେ ୨୯୯୬ ଭୋଟର ରହିଛନ୍ତି। ସେଥିମଧ୍ୟରୁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଥିବା ୪ଟି ଜୋନରେ ୭୯୬ ଭୋଟର ଅଛନ୍ତି। ୧୧ଟି ଜୋନ୍‌ରେ ୨୨ଶହ ଭୋଟରଙ୍କ ମଧ୍ୟରୁ ୨୧୨୭ ଜଣ ଭୋଟ ଦେଇଥିଲେ। ୧୫ ଭୋଟ ନାକଚ ହୋଇଥିବାବେଳେ ୨୧୧୨ଟି ଭୋଟ ବୈଧ ରହିଥିଲା।

୬ନମ୍ବର ଜୋନରୁ ପ୍ରସନ୍ନ କୁମାର ଜାଲି, ୭ରୁ ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ରୁ ଜୟଶ୍ରୀ ଗଡ଼ନାୟକ ଏବଂ ୧୪ ନଂ. ଜୋନ୍‌ରୁ ଅଭିଷେକ ସିଂ ସାମନ୍ତ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଅନ୍ୟ ୧୧ଟି ଜୋନରୁ ନିର୍ବାଚିତ ନିର୍ଦ୍ଦେଶକଙ୍କ ନାମ ଘୋଷଣା କରାଯାଇଛି। ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି।



ନିର୍ବାଚିତ ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

ସୂଚନା ଅନୁଯାୟୀ, ୧ନମ୍ବର ଜୋନ୍‌ରେ ୧୮୯ ବୈଧ ଭୋଟ ରହିଥିବା ବେଳେ ୪ଟି ନାକଚ ହୋଇଥିଲା। ସୁଧାଂଶୁ ଶେଖର ବଡ଼ଜେନା ୧୨୦ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୃଷ୍ଣଚନ୍ଦ୍ର ବାରିକ (୬୮)ଙ୍କଠାରୁ ୫୨ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୨ନଂ ଜୋନରେ ୧୯୩ ବୈଧ ଭୋଟ ଥିବାବେଳେ ୨ଟି ନାକଚ ହୋଇଥିଲା। ପ୍ରକାଶ ଚନ୍ଦ୍ର ରାଉତରାୟ ୧୨୯ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୌରୀ ସାହୁ(୬୪)ଙ୍କଠାରୁ ୬୫ଖଣ୍ଡ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୩ନଂ ଜୋନରେ ୧୯୧ ବୈଧ ଭୋଟ ଥିବା ବେଳେ ଗୋଟିଏ ନାକଚ ହୋଇଛି। ପବିତ୍ର ମୋହନ ମାଝି ୧୧୫ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱପ୍ନେଶ୍ୱର ଜୟସିଂହ(୭୬)ଙ୍କ ଠାରୁ ୩୯ଖଣ୍ଡ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ୪ନଂ ଜୋନରେ ୧୯୫ ବୈଧ ଭୋଟ ଥିବା ବଳେ ଗୋଟିଏ ନାକଚ ହୋଇଛି। ପ୍ରଦୀପ୍ତ କୁମାର ବାରିକ ୧୦୫ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାମେଶ ଶ୍ରୀଚନ୍ଦନ(୮୮)ଙ୍କ ଠାରୁ ୧୭ଖଣ୍ଡ ଭୋଡ୍ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ୫ନଂ ଜୋନରେ ୧୯୬ ବୈଧ ଭୋଟ ଥିବାବେଳେ ଗୋଟିଏ ନାକଚ ହୋଇଛି। ରଞ୍ଜନ କୁମାର ଛୋଟରାୟ ୭୨ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରିହର ସାହୁ(୪୮)ଙ୍କ ଠାରୁ ୨୪ ଖଣ୍ଡ ବ୍ୟବଧାନରେ ଜିତିଛନ୍ତି। ୮ନଂ ଜୋନରେ ୧୯୬ ବୈଧ ଭୋଟ ଥିବାବେଳେ ଗୋଟିଏ ନାକଚ ହୋଇଛି। ବିପିନ କୁମାର ପାତ୍ର ୧୪୭ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାରୀ ଦାସ(୪୯)ଙ୍କଠାରୁ ୯୮ଖଣ୍ଡ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ୯ନଂ. ଜୋନରେ ୧୯୧ ବୈଧ ଭୋଟ ଥିବାବେଳେ ୩ଟି ନାକଚ ହୋଇଛି। କୃଷ୍ଣଚନ୍ଦ୍ର ପୃଷ୍ଟି ୧୧୭ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ଆଦିତ୍ୟ(୩୮)ଙ୍କଠାରୁ ୭୯ ଖଣ୍ଡ ବ୍ୟବଧାନରେ ବିଜୟୀ ଲାଭ କରିଛନ୍ତି। ୧୦ନଂ. ଜୋନରେ ୧୯୭ ଭୋଟ ମିଳିଥିଲା। ଭାବଗ୍ରାହୀ ସାହୁ ୧୦୧ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପଦ୍ମଚରଣ ମହାନ୍ତି(୯୬)ଙ୍କଠାରୁ

### କେସିସିବି ପରିଚାଳନା ପରିଷଦ ନିର୍ବାଚନ

୪ଖଣ୍ଡ ବ୍ୟବଧାନରେ ଜିତିଛନ୍ତି। ୧୨ନଂ ଜୋନରେ ୧୯୬ ବୈଧ ଭୋଟ ଥିବା ବଳେ ଗୋଟିଏ ନାକଚ ହୋଇଛି। ସୁକାନ୍ତ ଚନ୍ଦ୍ର ସାମନ୍ତରାୟ ୮୨ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀରଞ୍ଜନ ମଙ୍ଗରାଜ (୬୦)ଙ୍କଠାରୁ ୨୨ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୧୩ ନଂ. ଜୋନରେ ୧୭୪ ବୈଧ ଭୋଟ ଥିବାବେଳେ ଗୋଟିଏ ନାକଚ ହୋଇଛି। ସୁମତି ଶତ୍ରୁଶଲ୍ୟ ୧୨୬ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଝୁନି ପ୍ରଧାନ(୪୮)ଙ୍କଠାରୁ ୭୮ଖଣ୍ଡ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୧୫ନଂ. ଜୋନରେ ୧୯୪ ଜଣ ଭୋଟ ଦେଇଥିଲେ। ସୁରେଶ ଚନ୍ଦ୍ର ପ୍ରଧାନ ୧୨୬ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜୟ କୁମାର ମଙ୍ଗରାଜ (୬୮)ଙ୍କଠାରୁ ୪୮ ଖଣ୍ଡ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ, ସଦର ଏସ୍‌ଡିପିଓ ଦିଲୀପ ଦାସ ଏବଂ ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।

## ଜେନେରେଟର ଚୋରି ଅଭିଯୋଗରେ ଜଣେ ଗିରଫ




ନିରାକାରପୁର,୩୦ା୧୦(ଡି.ଏନ୍.ଏ.)

ଜେନେରେଟର ଚୋରି ଅଭିଯୋଗରେ ନିରାକାରପୁର ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ନିରାକାରପୁର ସାହିର ସୁଲା ଓରଫ ହେମନ୍ତ ପ୍ରଧାନ। ଏଥିସହ ପୋଲିସ ଏକ ଜେନେରେଟର ଜବତ କରିଛି। ସୂଚନାଥାଉ କି, ୨୦୨୧ ମେ' ୧୫ରେ କେହି ଦର୍ବୃତ୍ତ ନିରାକରପୁର ହାଇସ୍କୁଲ କମ୍ପ୍ୟୁଟର ଶ୍ରେଣୀଗୃହର ଗ୍ରୀଲ୍ ଭାଙ୍ଗି ମନିଟର ଓ ଜେନେରେଟର ଚୋରି କରିନେଇଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ଚଳିତ ବର୍ଷ ଜାନୁୟାରୀରେ ମଧ୍ୟ ଜଣେ ଟେଣ୍ଟ ମାଲିକଙ୍କ ଜେନେରେଟର ଚୋରି ନେଇ ଅଭିଯୋଗ ହୋଇଥିଲା। ଦୁଇଟି ଅଭିଯୋଗକୁ ଭିତ୍ତିକରି ପୋଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଭୂଷଣ୍ଡପୁର ସ୍ଥିତ ଜଣେ ଟେଣ୍ଟ ହାଉସ୍ ମାଲିକଙ୍କୁ ହେମନ୍ତ ଜେନେରେଟର ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ସୋମବାର ଉକ୍ତ ଜେନେରେଟରକୁ ସ୍କୁଲକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

## ଆନ୍ଦୋଳନକୁ ଓହ୍ଲାଇବ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ

ଭୁବନେଶ୍ୱର, ୩୦ା୧୦ (ବ୍ୟୁରୋ): ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକା ନିଯୁକ୍ତିକୁ ଉଚ୍ଛେଦ କରିଥିବାବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ବିଶେଷକରି ଏନ୍‌ପିଏସ୍ ବର୍ଗର ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିକ୍ଷକମାନଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି, ଯାହାକୁ ନେଇ ପ୍ରାଥମିକ ଶିକ୍ଷକମାନେ ଅସନ୍ତୋଷ ଜାହିର କରିଛନ୍ତି। ସରକାରଙ୍କ ପାଖରେ ସମସ୍ତ ଜନସାଧାରଣ ସମାନ ରହିବା କଥା। ମାତ୍ର ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକ ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଅମିୟ କୁମାର ଦାସ ଅଭିଯୋଗ କରିଛନ୍ତି। ରବିବାର ସଂଘ ପକ୍ଷରୁ ଶିକ୍ଷକ ଭବନଠାରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ସରକାର ତୁରନ୍ତ ଠିକା ନିଯୁକ୍ତି ଉଚ୍ଛେଦ ନ କଲେ ଆଗାମୀ ଦିନରେ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ସରକାର ତୁରନ୍ତ ୬ ବର୍ଷର ଠିକା ନିଯୁକ୍ତି ସମୟକୁ ମୂଳ ଚାକିରିରେ ଗଣନା କରିବା, ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ହୃଦାନନ୍ଦ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂଯୋଜିକା ଚାରୁଲତା ମହପାତ୍ର, ପ୍ରାଥମିକ ବିଏଡ଼ ଶିକ୍ଷକ ସଂଘର ସଭାପତି ଅଜୟ ଧଳ, ଆଟ୍ରିବୁଜ ସଂଘର ସନ୍ତୋଷ ପ୍ରଧାନ, କନିଷ୍ଠ ଶିକ୍ଷକ ସଂଘର ଆଦିତ୍ୟ ସ୍ୱାଇଁ ଏବଂ ଏନ୍‌ପିଏସ୍ ସଂଘର ସୁନିଲ ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

# ଜନସମ୍ପର୍କ ପଦଯାତ୍ରାରେ ଦଳର ୨ ନେତା ମୁହାଁମୁହିଁ



ପଣସପଦାଠାରେ ବିଜେଡି ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ।

ବ୍ରହ୍ମଗିରି,୩୦ା୧୦(ଡି.ଏନ୍.ଏ.)

ବ୍ରହ୍ମଗିରିରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ସମୟରେ ଦଳର ୨ ନେତା ଅଲଗା ଅଲଗା ପଦଯାତ୍ରା କରିଥିବା ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା। ଫଳରେ ବିଜେଡିରେ ଫାଟ ଥିବା ସ୍ପଷ୍ଟ ଜଣାପଡିଛି। ବିଜେଡି ଜିଲା ପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପଣସପଦାଠାରେ ଏକ ଜନସମ୍ପର୍କ ପଦଯାତ୍ରା ପାଇଁ ସମର୍ଥକମାନେ ଏକଜୁଟ ହୋଇଥିଲେ। ଏହି ପଦଯାତ୍ରା ଆରମ୍ଭରୁ ପୂର୍ବତନ ବିଧାୟକ ସଞ୍ଜୟ ଦାସ ବର୍ମାଙ୍କ କେତେକ ସମର୍ଥକ ଏହାକୁ ବିରୋଧ କରିଥିଲେ। ଫଳରେ ୨ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ପରେ ଘଟଣାସ୍ଥଳରେ ପରିଡା ପହଞ୍ଚିବା ପରେ ବିବାଦ ଥମିଥିଲା। ପରେ କୈଳାସ ନିଜର ସମର୍ଥକଙ୍କୁ ନେଇ ପଣସପଦାଠାରୁ ସେବକପୁର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏପରି ବିରୋଧ ଯୋଗୁ କୈଳାସ ପୂର୍ବତନ ବିଧାୟକଙ୍କ ସମର୍ଥକଙ୍କୁ ଦାୟୀ କରିଛନ୍ତି।

## ୩୫ଜଣଙ୍କୁ 'ସ୍ମାଇଲ୍ ୱାର୍ଲ୍ଡ' ସମ୍ମାନ

ଭୁବନେଶ୍ୱର,୩୦ା୧୦(ବ୍ୟୁରୋ): 'ସ୍ମାଇଲ୍ ୱାର୍ଲ୍ଡର ୧୩ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରୋଟାରୀ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଜସ୍ଥାନର ସାମାଜିକ କର୍ମୀ ଓମ ପ୍ରକାଶ ଶର୍ମାଙ୍କୁ ସ୍ମାଇଲ୍ ୱାର୍ଲ୍ଡର 'ଜାତୀୟ ଯୁବ ସମ୍ମାନ' ପ୍ରଦାନ କରାଯାଇଛି। କବି ତଥା ରାଜନେତା ପ୍ରବୀର ମହାନ୍ତି, ଶିକ୍ଷାବିତ ମୀନାକ୍ଷୀ ଦାସ ଓ ଜାତୀୟସ୍ତରରେ ଖ୍ୟାତିସମ୍ପନ୍ନ ଶେଖ୍ ସାମସୁଲ୍ ହକଙ୍କୁ ସ୍ମାଇଲ୍ ୱାର୍ଲ୍ଡ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ସାହୁ, କମଲ ରାଉତ, ପ୍ରଦୀପ କୁମାର ମହାପାତ୍ର, ସନ୍ତୋଷ ଗୌଡ଼ଙ୍କ ସମେତ ୩୫ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପାଇଁ 'ସ୍ମାଇଲ୍ ୱାର୍ଲ୍ଡ' ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତଥା ରାଜ୍ୟ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଯୋଗ ଦେଇଥିଲେ। ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଆଇଏସ୍ ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟନାରାୟଣ ଗୌଡ଼ ସଭାପତିତ୍ୱ କରିଥିଲେ।

# ନୀଳାଦ୍ରି ସତ୍‌ସଙ୍ଗ ଭକ୍ତ ମଣ୍ଡଳୀଙ୍କ ସାକ୍ଷୀଗୋପାଳ ଦର୍ଶନ

ସାକ୍ଷୀଗୋପାଳ,୩୦ା୧୦ (ଡି.ଏନ୍.ଏ./ସ୍ୱ.ପ୍ର.)

କାର୍ତ୍ତିକ ମାସରେ ନୀଳାଦ୍ରି ସତସଙ୍ଗ ଭକ୍ତ ମଣ୍ଡଳୀ ଓ କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିମାନେ ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଶ୍ରୀକ୍ଷେତ୍ରରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଫଟୋଚିତ୍ର, ବୈରଖ ସହିତ ଶତାଧିକ ଭକ୍ତ ଠାକୁରଙ୍କ ନାମ ସଂକୀର୍ତ୍ତନ କରି ସାକ୍ଷୀଗୋପାଳରେ ପହଞ୍ଚିଥିଲେ। ବଜାର ମଧ୍ୟରେ ଆଧ୍ୟାତ୍ମିକ ଶୋଭାଯାତ୍ରା ମନ୍ଦିର ଅଭିମୁଖେ ବାହାରିଥିଲା। କାର୍ତ୍ତିକ ମାସରେ ରାଧାଦାମୋଦର ବେଶରେ ସଜ୍ଜିତ ସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କ ଦର୍ଶନ ସହ ତୁଳସୀ ଫୁଲମାଳ ଲାଗି କରିଥିଲେ। ମନ୍ଦିର ବେଢ଼ାରେ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମାଙ୍କ ସହ ଦାମୋଦର ଷ୍ଟକମ, ଗୀତଗୋବିନ୍ଦ ଆଦି ଭଜନ ଗାଇଥିଲେ। ପ୍ରସାଦ ସେବନ ପରେ ପୁରୀ ଫେରିଯାଇଥିଲେ। କାର୍ତ୍ତିକ ମାସରେ ସାକ୍ଷୀଗୋପାଳ ଠାକୁରଙ୍କ ମହିମା ପ୍ରତ୍ୟେକ ଉତ୍କଳୀୟମାନଙ୍କ ପାଇଁ ଉପାଦେୟ ହୋଇଥାଏ ବୋଲି ରଥଶର୍ମା କହିଛନ୍ତି। ସ୍ୱର୍ଗତ ସଦାଶିବ ରଥଶର୍ମାଙ୍କ ସମୟରୁ ପ୍ରତିବର୍ଷ କାର୍ତ୍ତିକ ମାସରେ ସାକ୍ଷୀଗୋପାଳଙ୍କ ଦର୍ଶନର ନିଆରା ପରମ୍ପରା ରହିଛି ବୋଲି ସେ କହିଛନ୍ତି।



ଭକ୍ତମଣ୍ଡଳୀ ସତ୍‌ସଙ୍ଗ କରୁଛନ୍ତି।

# ରାଜ୍ୟ ସାମ୍ବାଦିକ ସଂଘର ବୈଠକ

ବଳଙ୍ଗା,୩୦ା୧୦(ଡି.ଏନ୍.ଏ.)




ବୈଠକରେ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ଅତିଥିମାନେ।

ରାଜ୍ୟ ସାମ୍ବାଦିକ ସଂଘ (ଏସ୍.ୟୁ.ଜେ.) ପୁରୀ ଶାଖାର ସାଧାରଣ ବୈଠକ ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ସଂଘର ରାଜ୍ୟ ସଭାପତି କୈଳାସ ନାୟକ, ମୁଖ୍ୟବକ୍ତା ଅଧ୍ୟାପକ ବିରଞ୍ଚି ପ୍ରସାଦ ଦାଶ, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ଗୋପୀନାଥପୁର ସରପଞ୍ଚ ପ୍ରଭାତ ରାୟ, ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ, ସୁକାନ୍ତ ବରାଳ ପ୍ରମୁଖ ଯୋଗଦେଇଥିଲେ। 'ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ବନାମ ଗଣମାଧ୍ୟମ' ସମ୍ପର୍କିତ ଆଲୋଚନାଚକ୍ରରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୁରୀ ଶାଖାର କାର୍ଯ୍ୟକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ବିଶାଳ ମହାନ୍ତି, କାର୍ଯ୍ୟକାରୀ ସଭାପତି ରାଜୀବଲୋଚନ ପୃଷ୍ଟି, ଉପସଭାପତି ଭାବେ କେଦାରନାଥ ସାହୁ ଏବଂ ଦୀପକ ମହାରଣା, ସାଧାରଣ ସମ୍ପାଦକ ନିରଞ୍ଜନ ବାରିକ, ସାଙ୍ଗଠନିକ ସମ୍ପାଦକ ସନ୍ତୋଷ ବରାଳ, ମନୋରଞ୍ଜନ ପଣ୍ଡା ଏବଂ ରଞ୍ଜିତ ସାହୁଙ୍କୁ ଆଇନ ପରାମର୍ଶଦାତା ଭାବରେ ମନୋନୀତ କରାଯାଇଥିଲା। ଏହି ଅବସରରେ ନିମାପଡ଼ା ବ୍ଲକର ୩ଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

# ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ହଇରାଣ ଗାଡ଼ିମାଲିକ

କଣାସ, ୩୦ା୧୦(ସ୍ୱ.ପ୍ର.)

ରାଜ୍ୟ ସରକାର ପରିବହନ ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ତଥା ଅପରାଧ ନିୟନ୍ତ୍ରଣରେ ସହାୟତା ପାଇଁ ପ୍ରତ୍ୟେକ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ପାଇଁ ଆଇନ୍ ପ୍ରଣୟନ କଲେ। ନ ଲଗାଇଲେ ଉଚ୍ଚ ଜରିମାନାର ଭୟ ଦେଖାଇଲେ। କିନ୍ତୁ ଗାଡ଼ିରେ ନମ୍ବର ପ୍ଲେଟ୍ ଲଗାଇବା ପାଇଁ ଆବେଦନ କରିଥିବା ଗାଡ଼ି ମାଲିକମାନେ ବାରମ୍ବାର ମେସେଜ୍ ପାଇ ସମ୍ପୃକ୍ତ ଗାଡ଼ି ଶୋ' ରୁମ୍‌କୁ ଦୌଡ଼ି ଦୌଡ଼ି ହତାଶ ହେଉଥିଲେ ମଧ୍ୟ ଏଥିପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ତେଣୁ ଏ ନେଇ ଗାଡ଼ିମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, କଣାସ ଅଞ୍ଚଳର ଭୂପତି ଭୂଷଣ ତ୍ରିପାଠୀ ଗତ ସେପ୍ଟେମ୍ବର ୨୦ରେ ହିରୋ ଗ୍ଲାମର ମୋଟର ସାଇକେଲ୍ (ନଂ. ଓଡି ୧୩ ବି ୭୦୦୩)ରେ ନମ୍ବର ପ୍ଲେଟ୍ ଲଗାଇବା ପାଇଁ ଆବେଦନ କରି ଆବଶ୍ୟକ ଅର୍ଥ ଦାଖଲ କରିଥିଲେ। ତାଙ୍କୁ ଅକ୍ଟୋବର ୧୮ରେ କଣାସର ଏକ ଗାଡ଼ି ଶୋ'ରୁମ୍‌ରେ ନମ୍ବର ପ୍ଲେଟ୍ ଲଗାଇବାକୁ ଅନୁମତି ମିଳିଥିଲା। କିନ୍ତୁ ସେହି ତାରିଖରେ ସମ୍ପୃକ୍ତ ଗାଡ଼ି ଶୋ' ରୁମ୍ ପକ୍ଷରୁ ନମ୍ବର ପ୍ଲେଟ୍ ଆସି ନ ଥିବା କୁହାଯିବା ସହିତ ଆଉ ଏକ ତାରିଖ ମିଳିବ ବୋଲି ସୂଚନା ଦିଆଯାଇଥିଲା। ପରେ ପୁଣି ଦୁଇଦିନ ତଳେ ତାଙ୍କ ମୋବାଇଲ ଫୋନକୁ ୨୯ତାରିଖରେ ନମ୍ବର ପ୍ଲେଟ୍ ଲଗାଇବା ପାଇଁ ମେସେଜ୍ ଆସିଥିଲା। ତେଣୁ ଭୂପତି ସେହି ଗାଡ଼ି ଶୋ' ରୁମ୍‌ରେ ପହଞ୍ଚିଥିଲେ ମଧ୍ୟ ନମ୍ବର ପ୍ଲେଟ୍ ଆସି ନ ଥିବା କୁହାଯାଇଥିଲା। ଫଳରେ ଭୂପତି ନିରାଶ ହୋଇଥିଲେ। କେବଳ ଭୂପତିଙ୍କ କ୍ଷେତ୍ରରେ ନୁହେଁ, ପ୍ରତିଦିନ ଶହ ଶହ ଗାଡ଼ି ମାଲିକମାନଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହେବା ସହ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଗୀତା ପାଠ ଦ୍ୱାରା ଅଧର୍ମ, ମିଥ୍ୟା ପ୍ରତି ମନରେ ଭୟ ସୃଷ୍ଟି ହୁଏ

ସାକ୍ଷୀଗୋପାଳ,୩୦ା୧୦ (ସ୍ୱ.ପ୍ର./ଡି.ଏନ୍.ଏ)




ଗୀତାଆବୃତ୍ତି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ରବିବାର 'ଗୀତା ଆବୃତ୍ତି ପ୍ରତିଯୋଗିତା' ସତ୍ୟବାଦୀ ବ୍ଲକ ପରଜାପଡା ପଞ୍ଚାୟତର ଭଗବତୀ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୩୫ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍ଥାନୀୟ ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷକ ସୁଦାମ ବାରିକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଗୀତା ମନୁଷ୍ୟର ଜୀବନକୁ ଶୃଙ୍ଖଳିତ କରିବା ସହ ବଞ୍ଚିବା ପାଇଁ ମାର୍ଗ ପ୍ରସ୍ତୁତ କରେ। ଗୀତା ପାଠ ଦ୍ୱାରା ଆତ୍ମା ଶୁଦ୍ଧ ହେବା ସହ ମିଥ୍ୟା ଓ ଅଧର୍ମ କର୍ମ ପାଇଁ ମନରେ ଭୟ ସୃଷ୍ଟି କରିଥାଏ ବୋଲି ଅତିଥିମାନେ କହିଥିଲେ। ପଣ୍ଡିତ ନିରଞ୍ଜନ ଦୀକ୍ଷିତ, ପଣ୍ଡିତ ନବକିଶୋର ମିଶ୍ର, ଭଗବତୀ ଶିଶୁମନ୍ଦିର ଗୁରୁମା ପ୍ରଣୟିନୀ ମିଶ୍ର ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ଥିଲେ। ପ୍ରଜ୍ଞାନ ମିଶନର ସ୍ୱାମୀ ସତ୍ୟସ୍ୱରୂପାନନ୍ଦ ମହାରାଜ ଓ ସ୍ୱାମୀ ଓମ୍‌କାରାନନ୍ଦ ମହାରାଜ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଶିଶୁ ମନ୍ଦିର ପ୍ରମୁଖ ଚିତ୍ରସେନ ମହାରଣା, ଜିଲା ସଂଯୋଜକ ଅଶୋକ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃଷ୍ଣଚନ୍ଦ୍ର ଦଳେଇଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

# ମାତୃଶକ୍ତି ଫାଉଣ୍ଡେଶନ ଟ୍ରଷ୍ଟବୋର୍ଡର ପ୍ରତିଷ୍ଠା ଦିବସ, ଆଲୋଚନାଚକ୍ର

ନିମାପଡ଼ା,୩୦ା୧୦(ଡି.ଏନ୍.ଏ.)

ନିମାପଡ଼ା ମହିଳା ବିକାଶ ଅନୁଷ୍ଠାନ ମାତୃଶକ୍ତି ଫାଉଣ୍ଡେଶନ ଟ୍ରଷ୍ଟବୋର୍ଡର ପ୍ରତିଷ୍ଠା ଦିବସ ସମାରୋହ ଓ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ଶିକ୍ଷାବିତ୍ ହରେକୃଷ୍ଣ ତ୍ରିପାଠୀ, ପ୍ରକାଶଚନ୍ଦ୍ର ଖଟୋଇ, ବ୍ୟାଙ୍କ ଅଧିକାରୀ ଧର୍ମ କୁମାର ସେଠୀ, ସାମାଜିକ କର୍ମୀ ପାର୍ବତୀ ସେଠୀ, ଟ୍ରଷ୍ଟବୋର୍ଡ ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ସମ୍ପାଦିକା ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନବ ଗଠିତ ଏହି ନୂତନ ଟ୍ରଷ୍ଟ ବୋର୍ଡ ସମଗ୍ର ନିମାପଡ଼ା ଓ ପୁରୀ ଜିଲାରେ ମହିଳାଙ୍କ ବିକାଶ କ୍ଷେତ୍ରରେ ବହୁଳ ଭାବେ ସହାୟକ ହେବା ସହ ଏହା ଆଗାମୀ ଦିନରେ ସମଗ୍ର ନିମାପଡ଼ାରେ ବିକାଶ, ସମୃଦ୍ଧି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ଉଭା ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'ଗଣତନ୍ତ୍ର ରାଷ୍ଟ୍ରରେ ମହିଳାଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏଥିରେ ବହୁ ଶିକ୍ଷାବିତ୍, ସାମାଜିକ କର୍ମୀ, ମହିଳା ନେତ୍ରୀ, ମହିଳା ସଂଗଠକମାନେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଜୟଶ୍ରୀ ପାତ୍ର ସମାରୋହର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଦିଗରେ ଆଲୋକପାତ କରି ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସଭାନେତ୍ରୀ ମୀନାରାଣୀ ମହାନ୍ତି, ସହସମ୍ପାଦିକା ବେବିନା ବାରିକ୍, କୋଷାଧ୍ୟକ୍ଷା ମଧୁସ୍ମିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ହେତୁବାଦୀଙ୍କ ବିରୋଧରେ ଏତଲା

**ପୁରୀ ଅଫିସ, ୩୦।୧୦:** ଗତ ୨୫ତାରିଖରେ ହୋଇଥିବା ସୂର୍ଯ୍ୟୋପରାଗ ସମୟରେ ହେତୁବାଦୀ ପରିଚୟ ଦେଇ କେତେଜଣ ବ୍ୟକ୍ତି ଚିକେନ୍ ବିରିୟାନୀ ଖାଇବା ସହ ବ୍ରାହ୍ମଣ ସମାଜକୁ ଆକ୍ଷେପ କରି ଅପମାନିତ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ରାଜ୍ୟ ଶାକଦ୍ୱୀପୀ ବ୍ରାହ୍ମଣ ମହାସଂଘ ପୁରୀ ଜିଲା ଶାଖା ପକ୍ଷରୁ ରବିବାର ହେତୁବାଦୀ ସଙ୍ଗଠନ ବିରୋଧରେ ଟାଉନ ଥାନା ଅଧିକାରୀଙ୍କୁ ଏତଲା ଦିଆଯାଇଛି। ମହାସଂଘ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ଗତ ୨୫ତାରିଖରେ ସୂର୍ଯ୍ୟୋପରାଗ ହୋଇଥିଲା। ଏହି ଦିନ ପରାମ ସମୟରେ ଓଡ଼ିଶାର ସନାତନ ଧର୍ମର ଲୋକେ ହିନ୍ଦୁ ଶାସ୍ତ୍ର ଏବଂଜ୍ୟୋତିର୍ବିଦ୍‌ଙ୍କ ଦ୍ୱାରା ସ୍ଥିରୀକୃତ ସମୟ ଅନୁସାରେ ଦେବନୀତି ଓ ପାକନୀତି ପାଳନ କରିଥିଲେ। କିନ୍ତୁ ହେତୁବାଦୀ ସଙ୍ଗଠନର ସଦସ୍ୟମାନେ ଜ୍ୟୋତିଷ ଶାସ୍ତ୍ର, ବ୍ରାହ୍ମଣ ଓ ହିନ୍ଦୁ ସମାଜକୁ ଆକ୍ଷେପ କରି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେହିପରି ଉକ୍ତ ଦିନ ସର୍ବସାଧାରଣ ସ୍ଥାନରେ ଚିକେନ ବିରିୟାନୀ ଖାଇ ଗଣମାଧମରେ ଧର୍ମ ବିରୋଧରେ ଅପପ୍ରଚାର କରିଥିଲେ। ଆଗାମୀ ଚନ୍ଦ୍ରଗ୍ରହଣ ଦିନ ସେମାନେ ଏହାର ପୁନରାବୃତ୍ତି କରିବେ ବୋଲି ଧମକପୂର୍ଣ୍ଣ ମନ୍ତବ୍ୟ ଦେଇ ଗଣମାଧମରେ ପ୍ରଚାର କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ ତୁରନ୍ତ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମହାସଂଘ ଦାବି କରିଛି। ଏତଲା ଦେବା ସମୟରେ ମହାସଂଘର ସଭାପତି କବିରାଜ ମହାପାତ୍ର ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଭଡ଼ାବୃଦ୍ଧି ପ୍ରତ୍ୟାହାର ଦାବିରେ ଏଏପିର ବିକ୍ଷୋଭ

**ପୁରୀ ଅଫିସ, ୩୦।୧୦:** ପୁରୀ ରେଳଷ୍ଟେଶନ ଅଧୀନ ବାଇକ ଓ ସାଇକେଲ ଷ୍ଟାଣ୍ଡ୍ ପକ୍ଷରୁ ହୋଇଥିବା ଭଡ଼ା ବୃଦ୍ଧିକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏହି ଭଡ଼ା ବୃଦ୍ଧିକୁ ପ୍ରତ୍ୟାହାର କରାଯିବା ଦାବିରେ ଏଏପି ପକ୍ଷରୁ ରବିବାର ପୁରୀ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଏପି ଅଭିଯୋଗ କରିଛି ଯେ, ବାଇକ୍ ଓ ସାଇକେଲ ଷ୍ଟାଣ୍ଡରେ ପ୍ରତିଦିନ ସହସ୍ରାଧିକ ବ୍ୟକ୍ତି ନିଜ ବାଇକ୍ ଓ ସାଇକେଲ ରଖି କାର୍ଯ୍ୟକ୍ଷେତ୍ରକୁ ଯାଇଥାନ୍ତି। ତେବେ ପୂର୍ବରୁ ୧୨ ଘଣ୍ଟା ପାଇଁ ୬ ଟଙ୍କା ଭଡ଼ା ଥିବାବେଳେ ତାହା ୬ଗୁଣ ବଢ଼ି ଏବେ ୩୬ ଟଙ୍କା ହୋଇଛି। ଏହା ସମସ୍ତଙ୍କ ପାଇଁ ଆର୍ଥିକ ବୋଝ। ତେଣୁ ଏହି ବର୍ଦ୍ଧିତ ଭଡ଼ାକୁ ପ୍ରତ୍ୟାହାର କରାଯାଉ ବୋଲି ଏଏପି ଦାବି କରିଛି। ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଏଏପିର ଜିଲା ଆବାହକ ସଞ୍ଜୀବ ମହାନ୍ତି କହିଛନ୍ତି। ବିକ୍ଷୋଭରେ ଜିଲା ଆବାହକଙ୍କ ସମେତ ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲା ଯୁବ ସମ୍ପାଦକ ସୁନିଲ ଜେନା, ସମୀର ସାମନ୍ତରାୟ, ପ୍ରକାଶ ପ୍ରଧାନ, ସୁଧାଂଶୁ ଶେଖର, ରଶ୍ମିରଞ୍ଜନ ରାଉତରାୟ, ଅନିଲ ସେନାପତି, ରାଜେଶ ପଣ୍ଡା ସାମିଲ ଥିଲେ।

# ସ୍ୱଳ୍ପ ସଞ୍ଚୟ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବ

**ଖୋର୍ଦ୍ଧା ଅଫିସ,୩୦।୧୦**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ସଞ୍ଚୟ ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ ବୁଲି ସ୍ୱଳ୍ପ ସଞ୍ଚୟ ଉପରେ ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସୋମବାରଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସଞ୍ଚୟ ପାକ୍ଷିକ ପାଳନ କରାଯିବ। ଚଳିତ ବର୍ଷର ବିଷୟବସ୍ତୁ ସଞ୍ଚୟ ହିଁ ଭବିଷ୍ୟତର ଆବଶ୍ୟକତା ରହିଛି। ସ୍ୱଳ୍ପ ସଞ୍ଚୟ ଭବିଷ୍ୟତ ଜୀବନରେ ହସ ଫୁଟାଇବ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ସୁଖ ସଂସାର ପାଇଁ ସ୍ୱଳ୍ପ ସଞ୍ଚୟ ଏକ ମାଧ୍ୟମ। ସୁରକ୍ଷିତ, ସତର୍କତା ସଞ୍ଚୟ ଉପରେ ଅତିରିକ୍ତ ଜିଲାପାଳ ପ୍ରଧାନ ଗୁରୁତ୍ୱ ଦେଇ କହିଥିଲେ ଯେ, ଜମା କିମ୍ବା ରଣ ଆଦି ଆର୍ଥିକ ଦେଣନେଣ ପାଇଁ ଅଗ୍ରୀମ ଅର୍ଥ କିମ୍ବା ଫି ପୈଠ କରନ୍ତୁ ନାହିଁ। ଆକସ୍ମିକ ଓ ଆକର୍ଷଣ ଅର୍ଥ ରାଶି, ଉପହାର ପାଇଁ ଏସଏମଏସ, ଇମେଲ, ଫୋନ କଲ, ଫେସବୁକ, ହ୍ୱାଟସଆପ୍ ମାଧ୍ୟମରେ ପ୍ରେରିତ ବାର୍ତ୍ତା ଉପରେ ଭରସା କରନ୍ତୁ ନାହିଁ। କେବଳ ସ୍ୱୀକୃତିପ୍ରାପ୍ତ ଅଧିକୃତ ଓ ପଞ୍ଜୀକୃତ ସଂସ୍ଥା, ଅନୁଷ୍ଠାନରେ ଅର୍ଥ ନିବେଶ, ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତି ଓ ବ୍ୟବସ୍ଥା ଦ୍ୱାରା ନର୍ଦ୍ଧାରିତ ସୁଧହାର, ସଞ୍ଚୟ ଓ ରଣ ଉପରେ ଗୁରୁତ୍ୱ ଦିଅନ୍ତୁ। ଜମା କିମ୍ବା ରଣ କାରବାର ସମୟର ବେନିୟମ ଭାବେ ଅଗ୍ରୀମ ଅର୍ଥ କିମ୍ବା ଫି ଆଦାୟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରନ୍ତୁ। ଡାକଘର, ବାଣିଜ୍ୟିକ ବ୍ୟାଙ୍କରେ ଉପଲବ୍ଧ ଯୋଜନାରେ ଅର୍ଥନିବେଶ ବେଶ ସରଳ, ସୁରକ୍ଷିତ ଓ ଉତ୍କୃଷ୍ଟ। ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ ସଞ୍ଚୟ ବିଭାଗ ସହ ନିର୍ଦ୍ଦେଶକ ଶଙ୍କର୍ଷଣ ପଟ୍ଟନାୟକ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସତ୍ୟ ନାରାୟଣ ବେହେରା, ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ଏଜେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।



ସଞ୍ଚୟ ରଥ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

# ଶ୍ରୀଲିଙ୍ଗରାଜ ମନ୍ଦିର ରୋଷଘର ମରାମତି ଦାବି

**ପୁରୁଣା ଭୁବନେଶ୍ୱର, ୩୦।୧୦(ଡି.ଏନ୍.ଏ.)**



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦୈନନ୍ଦିନ ନୀତିକାନ୍ତି ସେବା ସମ୍ପାଦନ ପାଇଁ ଛତିଶା ନିଯୋଗ ନିୟୋଜିତ ଅଛନ୍ତି। ସେହିଭଳି ନୀତିକାନ୍ତିରେ ଶଙ୍କୁଡ଼ି ଏବଂ ଶୁଖିଲି ଭୋଗ ଠାକୁରଙ୍କ ପାଖରେ ଲାଗି ହୋଇଥାଏ। ଏହି ଭୋଗ ପ୍ରସ୍ତୁତ ପାଇଁ ମନ୍ଦିର ପରିସରରେ ସ୍ୱତନ୍ତ୍ର ରୋଷଘର ରହିଛି। ଯାହା କୋଠରୋଷ ଗୃହ ନାମରେ ନାମିତ। ତେବେ ବରାଦି ପ୍ରସାଦ ପାଇଁ ଏଥିରେ ସଂଲଗ୍ନ ଅନ୍ୟ ୪ଟି ରୋଷଘର ରହିଛି। ସମ୍ପ୍ରତି ଏହି ରୋଷ ଘର ବିଭିନ୍ନ ସମସ୍ୟାରେ ଗତି କରୁଛି। ଛାତରୁ ପାଣି ଗଳିବା ସହ କେଉଁଠି ସ୍ଲାବ୍ ଖସୁଛି। ଚଟଣାରେ ପଡ଼ିଥିବା ପଥର ଅବକ୍ଷୟ ହେବାରୁ ମୂଷା ଗାତ କରିଥିବା ଦେଖିବାକୁ ମିଳିଛି। କୋଠ ରୋଷଘରେ ଅନ୍ନପ୍ରସାଦ ସହ ଶୁଖିଲି ଭୋଗ ଭାବେ ଆରିସା, କାନ୍ତି, ହଂସକୁଳି, ଖଜୁର, ସୋଧୁଅ ଆଦି ଭୋଗ ପ୍ରସ୍ତୁତ କରଯାଇଥାଏ। ପ୍ରତ୍ୟେହ ପ୍ରତ୍ୟେକ ଧୂପରେ ରୋଷ ଘରର ଆବଶ୍ୟକତା ରହିଛି। ଏଠାରେ ଥିବା ଅନେକ ଚୁଲି ଭାଙ୍ଗିରୁଜି ଯାଇଥିବା ବେଳେ ବରାଦି ପ୍ରସାଦ ପାଇଁ କେବଳ ୨୦/୨୨ଟି ଚୁଲି ରହିଛି। ଅନ୍ୟପଟେ ନଳା ପୋତି ହୋଇଯିବାରୁ ରୋଷଘରୁ ନିର୍ଗତ ପେଜ ଓ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରୋଷଘରର ମରାମତି ପାଇଁ ଦାବି ହେଉଛି। ମରାମତି ଦାୟିତ୍ୱରେ ଥିବା ଏଏସ୍‌ଆଇ ସୁପରିଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ କୁହନ୍ତି, ରୋଷଘର ମରାମତି ନେଇ ବର୍ଷେ ପୂର୍ବରୁ ଟେଣ୍ଡର ହୋଇଥିଲା। ଅନେକ କାର୍ଯ୍ୟ ମଧ୍ୟ ସରିଛି। ତେବେ ସେବାୟତଙ୍କ ଅସହଯୋଗ ଯୋଗୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ବୋଲି ସେ କହିଛନ୍ତି।



**ଜଟଣୀ:** ଅରୁଗୁଳ ପଞ୍ଚାୟତରେ ବିଜେଡି ପକ୍ଷରୁ ରବିବାର ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରା।



**ନିରାକାରପୁର:** ଟାଙ୍ଗୀ ବ୍ଲକ ନୂଆଗଡ ପଞ୍ଚାୟତରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରା।

# ଜନକଲ୍ୟାଣ ଯୋଜନା ବାର୍ତ୍ତା ବାଣ୍ଟୁଛି ବିଜେଡି

**ଜଟଣୀ/ନିରାକାରପୁର, ୩୦।୧୦(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ଅରୁଗୁଳ ପଞ୍ଚାୟତରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ବିଜେଡି ନେତା ସନ୍ତୋଷ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଅରୁଗୁଳ ଗ୍ରାମ ହାଇସ୍କୁଲ ନିକଟରୁ ପଦଯାତ୍ରା ଆରମ୍ଭ ହୋଇ ବିଭିନ୍ନ ଗାଁ ପରିକ୍ରମା କରି ଅରୁଗୁଳ ବଜାରଠାରେ ଶେଷ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ମହିଳା ସଶକ୍ତୀକରଣ ଜରିଆରେ ମୋ ଭଉଣୀମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏଥିସହ ୨୦୨୪ ନିର୍ବାଚନରେ ପୁଣି ବିଜେଡିକୁ କ୍ଷମତାରେ ଦେଖିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିବା ଦେଖିବାକୁ ମିଳିଥିଲା। ହରିପୁର ପଞ୍ଚାୟତର ବାବୁ ସୁବୁଦ୍ଧି, ଗୌତମ ସାହୁ, ସୁବାସ ଚନ୍ଦ୍ର ସାହୁ, ଦେଉଳବସ୍ତର କୃପାସିନ୍ଧୁ ବେହେରା, ତୋଫାନ ବେହେରା, ନବୀନ ପରିଡା, ବାସୁଦେବ ମଣ୍ଡଳ, ଅରୁଗୁଳର ଭବାନୀଶଙ୍କର ସୁରଜିତ, ଜ୍ଞାନ ରଞ୍ଜନ ବ୍ରହ୍ମ, ସୁବାସ ଚନ୍ଦ୍ର ସାହୁ, ଗୌତମ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା ବିନତୀ ଜେନାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

ସେହିପରି ଟାଙ୍ଗୀ ବ୍ଲକ ନୂଆଗଡ଼ ପଞ୍ଚାୟତରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏଥିସହ ଆଗାମୀ ଦିନରେ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ରଙ୍କ ସମେତ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ନିରାକାରପୁର,୩୦।୧୦(ଡି.ଏନ୍.ଏ.)**

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରୋଜିନୀ ସୁନ୍ଦରାୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ବିଭୁତି ଭୂଷଣ ଆଚାର୍ଯ୍ୟ ସମ୍ମିଳନୀରେ ମା'ମାନଙ୍କର ଉପସ୍ଥିତି କେତେ ଗୁରୁତ୍ୱପୂର୍ଣ୍ଣ ଉପସ୍ଥାପନା କରିଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ। ଗୁରୁଜୀ ଗୁରୁମା ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଶିଶୁର ବିକାଶ ହୋଇପାରିବ। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଶିଶୁଙ୍କ ଶୈକ୍ଷିକ ଉନ୍ନତି ସହିତ ଅନ୍ତର୍ନିହିତ ଗୁଣାବଳୀର ବିକାଶ କିପରି ହୋଇପାରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ କହିଥିଲେ। ସମ୍ମିଳନୀରେ ୨ଶହରୁ ଉର୍ଦ୍ଧ୍ୱ ମା'ଯୋଗଦେଇଥିଲେ। ଆଚାର୍ଯ୍ୟ ପବିତ୍ର ରାଉତରାୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର କବିତା ଗୁରୁମା, ସସ୍ମିତା, ଟିକନ, ରଶ୍ମିତା, ପ୍ରଲିପ୍ତା, ଧରିତ୍ରୀ ଗୁରୁମା ଏବଂ ଆଦିତ୍ୟ ଗୁରୁଜୀ, ସଞ୍ଜୟ, ସୁମନ୍ତ ଗୁରୁଜୀ ସହଯୋଗ କରିଥିଲେ। ଆଚାର୍ଯ୍ୟ ଅଶୋକ ସେଠୀ ଧନ୍ୟବାଦ ଦେଇଥିଲେ।

## 'ଅଲିଭା ସ୍ମୃତି' ପୁସ୍ତିକା ଉନ୍ମୋଚିତ

**ପିପିଲି,୩୦।୧୦(ଡି.ଏନ୍.ଏ):** ଶିକ୍ଷୟିତ୍ରୀ ସ୍ୱର୍ଗତା ବିଷ୍ଣୁପ୍ରିୟା ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ସଙ୍ଗଲେଇ ଶାସନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କୃତ୍ତିବାସ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ରବିନାରାୟଣ ନନ୍ଦ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରମୋଦ ଶତପଥୀ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଡ. ଚପଳା ପଣ୍ଡା, ମଞ୍ଜୁଲତା ପାଟଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଷ୍ଣୁପ୍ରିୟାଙ୍କ ସ୍ମୃତିରେ 'ଅଲିଭା ସ୍ମୃତି' ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସର୍ବେଶ୍ୱର ରଥ, ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା, ଚରଣ ନାୟକଉପସ୍ଥିତ ଥିଲେ।

# ସହରର ବିକାଶକୁ ଗୁରୁତ୍ୱ

**ଜଟଣୀ,୩୦।୧୦(ଡି.ଏନ୍.ଏ.)**

ଜଟଣୀ ବିକାଶ ପରିଷଦର ଏକ ବୈଠକ କୁସୁମାଟି ଛଣଘର ପଞ୍ଚାୟତ ଅଧୀନ କପାଳଲୋଚନ ମହାଦେବଙ୍କ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ବିଜୟ କୁମାର ଛୋଟରାୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ବୈଠକରେ ଜଟଣୀ ସହର ଏବଂ ନିର୍ବାଚନ ମଣ୍ଡଳୀରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୀତାରାମ ଛକ ଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ସରିବା, ଜଟଣୀ ମହାବିଦ୍ୟାଳୟ ଏବଂ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଜମି ପଟ୍ଟା, ସ୍ୱାସ୍ଥ୍ୟକେନ୍ଦ୍ରରେ ହୃଦରୋଗ ଏବଂ ଅସ୍ଥିଶଲ୍ୟ ବିଶେଷଜ୍ଞ ନିୟୋଜିତ କରିବା ସହ ଅତ୍ୟାଧୁନିକ ଚିକିତ୍ସା ଉପକରଣ ସ୍ଥାପନ ଆଦି ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟ ଅତିଥି ବଳବନ୍ତରାୟଙ୍କୁ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଥିଲା। ସମସ୍ତ ଦାବିକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯିବା ସହିତ ଆସନ୍ତା ମଙ୍ଗଳବାର ରେଳ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ। ଓଭରବ୍ରିଜ କାର୍ଯ୍ୟ ଶେଷ କରିବା ପାଇଁ ଦାବି କରାଯିବ। ତିନି ମାସ ମଧ୍ୟରେ ଯଦି କାର୍ଯ୍ୟ ସମ୍ପୂର୍ଣ୍ଣ ରେଳ ପ୍ରଶାସନ ପକ୍ଷରୁ ନ ହୁଏ ସାମୂହିକ ସ୍ୱାର୍ଥ ପାଇଁ ଆନ୍ଦୋଳନ କରାଯିବ ବୋଲି ବଳବନ୍ତରାୟ କହିଛନ୍ତି। ବୈଠକରେ ପରିଷଦ ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ର, ବିଜୟ ପଣ୍ଡା, ଶୁଚି ସାମନ୍ତରାୟ, ସୁଶାନ୍ତ ରାଉତ, ଶାନ୍ତନୁ ପଟ୍ଟନାୟକ, ଏନ୍.ସୀତା, ଭାଲୁ ସାମନ୍ତରାୟ, ମନୋଜ ସ୍ୱାଇଁ, ଶଶାଙ୍କ ଶେଖର ରାୟ, ଇଞ୍ଜିଲା ସାବତ, ରବି ଦାସ, ଅମ୍ବୁଜ ବିଶ୍ୱାଳ, ବିଷ୍ଣୁ ସାହୁ, ଆଶୁତୋଷ ରାୟ, ପ୍ରସନ୍ନ ପାଟଶାଣୀ, ପ୍ରସନ୍ନ ସାହୁ, ଅମରେଶ ରାଉତରାୟ, ମନମୋହନ ରାଉତରାୟ, ଅରୁଣ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।


ବୈଠକରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଏବଂ ଅନ୍ୟମାନେ।

## କେସିସିବି ପରିଚାଳନା ପରିଷଦ ନିର୍ବାଚନ
# ପ୍ରକାଶ, ପବିତ୍ର ବିଜୟୀ





**ବୋଲଗଡ଼, ୩୦।୧୦ (ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ପାଇଁ ରବିବାର ଅନୁଷ୍ଠିତ ନିର୍ବାଚନରେ ବୋଲଗଡ଼ ବ୍ଲକ ଅଞ୍ଚଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୨ଜଣ ବିଜୟୀ ହୋଇଛନ୍ତି। ଖୋର୍ଦ୍ଧା ସ୍ଥିତ ବିଜେବି ହାଇସ୍କୁଲରେ ସକାଳ ୭ଟାରୁ ୪ଟା ପର୍ଯ୍ୟନ୍ତ ମତଦାନ ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ଏହି ନିର୍ବାଚନରେ ୧୫ଟି ଜୋନ ମଧ୍ୟରୁ ୪ଜଣ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ବେଳେ ୧୧ଟି ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨ନଂ. ଜୋନରେ ବୋଲଗଡ ବ୍ଲକ ବଡକୁମାରୀ ସେବା ସମବାୟ ସମିତି ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ ୬୫ ଭୋଟ ବ୍ୟବଧାନରେ ସୌରୀ ସାହୁଙ୍କୁ ପରାସ୍ତ କରିଛନ୍ତି। ପ୍ରକାଶ ୧୨୯ ଖଣ୍ଡ ଓ ସୌରୀ ୬୪ ଖଣ୍ଡ ଭୋଟ ପାଇଛନ୍ତି। ୨ଟି ଭୋଟ ନାକଚ ହୋଇଥିବା ଜଣାପଡ଼ିଛି। ସେହିପରି ବୋଲଗଡ ବ୍ଲକ ପିରୁକୁଳି ସେବା ସମବାୟ ସମିତି ସଭାପତି ପବିତ୍ର ମୋହନ ମାଝି ଓ ସପେଶ୍ୱର ଜୟସିଂ ୩ନଂ. ଜୋନ ପାଇଁ ଲଢେଇରେ ଅବତୀର୍ଣ୍ଣ ହୋଇଥିବା ବେଳେ ପବିତ୍ର ୧୧୫ ଖଣ୍ଡ ଓ ସ୍ୱପ୍ନେଶ୍ୱର ୭୬ ଖଣ୍ଡ ଭୋଟ ପାଇଛନ୍ତି। ୩୯ଖଣ୍ଡ ଭୋଟ ବ୍ୟବଧାନରେ ପବିତ୍ର ବିଜୟୀ ହୋଇଛନ୍ତି। ଅନୁରୂପ ଭାବେ ୧ନଂ. ଜୋନ ପାଇଁ ବୋଲଗଡ ବ୍ଲକ ସାଗରଗୁଆଁ ସମବାୟ ସମିତି ସଭାପତି କୃଷ୍ଣଚନ୍ଦ୍ର ବାରିକ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଛନ୍ତି।

# ନୂଆ ମୁହଁକୁ ନେଇ ଚର୍ଚ୍ଚା

**ଖୋର୍ଦ୍ଧା ଅଫିସ,୩୦।୧୦**

**ଖୋର୍ଦ୍ଧା କେସିସିବି ପରିଚାଳନା ପରିଷଦ**
- ଚେୟାରମ୍ୟାନ ପଦ ଉପରେ ସଭିଙ୍କ ନଜର
- ନିର୍ବାଚନ ସରିଲା, ଏବେ ଘୋଡ଼ାବେପାର
- ଫୋକସ୍‌ରେ ଶାସକ ଦଳରୁ ୨ ଦାବିଦାର

ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ପାଇଁ ରବିବାର ଭୋଟଗ୍ରହଣ କରାଯାଇ ଫଳାଫଳ ଘୋଷଣା କରାଯାଇଛି। ତେବେ ନିର୍ବାଚନ ସରିବା ପରେ ଘୋଡ଼ା ବେପାର ଆରମ୍ଭ ହୋଇଯାଇଛି। କିଏ ଚେୟାରମ୍ୟାନ ମୁକୁଟ ପିନ୍ଧିବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ୧୫ ଆସନ ବିଶିଷ୍ଟ ପରିଚାଳନା ପରିଷଦରେ ସମସ୍ତ ଆସନରେ ଶାସକ ଦଳ ବିଜେଡି ସମର୍ଥିତ ପ୍ରାର୍ଥୀ ଦେଇଥିବାବେଳେ ୫ଟି ଆସନରେ ଭାଜପା ସମର୍ଥିତ ପ୍ରାର୍ଥୀ ଛିଡ଼ା ହୋଇଥିଲେ। ପୂର୍ବରୁ ଜୋନ ୬, ୭, ୧୦ ଓ ୧୪ରେ ବିଜେଡି ସମର୍ଥିତ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ନିର୍ବାଚନ ହୋଇଥିବା ୧୧ଟି ଜୋନ ମଧ୍ୟରୁ ଜୋନ ନମ୍ବର ୧, ୫ ଓ ୧୫କୁ ବାଦ୍ ଦେଲେ ସମସ୍ତ ଆସନରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଏଣୁ ବିଜେଡି ଚେୟାରମ୍ୟାନ ପାଇଁ ପ୍ରମୁଖ ଦାବିଦାର ରହିଛି। ଏଣୁ ଦଳ ଯାହାକୁ ଚୟନ କରିବ, ସେ ଚେୟାରମ୍ୟାନ ହେବା ସୁନିଶ୍ଚିତ। ତେବେ ନିଜ ସମର୍ଥିତ ବ୍ୟକ୍ତିଙ୍କୁ ଏହି ଆସନରେ ବସାଇବା ପାଇଁ ବିଜେଡି ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଦଳ ପକ୍ଷରୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ମାନସିଂ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ, ଜିଲା ପର୍ଯ୍ୟବେକ୍ଷକ ବୁଟୁ ପାତ୍ର ପ୍ରମୁଖ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ତେବେ ଚେୟାରମ୍ୟାନ ଲାଗି ୨ଜଣ ଦାବିଦାର ରହିଥିବା ବେଳେ ଏଥିଲାଗି ଖୋର୍ଦ୍ଧା, ବେଗୁନିଆ ଏବଂ ଭୁବନେଶ୍ୱର ଉତ୍ତର, ମଧ୍ୟ ବିଧାୟକ ଲବିରେ ରହିଛନ୍ତି। ଏ ନେଇ ବହୁ ପୂର୍ବରୁ ଦଳରେ ଘନ ଘନ ଗୁପ୍ତ ବୈଠକ ଅନୁଷ୍ଠିତ ହୋଇଥିଲା।

ଜିଲା ପର୍ଯ୍ୟବେକ୍ଷକ ପାତ୍ର, ଜିଲା ସଭାପତି ବଳବନ୍ତରାୟ ଖୋର୍ଦ୍ଧା ଏବଂ ବେଗୁନିଆ ଓ ଭୁବନେଶ୍ୱରର ଦୁଇ ବିଧାୟକଙ୍କ ସହ ପୃଥକ ଭାବେ ଆଲୋଚନା କରିଥିଲେ। ଦଳୀୟ ନେତୃବୃନ୍ଦଙ୍କ ମତାମତ ଲୋଡ଼ିଥିଲେ। ତେବେ ଚେୟାରମ୍ୟାନ ପଦବୀକୁ ନେଇ ଖୋର୍ଦ୍ଧା ଓ ବେଗୁନିଆ ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ଆଲୋଚନା ହେଉଛି। ଅନ୍ୟପଟେ ଚଳିତବର୍ଷ ପୌର ନିର୍ବାଚନରେ ଦଳ ବାହାରୁ ପୌରାଧକ୍ଷାଙ୍କ ନାମ ଘୋଷଣା କରିବା ଭଳି ନୂତନ ମୁହଁକୁ ଚେୟାରମ୍ୟାନ ପଦରେ ବସାଯିବ ବୋଲି ଚର୍ଚ୍ଚା ହେଉଛି। ସେପଟେ ପୂର୍ବରୁ ଜିଲା ପରିଷଦ ଚେୟାରମ୍ୟାନ ଏବଂ ଜିଲା ଯୋଜନା କମିଟି ସଭାପତି ଖୋର୍ଦ୍ଧା ଓ ବେଗୁନିଆ ଭାଗରେ ରହିଥିବାରୁ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଚେୟାରମ୍ୟାନ ଭୁବନେଶ୍ୱର ପଟୁ ଜଣକୁ ଏହି ଆସନରେ ବସାଇବା ପାଇଁ ଅନ୍ୟ ଦୁଇ ବିଧାୟକ ଲବି କରୁଥିବାବେଳେ ଜିଲା ପର୍ଯ୍ୟବେକ୍ଷକ ଓ ଜିଲା ବିଜେଡି ସଭାପତି କୁଆଡ଼େ ସେମାନଙ୍କ ସହ ସ୍ୱର ମିଳାଇଥିବା ଶୁଣିବାକୁ ମିଳୁଛି। ଏନେଇ ଉଭୟ ଜିଲା ପର୍ଯ୍ୟବେକ୍ଷକ ପାତ୍ର ଏବଂ ବିଜେଡି ଜିଲା ସଭାପତି ବଳବନ୍ତରାୟ କହିଛନ୍ତି, ସମସ୍ତଙ୍କ ମତ ନିଆଯାଇଛି। ଏ ସମ୍ପର୍କରେ ହାଇକମାଣ୍ଡଙ୍କୁ ଜଣାଇ ଦିଆଯିବ। ଦଳୀୟ ନିଷ୍ପତ୍ତି ଶେଷ ନିଷ୍ପତ୍ତି ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ତେବେ ରବିବାର ବିଜେବି ହାଇସ୍କୁଲ ପରିସରରେ ନିର୍ବାଚନ ଚାଲିଥିବା ବେଳେ ବାହାରେ ଗୋଟିଏ ବେଞ୍ଚରେ ଖୋର୍ଦ୍ଧା ବିଧାୟକ ମିତ୍ର, ବେଗୁନିଆ ବିଧାୟକ ସାହୁ ଏବଂ ଜିଲା ପର୍ଯ୍ୟବେକ୍ଷକ ପାତ୍ର ବସିଥିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦୀର୍ଘ ସମୟ ଧରି କୌଣସି ଏକ ବିଷୟକୁ ନେଇ ତିନିଜଣଙ୍କ ମଧ୍ୟରେ ସରଗରମ ଆଲୋଚନା ଚାଲିଥିବା ନେଇ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ତେବେ ସମସ୍ତ କଳ୍ପନାଜଳ୍ପନାର ଅନ୍ତଘଟାଇ ଦଳ ଚମକ୍‌ମା ଦେଖାଇ କିଛି ନୂଆ ନିଷ୍ପତ୍ତି ଗ୍ରହଣ କରିପାରେ ବୋଲି କୁହାଯାଉଛି। ଏବେ ହାଇକମାଣ୍ଡଙ୍କ ଘୋଷଣାକୁ ସମସ୍ତଙ୍କ ଅପେକ୍ଷା ରହିଛି।


ଗୋଟିଏ ବେଞ୍ଚରେ ୨ ବିଧାୟକଙ୍କ ସହ ଜିଲା ପର୍ଯ୍ୟବେକ୍ଷକ ବୁଟୁ ପାତ୍ର ।

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱରୁ ୩୮ ଗଛ କାଟିଦେଲେ ସରପଞ୍ଚ

#### ଜବତ କଲା ତହସିଲ ପ୍ରଶାସନ

ମାହାଙ୍ଗା,୩୦।୧୦(ସ୍ୱ.ପ୍ର): ମାହାଙ୍ଗା ତହସିଲ ଅନ୍ତର୍ଗତ କୋଳିଅଠା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଦୋବନ୍ଧିଆ କେନାଲ ବନ୍ଧ ରାସ୍ତା ପାର୍ଶ୍ୱରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଗଛ ଗୁଡିକ ସବୁଜିମାରେ ଭରପୁର ହୋଇଥିଲା ବେଳେ ମଧୁପୁର ସରପଞ୍ଚ ୩୮ଟି ଗଛ କାଟିଦେବା ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଳିଅଠା ରାଜସ୍ୱ ନିରୀକ୍ଷକ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ କହିଛନ୍ତି, ବାନୁଯାୟୀ, ଗତ ୨୪ ତାରିଖ ଦିନ ସରପଞ୍ଚ କାଟିଦେଇଥିବା ଗଛର ଗଣ୍ଡିଗୁଡିକୁ ଜବତ କରିବା ସହିତ ତହସିଲଦାରଙ୍କୁ ରିପୋର୍ଟ କରାଯାଛି। ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳ କହିଥିଲେ, ୩୮ଟି ଗଛକୁ ତହସିଲ ପ୍ରଶାସନ ପକ୍ଷରୁ ଜବତ କରାଯାଇଛି ଏବଂ କି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ଜଙ୍ଗଲ ବିଭାଗକୁ ରିପୋର୍ଟ ମଗାଯାଇଛି। ଏ ସମ୍ପର୍କରେ ସରପଞ୍ଚ ରବୀନ୍ଦ୍ର ନାଥ ବାଗଙ୍କୁ ପଚାରିବାରୁ 'ମୋତେ କାହିଁକି ପଚାରୁଛ' କହି ଫୋନ କାଟିଦେଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାଧିବାସ

ଫୁଲନଖରା, ୩୦।୧୦(ଡ଼ି.ଏନ.ଏ): କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ରାୟପୁର ଗ୍ରାମରେ ଥିବା ଶ୍ରୀକେଦାରେଶ୍ୱର ମହାଦେବଙ୍କ ପଞ୍ଚମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଯାତ୍ରା ହୋଇଯାଇଛି । ରବିବାର ପଞ୍ଚବଟି ସ୍ଥିତ ମହାଦେବ ମନ୍ଦିର ପାଖ ପୁଷ୍କରିଣୀରୁ ୧୦୮ପୂର୍ଣ୍ଣ କଳସ ଧରି ଗ୍ରାମର ମହିଳାମାନେ ଗ୍ରାମ ପରିକ୍ରମା କରି ମହାଦେବଙ୍କ ପୀଠରେ ସ୍ଥାପନ କରିଥିଲେ । ନଭେମ୍ବର ୨ରେ ପୂର୍ଣ୍ଣାହୁତି ହେବ।

### ବିଶେଶ୍ୱର ରାଇଡର କ୍ରିକେଟ ଟୁର୍ନାମେଣ୍ଟ, ବଡ଼ମ୍ବା ବିଜୟୀ

ବଡ଼ମ୍ବା/ଟିଗିରିଆ, ୩୦।୧୦(ଡି.ଏନ.ଏ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ଖେଳପଡ଼ିଆରେ ରବିବାର ବିଶେଶ୍ୱର ରାଇଡର କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । ଏଥିରେ ବଡ଼ମ୍ବାର ବି.ବି.ଏସ.ସି ଓ ନୂଆପାଟଣାର ଶିବାଜୀ କ୍ରିକେଟ ଟିମ ମଧ୍ୟରେ ମୁକାବିଲା ହୋଇଥିଲା । ପ୍ରଥମେ ନୂଆପାଟଣା ଦଳ ବ୍ୟାଟିଂ କରି ୬ ୱିକେଟ ହରାଇ ୨୯୯ରନ ସଂଗ୍ରହ କରିଥିଲା । ଜବାବରେ ବଡ଼ମ୍ବା ଦଳ ୫ ୱିକେଟ ହରାଇ ୩୦୩ ରନ କରି ବିଜୟୀ ହୋଇଥିଲା । ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକଙ୍କ ପୁଅ ଦିବ୍ୟଜ୍ୟୋତି ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଜୁ ଜନତା ଦଳ ବ୍ଲକ ସଭାପତି ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମଙ୍ଗୁଳି ସାହୁ, ଅଭିମାନପୁର ସରପଞ୍ଚ ସବିତା ନାଏକ, ସମିତି ସଭ୍ୟା ସୋମାରାଣୀ ନାଏକ, ସାମାଜିକ କର୍ମୀ ସୁବାସ ଦେବନାଥ, ରମେଶ କୁଣ୍ଟୁ, ବିଭୂତି ପଣ୍ଡା, ପ୍ରମୋଦ ପାତ୍ର, ପ୍ରକାଶ ବେହେରା, ଦିନିଆରୀ ସରପଞ୍ଚ ଆଲୋକ କୁମାର ସାହୁ, କୁଅଁରପାଳ ସରପଞ୍ଚ ମନୋଜ ପରିଡା, ପୂର୍ବତନ ସରପଞ୍ଚ ପ୍ରାଣବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଟୁର୍ନାମେଣ୍ଟର ମୁଖ୍ୟ ଆୟୋଜକ ପ୍ରକାଶ ପଣ୍ଡା, ସୂର୍ଯ୍ୟମଣି ଦାସ ଓ ସୁଜିତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ ।

### ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ଅସ୍ତରଙ୍ଗ,୩୦।୧୦(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକ ଅଧୀନ କଣମଣ ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରେନ୍ଦ୍ର କାଣ୍ଡି। ପୂର୍ବାହ୍ନ ୧୦ଟାରେ ନରେନ୍ଦ୍ର ଧାନ ବିଲରେ ପାଣି ମଡ଼ାଇବାକୁ ଯାଇଥିଲେ। ମୋଟରରେ ପାଣି ଦେବା ପାଇଁ ବିଦ୍ୟୁତ୍ ସଂଯୋଗ କରିଥିଲେ। କୌଣସି କାରଣ ଯୋଗୁ ମୋଟରକୁ ଧରିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ପାଟି ଶୁଣି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅସ୍ତରଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ବନ୍ଦହେଲା ନରସିଂହପୁର ଶିକ୍ଷକ ତାଲିମ କେନ୍ଦ୍ର

## ବହୁ କୋଟି ବ୍ୟୟରେ ନିର୍ମିତ କୋଠାକୁ ନେଇ ପ୍ରଶ୍ନବାଚୀ



ନରସିଂହପୁର,୩୦।୧୦ (ସ୍ୱ.ପ୍ର): ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପାଇଁ ନିଯୁକ୍ତ ହେଉଥିବା ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରି ଦକ୍ଷ କରାଇବା ଲକ୍ଷ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ନରସିଂହପୁର ସଦର ମହକୁମା ଅନନ୍ତ ନାରାୟଣ ହାଇସ୍କୁଲର ପୁରୁଣା ହଷ୍ଟେଲଠାରେ ସ୍ଥାପିତ ହୋଇଥିଲା କଟକ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ। ଏହି ପୁରୁଣା ଘରେ କିଛି ବର୍ଷ ସି.ଟି ଟ୍ରେନିଂ କେନ୍ଦ୍ର ଚାଲିବା ପରେ ୨୦୦୫ରେ ନାମ ପରିବର୍ତ୍ତନ କରାଯାଇ ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେସନ ପାଠ୍ୟକ୍ରମ ଆରମ୍ଭ କରାଗଲା। ଏଥିନିମନ୍ତେ ବହୁ କୋଟି ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ କରାଯାଇ ଗତ ୨୦୧୪ ଫେବୃୟାରୀ ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ନୂତନ ଗୃହରେ ଶିକ୍ଷାଦାନ କରାଯିବା ସହ ବିଭିନ୍ନ ବିଭାଗର ତାଲିମଦାତା ଶିକ୍ଷକଙ୍କୁ ନିଯୁକ୍ତି କରାଗଲା । ୧୦୦ ସିଟ୍ ବିଶିଷ୍ଟ ଏହି ତାଲିମ କେନ୍ଦ୍ରରେ ପ୍ରତିବର୍ଷ ଛାତ୍ରୀଛାତ୍ର ଆଡ଼ମିସନ ହେଲେ । ନରସିଂହପୁର ଭଳି ଏକ ଛୋଟ ସହରକୁ ରାଜ୍ୟର ବିଭିନ୍ନ ଜିଲାରୁ ଛାତ୍ରୀଛାତ୍ର ଆସି ରହିବା ଫଳରେ ଏକ ଭିନ୍ନ ପରିବେଶ ସୃଷ୍ଟି ହେବା ସହିତ ବ୍ୟବସାୟିକ ବୃଦ୍ଧି ଘଟିଲା। କଟକ ଜିଲାର ଏକମାତ୍ର ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ଆଗକୁ ବଢ଼ାଇବା ଲକ୍ଷ୍ୟ ନେଇ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହେଉଥିବା ବିପିଏଡ୍ ଶିକ୍ଷା (ଖେଳ ଶିକ୍ଷକ) ଓ ତାଲିମ କେନ୍ଦ୍ର ଖୋଲାଯାଇ ୨୦୧୬ ଡିସେମ୍ବର ୨୪ରେ ନୂତନ ଗୃହ ନିର୍ମାଣ କରାଯାଇଥିଲା। ପରେ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଉଭୟ ପୁରୁଷ ଓ ମହିଳା ହଷ୍ଟେଲ ନିର୍ମାଣ କରାଗଲା। ମାତ୍ର ଚଳିତ ବର୍ଷଠାରୁ ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ବିପିଏଡ଼ (କ୍ରୀଡା ଶିକ୍ଷକ) ତାଲିମ କେନ୍ଦ୍ରକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ଫଳରେ ଚଳିତ ବର୍ଷ ଏଠାରେ କୌଣସି ଛାତ୍ରୀଛାତ୍ର ନାମ ଲେଖାଇ ନାହାନ୍ତି । ସେହିଭଳି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୃଷ୍ଟି କରିବା ପାଇଁ ଯେଉଁ ଗୁରୁ ଛାତ୍ର ତାଲିମ ନେଉଥିଲେ ତାହାକୁ ସରକାର ବନ୍ଦ କରିଦେବା ଯୋଗୁ ଚଳିତ ବର୍ଷ କୌଣସି ଛାତ୍ରୀଛାତ୍ର ନାମ ଲେଖାଇ ପାରିନାହାନ୍ତି। ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ ହେବାର କାରଣ ସମ୍ପର୍କରେ ପ୍ରତିଷ୍ଠାନର ପ୍ରିନ୍ସପାଲ ଅରବିନ୍ଦ ଆଚାର୍ଯ୍ୟ କହିଛନ୍ତି, ଦେଶ ତଥା ରାଜ୍ୟରେ ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ହେବା ଯୋଗୁଁ ଯୁକ୍ତ ୨ ପାସ୍ ପରେ ଯେଉଁ ପିଲାମାନେ ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେସନ ଟ୍ରେନିଂ ନେଇ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଉଥିଲେ ତାହା ବନ୍ଦ ହୋଇଗଲା। ସେହିଭଳି ବିପିଏଡ଼ କୋର୍ସ ବନ୍ଦ ହେବା କାରଣରୁ ଏଠାରେ ନିଯୁକ୍ତ ଥିବା କ୍ରୀଡା ତାଲିମଦାତା ଶିକ୍ଷକମାନେ ଅନ୍ୟତ୍ର ନିଯୁକ୍ତି ପାଇଛନ୍ତି । ଏହି ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି ସେମାନେ ରହିବେ। ବିଦ୍ୟାଳୟରେ ନିଯୁକ୍ତ ଥିବା ଶିକ୍ଷକମାନଙ୍କୁ ତାଲିମ ଦେବା ସହ ଅନ୍ୟାନ୍ୟ କାର୍ଯ୍ୟକରିବେ। ଅବସରପ୍ରାପ୍ତ ଶିକ୍ଷାବିତ ଦେବରାଜ ସ୍ୱାଇଁ କହିଛନ୍ତି, ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେସନ ଓ ବିପିଏଡ଼ ଭଳି ତାଲିମ ଅନୁଷ୍ଠାନ ନରସିଂହପୁରରେ ଖୋଲିବା ଦିନଠାରୁ ବହୁ ଛାତ୍ରୀଛାତ୍ର ଉପକୃତ ହେଉଥିଲେ। ଏବେ ବହୁ କୋଟି ଅର୍ଥ ବ୍ୟୟ କରି ନିର୍ମାଣ ହୋଇଥିବା ଗୃହ ଓ ଛାତ୍ରାବାସ ଭୂତକୋଠି ହେବ। ୨୦୧୮ରୁ ୨୦୨୦ ବ୍ୟାଚର ଗୁରୁ ଛାତ୍ର ତାଲିମପ୍ରାପ୍ତ ଯୁବକ ଦିନେଶ କୁମାର ଗୋଚ୍ଛାୟତ କହିଛନ୍ତି, ରାଜ୍ୟ ସରକାର ଦୀର୍ଘବର୍ଷ ଧରି ରାଜ୍ୟରେ ଥିବା ସିଟି ବିଏଡ୍ ଡିଏଲଏଡ୍‌ମାନଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି। ଆଜିଯାଏ ହଜାର ହଜାର ପିଲା ନିଯୁକ୍ତି ନ ପାଇ ବେକାର ହୋଇ ବୁଲୁଥିବା ବେଳେ ନୂତନ ଶିକ୍ଷାନୀତି ଆଉ ଏକ ଯନ୍ତ୍ରଣା ସୃଷ୍ଟିକରିଛି।

### ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଶିବସ୍ମୃତି ଭବନ ସ୍ଥାପନ

କଣ୍ଟାପଡା, ୩୦।୧୦(ଡି.ଏନ୍.ଏ.): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଡସପୁରଠାରେ ଶିବସ୍ମୃତି ଭବନ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ କେନ୍ଦ୍ର ମାଉଣ୍ଟଆବୁରୁ ଆସିଥିବା ବରିଷ୍ଠ ଭ୍ରାତା ରାଜୁ ଭାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି, ଅଧ୍ୟାପିକା ପ୍ରତିଭା ମହାରଥୀ, ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ପାତ୍ର, କୃପାସିନ୍ଧୁ ସାହୁ, ଗୀତା ଭଉଣୀ, ଅରୁଣ ଭାଇ, ଲିନା ଭଉଣୀ, ସେବା କେନ୍ଦ୍ରର ପରିଚାଳିକା ସୀତା ଭଉଣୀ, ରଶ୍ମି ଭଉଣୀ ପ୍ରମୁଖ ଯୋଗଦେଇ ସାମାଜିକ ବ୍ୟବସ୍ଥାରେ ସନ୍ତୁଳନ ରକ୍ଷା ପାଇଁ ଧାର୍ମିକ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ବହୁସଂଖ୍ୟକ ଭଉଣୀଭାଇ ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ଗୀତା ଭଉଣୀ ମଞ୍ଚ ପରିଚାଳନା କରିଥିବାବେଳେ ଜାନକୀ ଭାଇ ଓ ନିରୁପମା ଭଉଣୀ ସହଯୋଗ କରିଥିଲେ।



ଶ୍ରୀକେଦାରେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ।

### କୃଷି ସେବା ସମବାୟ ସମିତି କର୍ମକର୍ତ୍ତା ସମାବେଶ

ମାହାଙ୍ଗା, ୩୦।୧୦(ସ୍ୱ.ପ୍ର): ମାହାଙ୍ଗା ବ୍ଲକ ଗୌଡ଼ପଡ଼ା ଡାକବଙ୍ଗଳା ପରିସରରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି କୃଷି ସେବା ସମବାୟ ସମିତି ପକ୍ଷରୁ କର୍ମକର୍ତ୍ତା ସମାବେଶ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନବନିର୍ବାଚିତ ସଭାପତି ପ୍ରଭାତ କାନୁନ୍‌ଗୋଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମାହାଙ୍ଗା ନିର୍ବାଚନମଣ୍ଡଳୀର ସମସ୍ତ କୃଷି ସେବା ସମବାୟ ସମିତିରେ କିଭଳି ଚାଷୀମାନେ ସେବା ସମବାୟ ସମିତିରୁ ସହଯୋଗ ପାଇ ଉପକୃତ ହୋଇପାରିବେ ସେ ନେଇ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ କୃଷି ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକଙ୍କୁ ଉପାଦେୟତାମୂଳକ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉଭୟ ବ୍ଲକର ସମବାୟ ସମିତି ପକ୍ଷରୁ ବିଧାୟକ ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଶରତ ନାୟକ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିବା ବେଳେ ଉଭୟ ବ୍ଲକ ସେବା ସମବାୟ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ଟିଗିରିଆରେ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ ।

ଟିଗିରିଆ/ଖୁଣ୍ଟୁଣୀ, ୩୦।୧୦(ଡି.ଏନ.ଏ): ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଜିତ ଧୀର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଟିଗିରିଆ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗ ଦେଇଥିଲେ। ମାନପୁରସ୍ଥିତ କପିଳେଶ୍ୱର ମହାଦେବ ମନ୍ଦିରଠାରୁ ପଦଯାତ୍ରା ବାହାରି ହରିଶରଣପୁର, ଗଦାଧରପୁର, ରଘୁରାମପୁର ଦେଇ କାଳିବିର ଗ୍ରାମ ସୁନେଇ ରୁପେଇ ମନ୍ଦିରଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ସମିତି ସଭ୍ୟ ବିଜୟ ଦେଉରୀ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରୁପା ଦଳେଇ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ପୂର୍ବତନ ସମିତି ଅଧ୍ୟକ୍ଷ ଭାଗିରଥି ନନ୍ଦ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ଖୁଣ୍ଟୁଣୀ ଥାନା ଅଧୀନ ରାଧାକିଶୋରପୁର ପଞ୍ଚାୟତରେ ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ରାଧାକିଶୋରପୁର ପଞ୍ଚାୟତ ଖମାରନୂଆଗାଁ ଗ୍ରାମ ଗୋପୀନାଥଜୀଉ ମନ୍ଦିରଠାରୁ ପଦଯାତ୍ରା ବାହାରି ଖମାରନୂଆଗାଁ, ବେଲଦା, ରାଧାକିଶୋରପୁର ଓ ରାଧାଦାମୋଦରପୁର ଗ୍ରାମ ପରିକ୍ରମା କରି ଜମ୍ବେଶ୍ୱର ମନ୍ଦିରଠାରେ ପହଞ୍ଚିଥିଲା। ଏଥିରେ ସରପଞ୍ଚ ବିନୋଦ ମାଝୀ, ଆଠଗଡ଼ ବ୍ଲକ ୨ନଂ. ଜୋନ୍ ଜିଲାପରିଷଦ ସଭ୍ୟା ମିନତି ଗାଗରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଆଠଗଡ଼ ବ୍ଲକ ସଭାପତି ରବୀନ୍ଦ୍ର ନାଥ ରାଉତ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ସମିତିସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସଭାପତି ଶେଷଦେବ ଶତପଥୀ ଓ ପ୍ରଣତୀ ନାୟକଙ୍କ ସମେତ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

## ଆଦିବାସୀ ଗାଁ ଦାଣ୍ଡରେ ଲାଇଟ୍ ଲାଗିଲା

ରଘୁନାଥପୁର,୩୦।୧୦(ଡି.ଏନ୍.ଏ.)



ଆଦିବାସୀ ସାହିରେ ଲାଇଟ ଜଳିବା ପରେ ଲୋକେ ଏକତ୍ରିତ ହୋଇଛନ୍ତି।

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତର ୩ ନଂ. ୱାର୍ଡର ଆଦିବାସୀ ସାହି ଗାଁ ଦାଣ୍ଡରେ ପ୍ରଥମଥର ପାଇଁ ଲାଇଟ୍ ଲାଗିଛି। ୱାର୍ଡରେ ଏଭଳି ୩୦ଟି ଲାଇଟ୍ ଲଗାଯାଇଛି ବୋଲି ସରପଞ୍ଚ ସାହେବା ତବସୁମ୍ କହିଛନ୍ତି। ଏହାଦ୍ୱାରା ଏଠାରେ ବସବାସ କରୁଥିବା ୫୦୦ରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ। ରବିବାର ସରପଞ୍ଚ ତବସୁମ୍ ନୃସିଂହ ମନ୍ଦିର ନିକଟରେ ସୁଇଚ ଟିପି ଗାଁ ଦାଣ୍ଡରେ ଲଗାଇଥିବା ଲାଇଟ୍‌ଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ତାଙ୍କ ସହ ସମିତିସଭ୍ୟା ସାଗରିକା ତରେଇ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ତବସୁମ୍ କହିଛନ୍ତି, ୱାର୍ଡର ୩୦ ପରିବାରକୁ ଏ ପର୍ଯ୍ୟନ୍ତ ପକ୍କାଗୃହ ମିଳିନାହିଁ। ଏ ନେଇ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ଉକ୍ତ କାର୍ଯ୍ୟରେ ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ସହଯୋଗ କରିଥିଲେ। ଏ ସମ୍ପର୍କରେ ୱାର୍ଡସଭ୍ୟା ସରସ୍ୱତୀ ପ୍ରଧାନ କୁହନ୍ତି, ୱାର୍ଡ ରାସ୍ତାରେ ଲାଇଟ୍ ନ ଥିବାରୁ ଲୋକେ ସନ୍ଧ୍ୟା ପରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ନିକଟରେ ଅନୁରୋଧ କରାଯାଇଥିଲା। ମାତ୍ର କୌଣସି ସୁଫଳ ମିଳୁ ନ ଥିଲା। ସରପଞ୍ଚ ତବସୁମ୍ ଏ ନେଇ ପଦକ୍ଷେପ ନେବା ପରେ ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ରାତି ଅଧିଆ ହୋର୍ଡ଼ିଂ କାଢ଼ିନେଲା ଏନ୍ଏଚ୍ଏଆଇ

ମଙ୍ଗୁଳି/ଚୌଦ୍ୱାର, ୩୦।୧୦(ଡ଼ି.ଏନ.ଏ): କଟକରୁ ସମ୍ବଲପୁର ଭାୟା ଚୌଦ୍ୱାର, ଢେଙ୍କାନାଳ, ଅନୁଗୁଳ ଦେଇ ଯାଇଥିବା ୫୫ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘ ପାଞ୍ଚ ବର୍ଷ ଧରି ମନ୍ଥର ଗତିରେ ଚାଲୁଥିବା ଫଳରେ ରାସ୍ତାର ଅଧିକାଂଶ ସ୍ଥାନରେ ଏକାଧିକ ଗର୍ତ୍ତ ସୃଷ୍ଟି ହୋଇ ପ୍ରତି ମାସରେ ୨/୩ ଜଣଙ୍କ ଜୀବନ ହାନି ହେଉଛି। ଏ ନେଇ ଚୌଦ୍ୱାରର ସୂଚନା ଅଧିକାରୀ କର୍ମୀମାନେ ଶନିବାର ମଙ୍ଗୁଳିଠାରୁ ଧୂମବତୀ ଛକ ମଧ୍ୟରେ ରାସ୍ତା ପାର୍ଶ୍ୱ ଆଠଟି ସ୍ଥାନରେ ବ୍ୟାନର ଲଗାଇ ଏକ ଅଭିନବ ପ୍ରତିବାଦ କରିଥିଲେ। ତେବେ ରାସ୍ତା ସମସ୍ୟା ଦୂର କରିବା ପରିବର୍ତ୍ତେ ଅତି ତରବରିଆ ଭାବେ ରାତି ଅଧିଆ ଏନଏଚଏଆଇ ପକ୍ଷରୁ ହୋର୍ଡିଂ କାଢି ନିଆଯାଇଛି। ସୂଚନା ଅଧିକାରୀ କର୍ମୀ ମନୋଜ ସାହୁ କହିଛନ୍ତି, ମଙ୍ଗୁଳି ଛକ ଠାରୁ ଚୌଦ୍ୱାର ଦେଇ ଯାଇଥିବା ଉକ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ୨୦୧୮ମସିହାରେ ୩୫୦୦କୋଟି ଟଙ୍କା ମଞ୍ଜୁରୀରେ ଗାୟତ୍ରୀ ଠିକା ସଂସ୍ଥା କାର୍ଯ୍ୟ ନେଇ ୩ବର୍ଷ ମଧ୍ୟରେ ସାରିବା ପାଇଁ ଚୁକ୍ତି ହୋଇଥିଲା । କିନ୍ତୁ ଠିକା ସଂସ୍ଥା ରାସ୍ତା କାମ ୪ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ମାତ୍ର ୪୦% ଶେଷ କରାଯାଇ ୧୮୦୦ କୋଟି ଟଙ୍କା ପାଇବା ପରେ ମଧ୍ୟ କାମକୁ ଅଧାପନ୍ତରିଆ ଛାଡି ଦେଇଥିଲେ। ବହୁ ଆନ୍ଦୋଳନ ପରେ ଅନ୍ୟ ଏକ ଠିକା ସଂସ୍ଥା (Msil)କୁ କାର୍ଯ୍ୟ ଦିଆଯାଇଛି । ଗାୟତ୍ରୀ ସଂସ୍ଥା ପକ୍ଷରୁ ଅଧାପନ୍ତରିଆ କାମ ପାଇଁ ମଙ୍ଗୁଳି-ଚୌଦ୍ୱାର ମୁଖ୍ୟ ରାସ୍ତା ମରାମତି ନ ହେବାରୁ ରାସ୍ତାରେ ଅଧିକାଂଶ ଜାଗାରେ ବିରାଟ ଗର୍ତ୍ତ ସୃଷ୍ଟି ହେବା ଏବଂ ଏହାର ମରାମତି ନ ହେବା ଫଳରେ ଦୁର୍ଘଟଣା ଘଟି ପ୍ରାୟ ୩୦ଜଣଙ୍କ ଜୀବନ ଗଲାଣି। ସୁରେଶ ରାଉତରାୟ କହିଛନ୍ତି,କେବଳ ସର୍ଭିସ ରୋଡ ପାଇଁ ମହେନ୍ଦ୍ରା ସ୍ୱାଇଁ ଇନଫ୍ରାଷ୍ଟ୍ରକଚର ଲିମିଟେଡ଼ (Msil)କୁ ୩୮କୋଟି ଟଙ୍କା ଦିଆଯାଇଥିଲେ ମଧ୍ୟ ସର୍ଭିସ ରୋଡ ସମ୍ପୂର୍ଣ୍ଣ କରାଯାଇ ନାହିଁ । ଆନ୍ଦୋଳନ କଲେ କେଶ ଦ୍ୱାରା ଚାପିବାକୁ ଚେଷ୍ଟା କରାଯାଉଛି। ଶ୍ରୀକାନ୍ତ ପାକଳ କହିଛନ୍ତି, ଆରଟିଆଇରେ ତଥ୍ୟ ପାଇବା ପରେ ଆଗ ଭଳି ଆନ୍ଦୋଳନ କରି କେଶ ନ ଖାଇବା ପାଇଁ ଏଭଳି ପନ୍ଥା ଆପଣେଇ ଛକ ଛକରେ ବ୍ୟାନର ଲଗାଇ ପ୍ରତିବାଦ କରିଥିଲୁ। ଭାବିଥିଲୁ ଏହି ପ୍ରତିବାଦ ଯାଇ କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚିବ ଏବଂ ଆମ ଦାବି ପୂରଣ ହେବ। କିନ୍ତୁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ପୁଣି ପୋଲିସ ଲଗାଇ ବ୍ୟାନର ରାତିଅଧିଆ କାଢିନେଲେ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହେବ ବ୍ୟାନରଲଗା ଅଭିଯାନ ଜାରି ରହିବ।

### 'ଜାତୀୟ ମୃତ୍ୟୁପଥ' ବ୍ୟାନରରେ କେନ୍ଦ୍ରମନ୍ତ୍ରୀଙ୍କ ଫଟୋ




## ଘାଇ ମରାମତି ସମୀକ୍ଷା କଲେ ବିଧାୟକ



ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ସହ ବିଧାୟକ ପ୍ରତାପ ଜେନା ଆଲୋଚନା କରୁଛନ୍ତି ।

ମାହାଙ୍ଗା, ୩୦।୧୦(ସ୍ୱ.ପ୍ର): କୁଆଁପାଳ-ଗୋପିନାଥପୁର ପୂର୍ତ୍ତରାସ୍ତାର ତ୍ରିବେଣୀଶ୍ୱର ବଜାରଠାରେ ପଟାମୁଣ୍ଡାଇ କେନାଲରେ ସୃଷ୍ଟି ହୋଇଥିବା ୧୦୦ଫୁଟ୍ ଘାଇର ମରାମତି କାର୍ଯ୍ୟ ଚାଲୁରହିଛି। ରବିବାର ସ୍ଥାନୀୟ ବିଧାୟକ ପ୍ରତାପ ଜେନା ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମରାମତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହ ବନ୍ଧ ମରାମତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଦୁଇ ଦିନ ମଧ୍ୟରେ ଘାଇ ବନ୍ଧ ବାନ୍ଧିବା ସହ କୁଆଁପାଳ-ଗୋପିନାଥପୁର ରାସ୍ତାରେ ଯାତାୟତ ଉପଯୋଗୀ ଓ ଚାଷ ଜମିକୁ କେନାଲ ପାଣି ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକ ଜେନା ଜଳସମ୍ପଦ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଏସ୍‌ଡିଓ ଶକ୍ତିପ୍ରସାଦ ଦାସ, ନୂଆଙ୍ଗ ଜଳସମ୍ପଦ ବିଭାଗ ଯନ୍ତ୍ରୀ ବୈକୁଣ୍ଠନାଥ ଭୋଇଙ୍କ ଉପସ୍ଥିତିରେ ମାଳଲେଖନପୁରଠାରୁ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ କେନାଲ ବନ୍ଧର ସୁରକ୍ଷା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ବନ୍ଧ ଦୁର୍ବଳ ଥିବା ସ୍ଥାନଗୁଡିକୁ ତୁରନ୍ତ ଚିହ୍ନଟ କରି ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଘାଇ ସୃଷ୍ଟି ହୋଇଥିବା ସ୍ଥଳରେ ବନ୍ଧର ଉଭୟ ପାର୍ଶ୍ୱକୁ ଢଳାଇ କରିବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ । ପୂର୍ବରୁ କେନାଲ ବନ୍ଧ ନିର୍ମାଣରେ ବାଲି ମାଟି ବ୍ୟବହାର କରାଯାଇଥିବାରୁ କେନାଲର ବିଭିନ୍ନ ସ୍ଥାନରେ ବନ୍ଧ ଦୁର୍ବଳ ହୋଇ ଘାଇ ସୃଷ୍ଟି ହେଉଥିବାରୁ ଏହାର ଏକ ସ୍ଥାୟୀ ପ୍ରତିକାର ନିମନ୍ତେ ସର୍ଭେ କରାଯାଇ ସରକାରଙ୍କୁ ଏକ ସବିଶେଷ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କ ଗସ୍ତ ସମୟରେ ମାହାଙ୍ଗା ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଶରତ ନାୟକ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, କଟକ ଜିଲା ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ,ସରପଞ୍ଚ ଚିନ୍ମୟୀ ବରାଳ, ସମିତି ସଭ୍ୟା ଭାରତୀ ମିଶ୍ର, ଦୀନବନ୍ଧୁ ପାତ୍ର, ସମୀର ବର୍ମା, ସୂର୍ଯ୍ୟକାନ୍ତ ଦ୍ୱିବେଦୀ, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁର୍ବଳ ବନ୍ଧ ଚିହ୍ନଟ କରି ପ୍ରତିକାର କରିବାକୁ ତାଗିଦ

### ଘାଇ ପାଇଁ ୩ ବିଭାଗ ଦାୟୀ: ଭାଜପା

ମାହାଙ୍ଗାର ଭାଜପା ନେତା ସାରଦା ପ୍ରଧାନ ଘାଇ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବହୁ କୋଟି ଟଙ୍କା ବ୍ୟୟରେ କୁଆଁପାଳ-ଗୋପିନାଥପୁର ପୂର୍ତ୍ତରାସ୍ତା ନିର୍ମାଣ ହୋଇଛି । ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଥିବାରୁ ପୂର୍ବରୁ ଲାପଟୁଆଁ ନିକଟରେ ଘଳିଆ ପଡ଼ି ରାସ୍ତା ଧସି ଯାଇଥିଲା । କାର୍ଯ୍ୟରେ ଅବହେଳା କରିଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ବିରୋଧରେ ଆଜିଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବର୍ତ୍ତମାନ ଜଳସମ୍ପଦ ବିଭାଗ ବନ୍ଧ ବାନ୍ଧୁଥିବା ବେଳେ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଦେଖା ମିଳୁନାହିଁ । ରାସ୍ତା ନିର୍ମାଣରେ ବଡ଼ ଦୁର୍ନୀତି ହୋଇଥିବାରୁ କୁଆଁପାଳଠାରୁ ଭେଡା ପର୍ଯ୍ୟନ୍ତ କେଉଁଠି ଘଳିଆ ପଡୁଛି ତ କେଉଁଠି ଘାଇ ସୃଷ୍ଟି ହେଉଛି ବୋଲି ପ୍ରଧାନ କହିଛନ୍ତି। ତ୍ରିବେଣୀଶ୍ୱରରେ ହୋଇଥିବା ଘାଇ ପାଇଁ ପୂର୍ତ୍ତ ବିଭାଗ ସମେତ ଜଳସମ୍ପଦ ଓ ଡ୍ରେନେଜ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ସେ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ତୁରନ୍ତ ଏହି ତିନି ବିଭାଗ ମିଳିତ ଭାବେ କ୍ଷତିପୂରଣ ଦେବାକୁ ସେ ତହସିଲଦାର ଉମାକାନ୍ତ ବିଶ୍ୱାଳଙ୍କ ନିକଟରେ ଦାବି କରିଛନ୍ତି । ଏଥିସହିତ କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ଭେଡା ସରପଞ୍ଚଙ୍କ ପ୍ରତିନିଧି ରୁଷି କୁମାର ରାଉତ, ସମିତିସଭ୍ୟ ମନୋରଞ୍ଜନ ନାୟକ, ଜୋନ ସଭାପତି ଭକ୍ତଚରଣ ସ୍ୱାଇଁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



ଭାଜପା ନେତା ସାରଦା ପ୍ରଧାନ ଓ ଅନ୍ୟମାନେ ଘାଇ ଅଞ୍ଚଳ ବୁଲି ଦେଖୁଛନ୍ତି ।